


ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-311 ♦SUNDAY ♦10 MAY 2026 ♦PAGE-12 ♦₹ 7.00 | SAMBALPUR | ♦ବର୍ଷ-୪୩ ♦ସଂଖ୍ୟା-୩୧୧ ♦ରବିବାର ♦୧୦ ମେ ୨୦୨୬ ♦ପୃଷ୍ଠା-୧୨+୪ (ସିନ୍ଦୂରା) ♦ଟ.୭.୦୦



## ଏନ.ଏସ. ରାଜାସୁବ୍ରମଣି ହେବେ ନୂତନ ସିଡିଏସ୍



■ ନୂଆଦିଲ୍ଲୀ, ୯ ।୫(ଏଜେନ୍ସି): ଭାରତୀୟ ସେନାବାହିନୀର ସର୍ବୋଚ୍ଚ ପ୍ରଶାସନିକ ସ୍ତରରେ ଏକ ବଡ଼ ଧରଣର ଅଦଳବଦଳ କରାଯାଇଛି । ଦେଶର ପ୍ରତିରକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟରେ କେନ୍ଦ୍ର ସରକାର ଲେଫ୍ଟନାଣ୍ଟ ଜେନେରାଲ ଏନଏସ ରାଜା ସୁବ୍ରମଣିଙ୍କୁ ପରବର୍ତ୍ତୀ 'ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍' (ସିଡିଏସ) ଭାବେ ନିଯୁକ୍ତ କରିଛନ୍ତି । ଏହା ସହିତ ଭାରତୀୟ ନୌସେନାର ମୁଖ୍ୟ ଭାବେ ଭାଇସ୍ ଆଡମିରାଲ କୃଷ୍ଣ ସ୍ୱାମୀନାଥନଙ୍କ ନାମ ମଧ୍ୟ ଘୋଷଣା କରାଯାଇଛି । ବର୍ତ୍ତମାନର ସିଡିଏସ ଜେନେରାଲ ଅନିଲ ଚୌହାନଙ୍କ କାର୍ଯ୍ୟକାଳ ଚଳିତ ମେ ମାସ ୩୦ ତାରିଖରେ ସମାପ୍ତ ହେବାକୁ ଯାଉଥିବା ବେଳେ, ସୁବ୍ରମଣି ସେହି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଗ୍ରହଣ କରିବେ । ସେ କେବଳ ସିଡିଏସ ଭାବେ ନୁହେଁ, ବରଂ ସାମରିକ ବ୍ୟାପାର ବିଭାଗର ସଚିବ ଭାବେ ମଧ୍ୟ କାର୍ଯ୍ୟ ନିର୍ବାହ କରିବେ ।

ଲେଫ୍ଟନାଣ୍ଟ ଜେନେରାଲ ସୁବ୍ରମଣି ଜଣେ ଅତ୍ୟନ୍ତ ଅଭିଜ୍ଞ ସମରକଳା ବିଶାରଦ । ପ୍ରାୟ ୩୯ ବର୍ଷର ଦୀର୍ଘ ସାମରିକ ଜୀବନରେ ସେ ଅନେକ ଜଟିଳ ପରିସ୍ଥିତିର ସଫଳତାର ସହ ମୁକାବିଲା କରିଛନ୍ତି । ପୂର୍ବରୁ ସେ ସେନାବାହିନୀର ଉପ-ମୁଖ୍ୟ ଭାବେ ଅବସର ଗ୍ରହଣ କରିଥିଲେ ଏବଂ ବର୍ତ୍ତମାନ ଜାତୀୟ ସୁରକ୍ଷା ପରିଷଦ ସଚିବାଳୟରେ ସାମରିକ ପରାମର୍ଶଦାତା ଭାବେ କାର୍ଯ୍ୟରତ ଅଛନ୍ତି । ତାଙ୍କର ଅସାଧାରଣ ସେବା ପାଇଁ ତାଙ୍କୁ 'ପରମ ▶ପୃଷ୍ଠା-୭

## ପଞ୍ଜାବ ମନ୍ତ୍ରୀ ସଞ୍ଜୀବ ଆରୋରାଙ୍କୁ ବାନ୍ଧିଲା ଇଡି



ନୂଆଦିଲ୍ଲୀ/ଚଣ୍ଡିଗଡ଼, ୯ ।୫(ଏଜେନ୍ସି): ପଞ୍ଜାବର ଶିଳ୍ପ ମନ୍ତ୍ରୀ ସଞ୍ଜୀବ ଆରୋରାଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଶନିବାର ଦିନ ଗିରଫ କରିଛି । ଏକ ନୂତନ ଅର୍ଥ ହେରଫେର ମାମଲାରେ ତାଙ୍କ ବାସଭବନ ଓ ଅନ୍ୟାନ୍ୟ ସ୍ଥାନରେ ଚଢ଼ାଉ କରାଯିବା ପରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ପ୍ରାୟ ୧୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ମୋବାଇଲ୍ ଫୋନ୍‌ର ଜାଲ୍ ଜିଏସଟି କ୍ରୟ ଏବଂ ଦୁବାଇରୁ ଭାରତକୁ ବେଆଇନ ଅର୍ଥ ପଠାଇବା ଅଭିଯୋଗରେ ଏହି ମାମଲା ରୁଜୁ ହୋଇଛି । ଜାଲ୍ ବିଲ୍ ମାଧ୍ୟମରେ ଟ୍ୟାକ୍ସ କ୍ରେଡିଟ୍ ହାସଲ କରିଥିବା ଇଡି ଦାବି କରିଛି । ଆମ୍ ଆଦମୀ ପାର୍ଟି ମୁଖ୍ୟ ଅରବିନ୍ଦ କେଜ୍ରିୱାଲ ଏହାକୁ ନେଇ ବିଜେପିକୁ ତୀବ୍ର ସମାଲୋଚନା କରିଛନ୍ତି । ସେ କହିଛନ୍ତି ଯେ, ଯେଉଁମାନେ ବିଜେପିରେ ସାମିଲ ହେଉନାହାନ୍ତି ସେମାନଙ୍କୁ ଇଡି ମାଧ୍ୟମରେ ଟାର୍ଗେଟ୍ କରାଯାଉଛି । ଏହି କାର୍ଯ୍ୟାନୁଷ୍ଠାନ ଯୋଗୁଁ ବିଜେପି ଆଗାମୀ ୨୦ ବର୍ଷ ପର୍ଯ୍ୟନ୍ତ ପଞ୍ଜାବରେ ପଶିପାରିବ ନାହିଁ ବୋଲି ସେ ଦାବି କରିଛନ୍ତି । ଏହାପୂର୍ବରୁ ଏପ୍ରିଲ ୧୭ରେ ମଧ୍ୟ ଆରୋରାଙ୍କ ଉପରେ ଚଢ଼ାଉ କରାଯାଇ ୧୫୭ କୋଟି ଟଙ୍କାର ସମ୍ପତ୍ତି ବ୍ୟାଜାପ୍ତ କରାଯାଇଥିଲା । ୨୦୨୭ ପଞ୍ଜାବ ବିଧାନସଭା ନିର୍ବାଚନ ପୂର୍ବରୁ ଇଡିର ଏହି କାର୍ଯ୍ୟାନୁଷ୍ଠାନ ରାଜ୍ୟରେ ଏକ ବଡ଼ ରାଜନୈତିକ ସଂଘର୍ଷ ସୃଷ୍ଟି କରିଛି । ଆପ୍ ସରକାର ଏହାକୁ 'ରାଜନୈତିକ ପ୍ରତିଶୋଧ' କହୁଥିବା ବେଳେ ଏହି ଘଟଣା ଏବେ ସାରା ଦେଶର ଦୃଷ୍ଟି ଆକର୍ଷଣ କରିଛି ।

### ମୁହଁ ଖୋଲିଲେ ମୃତ କନେଷ୍ଟବଲ ସୌମ୍ୟଙ୍କ ସମ୍ପର୍କୀୟ ଓମ୍

# ପୁଲିସ ଅଟକାଇଲା ନାହିଁ; ଭିଡ଼ ମାରିଦେଲା

■ ଭୁବନେଶ୍ୱର, ୯।୫(ସମିସ): ବାଲିଅନ୍ତା ଭିଡ଼ହତ୍ୟା ମାମଲାରେ ପ୍ରଥମ ପ୍ରତ୍ୟକ୍ଷଦର୍ଶୀ ତଥା ମୃତ ଜିଆର୍‌ପି କନେଷ୍ଟବଲ ସୌମ୍ୟ ରଞ୍ଜନ ସ୍ୱାଇଁଙ୍କ ସମ୍ପର୍କୀୟ ଓମ୍ ପୁଲିସ ହେପାଜତରୁ ବାହାରିବା ପରେ ଗଣମାଧ୍ୟମ ସାମ୍ନାରେ ମୁହଁ ଖୋଲିଛନ୍ତି । ସୌମ୍ୟଙ୍କୁ ପିଟିପିଟି ମାରିଦେବା ଘଟଣାରେ ସେ ସମ୍ପୂର୍ଣ୍ଣ ଭାବେ ପୁଲିସ ଏବଂ ଭିଡ଼ରେ ସାମିଲ ଥିବା ଲୋକଙ୍କୁ ଦାୟୀ କରିଛନ୍ତି । ପୁଲିସ ଚାହିଁଥିଲେ ଭିଡ଼ହିଂସାକୁ ରୋକି ପାରିଥା'ନ୍ତା; ହେଲେ ତାହା ନ କରି କେବଳ ନିରବଦ୍ରଷ୍ଟା ସାଜିଲା । ବଳପୂର୍ବକ ଭାବେ କାହାକୁ ଅଟକାଇଲା ନାହିଁ । ଏପରିକି ଭିଡ଼ ହିଂସାର ଭିଡିଓ କରିବାକୁ ଭୟ କରି ଜଣେ ପୁଲିସ ଅଧିକାରୀ ନିଜ ମୋବାଇଲକୁ ପକେଟରେ ପୂରାଇ ଦେଲେ । ଲୋକେ ସୌମ୍ୟଙ୍କୁ ମାଡ଼ ମାରୁଥିଲା ବେଳେ ପୋଷାକରେ ଥିବା ପୁଲିସ ଅଧିକାରୀମାନେ ପଛରେ ଛିଡ଼ା ହୋଇଥିଲେ । ଏପରିକି ସୌମ୍ୟ ମାଡ଼ ଖାଉଥିଲା ବେଳେ ସେଠାରେ ସାଦା ପୋଷାକରେ ଉପସ୍ଥିତ ଥିବା ଜଣେ ପୁଲିସ ଅଧିକାରୀ ସୌମ୍ୟଙ୍କ ଉପରେ ଚଢ଼ି ଯାଇଥିଲେ । ସୌମ୍ୟଙ୍କ ହାତଗୋଡ଼ ବାନ୍ଧି ବାଉଁଶରେ ଲଟକାଇ ଏକ ମିନିଟ୍ରକ୍‌ର ଡାଲାରେ ଫୋପଡ଼ାଯାଇଥିଲା, ଯାହା ସମ୍ପୃକ୍ତ ସାଦା ପୋଷକଧାରୀ ପୁଲିସ ଅଧିକାରୀଙ୍କର ହିଁ ପ୍ଲାନ୍ ଥିଲା ବୋଲି ଓମ୍ ସିଧାସଳଖ ଗଣମାଧ୍ୟମକୁ କହିଛନ୍ତି । ଭିଡ଼ରେ ୪୫ରୁ ଊର୍ଦ୍ଧ୍ୱ ଲୋକ ଥିଲେ; ହେଲେ ୧୨ରୁ ୧୫ ଜଣ ନିର୍ଦ୍ଦୁକ ମାଡ଼ ମାରୁଥିଲେ । ତେବେ ସୌମ୍ୟ ଯୁବତୀମାନଙ୍କୁ ଅସଦାଚରଣ କରିଥିବା ଅଭିଯୋଗକୁ ଓମ୍ ଅସ୍ୱୀକାର କରିଛନ୍ତି । ▶ପୃଷ୍ଠା-୭

**ବାଲିଅନ୍ତା ଭିଡ଼ ହତ୍ୟା**



- ପୁଲିସର ପ୍ଲାନ୍‌ରେ ସୌମ୍ୟଙ୍କ ହାତଗୋଡ଼ ବାନ୍ଧି ନିଆଗଲା
- ଉଚ୍ଚସ୍ତରୀୟ ତଦନ୍ତ ଓ ପଲିଗ୍ରାଫ୍ ଟେଷ୍ଟ ହେଲେ ଧରାପଡ଼ିବ ସତ
- ଆଉ ୬ ଗିରଫ, ଗିରଫଦାରୀ ସଂଖ୍ୟା ୧୧ରେ ପହଞ୍ଚିଲା

## କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ



ଘଟଣାର ପୁନରାବୃତ୍ତି ନ ହେବା ନେଇ ଡିଜିପିଙ୍କୁ ତାଗିଦ୍ କଲେ ମୁଖ୍ୟମନ୍ତ୍ରୀ

■ ଭୁବନେଶ୍ୱର, ୯।୫(ସମିସ): ବାଲିଅନ୍ତା ଭିଡ଼ ହତ୍ୟା ମାମଲାର କ୍ରାଇମବ୍ରାଞ୍ଚ ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିର୍ଦ୍ଦେଶ ଦେଇଛନ୍ତି । ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଘଟଣା ସମ୍ପର୍କରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା । ଘଟଣା ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିବା ପରେ କ୍ରାଇମ୍‌ବ୍ରାଞ୍ଚ୍ ଦ୍ୱାରା ଏହି ଘଟଣାର ସଠିକ୍ ଓ ପୁଙ୍ଖାନୁପୁଙ୍ଖ ଯାଞ୍ଚ୍ କରି ଦୋଷୀମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ଏଥିସହ ଏଭଳି ଘଟଣାର ଯେଭଳି ପୁନରାବୃତ୍ତି ନ ହୁଏ, ସେଥିପାଇଁ ସତର୍କ ଓ ସଜାଗ ରହିବା ପାଇଁ ପୁଲିସ ମହାନିର୍ଦ୍ଦେଶକଙ୍କୁ ମୁଖ୍ୟମନ୍ତ୍ରୀ ▶ପୃଷ୍ଠା-୭

### ପଶ୍ଚିମବଙ୍ଗର ମଙ୍ଗ ଧରିଲେ ଶୁଭେନ୍ଦୁ ଅଧିକାରୀ

# ବିଜୟଙ୍କ ବିଜୟ; ଆଜି ନେବେ ଶପଥ





■ କୋଲକାତା/ଚେନ୍ନାଇ, ୯।୫ (ଏଜେନ୍ସି): ପଶ୍ଚିମ ବଙ୍ଗରେ ଆଜି ଶୁଭେନ୍ଦୁ ଅଧିକାରୀ ପ୍ରଥମ ବିଜେପି ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି । ସେହିପରି ତାମିଲନାଡୁରେ ଆସନ୍ତାକାଲି ଟିଭିକେ ମୁଖ୍ୟ ବିଜୟ ନୂଆ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବାକୁ ଯାଉଛନ୍ତି । ଆବଶ୍ୟକ ୧୨୦ ବିଧାୟକଙ୍କ ସମର୍ଥନ ମିଳିବା ପରେ ରାଜ୍ୟପାଳ ତାଙ୍କୁ ସରକାର ଗଠନ ପାଇଁ ଆମନ୍ତ୍ରଣ କରିଛନ୍ତି ।


ପଶ୍ଚିମବଙ୍ଗ ରାଜନୀତିରେ ଏକ ନୂତନ ଯୁଗର ଆରମ୍ଭ ହୋଇଛି । ଶନିବାର କୋଲକାତାର ଐତିହାସିକ ବ୍ରିଗେଡ୍ ପ୍ୟାରେଡ୍ ଗ୍ରାଉଣ୍ଡଠାରେ ଆୟୋଜିତ ଏକ ଭବ୍ୟ ସମାରୋହରେ ଶୁଭେନ୍ଦୁ ଅଧିକାରୀ ପଶ୍ଚିମବଙ୍ଗର ପ୍ରଥମ ବିଜେପି ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି । ରବୀନ୍ଦ୍ର ଜୟନ୍ତୀ ଅବସରରେ ଆୟୋଜିତ ଏହି ଶପଥ ଗ୍ରହଣ ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଗୃହମନ୍ତ୍ରୀ ଅମିତ ଶାହା ଏବଂ କେନ୍ଦ୍ର କ୍ୟାବିନେଟର ବହୁ ବରିଷ୍ଠ ସଦସ୍ୟ ଉପସ୍ଥିତ ଥିଲେ । ଶୁଭେନ୍ଦୁ ଅଧିକାରୀଙ୍କ ସହିତ ଅନ୍ୟ ୫ ଜଣ ମନ୍ତ୍ରୀ ମଧ୍ୟ ଶପଥ ନେଇଛନ୍ତି । ଏହି ମନ୍ତ୍ରିମଣ୍ଡଳରେ ଜାତି ଓ ସମ୍ପ୍ରଦାୟର ସନ୍ତୁଳନ ରକ୍ଷା କରାଯାଇଛି । ଶପଥ ଗ୍ରହଣ କରିଥିବା ଏହି ୫ ଜଣ ମନ୍ତ୍ରୀ ହେଲେ ଦିଲୀପ ଘୋଷ, ଅଗ୍ନିମିତ୍ରା ପଲ, ନିଶିଥ ପ୍ରମାଣିକ, ଅଶୋକ କୀର୍ତ୍ତନିଆ ଓ କ୍ଷୁଦିରାମ ଟୁଡୁ ।

ଶପଥ ଗ୍ରହଣ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବଙ୍ଗଳାର ସବୁଠାରୁ ବୟୋଜ୍ୟେଷ୍ଠ ବିଜେପି କର୍ମୀ ୯୮ ବର୍ଷୀୟ ମାଖନଲାଲ ସରକାରଙ୍କ ପାଦ ଛୁଇଁ ଆଶୀର୍ବାଦ ନେଇଥିଲେ । ମାଖନଲାଲ ୧୯୫୨ ମସିହାରେ ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ସହ କାଶ୍ମୀର ଆନ୍ଦୋଳନରେ ସାମିଲ ହୋଇ ଜେଲ ଯାଇଥିଲେ । ସମାରୋହ ସ୍ଥଳରେ ବଙ୍ଗଳାର ପ୍ରସିଦ୍ଧ 'ଝାଲମୁଢ଼ି' ଏବଂ ମିଠାର ୨୦ରୁ ଅଧିକ ଷ୍ଟଲ୍ ଲୋକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଥିଲା ।

ଗତ ୫ ଦିନ ଭିତରେ ରାଜ୍ୟପାଳଙ୍କ ସହ ସାକ୍ଷାତ । ଶେଷରେ ୧୨୦ ବିଧାୟକଙ୍କ ସମର୍ଥନ ମିଳିବା ପରେ ସରକାର ଗଠନ ପାଇଁ ଟିଭିକେ ମୁଖ୍ୟ ବିଜୟଙ୍କୁ ଡାକିଲେ ରାଜ୍ୟପାଳ । ଆସନ୍ତାକାଲି ବିଜୟ ନୂଆ ▶ପୃଷ୍ଠା-୭

# ୧୧ରେ ଲଘୁଚାପ; ଉପକୂଳରେ ବର୍ଷିବ

**ଆଜି ଅଧିକାଂଶ ଜିଲ୍ଲାରେ ବର୍ଷା, ପବନ ଆଶଙ୍କା**



■ ଭୁବନେଶ୍ୱର, ୯।୫(ସମିସ): ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରରେ ଆସନ୍ତା ୧୧ ତାରିଖ ବେଳକୁ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ଆଶଙ୍କା ରହିଛି । ଏନେଇ ଶନିବାର ସୂଚନା ଦେଇଛି ଭାରତୀୟ ପାଣିପାଗ ବିଭାଗ । ତେବେ ରାଜ୍ୟରେ ବାତ୍ୟାକୁ ନେଇ ବିଭାଗ ପକ୍ଷରୁ ଏନେଇ କୌଣସି ସୂଚନା ପ୍ରଦାନ କରାଯାଇନାହିଁ ।

ପାଣିପାଗ ବିଭାଗର ତଥ୍ୟ ଅନୁଯାୟୀ ମନ୍ନାର ଉପସାଗର ଓ ସଂଲଗ୍ନ ଶ୍ରୀଲଙ୍କା ଉପରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି, ଯାହା ସମୁଦ୍ର ପତ୍ତନଠାରୁ ୫.୮ କିଲୋମିଟର ଉଚ୍ଚତା ପର୍ଯ୍ୟନ୍ତ ବ୍ୟାପିଛି । ଏହାର ପ୍ରଭାବରେ ଆସନ୍ତା ୧୧ ତାରିଖ ବେଳକୁ ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି । ଏହା ପ୍ରଭାବରେ ଓଡ଼ିଶାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା, ବଜ୍ରପାତ ଓ ପବନ ବହିବାର ଆଶଙ୍କା ରହିଛି । ବିଶେଷକରି, ଉପକୂଳବର୍ତ୍ତୀ ଜିଲ୍ଲା ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ପୁରୀ ଓ ଖୋର୍ଦ୍ଧା ଆଦି ଅଞ୍ଚଳରେ ଏହାର ପ୍ରଭାବ ଅଧିକ ପଡ଼ିପାରେ ବୋଲି ବିଭାଗ ପକ୍ଷରୁ କୁହାଯାଇଛି । ପାଣିପାଗ ବିଭାଗ କହିଛି ଯେ ଲଘୁଚାପର ତୀବ୍ରତା ଓ ଗତିପଥ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ । ଏ କ୍ଷେତ୍ରରେ ଆଗାମୀ ୪୮ ଘଣ୍ଟା ଗୁରୁତ୍ୱପୂର୍ଣ୍ଣ ହେବ ।

ଅପରପକ୍ଷେ, ରାଜ୍ୟର ବିଭିନ୍ନ ଜିଲ୍ଲାରେ ବର୍ଷା, ପବନ ଜାରି ରହିଥିବା ବେଳେ ଆସନ୍ତାକାଲି ମଧ୍ୟ ଏହାର ପ୍ରଭାବ ଅନୁଭୂତ ହେବ । ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ସୁନ୍ଦରଗଡ, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି ଓ ରାୟଗଡ଼ା ଜିଲ୍ଲାରେ ୪୦ରୁ ୫୦କିମି ବେଗରେ ପବନ ସହ ବର୍ଷା ଏବଂ ବିଜୁଳିର ସମ୍ଭାବନା ଥିବା ଉପରୋକ୍ତ ଜିଲ୍ଲାଗୁଡ଼ିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଏହାବ୍ୟତୀତ ସୋନପୁର, ବୌଦ୍ଧ, ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, ନବରଙ୍ଗପୁର, କୋରାପୁଟ ଓ ମାଲକାନଗିରିରେ ୩୦ରୁ ୪୦କିମି ବେଗରେ ପବନ ବହିବା ସହ ବର୍ଷା ଆଶଙ୍କା ରହିଥିବା ନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି ।

**ଅଶୁଭ ଶନିବାର**

# ଦୁର୍ଘଟଣାରେ ଗଲା ୭ ଜୀବନ

## ଧକ୍କା ଦେଇ ଚଢ଼ିଗଲା ଟ୍ରକ୍; ୩ ମୃତ



■ ଭୁବନେଶ୍ୱର, ୯।୫(ସମିସ): ରାଜଧାନୀ ଦେଇ ଯାଇଥିବା ୧୬ ନଂ ଜାତୀୟ ରାଜପଥରେ ଆଜି ସଂଧାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଜଣେ ଯୁବତୀଙ୍କ ସମେତ ୩ଜଣଙ୍କ ଜୀବନ ନେଇଛି । ଏହି ଦୁର୍ଘଟଣାରେ ଅନ୍ୟ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି । ଫାୟାର ଷ୍ଟେସନ୍ ଓଭରବ୍ରିଜ୍ ଉପରେ ଏହି ଛାତିଥରା ଘଟଣା ଘଟିଛି ।

ମିଳିଥିବା ସୂଚନାନୁଯାୟୀ, ଶନିବାର ସନ୍ଧ୍ୟା ପ୍ରାୟ ୮ଟାରେ ୨ଟି ସ୍କୁଟି ଓ ଗୋଟିଏ ବାଇକ୍‌ରେ ୩ଯୁବକ ଏବଂ ଜଣେ ଯୁବତୀ ଆଗପଛ ହୋଇ ନୂଆପଲ୍ଲୀରୁ ବରମୁଣ୍ଡା ଆଡ଼କୁ ଯାଉଥିଲେ । ସେମାନେ ଫାୟାର୍ ଷ୍ଟେସନ୍‌ଓ ଭରବ୍ରିଜ ଅତିକ୍ରମ କରୁଥିବା ବେଳେ ▶ପୃଷ୍ଠା-୭

### ଟ୍ରକ୍‌କୁ ପିଟିଲା କାର୍

## ବାପା-ପୁଅ ମୃତ

■ ମାଥିଲି, ୯।୫ (ସମିସ): ମାଲକାନଗିରି ଜିଲ୍ଲା ମାଥିଲି ଥାନା ସମ୍ମୁଖରେ ଛିଡ଼ା ହୋଇଥିବା ଟ୍ରକ୍‌କୁ ଏକ କାର୍ ଧକ୍କା ଦେବାରୁ ବାପା-ପୁଅଙ୍କ ମୃତ୍ୟୁ ହୋଇଛି । ମୃତକଦ୍ୱୟ ହେଲେ, ପଟନ୍ନର ମାଣୀକାନ୍ତା ରାଓ ଓ ତାଙ୍କ ୧୧ ମାସର ପୁଅ ପଟନ୍ନର ପାର୍ଥିବ । କାର୍‌ରେ ବସିଥିବା ୩ଜଣ ମହିଳା ଓ ଜଣେ ନାବାଳକ ମଧ୍ୟ ଏହି ଦୁର୍ଘଟଣାରେ ଗୁରୁତର ଆହତ ହୋଇଛନ୍ତି । ସେମାନଙ୍କୁ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜରେ ଭର୍ତ୍ତି କରାଯାଇଛି ।

ସୂଚନାନୁଯାୟୀ, ମାଣୀକାନ୍ତା ନିଜ କାର୍ (ଓଡ଼ି-୨୪ଏ-୭୨୭୨) ▶ପୃଷ୍ଠା-୭

## ବାଇକ୍‌କୁ ଧକ୍କା ଦେଲା କାର୍; ଦମ୍ପତି ମୃତ



ସମ୍ପର୍କୀୟଙ୍କ ଶୁଦ୍ଧିକ୍ରିୟାରେ ଯୋଗଦେଇ ଫେରୁଥିଲେ

■ ଶିକରପାଇ, ୯।୫(ସମିସ): ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ୍ ଶିକରପାଇ ପଞ୍ଚାୟତ କୃଷ୍ଣନଗର ନିକଟରେ ଶନିବାର ସକାଳେ ବାଇକ୍‌କୁ ଏକ କାର୍ ଧକ୍କା ଦେବାରୁ ଏକ ଦମ୍ପତିଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ, କୋଲନରା ବ୍ଲକ୍ ଦୁନ୍ଦୁଲି ପଞ୍ଚାୟତ ଅଣ୍ଟାମଡା ତାଣ୍ଡିପୁର ଗ୍ରାମର ଦେବ ଭତ୍ରା ଓ ତାଙ୍କ ସ୍ତ୍ରୀ ଶକୁନ୍ତଳା ଭତ୍ରା । ସୂଚନାନୁଯାୟୀ, ଭତ୍ରା ▶ପୃଷ୍ଠା-୭

### ୨୭ ହଜାର କୋଟିର ବ୍ୟାଙ୍କ ଠକେଇ

# ଅନୀଲ ଅମ୍ବାନୀଙ୍କ କମ୍ପାନୀରେ ସିବିଆଇ ଚଢ଼ଉ



ଏକକାଳୀନ ମୁମ୍ବାଇର ୧୭ଟି ସ୍ଥାନରେ ଯାଞ୍ଚ

■ ମୁମ୍ବାଇ, ୯।୫(ଏଜେନ୍ସି): ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମେ କେନ୍ଦ୍ରୀୟ ତଦନ୍ତକାରୀ ଏଜେନ୍ସି (ସିବିଆଇ) ଶନିବାର ୨୭ ହଜାର କୋଟି ଟଙ୍କାର ଠକେଇ ମାମଲାରେ ଅନୀଲ ଅମ୍ବାନୀଙ୍କ ରିଲାଏନ୍ସ ଏଡିଏ ଗ୍ରୁପ ସହିତ ଜଡିତ କମ୍ପାନୀଗୁଡ଼ିକ ଉପରେ ଚଢ଼ଉ କରିଛି । ତଦନ୍ତକାରୀ ସଂସ୍ଥା ମୁମ୍ବାଇର ୧୭ଟି ସ୍ଥାନରେ ଏକକାଳୀନ ଚଢାଉ କରିଥିଲା, ଯାହା ବ୍ୟାଙ୍କ ଠକେଇ ଏବଂ ଅନ୍ୟତ୍ର ପାଣ୍ଠି ସ୍ଥାନାନ୍ତର କରିବା ମାମଲା ସହିତ ଜଡିତ । ସିବିଆଇର ଏହି କାର୍ଯ୍ୟାନୁଷ୍ଠାନ ରିଲାଏନ୍ସ ଗ୍ରୁପ୍ର ତିନି କମ୍ପାନୀ ରିଲାଏନ୍ସ ଟେଲିକମ୍ ଲିମିଟେଡ୍, ରିଲାଏନ୍ସ କମର୍ସିଆଲ୍ ଫାଇନାନ୍ସ ଲିମିଟେଡ୍ ଏବଂ ରିଲାଏନ୍ସ ହୋମ୍ ଫାଇନାନ୍ସ ଲିମିଟେଡ୍ ସହିତ ଜଡିତ । ସିବିଆଇ ସନ୍ଦେହ କରୁଛି ଯେ, ବ୍ୟାଙ୍କଗୁଡ଼ିକରୁ ଉଠାଯାଇଥିବା ଟଙ୍କା ଅନ୍ୟତ୍ର ସ୍ଥାନାନ୍ତରିତ କରାଯାଇଥିଲା । ତଦନ୍ତରୁ ଏହା ମଧ୍ୟ ଜଣାପଡିଛି ଯେ, ଅନେକ ମଧ୍ୟସ୍ଥ କମ୍ପାନୀଗୁଡ଼ିକ ସମାନ ଠିକଣାରୁ କାର୍ଯ୍ୟ କରୁଥିଲେ । ଏହା ସେଲ୍ କମ୍ପାନୀଗୁଡ଼ିକର ନେଟୱାର୍କ ଏବଂ ସନ୍ଦେହଜନକ କାରବାର ବିଷୟରେ ସିବିଆଇର ସନ୍ଦେହକୁ ଆହୁରି ଘନିଷ୍ଠ କରିଛି । କମ୍ପାନୀ ନିର୍ଦ୍ଦେଶକଙ୍କ ଘର ଏବଂ ମଧ୍ୟସ୍ଥ କମ୍ପାନୀଗୁଡ଼ିକର କାର୍ଯ୍ୟାଳୟରେ ଚଢାଉ କରାଯାଇଥିଲା, ଯେଉଁମାନଙ୍କର ଆକାଉଣ୍ଟକୁ ପାଣ୍ଠି ଅନ୍ୟତ୍ର ସ୍ଥାନାନ୍ତର ପାଇଁ ବ୍ୟବହୃତ ହୋଇଥିଲା । ଚଢାଉ ସମୟରେ, ଏଜେନ୍ସି ଅନେକ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଏବଂ ଆର୍ଥିକ ରେକର୍ଡ ଜବତ କରିଛି । ସିବିଆଇ କହିଛି ଯେ ସାର୍ବଜନୀନ କ୍ଷେତ୍ରର ବ୍ୟାଙ୍କ ଏବଂ ଭାରତୀୟ ଜୀବନ ବୀମା ନିଗମର ଅଭିଯୋଗ ଆଧାରରେ ଅନିଲ ଅମ୍ବାନୀ ଗ୍ରୁପ ବିରୁଦ୍ଧରେ ୭ଟି ମାମଲା ରୁଜୁ କରାଯାଇଛି ।

**ଜାତିସଂଘର ସାଂଘାତିକ ରିପୋର୍ଟ**

# ବର୍ଷ ଶେଷଆଡ଼କୁ ବିଶ୍ୱରେ ଖାଦ୍ୟ ସଙ୍କଟ

- ଆହୁରି ଅଧିକ ମହଙ୍ଗା ହେବ ବଜାର ଦର
- ତିନି ବର୍ଷରେ ବିଶ୍ୱବ୍ୟାପୀ ଖାଦ୍ୟ ମୂଲ୍ୟ ସର୍ବାଧିକ
- ଟମାଟୋ, ଖାଇବା ତେଲ, ଏଲ୍‌ପିଜି ବିଗାଡ଼ିଲା ହାଣ୍ଡିଶାଳ ବଜେଟ
- ଏପ୍ରିଲରେ ଦେଶର ଖାଇବା ଥାଳି ମୂଲ୍ୟ ୨ ପ୍ରତିଶତ ବଢ଼ିଛି



■ ୱାଶିଂଟନ୍, ୯।୫(ଏଜେନ୍ସି): ମଧ୍ୟ ପ୍ରାଚ୍ୟରେ ଲାଗି ରହିଥିବା ଯୁଦ୍ଧ ଘନଘଟା ଏବେ ସାରା ବିଶ୍ୱ ଅର୍ଥନୀତିକୁ ଦୋହଲାଇଦେଇଛି । ଯୁଦ୍ଧରେ ଯୋଗାଣ ଶୃଙ୍ଖଳ ବାଧାପ୍ରାପ୍ତ ହୋଇଛି । ଏହାର ପ୍ରଭାବରେ ଚାରିଆଡେ ଖାଉଟି ବଜାର ମହଙ୍ଗା ହେବାରେ ଲାଗିଛି । ଏଥିଯୋଗୁ ବିଗତ ତିନି ବର୍ଷ ମଧ୍ୟରେ ବିଶ୍ୱବ୍ୟାପୀ ଖାଦ୍ୟ ମୂଲ୍ୟ ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି । ହେଲେ ଏତିକିରେ ଦରଦାମ୍ ତାତିରୁ ନିସ୍ତାରେ ମିଳିବା ଭଳି ଲାଗୁନାହିଁ । ଆଗାମୀ ଦିନରେ ବଜାର ଦର ଆହୁରି ମହଙ୍ଗା ହେବ ବୋଲି ମିଳିତ ଜାତିସଂଘ ପକ୍ଷରୁ ଏକ ରିପୋର୍ଟରେ କୁହାଯାଇଛି । ରେଟିଂ ଏଜେନ୍ସି କ୍ରିସିଲ୍ ପକ୍ଷରୁ ପ୍ରକାଶିତ ରିପୋର୍ଟରେ ମଧ୍ୟ ଏହି ସମାନ କଥା କୁହାଯାଇଛି । ରିପୋର୍ଟ ଅନୁଯାୟୀ, ଏପ୍ରିଲ ମାସରେ ଭାରତରେ ଖାଇବା ଥାଳି ମୂଲ୍ୟ ୨% ବୃଦ୍ଧି ଘଟିଛି । ଏଲ୍ପିଜି ସଙ୍କଟ ସହ ଦର ବୃଦ୍ଧି ଏବଂ ଟମାଟୋ, ଖାଇବା ତେଲ ମୂଲ୍ୟରେ ଉପରମୁହାଁ ହେବା ଏବେ ଭାରତୀୟଙ୍କ ହାଣ୍ଡିଶାଳ ବଜେଟ ବିଗାଡିଦେଇଛି । ରିପୋର୍ଟରେ ଚେତାବନୀ ଦିଆଯାଇଛି ଯେ, ଯଦି ଏହି ଉତ୍ତେଜନା ୩ ମାସରୁ ଅଧିକ ସମୟ ଧରି ଜାରି ରହେ, ତେବେ ୨୦୨୬ ଶେଷ ଏବଂ ୨୦୨୭ ମଧ୍ୟରେ ବିଶ୍ୱରେ ଖାଦ୍ୟ ସଙ୍କଟ ଦେଖାଦେବାର ସମ୍ଭାବନା ବହୁତ ବଢ଼ିଯିବ ।

ମିଳିତ ଜାତିସଂଘ (ୟୁଏନ୍‌ଓ) ସହ ଜଡିତ ଖାଦ୍ୟ ଏବଂ କୃଷି ସଂଗଠନ (ଏଫ୍‌ଏଓ)ର ରିପୋର୍ଟ ଅନୁଯାୟୀ, ଏପ୍ରିଲରେ ଖାଦ୍ୟ ସାମଗ୍ରୀ ମୂଲ୍ୟ ସୂଚକାଙ୍କ ୧.୬% ବୃଦ୍ଧି ପାଇଛି । ଏହା ଗତ ବର୍ଷ ତୁଳନାରେ ୨.୫% ଅଧିକ । ଇରାନ ଯୁଦ୍ଧ ଏହି ବୃଦ୍ଧିର ମୁଖ୍ୟ କାରଣ । ତେବେ ଜାତିସଂଘ ଆଗାମୀ ଦିନରେ ଆହୁରି ମୂଲ୍ୟ ବୃଦ୍ଧି ଘଟିବା ନେଇ ଚେତାବନୀ ମଧ୍ୟ ଜାରି କରିଛି । ଇରାନ ଯୁଦ୍ଧକୁ ଇତି ମଧ୍ୟରେ ୧୦ ସପ୍ତାହ ବିତିଗଲାଣି । ଏଥିଯୋଗୁ ହର୍ମୁଜ୍ ରୁଟ୍ ବନ୍ଦ ହୋଇଛି, ଯାହା ଡିଜେଲ ଏବଂ ସାର ଭଳି ଅତ୍ୟାବଶ୍ୟକ କୃଷି ସାମଗ୍ରୀର ପରିବହନକୁ ବନ୍ଦ କରିଦେଇଛି । ସାର ଏବଂ ଇନ୍ଧନର ଉଚ୍ଚ ମୂଲ୍ୟରେ କୃଷକଙ୍କ ପାଇଁ ଚାଷ କଷ୍ଟକର ହୋଇପଡିଛି, ଯାହା ଭବିଷ୍ୟତରେ ସିଧାସଳଖ ଖାଦ୍ୟ ମୂଲ୍ୟକୁ ପ୍ରଭାବିତ କରିବ । ରିପୋର୍ଟ ଅନୁଯାୟୀ, ପନିପରିବା ତେଲ ସର୍ବାଧିକ ପ୍ରଭାବିତ ହୋଇଥିଲା । ଅଶୋଧିତ ତୈଳ ମୂଲ୍ୟ ବୃଦ୍ଧି ଯୋଗୁଁ ଜୈବ ଇନ୍ଧନର ଚାହିଦା ବୃଦ୍ଧି ପାଇଛି, ଯାହା ଫଳରେ ମାର୍ଚ୍ଚ ତୁଳନାରେ ଭେଜିଟେବୁଲ ତେଲ ମୂଲ୍ୟରେ ୫.୯% ବୃଦ୍ଧି ଘଟିଛି । ଏହା ୨୦୨୨ ଜୁଲାଇ ପରଠାରୁ ସର୍ବାଧିକ । ଏହି ସମୟରେ, ମାଂସ ମୂଲ୍ୟ ୧.୨% ବୃଦ୍ଧି ପାଇଛି, ଯାହା ସର୍ବକାଳୀନ ରେକର୍ଡ ସ୍ଥାପନ କରିଛି । ଏଫ୍‌ଏଓର ମୁଖ୍ୟ ଅର୍ଥନୀତିଜ୍ଞ ମ୍ୟାକ୍ସିମୋ ଟୋରେରୋ ଏକ ସାକ୍ଷାତକାରରେ କହିଛନ୍ତି ଯେ କୃଷି-ଖାଦ୍ୟ ଶିଳ୍ପ ବର୍ତ୍ତମାନ ବଞ୍ଚି ରହିଛି, କାରଣ କମ୍ପାନୀଗୁଡ଼ିକ ପୁରୁଣା ଷ୍ଟକ୍ ବିକ୍ରି କରୁଛନ୍ତି । ସେ କହିଛନ୍ତି, କଞ୍ଚାମାଲ ଏବଂ ଶକ୍ତିର ବର୍ଦ୍ଧିତ ମୂଲ୍ୟ କମ୍ପାନୀଗୁଡ଼ିକର ▶ପୃଷ୍ଠା-୭

# ଚନ୍ଦ୍ରପୃଷ୍ଠରେ ରହସ୍ୟମୟ ବସ୍ତୁ



ୱାସିଂଟନ, ୯ ।୫(ଏଜେନ୍ସି): ଆକାଶରେ ଉଡୁଥିବା ରହସ୍ୟମୟ ବସ୍ତୁ ବା 'ୟୁଏଫ୍‌ଓ' ଅର୍ଥାତ ଉଡନ୍ତା ଥାଳିଆ ସମ୍ପର୍କିତ ବହୁ ପ୍ରତୀକ୍ଷିତ ଗୁପ୍ତ ଦଲିଲକୁ ଆମେରିକା ପ୍ରଶାସନ ସାର୍ବଜନୀନ କରିଛି । ଟ୍ରମ୍ପ ଶାସନ କାଳରେ ପ୍ରତିରକ୍ଷା ବିଭାଗ ପକ୍ଷରୁ ଶୁକ୍ରବାର ଶତାଧିକ ନୂତନ ଭିଡିଓ, ଫଟୋଚିତ୍ର ଏବଂ ପୁରାତନ ସରକାରୀ ରେକର୍ଡ ଜାରି କରାଯାଇଛି । ବିଶେଷ କରି ନାସା'ର ଆପୋଲୋ ମିଶନ ସମୟରେ ମହାକାଶଚାରୀମାନଙ୍କ ମଧ୍ୟରେ ହୋଇଥିବା କଥୋପକଥନ ଏବେ ସମଗ୍ର ବିଶ୍ୱରେ ଚର୍ଚ୍ଚାର ବିଷୟ ପାଲଟିଛି । ଜାରି କରାଯାଇଥିବା ଦସ୍ତାବେଜ ଅନୁଯାୟୀ, ଆପୋଲୋ-୧୨ ଏବଂ ଆପୋଲୋ-୧୭ ମିଶନ ସମୟରେ ଚନ୍ଦ୍ର ପୃଷ୍ଠର ଆକାଶରେ କିଛି ଅଜ୍ଞାତ ଉଜ୍ଜ୍ୱଳ ବସ୍ତୁ ଦେଖାଯାଇଥିଲା । ଏହି ମିଶନର ଏକ ଟ୍ରାନ୍ସକ୍ରିପ୍ଟରୁ ଜଣାପଡ଼ିଛି ଯେ, ମହାକାଶ ଯାନ ପାଖ ଦେଇ ଅନେକ ଚମକୁଥିବା ବସ୍ତୁ ଅତିକ୍ରମ କରୁଥିଲେ । ଜଣେ ମହାକାଶଚାରୀ ଏହାକୁ ବାହାରେ ହେଉଥିବା 'ବାଣଫୁଟା' ସହ ତୁଳନା କରିଥିଲେ । ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ରିପୋର୍ଟ ଅନୁଯାୟୀ, ୨୦୨୪ ମସିହାରେ ଓମାନ ସାଗର ଉପରେ ଏକ ବୁନ୍ଦା ଆକୃତିର ରହସ୍ୟମୟ ବସ୍ତୁ ଅତି କ୍ଷିପ୍ର ଗତିରେ ଉଡୁଥିବାର ଇନଫ୍ରାରେଡ୍ ସେନ୍ସରରେ ଧରାପଡ଼ିଥିଲା । ଏହି ବସ୍ତୁଟି କ୍ରମାଗତ ଭାବେ ନିଜର ଦିଗ ପରିବର୍ତ୍ତନ କରୁଥିବା ରେକର୍ଡ କରାଯାଇଛି । ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କିଛି ମାସ ପୂର୍ବରୁ ପ୍ରତିରକ୍ଷା ମନ୍ତ୍ରୀ ପିଟ୍ ହେଗସେଥଙ୍କୁ ଏଲିୟନ ଏବଂ ଅଜ୍ଞାତ ଆକାଶୀୟ ପରିଘଟଣା (ୟୁଏପି) ସମ୍ପର୍କିତ ସମସ୍ତ ତଥ୍ୟ ସାର୍ବଜନୀନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ତଥ୍ୟ ଜାରି ହେବା ପରେ ଟ୍ରମ୍ପ ନିଜ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଟ୍ରୁଥ୍ ସୋସିଆଲ'ରେ ଲେଖିଛନ୍ତି ଯେ, ଜନସାଧାରଣଙ୍କୁ ଏହି ରହସ୍ୟମୟ ଜୀବନ ଓ ପ୍ରଯୁକ୍ତି ବିଦ୍ୟା ବିଷୟରେ ଜାଣିବାର ସମ୍ପୂର୍ଣ୍ଣ ଅଧିକାର ରହିଛି । ତଥାପି, ପେଣ୍ଟାଗନ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ, ଏବେ ସୁଦ୍ଧା ଏଲିୟନ ବା ପରଗ୍ରହୀ ଜୀବନର କୌଣସି ନିଶ୍ଚିତ ପ୍ରମାଣ ମିଳିନାହିଁ । ପୂର୍ବରୁ ଦେଖାଯାଇଥିବା ଅନେକ ୟୁଏଫ୍‌ଓ ପ୍ରକୃତରେ ସାମରିକ ପରୀକ୍ଷଣ କିମ୍ବା କୌଣସି ପ୍ରାକୃତିକ ଘଟଣା ବୋଲି ପ୍ରଶାସନ ଦାବି କରିଛି । ଆମେରିକୀୟ ସାଂସଦମାନଙ୍କ କହିବା ଅନୁଯାୟୀ, ଏହା କେବଳ ଆରମ୍ଭ ମାତ୍ର । ଆଗାମୀ ଦିନରେ ଆହୁରି ଅନେକ ରହସ୍ୟମୟ ଫାଇଲ୍ ସାର୍ବଜନୀନ କରାଯିବ । ପ୍ରଶାସନର ଏହି ସ୍ୱଚ୍ଛତା ପଦକ୍ଷେପ ମହାକାଶ ବିଜ୍ଞାନ ଏବଂ ବାହାର ଗ୍ରହର ଜୀବନକୁ ନେଇ ଚାଲିଥିବା ଗବେଷଣାରେ ଏକ ନୂତନ ମୋଡ଼ ଆଣିବ ବୋଲି ଆଶା କରାଯାଉଛି ।

# ଏବେ ୟୁକ୍ରେନ ଯୁଦ୍ଧ ବନ୍ଦ କରିବି



- ତିନି ଦିନ ପାଇଁ ଯୁଦ୍ଧବିରତି ଘୋଷଣା: ଟ୍ରମ୍ପ
- ପୁଣି ହେବ ଆମେରିକା-ଇରାନ ଆଲୋଚନା

ୱାସିଂଟନ/ ଇସଲାମାବାଦ, ୯ ।୫ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ରୁଷ ଏବଂ ୟୁକ୍ରେନ ମଧ୍ୟରେ ଚାଲିଥିବା ଭୟଙ୍କର ଯୁଦ୍ଧକୁ ବନ୍ଦ କରିବା ପାଇଁ ଏକ ବଡ଼ ପଦକ୍ଷେପ ନେଇଥିବା ଦାବି କରିଛନ୍ତି । ସେ କହିଛନ୍ତି ଯେ ଏହା ତାଙ୍କର ୧୦ମ ଶାନ୍ତି ପ୍ରୟାସ ହେବ । ଟ୍ରମ୍ପ ସୋସିଆଲ ମିଡିଆ ମାଧ୍ୟମରେ ମଇ ୯ ରୁ ୧୧ ତାରିଖ ପର୍ଯ୍ୟନ୍ତ ରୁଷ ଏବଂ ୟୁକ୍ରେନ ମଧ୍ୟରେ ୩ ଦିନିଆ ଅସ୍ଥାୟୀ ଯୁଦ୍ଧବିରତି ଘୋଷଣା କରିଛନ୍ତି । ଏହି ସମୟ ମଧ୍ୟରେ କୌଣସି ପକ୍ଷ ସାମରିକ କାର୍ଯ୍ୟାନୁଷ୍ଠାନ କରିବେ ନାହିଁ । ଏହି ଶାନ୍ତି ପ୍ରକ୍ରିୟାର ଅଂଶସ୍ୱରୂପ ଉଭୟ ଦେଶ ନିଜ ନିଜ ମଧ୍ୟରେ ହଜାର ହଜାର ଯୁଦ୍ଧବନ୍ଦୀଙ୍କୁ ମୁକ୍ତ କରିବା ପାଇଁ ସହମତି ପ୍ରକାଶ କରିଛନ୍ତି । ଟ୍ରମ୍ପ ଦାବି କରିଛନ୍ତି ଯେ ତାଙ୍କର ଅନୁରୋଧ କ୍ରମେ ରୁଷ ରାଷ୍ଟ୍ରପତି ପୁତିନ ଏବଂ ୟୁକ୍ରେନ ରାଷ୍ଟ୍ରପତି ଜେଲେନସ୍କି ଏହି ଯୁଦ୍ଧବିରତି ପାଇଁ ରାଜି ହୋଇଛନ୍ତି । ଯଦି ପରିସ୍ଥିତି ଭଲ ରୁହେ, ତେବେ ଏହି ସମୟସୀମାକୁ ଆଗକୁ ବଢ଼ାଯାଇପାରେ । ଡୋନାଲ୍ଡ ଟ୍ରମ୍ପଙ୍କ ଅନୁଯାୟୀ, ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଏହା ସବୁଠାରୁ ବିପଜ୍ଜନକ ଯୁଦ୍ଧ । ଲକ୍ଷ ଲକ୍ଷ ସୈନିକଙ୍କ ଜୀବନ ରକ୍ଷା କରିବା ପାଇଁ ଏହି ଯୁଦ୍ଧକୁ ସବୁଦିନ ପାଇଁ ବନ୍ଦ କରିବା ତାଙ୍କର ମୁଖ୍ୟ ଲକ୍ଷ୍ୟ । ସାରା ବିଶ୍ୱ ଏବେ ଏହି ୩ ଦିନିଆ ଯୁଦ୍ଧବିରତିର ପ୍ରଭାବ ଉପରେ ନଜର ରଖିଛି ।

ପଶ୍ଚିମ ଏସିଆରେ ଜାରି ରହିଥିବା ଉତ୍ତେଜନା ପ୍ରଶମିତ କରିବା ପାଇଁ ଏକ ବଡ଼ ଧରଣର କୂଟନୈତିକ ପ୍ରୟାସ ଆରମ୍ଭ ହୋଇଛି । ଆସନ୍ତା ସପ୍ତାହରେ ପାକିସ୍ତାନର ରାଜଧାନୀ ଇସଲାମାବାଦଠାରେ ଆମେରିକା ଏବଂ ଇରାନ ମଧ୍ୟରେ ଶାନ୍ତି ଆଲୋଚନା ପୁନର୍ବାର ଆରମ୍ଭ ହେବାକୁ ଯାଉଛି । ମଧ୍ୟସ୍ଥିମାନଙ୍କ ଜରିଆରେ ଉଭୟ ଦେଶ ଏକ ଚିଠା ପ୍ରସ୍ତାବ ଉପରେ କାର୍ଯ୍ୟ କରୁଥିବା ଜଣାପଡ଼ିଛି । 'ଦି ୱାଲ୍ ଷ୍ଟ୍ରିଟ୍ ଜର୍ଣ୍ଣାଲ'ର ରିପୋର୍ଟ ଅନୁଯାୟୀ, ଆମେରିକା ପକ୍ଷରୁ ଏକ ୧୪-ଦଫା ସମ୍ବଳିତ ଚିଠା ପ୍ରସ୍ତାବ ଦିଆଯାଇଛି । ଏଥିରେ ଇରାନର ପରମାଣୁ କାର୍ଯ୍ୟକ୍ରମ, ହର୍ମୁଜ ପ୍ରଣାଳୀରେ ଶାନ୍ତି ପ୍ରତିଷ୍ଠା ଏବଂ ୟୁରାନିୟମ ସଂରକ୍ଷଣ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ସ୍ଥାନ ପାଇଛି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହି ଆଲୋଚନାକୁ ନେଇ ସକାରାତ୍ମକ ଆଶା ପୋଷଣ କରିଥିବା ବେଳେ ଇରାନ ପକ୍ଷରୁ ଏବେ ବି କିଛି କଠୋର ଆଭିମୁଖ୍ୟ ଦେଖିବାକୁ ମିଳୁଛି । ଯଦି ଆମେରିକା ହର୍ମୁଜ ପ୍ରଣାଳୀରେ ସାମରିକ ହସ୍ତକ୍ଷେପ କରେ, ତେବେ ଏହା ଏକ ଭୟଙ୍କର ଯୁଦ୍ଧର ରୂପ ନେବ ବୋଲି ଇରାନ ଚେତାବନୀ ଦେଇଛି । ଆମେରିକା ପକ୍ଷରୁ ଦାବି କରାଯାଇଛି ଯେ, ସେମାନେ ୭୦ରୁ ଅଧିକ ଇରାନୀୟ ଜାହାଜକୁ ଅଟକାଇଛନ୍ତି, ଯେଉଁଥିରେ ପ୍ରାୟ ୧୩ ବିଲିୟନ ଡଲାରରୁ ଅଧିକ ମୂଲ୍ୟର ତୈଳ ରହିଛି । ଇରାନ ପକ୍ଷରୁ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ଉପରେ ଦୁଇଟି କ୍ଷେପଣାସ୍ତ୍ର ଏବଂ ତିନୋଟି ଡ୍ରୋନ ଆକ୍ରମଣ କରାଯାଇଥିଲା, ଯାହାକୁ ୟୁଏଇ ଆକାଶ ମାର୍ଗରେ ଧ୍ୱଂସ କରିଦେଇଛି । ୩୦ ଦିନ ପାଇଁ ଯୁଦ୍ଧ ବିରତି ଏବଂ ବାଣିଜ୍ୟିକ କାରବାର ପାଇଁ ହର୍ମୁଜ ପ୍ରଣାଳୀକୁ ଖୋଲିବା ନେଇ ଉଭୟ ଦେଶ ମଧ୍ୟରେ ଆଲୋଚନା ଚାଲିଛି । ଏହି ବିଶ୍ୱ-ରାଜନୈତିକ ଅସ୍ଥିରତା ଯୋଗୁଁ ଆନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ବ୍ୟାରେଲ ପିଛା ୧୦୩ ଡଲାରରେ ପହଞ୍ଚିଛି ଏବଂ ସୁନା ଦର ମଧ୍ୟ ବୃଦ୍ଧି ପାଇଛି । ଇରାନ ନିଜର ପରମାଣୁ କାର୍ଯ୍ୟକ୍ରମରେ କୌଣସି ପ୍ରକାର ସାଲିସ କରିବ ନାହିଁ ବୋଲି ସ୍ପଷ୍ଟ କରିସାରିଛି । ଏଭଳି ସ୍ଥିତିରେ ଇସଲାମାବାଦରେ ହେବାକୁ ଥିବା ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନା ବିଶ୍ୱ ଶାନ୍ତି ଏବଂ ବିଶେଷ କରି ମଧ୍ୟ ପ୍ରାଚ୍ୟର ସୁରକ୍ଷା ପାଇଁ ଅତ୍ୟନ୍ତ ନିର୍ଣ୍ଣାୟକ ସାବ୍ୟସ୍ତ ହେବ ।

## ବିହାରରେ ବଜ୍ରପାତ ଓ ଗଛ ପଡ଼ି ୯ ମୃତ

ପାଟନା/ଜୟପୁର, ୯ ।୫(ଏଜେନ୍ସି): ଦେଶର ବିଭିନ୍ନ ରାଜ୍ୟରେ ପାଣିପାଗର ଉଗ୍ର ରୂପ ଦେଖିବାକୁ ମିଳିଛି । କେଉଁଠି ପ୍ରବଳ ବର୍ଷା ଓ ବଜ୍ରପାତ ଜୀବନ ନେଉଥିବା ବେଳେ ଅନ୍ୟ କେଉଁଠି ଅସହ୍ୟ ଗରମ ଜନଜୀବନକୁ ଅସ୍ତବ୍ୟସ୍ତ କରିପକାଇଛି । ବିହାରର ପାଟନା ସମେତ ୭ଟି ଜିଲ୍ଲାରେ ଶୁକ୍ରବାର ଦିନ ପ୍ରବଳ ଝଡ଼ବର୍ଷା ହୋଇଛି । ବଜ୍ରପାତ ଏବଂ ଗଛ ପଡ଼ିବା କାରଣରୁ ମୋଟ ୯ ଜଣଙ୍କର ମୃତ୍ୟୁ ଘଟିଛି । କେବଳ ପାଟନାରେ ୫ ଜଣ ପ୍ରାଣ ହରାଇଥିବା ବେଳେ ୬୦୦ରୁ ଅଧିକ ଗଛ ଉପୁଡ଼ି ପଡ଼ିଛି । ଉତ୍ତର ପ୍ରଦେଶ, ଛତିଶଗଡ଼, ଝାଡ଼ଖଣ୍ଡ ଏବଂ ହିମାଚଳ ପ୍ରଦେଶରେ ବର୍ଷା ସହ କୁଆପଥର ମାଡ଼ ହୋଇଛି । ଶିମଲାରେ ପ୍ରବଳ କୁଆପଥର ବର୍ଷା ଯୋଗୁଁ ରାସ୍ତାରେ ବରଫର ସ୍ତର ଜମିଯାଇଛି । ଅନ୍ୟପଟେ ରାଜସ୍ଥାନ ଏବଂ ମଧ୍ୟପ୍ରଦେଶରେ ଖରା ପ୍ରକୋପ ବଢ଼ିବାରେ ଲାଗିଛି । ରାଜସ୍ଥାନର ବାରମେରରେ ତାପମାତ୍ରା ୪୪.୬ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ମଧ୍ୟପ୍ରଦେଶର ରତଲାମରେ ୪୩.୫ ଡିଗ୍ରୀ ଛୁଇଁଛି । ଆଗାମୀ ଦୁଇ ଦିନ ପର୍ଯ୍ୟନ୍ତ ଦିଲ୍ଲୀ, ହରିୟାଣା, ପଞ୍ଜାବ ଏବଂ ଓଡ଼ିଶାରେ ଝଡ଼ବର୍ଷା ସହ ବଜ୍ରପାତ ହେବାର ସମ୍ଭାବନା ରହିଛି । ବିହାର ଏବଂ ପଶ୍ଚିମବଙ୍ଗରେ ମଧ୍ୟ ସତର୍କ ସୂଚନା ଜାରି କରାଯାଇଛି ।

# ପାକିସ୍ତାନୀ ଶ୍ରମିକମାନଙ୍କୁ ବହିଷ୍କାର କରୁଛି ୟୁଏଇ

ଦୁବାଇ/ଇସଲାମାବାଦ, ୯ ।୫(ଏଜେନ୍ସି): ଆମେରିକା ଏବଂ ଇରାନ ମଧ୍ୟରେ ଚାଲିଥିବା ବିବାଦରେ ପାକିସ୍ତାନ ମଧ୍ୟସ୍ଥି ସାଜିବା ଏବେ ତା'ର ଶ୍ରମିକମାନଙ୍କ ପାଇଁ ମହଙ୍ଗା ପଡ଼ିଛି । ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ବହୁ ସଂଖ୍ୟାରେ ପାକିସ୍ତାନୀ ଶ୍ରମିକଙ୍କୁ ଦେଶରୁ ବାହାର କରିଦେଇଥିବା ରିପୋର୍ଟ ପ୍ରକାଶ ପାଇଛି । ରିପୋର୍ଟ ଅନୁଯାୟୀ, ଇରାନ ଦ୍ୱାରା ୟୁଏଇ ଉପରେ ହୋଇଥିବା ଆକ୍ରମଣକୁ ପାକିସ୍ତାନ ଦୃଢ଼ ଭାବେ ନିନ୍ଦା କରି ନଥିବାରୁ ୟୁଏଇ ସରକାର ଅସନ୍ତୋଷ ପ୍ରକାଶ କରିଛନ୍ତି । ଏହି କୂଟନୈତିକ ତିକ୍ତତା ଯୋଗୁଁ ହଜାର ହଜାର ପାକିସ୍ତାନୀ ଶ୍ରମିକଙ୍କୁ ବହିଷ୍କାର କରାଯାଉଛି । ବିଶେଷ କରି ପାକିସ୍ତାନର ଶିଆ ମୁସଲମାନ ଶ୍ରମିକମାନଙ୍କୁ ଅଧିକ ମାତ୍ରାରେ ବାହାର କରାଯାଉଥିବା ଅଭିଯୋଗ ହୋଇଛି । ଏପ୍ରିଲ ମଧ୍ୟଭାଗରୁ ଏହି ପ୍ରକ୍ରିୟା ଜାରି ରହିଛି । ୟୁଏଇରେ ପ୍ରାୟ ୨୦ ଲକ୍ଷରୁ ଅଧିକ ପାକିସ୍ତାନୀ କାର୍ଯ୍ୟ କରନ୍ତି, ଯେଉଁମାନେ ବାର୍ଷିକ ୮ ବିଲିୟନ ଡଲାରରୁ ଅଧିକ ଅର୍ଥ ପଠାଇଥାନ୍ତି । ଶ୍ରମିକ ବହିଷ୍କୃତ ହେବା ପାକିସ୍ତାନର ଦୁର୍ବଳ ଅର୍ଥନୀତି ପାଇଁ ଏକ ବଡ଼ ଝଟକା ସାବ୍ୟସ୍ତ ହୋଇଛି । ୟୁଏଇ ଏହି ବିଷୟରେ କୌଣସି ସ୍ପଷ୍ଟ ସୂଚନା ଦେଇ ନଥିବା ବେଳେ ପାକିସ୍ତାନ ଏହାକୁ ଏକ ବଡ଼ ଧରଣର ବହିଷ୍କାର ବୋଲି ମାନିବାକୁ ମନା କରିଛି । ତେବେ ଉପସାଗରୀୟ ଅଞ୍ଚଳରେ ବଢୁଥିବା ଅସ୍ଥିରତା ମଧ୍ୟରେ ଏହି ଘଟଣା ଦୁଇ ଦେଶର ସମ୍ପର୍କରେ ଫାଟ ସୃଷ୍ଟି କରିଛି ।



ଶପଥପାଠ ମଞ୍ଚରେ ପ୍ରଧାନମନ୍ତ୍ରୀଙ୍କ ସହ ପଶ୍ଚିମବଙ୍ଗର ପ୍ରଥମ ବିଜେପି ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ

## ଦିଲ୍ଲୀରେ ଆତଙ୍କବାଦୀ ଆକ୍ରମଣ ଆଶଙ୍କା; ସୁରକ୍ଷା ବଢ଼ିଲା

ନୂଆଦିଲ୍ଲୀ, ୯।୫(ଏଜେନ୍ସି): ଦିଲ୍ଲୀ ପୁଲିସର ସ୍ପେଶାଲ ସେଲ୍ ପାକିସ୍ତାନର ଆଇଏସ୍‌ଆଇ ସମର୍ଥିତ 'ଶାହଜାଦ ଭଟ୍ଟୀ' ମଡ୍ୟୁଲର ପର୍ଦ୍ଦାଫାଶ କରିଛି । ପୁଲିସ ଏହି ଆତଙ୍କବାଦୀ ଗୋଷ୍ଠୀର ୯ ଜଣ ସନ୍ଦିଗ୍ଧ ସଦସ୍ୟଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଜବତ କରିଛି । ଜେରା କରିବା ପରେ ସେମାନେ ଦେଶର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଆତଙ୍କବାଦୀ ଆକ୍ରମଣ କରିବା ପାଇଁ ଯୋଜନା କରିଥିବା ତଥ୍ୟ ସାମ୍ନାକୁ ଆସିଛି । ସୂତ୍ର ଅନୁଯାୟୀ, ଦିଲ୍ଲୀର ଏକ ପ୍ରସିଦ୍ଧ ଐତିହାସିକ ମନ୍ଦିର ଏହି ଆତଙ୍କବାଦୀଙ୍କ ମୁଖ୍ୟ ଲକ୍ଷ୍ୟ ଥିଲା । ଗିରଫ ଆତଙ୍କବାଦୀଙ୍କ ମଧ୍ୟରୁ ଜଣେ ମନ୍ଦିର ପରିସରର ଫଟୋ ପାକିସ୍ତାନରେ ଥିବା ହ୍ୟାଣ୍ଡଲର୍‌ମାନଙ୍କୁ ପଠାଇଥିବା ଜେରା ବେଳେ ଜଣାପଡ଼ିଛି । ମନ୍ଦିରରେ ନିୟୋଜିତ ସୁରକ୍ଷା ବାହିନୀ ଉପରେ ପ୍ରଥମେ ଆକ୍ରମଣ କରିବାକୁ ଯୋଜନା ରହିଥିଲା । ଏହି ଆତଙ୍କବାଦୀ ଗୋଷ୍ଠୀ ହରିୟାଣାର ହିସାରରେ ଥିବା ଏକ ସାମରିକ ଶିବିର ଉପରେ ମଧ୍ୟ ଆକ୍ରମଣ କରିବାକୁ ପ୍ରସ୍ତୁତି ଚଳାଇଥିଲା ।

ଏହା ବ୍ୟତୀତ, ଦିଲ୍ଲୀ-ସୋନିପତ ହାଇୱେରେ ଥିବା ଏକ ପ୍ରସିଦ୍ଧ ଢାବା ଉପରେ ଗ୍ରେନେଡ୍ ଆକ୍ରମଣ କରି ଅଞ୍ଚଳରେ ଆତଙ୍କ ଖେଳାଇବା ପାଇଁ ଲକ୍ଷ୍ୟ ରଖାଯାଇଥିଲା । ଏହାସହ ଏହି ଗୋଷ୍ଠୀ ଉତ୍ତର ପ୍ରଦେଶର କିଛି ପୁଲିସ କର୍ମଚାରୀଙ୍କୁ ମଧ୍ୟ ଟାର୍ଗେଟ୍ କରିବାକୁ ଯୋଜନା କରିଥିଲା । ବିଭିନ୍ନ ରାଜ୍ୟରୁ ଗିରଫ ହୋଇଥିବା ଏହି ୯ ଜଣ ଅଭିଯୁକ୍ତଙ୍କୁ ନେଇ ପୁଲିସ ଅଧିକ ଖୋଳତାଡ଼ ଜାରି ରଖିଛି ।

## ହର୍ମୁଜରେ ନିଆଁ ଲାଗି ଭାରତୀୟ ନାବିକଙ୍କ ମୃତ୍ୟୁ

ନୂଆଦିଲ୍ଲୀ, ୯ ।୫(ଏଜେନ୍ସି): ହର୍ମୁଜ ପ୍ରଣାଳୀ ନିକଟରେ ଏକ ମାଲବାହୀ କାଠ ଡଙ୍ଗାରେ ନିଆଁ ଲାଗିଯିବା ଫଳରେ ଜଣେ ଭାରତୀୟ ନାବିକଙ୍କ ମୃତ୍ୟୁ ଘଟିଛି । ଡଙ୍ଗାରେ ଥିବା ଅନ୍ୟ ୧୭ ଜଣ ଭାରତୀୟ କର୍ମଚାରୀଙ୍କୁ ଉଦ୍ଧାର କରାଯାଇଛି । ଏହି ଦୁର୍ଘଟଣାରେ ୪ ଜଣ ନାବିକ ଗୁରୁତର ଭାବେ ପୋଡ଼ି ଯାଇଛନ୍ତି । ସେମାନଙ୍କୁ ଦୁବାଇର ଏକ ଡାକ୍ତରଖାନାରେ ଚିକିତ୍ସା କରାଯାଉଛି ଏବଂ ବର୍ତ୍ତମାନ ସେମାନେ ସୁରକ୍ଷିତ ଥିବା ଜଣାପଡ଼ିଛି । ଦୁବାଇସ୍ଥିତ ଭାରତୀୟ ଦୂତାବାସର ଅଧିକାରୀମାନେ ଉଦ୍ଧାର ହୋଇଥିବା ନାବିକମାନଙ୍କୁ ଭେଟିଛନ୍ତି । ଭାରତୀୟ କନସୁଲେଟ୍ ପକ୍ଷରୁ ସମସ୍ତ ପ୍ରକାରର ସହାୟତା ଯୋଗାଇ ଦିଆଯାଉଛି । ଆମେରିକା ଏବଂ ଇରାନ ମଧ୍ୟରେ ଚାଲିଥିବା ସାମରିକ ଉତ୍ତେଜନା ମଧ୍ୟରେ ଏହି ଘଟଣା ଘଟିଛି । ସେହି ଅଞ୍ଚଳରେ ଯୁଦ୍ଧ ଜାହାଜ ଏବଂ ଡ୍ରୋନ୍ ଆକ୍ରମଣ ଯୋଗୁଁ ନୌସେନା ଚଳାଚଳ ବାଧାପ୍ରାପ୍ତ ହେଉଥିବା ବେଳେ ଏହି ଅଗ୍ନିକାଣ୍ଡର ପ୍ରକୃତ କାରଣ ଏବେ ମଧ୍ୟ ଅସ୍ପଷ୍ଟ ରହିଛି ।

## ଜୟପୁରରେ ଏମ୍‌ବିବିଏସ ଛାତ୍ରଙ୍କ ଆତ୍ମହତ୍ୟା

ଜୟପୁର, ୯ ।୫(ଏଜେନ୍ସି): ଜୟପୁରସ୍ଥିତ ସବାଇ ମାନ ସିଂହ (ଏସ୍‌ଏମ୍‌ଏସ୍) ମେଡିକାଲ କଲେଜର ଜଣେ ଏମ୍‌ବିବିଏସ୍ ତୃତୀୟ ବର୍ଷର ଛାତ୍ର ନିତିନ ଯାଦବ ଆତ୍ମହତ୍ୟା କରିଛନ୍ତି । ଶନିବାର ସକାଳେ କଲେଜ ହଷ୍ଟେଲର ୮ମ ମହଲାର ସିଡ଼ିରେ ତାଙ୍କର ଝୁଲନ୍ତା ଶବ ମିଳିଥିଲା । ଶନିବାର ଦିନ ହିଁ ନିତିନଙ୍କର ପରୀକ୍ଷା ଥିଲା । ସେ ନିଜ ସାଙ୍ଗମାନଙ୍କ ସହ ପାଠ ପଢ଼ିବା ପାଇଁ ହଷ୍ଟେଲକୁ ଆସିଥିଲେ, କିନ୍ତୁ ଭୋର ସମୟରେ ଏହି ଅଘଟଣ ଘଟିଥିବା ଜଣାପଡ଼ିଛି । ନିତିନଙ୍କ ପରିବାର ଏହାକୁ ଆତ୍ମହତ୍ୟା ବୋଲି ଗ୍ରହଣ କରିବାକୁ ମନା କରିଛନ୍ତି । ସେ ଜଣେ ମେଧାବୀ ଛାତ୍ର ଥିଲେ ଏବଂ ଏପରି ପଦକ୍ଷେପ ନେଇପାରିବେ ନାହିଁ ବୋଲି ତାଙ୍କ ମାମୁଁ ପ୍ରକାଶ କରିଛନ୍ତି । ଏଥିସହ ସୁରକ୍ଷା ବ୍ୟବସ୍ଥା ଉପରେ ମଧ୍ୟ ପ୍ରଶ୍ନ ଉଠିଛି । ନିତିନ ଆଲୱାରର ବାସିନ୍ଦା ଥିଲେ ଏବଂ ତାଙ୍କ ପିତା ବିଏସଏଫ୍‌ରେ ଜଣେ କମାଣ୍ଡୋ ଭାବେ କାର୍ଯ୍ୟରତ ଅଛନ୍ତି । ପୁଲିସ ଘଟଣାସ୍ଥଳରୁ ଲାପଟପ୍ ଓ ଫୋନ୍ ଜବତ କରି ତଦନ୍ତ ଜାରି ରଖିଛି ।

## ଭେନେଜୁଏଲାରୁ ପରମାଣୁ ସାମଗ୍ରୀ ହଟାଇଲା ଆମେରିକା

ୱାସିଂଟନ, ୯ ।୫(ଏଜେନ୍ସି): ଆମେରିକା ସଫଳତାର ସହ ଭେନେଜୁଏଲାରୁ ୧୩.୫ କିଲୋଗ୍ରାମ 'ଉଚ୍ଚ ସମୃଦ୍ଧ ୟୁରାନିୟମ' (ହାଇଲି ଏନ୍‌ରିଚ୍‌ଡ ୟୁରାନିୟମ) ହଟାଇ ନିଜ ଦେଶକୁ ନେଇଛି । ଏହି ପରମାଣୁ ସାମଗ୍ରୀ ଭେନେଜୁଏଲାର ଏକ ପୁରୁଣା ଗବେଷଣା କେନ୍ଦ୍ରରେ ଦୀର୍ଘ ବର୍ଷ ଧରି ଗଚ୍ଛିତ ଥିଲା । ଆମେରିକା, ବ୍ରିଟେନ, ଭେନେଜୁଏଲା ଏବଂ ଆନ୍ତର୍ଜାତୀୟ ପରମାଣୁ ଶକ୍ତି ସଂସ୍ଥା (ଆଇଏଇଏ) ର ମିଳିତ ସହଯୋଗରେ ଏହି ସମ୍ବେଦନଶୀଳ ଅଭିଯାନ ମାତ୍ର ୬ ସପ୍ତାହ ମଧ୍ୟରେ ଶେଷ ହୋଇଛି । ଦକ୍ଷିଣ ଆମେରିକା ଏବଂ ଆମେରିକାର ସୁରକ୍ଷା ପାଇଁ ଏହି ପଦକ୍ଷେପ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଇଛି । ଏହି ୟୁରାନିୟମକୁ ବର୍ତ୍ତମାନ ଆମେରିକାର ସାଉଥ୍ କାରୋଲିନାସ୍ଥିତ ପରମାଣୁ କେନ୍ଦ୍ରରେ ପ୍ରକ୍ରିୟାକରଣ କରାଯିବ । ଏହି ଅଭିଯାନ ଆମେରିକା ଏବଂ ଭେନେଜୁଏଲା ମଧ୍ୟରେ ସୁଧୁରୁଥିବା ସମ୍ପର୍କର ସୂଚନା ଦେଉଛି । ନିକଟରେ ଦୁଇ ଦେଶ ମଧ୍ୟରେ ବିମାନ ସେବା ଆରମ୍ଭ ହେବା ସହ ଆମେରିକୀୟ ଦୂତାବାସ ମଧ୍ୟ ପୁନର୍ବାର ଖୋଲାଯାଇଛି ।

## ଆଜି ୟୁପି ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ

ଲକ୍ଷ୍ନୌ, ୯ ।୫(ଏଜେନ୍ସି): ଉତ୍ତର ପ୍ରଦେଶରେ ୨୦୨୭ ବିଧାନସଭା ନିର୍ବାଚନ ପାଇଁ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ । ସମସ୍ତ ଜାତି ଏବଂ ଆଞ୍ଚଳିକ ସମୀକରଣକୁ ସଜାଡ଼ିବା ପାଇଁ ରବିବାର ସନ୍ଧ୍ୟାରେ ରାଜ୍ୟ ମନ୍ତ୍ରୀମଣ୍ଡଳର ସମ୍ପ୍ରସାରଣ ହେବାକୁ ଯାଉଛି । ସୂତ୍ର ଅନୁଯାୟୀ, ଅତି କମରେ ୬ ଜଣ ନୂଆ ମନ୍ତ୍ରୀ ଯୋଗୀ କ୍ୟାବିନେଟରେ ସାମିଲ ହୋଇପାରନ୍ତି । ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏଥିପାଇଁ ରାଜ୍ୟପାଳ ଆନନ୍ଦୀବେନ ପଟେଲଙ୍କୁ ଭେଟି ଆଲୋଚନା କରିସାରିଛନ୍ତି । ୨୦୨୪ ଲୋକସଭା ନିର୍ବାଚନରେ ବିଜେପି ଉତ୍ତର ପ୍ରଦେଶରେ କିଛି ଆସନ ହରାଇଥିଲା । ଏବେ ସେହି କ୍ଷତିକୁ ଭରଣା କରିବା ଏବଂ ବିଭିନ୍ନ ସମ୍ପ୍ରଦାୟର ନେତାଙ୍କୁ ସରକାରରେ ସ୍ଥାନ ଦେଇ ସାମାଜିକ ସନ୍ତୁଳନ ରକ୍ଷା କରିବା ପାଇଁ ବିଜେପି ଏହି ରଣନୀତି ଆପଣାଇଛି । ବର୍ତ୍ତମାନ ୟୁପି ସରକାରରେ ୫୪ ଜଣ ମନ୍ତ୍ରୀ ଅଛନ୍ତି ଏବଂ ସର୍ବାଧିକ ୬୦ ଜଣ ମନ୍ତ୍ରୀ ରହିପାରିବେ ।

## ବଙ୍ଗରେ ଟିଏମ୍‌ସିର ଶୋଭନଦେବ ଚଟ୍ଟୋପାଧ୍ୟାୟ ହେବେ ବିରୋଧୀ ଦଳ ନେତା

ପଶ୍ଚିମବଙ୍ଗ, ୯।୫(ଏଜେନ୍ସି): ପଶ୍ଚିମବଙ୍ଗରେ ୧୫ ବର୍ଷର ତୃଣମୂଳ କଂଗ୍ରେସ (ଟିଏମ୍‌ସି)ର ଶାସନର ଅନ୍ତ ଘଟାଇ ବିଜେପି ନେତା ଶୁଭେନ୍ଦୁ ଅଧିକାରୀ ରାଜ୍ୟର ପ୍ରଥମ ବିଜେପି ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି । ନିର୍ବାଚନରେ



ପରାଜୟ ପରେ ମମତା ବାନାର୍ଜୀ ନିଜ ସୋସିଆଲ ମିଡିଆ ପ୍ରୋଫାଇଲରୁ ମୁଖ୍ୟମନ୍ତ୍ରୀ ପଦବୀ ହଟାଇ ଦେଇଛନ୍ତି । ଟିଏମ୍‌ସି ପକ୍ଷରୁ ବରିଷ୍ଠ ନେତା ଶୋଭନଦେବ ଚଟ୍ଟୋପାଧ୍ୟାୟଙ୍କୁ ବିଧାନସଭାର ବିରୋଧୀ ଦଳ ନେତା (ଏଲ୍‌ଓପି) ଭାବେ ନିଯୁକ୍ତ କରାଯାଇଛି । ଏଥିସହ ଆସିମା ପାତ୍ର ଓ ନୟନା ବନ୍ଦୋପାଧ୍ୟାୟଙ୍କୁ ଉପ-ବିରୋଧୀ ଦଳ ନେତା ଏବଂ ଫିରହାଦ ହାକିମଙ୍କୁ ମୁଖ୍ୟ ସଚେତକ ଭାବେ ଦାୟିତ୍ୱ ଦିଆଯାଇଛି । ୮୨ ବର୍ଷିୟ ଶୋଭନଦେବ ୨୮ ବର୍ଷ ଧରି ଦଳ ପାଇଁ କାର୍ଯ୍ୟ କରିଆସିଛନ୍ତି ।

# ଏସ୍‌ଆଇଆର୍ ପର୍ଯ୍ୟବେକ୍ଷକ ଏବେ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା



କୋଲକାତା, ୯।୫(ଏଜେନ୍ସି): ଯେଉଁ ଏସଆଇଆର (ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ) ବିବାଦ ମଧ୍ୟରେ ପଶ୍ଚିମ ବଙ୍ଗ ବିଧାନସଭା ନିର୍ବାଚନ ହୋଇଥିଲା, ସେହି ଏସ୍‌ଆଇଆର୍ ସହ ସଂପୃକ୍ତ ଜଣେ ଅଧିକାରୀଙ୍କୁ ପୁରସ୍କୃତ କରାଯାଇଛି । ରାଜ୍ୟର ପ୍ରଥମ ବିଜେପି ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଥିବା ଶୁଭେନ୍ଦୁ ଅଧିକାରୀ ଆଜି ତାଙ୍କୁ ପୁରସ୍କୃତ କରିଛନ୍ତି । ଏହି ଅଧିକାରୀ ଜଣକ ହେଲେ ୧୯୯୦ ବ୍ୟାଚ୍‌ର ଅବସରପ୍ରାପ୍ତ ଆଇଏଏସ୍ ସୁବ୍ରତ ଗୁପ୍ତା । ବିରୋଧୀ ଦଳଙ୍କ ପ୍ରବଳ ବିରୋଧ ମଧ୍ୟରେ ହୋଇଥିବା ଏସଆଇଆର୍ ପ୍ରକ୍ରିୟା ବେଳେ ଭାରତର ନିର୍ବାଚନ କମିସନ ଗୁପ୍ତାଙ୍କୁ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ କରିଥିଲେ । ଶୁଭେନ୍ଦୁ ଅଧିକାରୀ ଆଜି ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବା ମାତ୍ରେ ଗୁପ୍ତାଙ୍କୁ ତାଙ୍କର ପରାମର୍ଶଦାତା ଭାବେ ନିଯୁକ୍ତ କରିଛନ୍ତି । ତାଙ୍କର ଏହି ନିଯୁକ୍ତି ନେଇ ବିରୋଧୀ ଦଳଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଛି । ସେମାନେ ଅଭିଯୋଗ କରିଛନ୍ତି ଏସଆଇଆର ଜରିଆରେ ନିର୍ବାଚନ କମିସନ ରାଜ୍ୟରେ ୯୦ ଲକ୍ଷରୁ ଅଧିକ ଭୋଟରଙ୍କ ନାମ କାଟିଦେଇଥିଲେ । ଏହାକୁ ଆଧାର କରି ରାଜ୍ୟରେ ବିଜେପି କ୍ଷମତା ଦଖଲ କରିଛି । ଏଥିରେ ବିଜେପିକୁ ସହାୟତା କରିଥିବାରୁ ଏହି ଅଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ ନିଯୁକ୍ତି ଦେଇ ତାହାର ପ୍ରମାଣ ଦେଇଥିବା ସେମାନେ କହିଛନ୍ତି ।

# ପରାଜୟ ସ୍ୱୀକାର କଲେ ମମତା; ବଦଳାଇଲେ 'ଏକ୍ସ' ବାୟୋ

କୋଲକାତା, ୯ ।୫(ଏଜେନ୍ସି): ଦୁଇ ଦଶନ୍ଧିର ରାଜନୈତିକ ସମୀକରଣରେ ଏକ ବଡ଼ ପରିବର୍ତ୍ତନର ସଙ୍କେତ ମିଳିଛି । ପଶ୍ଚିମବଙ୍ଗର ପୂର୍ବତନ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ନିଜର ସୋସିଆଲ ମିଡିଆ ପ୍ରୋଫାଇଲ୍ ବଦଳାଇ ପରୋକ୍ଷରେ ନିଜର ପରାଜୟ ସ୍ୱୀକାର କରିଥିବା ଚର୍ଚ୍ଚା ହେଉଛି । ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ଭାରତୀୟ ଜନତା ପାର୍ଟି (ବିଜେପି) ର ବିପୁଳ ବିଜୟ ପରେ ମଧ୍ୟ ମମତା ବାନାର୍ଜୀ ଇସ୍ତଫା ଦେବାକୁ ମନା କରିଥିଲେ । ମାତ୍ର ଆଜି ସକାଳେ ନିଜର ସୋସିଆଲ ମିଡିଆ ଆକାଉଣ୍ଟ 'ଏକ୍ସ' (ପୂର୍ବରୁ ଟ୍ୱିଟର) ରେ କରିଥିବା ପରିବର୍ତ୍ତନ ଏବେ ସବୁଠି ଆଲୋଚନାର ବିଷୟ ପାଲଟିଛି । ମମତା ବାନାର୍ଜୀ ନିଜ ବାୟୋରେ ପୂର୍ବରୁ ଥିବା 'ମାନ୍ୟବର ମୁଖ୍ୟମନ୍ତ୍ରୀ, ପଶ୍ଚିମବଙ୍ଗ' ହଟାଇ ଏବେ 'ମୁଖ୍ୟମନ୍ତ୍ରୀ (୧୫ଶ, ୧୬ଶ ଏବଂ ୧୭ଶ ବିଧାନସଭା)' ବୋଲି



ଲେଖିଛନ୍ତି । ଏହାର ଅର୍ଥ ସେ ନିଜକୁ କେବଳ ପୂର୍ବତନ ତିନୋଟି ପାଳିର ମୁଖ୍ୟମନ୍ତ୍ରୀ ଭାବେ ଦର୍ଶାଇଛନ୍ତି । ଶନିବାର ପଶ୍ଚିମବଙ୍ଗରେ ବିଜେପିର ପ୍ରଥମ ମୁଖ୍ୟମନ୍ତ୍ରୀ ଭାବେ ଶୁଭେନ୍ଦୁ ଅଧିକାରୀ ଶପଥ ଗ୍ରହଣ କରୁଥିବା ବେଳେ ମମତାଙ୍କର ଏହି ପଦକ୍ଷେପକୁ 'ପରାଜୟ ସ୍ୱୀକାର' ବୋଲି କୁହାଯାଉଛି । ୨୯୪ ଆସନ ବିଶିଷ୍ଟ ବିଧାନସଭାରେ ବିଜେପି ୨୦୭ଟି ଆସନ ପାଇଥିବା ବେଳେ ତୃଣମୂଳ କଂଗ୍ରେସ ମାତ୍ର ୮୦ଟି ଆସନରେ ସୀମିତ ରହିଛି । ମମତା ବାନାର୍ଜୀ ପୂର୍ବରୁ ନିର୍ବାଚନରେ କୌଣସି ପ୍ରକାର ଚକ୍ରାନ୍ତ ହୋଇଥିବା ଅଭିଯୋଗ କରି ଇସ୍ତଫା ଦେବେ ନାହିଁ ବୋଲି ଜିଦ୍ ଧରିଥିଲେ । ମାତ୍ର ସୋସିଆଲ ମିଡିଆରେ ଏହି ପରିବର୍ତ୍ତନ ପରେ ରାଜ୍ୟରେ ୧୫ ବର୍ଷର ଟିଏମସି ଶାସନର ଅନ୍ତ ଘଟିଥିବା ଏବେ ସ୍ପଷ୍ଟ ଜଣାପଡୁଛି ।

# ପରିବେଶ ସୁରକ୍ଷା ପାଇଁ ଅଣ୍ଟା ଭିଡ଼ିଲେ ଗୋଆ ସରକାର

**୮୨ ଲକ୍ଷ ବର୍ଗ ମିଟର ଅଞ୍ଚଳରେ ନିର୍ମାଣ ନିଷେଧ**

ପାଣାଜୀ, ୯ ।୫(ଏଜେନ୍ସି): ଗୋଆର ପ୍ରାକୃତିକ ସୌନ୍ଦର୍ଯ୍ୟ ଏବଂ ସନ୍ତୁଳିତ ପରିବେଶକୁ ବଜାୟ ରଖିବା ପାଇଁ ରାଜ୍ୟ ସରକାର ଏକ ଦୃଢ଼ ନିଷ୍ପତ୍ତି ଗ୍ରହଣ କରିଛନ୍ତି । ପାହାଡ଼ କଟା ରୋକିବା ଏବଂ ଜଳବାୟୁ ପରିବର୍ତ୍ତନର ମୁକାବିଲା ପାଇଁ ପ୍ରାୟ ୮୨ ଲକ୍ଷ ବର୍ଗ ମିଟରରୁ ଅଧିକ ଜମିକୁ 'ନିର୍ମାଣ ନିଷିଦ୍ଧ ବଳୟ' (ନୋ ଡେଭ୍‌ଲପମେଣ୍ଟ ଜୋନ୍) ଭାବେ ଘୋଷଣା କରାଯାଇଛି । ନଗର ଓ ଗ୍ରାମ୍ୟ ଯୋଜନା ବିଭାଗ (ଟିସିପି) ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ମାଜୋର୍ଡା ଓ ଗୋନସୁଆ ଭଳି ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳରେ ଏହି ନିୟମ କାର୍ଯ୍ୟକାରୀ ହେବ । ଅତ୍ୟଧିକ ସହରୀକରଣ ଯୋଗୁଁ ଗୋଆର ପାହାଡ଼ ଏବଂ ସବୁଜିମା ନଷ୍ଟ ହେଉଥିବାରୁ ସ୍ଥାନୀୟ ବାସିନ୍ଦା ଦୀର୍ଘ ଦିନରୁ ଉଦବେଗ ପ୍ରକାଶ କରିଆସୁଥିଲେ । ଏହି ନୂତନ ନିୟମ ଅନୁସାରେ, ଚିହ୍ନିତ ଅଞ୍ଚଳରେ କୌଣସି ପ୍ରକାର ନୂତନ ନିର୍ମାଣ କାର୍ଯ୍ୟ କିମ୍ବା ପାହାଡ଼ ସମତଳ କରାଯାଇପାରିବ ନାହିଁ । ଏଥିସହିତ, କେନ୍ଦ୍ର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ପକ୍ଷରୁ ମାଣ୍ଡୋଭି ଏବଂ ଜୁଆରୀ ନଦୀ କୂଳବର୍ତ୍ତୀ ପ୍ରାୟ ୬.୭୨ କୋଟି ବର୍ଗ ମିଟର ଅଞ୍ଚଳକୁ 'ପରିବେଶ ସମ୍ବେଦନଶୀଳ ବଳୟ' ଭାବେ ମାନ୍ୟତା ପ୍ରଦାନ କରାଯାଇଛି । ଜଙ୍ଗଲ ମନ୍ତ୍ରୀ ବିଶ୍ୱଜିତ ରାଣେ କହିଛନ୍ତି ଯେ, ନଦୀକୂଳବର୍ତ୍ତୀ ଦୁର୍ବଳ ପରିସଂସ୍ଥାର ସୁରକ୍ଷା ପାଇଁ ଏହା ଅପରିହାର୍ଯ୍ୟ ଥିଲା । କେବଳ ପାହାଡ଼ ନୁହେଁ, ବରଂ ଧାନ କ୍ଷେତ ଏବଂ ଖାଲୁଆ ଜମିଗୁଡ଼ିକୁ ମଧ୍ୟ ଏହି ନିଷିଦ୍ଧ ବଳୟ ଅନ୍ତର୍ଭୁକ୍ତ କରିବାକୁ ସରକାର ଯୋଜନା କରୁଛନ୍ତି । ଏହାଦ୍ୱାରା କୃଷି ଜମିର ଅପବ୍ୟବହାର ରୋକାଯାଇପାରିବ ଏବଂ ରାଜ୍ୟର ସବୁଜିମାକୁ ଆଗାମୀ ପିଢ଼ି ପାଇଁ ସୁରକ୍ଷିତ ରଖାଯାଇପାରିବ । ବିକାଶ ନାମରେ ପ୍ରକୃତିର ବିନାଶକୁ ରୋକିବା ପାଇଁ ଗୋଆ ସରକାରଙ୍କ ଏହି ପଦକ୍ଷେପ ଅତ୍ୟନ୍ତ ପ୍ରଶଂସନୀୟ । ଏହା କେବଳ ପରିବେଶ ସନ୍ତୁଳନ ରକ୍ଷା କରିବ ନାହିଁ, ବରଂ ବାରମ୍ବାର ଘଟୁଥିବା ଭୂସ୍ଖଳନ ଏବଂ ପ୍ରାକୃତିକ ବିପର୍ଯ୍ୟୟରୁ ରାଜ୍ୟକୁ ରକ୍ଷା କରିବାରେ ସହାୟକ ହେବ ।

# ଅଗ୍ନି କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ

ବାଲେଶ୍ୱର, ୯।୫ (ସମିସ): ଭାରତର ପ୍ରତିରକ୍ଷା ବିଭାଗ ଦେଶର ସୁରକ୍ଷା ରଣନୈତିକ କ୍ଷମତାରେ ଆଉ ଏକ ଐତିହାସିକ ସଫଳତା ହାସଲ କରିଛି। ଓଡ଼ିଶା ଉପକୂଳର ଡକ୍ଟର ଏ.ପି.ଜେ ଅବଦୁଲ କଲାମ ଦୀପରୁ ମଲ୍ଟିପଲ୍ ଇଣ୍ଡିପେଣ୍ଡେଣ୍ଟ୍‌ଲି ଟାର୍ଗେଟେଡ୍ ରି-ଏଣ୍ଟ୍ରି ଭେଇକଲ୍ (ଏମ୍‌ଆଇଆରଭି)ରୁ ଅଗ୍ନି କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ କରାଯାଇଛି। ଏହି ପରୀକ୍ଷଣ ସମୟରେ କ୍ଷେପଣାସ୍ତ୍ରରେ ଏକାଧିକ ୱାରହେଡ୍ ସଂଯୋଜିତ ହୋଇଥିଲା। ଏହି ୱାରହେଡ୍‌ଗୁଡ଼ିକ ଭାରତ ମହାସାଗର ଅଞ୍ଚଳର



ବିସ୍ତୃତ ଭୌଗୋଳିକ କ୍ଷେତ୍ରରେ ଥିବା ଭିନ୍ନଭିନ୍ନ ଲକ୍ଷ୍ୟକୁ ସଫଳତାର ସହ ଭେଦ କରିଥିଲା। ଏଥିପାଇଁ ଦୁଇଦିନ ପୂର୍ବରୁ ବଙ୍ଗୋପସାଗର ଓ ଭାରତ ମହାସାଗର ଅଞ୍ଚଳରେ ଉଡ଼ାଣ ନିଷିଦ୍ଧ ସୂଚନା (ନୋଟାମ) ପ୍ରଦାନ କରାଯାଇଥିଲା। ଏକୀକୃତ ପରୀକ୍ଷଣ କେନ୍ଦ୍ର(ଆଇଟିଆର) ଦ୍ୱାରା ନିୟୋଜିତ ଅନେକ ଭୂମିଭିତ୍ତିକ ଏବଂ ବଙ୍ଗୋପସାଗରରେ ଜାହାଜ-ଆଧାରିତ ଟେଲିମେଟ୍ରି ଓ ଟ୍ରାକିଂ ସିଷ୍ଟମ୍ ମାଧ୍ୟମରେ ପରୀକ୍ଷଣ ଆରମ୍ଭରୁ ସମସ୍ତ ୱାରହେଡ୍ ଲକ୍ଷ୍ୟଭେଦ କରିବା ପର୍ଯ୍ୟନ୍ତ ସମଗ୍ର ପ୍ରକ୍ରିୟାକୁ ଟ୍ରାକ୍ କରାଯାଇଥିଲା। ଏହି ପରୀକ୍ଷଣ ପାଇଁ ନିର୍ଦ୍ଧାରିତ ସମସ୍ତ ମିଶନ୍ ଲକ୍ଷ୍ୟ ସଫଳତାର ସହ ପୂରଣ ହୋଇଥିବା ଉଡ଼ାଣ ତଥ୍ୟରୁ ସୂଚନା ମିଳିଛି ବୋଲି ପ୍ରତିରକ୍ଷା ବିଭାଗ ପକ୍ଷରୁ ଜାରି ପ୍ରେସ ବିଜ୍ଞପ୍ତିରେ କୁହାଯାଇଛି।

ଏହି ସଫଳ ପରୀକ୍ଷଣ ପରେ ଏକକ କ୍ଷେପଣାସ୍ତ୍ର ବ୍ୟବସ୍ଥା ଦ୍ୱାରା ଏକାଧିକ ଗୁରୁତ୍ୱପୂର୍ଣ୍ଣ ଲକ୍ଷ୍ୟକୁ ଏକସଙ୍ଗେ ଆକ୍ରମଣ କରିବାର କ୍ଷମତା ଭାରତ ପୁଣିଥରେ ପ୍ରଦର୍ଶନ କରିଛି। ଏମ୍‌ଆଇଆରଭି ଜ୍ଞାନକୌଶଳ ଓ ପ୍ରଯୁକ୍ତିକୁ ବିଶ୍ୱର ଅତ୍ୟାଧୁନିକ କ୍ଷେପଣାସ୍ତ୍ର ବ୍ୟବସ୍ଥା ମଧ୍ୟରେ ଗଣାଯାଏ। ଏହା ମାଧ୍ୟମରେ ଏକ କ୍ଷେପଣାସ୍ତ୍ର ଏକାଧିକ ଲକ୍ଷ୍ୟକୁ ସ୍ୱତନ୍ତ୍ର ଭାବେ ଆକ୍ରମଣ କରିପାରେ। ଭାରତର ଏହି ସଫଳ ପରୀକ୍ଷଣ ଦେଶର ରଣନୈତିକ ଓ

**ଏକସଙ୍ଗେ ଏକାଧିକ ଲକ୍ଷ୍ୟଭେଦରେ ସମର୍ଥ**

ପ୍ରତିରକ୍ଷା କ୍ଷମତାକୁ ନୂଆ ଶକ୍ତି ପ୍ରଦାନ କରିଛି। ଏହି ମିସାଇଲ୍ ବ୍ୟବସ୍ଥାକୁ ଦେଶର ବିଭିନ୍ନ ଶିଳ୍ପସଂସ୍ଥାଙ୍କ ସହଯୋଗରେ ପ୍ରତିରକ୍ଷା ଗବେଷଣା ଓ ଉନ୍ନୟନ ସଂସ୍ଥାନ (ଡିଆରଡିଓ)ର ବିଭିନ୍ନ ପରୀକ୍ଷାଗାର ଦ୍ୱାରା ବିକଶିତ କରାଯାଇଛି।

ପରୀକ୍ଷଣ ସମୟରେ ଡିଆର୍‌ଡିଓର ବରିଷ୍ଠ ବୈଜ୍ଞାନିକ ଓ ଭାରତୀୟ ସେନାର ଅଧିକାରୀମାନେ ଉପସ୍ଥିତ ଥିଲେ। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଏହି ସଫଳ ପରୀକ୍ଷଣ ପାଇଁ ଭାରତୀୟ ସେନା ଏବଂ ଏଥିରେ ଜଡ଼ିତ ଶିଳ୍ପ ସଂସ୍ଥାଗୁଡ଼ିକୁ ଅଭିନନ୍ଦନ ଜଣାଇଛନ୍ତି। ସେହିପରି ପ୍ରତିରକ୍ଷା ଗବେଷଣା ଓ ବିକାଶ ବିଭାଗର ସଚିବ ଏବଂ ଡିଆର୍‌ଡିଓ ଅଧ୍ୟକ୍ଷ ଡକ୍ଟର ସମୀର ଭି କାମତ ମଧ୍ୟ ସଫଳ ପରୀକ୍ଷାରେ ଜଡ଼ିତ ବୈଜ୍ଞାନିକ ଓ ପ୍ରାୟୋଗିକ ଦଳକୁ ଅଭିନନ୍ଦନ ଜଣାଇଛନ୍ତି।

# ୧୧ରୁ ପୁଣି ଭିତର ରତ୍ନଭଣ୍ଡାର ଗଣତି

ପୁରୀ, ୯।୫ (ସମିସ): ପୁଣି ଗଣତି ହେବ ମହାପ୍ରଭୁଙ୍କ ରତ୍ନ ଅଳଙ୍କାର। ଆସନ୍ତା ୧୧ତାରିଖରୁ ଭିତର ରତ୍ନଭଣ୍ଡାରର ଅଳଙ୍କାର ଗଣତି ଆରମ୍ଭ ହେବ ବୋଲି ସୂଚନା ଦେଇଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ। ଶନିବାର ଚକଡେରା ନୀତି ଅବସରରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଡ. ପାଢ଼ୀ କହିଛନ୍ତି, ଆସନ୍ତା ୧୧ ଓ ୧୨ତାରିଖ ଦୁଇଦିନ ଧରି ଭିତର ରତ୍ନଭଣ୍ଡାରରେ ଥିବା ଅଳଙ୍କାର ଗଣତି କରାଯିବ। ରାଜ୍ୟ ସରକାରଙ୍କ ମାର୍ଗଦର୍ଶିକା ଅନୁସାରେ ଏହି ଗଣତି କରାଯିବ। ଦୁଇ ଦିନ ଗଣତି ପରେ ପୁନଶ୍ଚ କେଉଁଦିନ ଗଣତି ହେବ, ତାହା ନୀତିକାନ୍ତିକୁ ଦୃଷ୍ଟିରେ ରଖି ଧାର୍ଯ୍ୟ କରାଯିବା ପରେ ଜଣାଇ ଦିଆଯିବ। ବାହାର ଚନ୍ଦନ ଯାତ୍ରା ପାଇଁ ଗଣତି କାର୍ଯ୍ୟ ସ୍ଥଗିତ ରଖାଯାଇଥିଲା। ଶ୍ରୀକ୍ଷେତ୍ର ଭଉଁରୀ ଅବସରରେ ବାହାର ଚନ୍ଦନ ଯାତ୍ରାର ଅନ୍ତିମ ଦିବସ ଏବଂ ରବିବାର ଠାକୁରଙ୍କ ହଳଦୀ ପାଣି ନୀତି ରହିଛି। ଏଣୁ ଠାକୁରଙ୍କ ନୀତିକାନ୍ତିରେ ଯେଭଳି କୌଣସି ସମସ୍ୟା ସୃଷ୍ଟି ହେବ ନାହିଁ, ତାହାକୁ ଗୁରୁତ୍ୱ ଦିଆଯାଇ ଗଣତିମଣତି କରାଯାଉଛି। ତେବେ ଏହି କାର୍ଯ୍ୟ କେବେ ଶେଷ ହେବ, ତାହା କହିହେବ ନାହିଁ। କାରଣ ଠାକୁରଙ୍କ ନୀତିକାନ୍ତିକୁ ଦେଖି ଗଣତି ତାରିଖ ସ୍ଥିର କରାଯାଉଛି ବୋଲି କହିଛନ୍ତି ମୁଖ୍ୟ ପ୍ରଶାସକ। ଏସ୍‌ଓପି ଅନୁସାରେ ସମସ୍ତ କାର୍ଯ୍ୟ କରାଯାଉଛି। ମହାପ୍ରଭୁଙ୍କ ଆଶୀର୍ବାଦରୁ ସବୁ କିଛି ସୁରୁଖୁରୁରେ ଚାଲିଛି। ବାକି ଯାହା ବି କାମ ଅଛି ଠିକ୍ ଭାବେ ହେବ। ସମ୍ପୂର୍ଣ୍ଣ ସ୍ୱଚ୍ଛତାର ସହ ଏବଂ ଅନୁମୋଦିତ ବ୍ୟବସ୍ଥାବଳୀ ଅନୁଯାୟୀ କରାଯାଉଛି। ଠିକ୍ ସମୟରେ ନିର୍ଦ୍ଧାରିତ ଢଙ୍ଗରେ ସମାପିତ ହେବ ବୋଲି ଆଶା କରିବା କହିଛନ୍ତି ମୁଖ୍ୟ ପ୍ରଶାସକ ଡ. ପାଢ଼ୀ।

## ରାଜ୍ୟ ସରକାରଙ୍କୁ ବିଜେଡିର ତୀବ୍ର ସମାଲୋଚନା

# ଅରାଜକତା ଆଡ଼କୁ ଗତି କରୁଛି ଓଡ଼ିଶା

ଭୁବନେଶ୍ୱର, ୯।୫(ସମିସ): ରାଜ୍ୟରେ ଦିନକୁ ଦିନ ହିଂସାକାଣ୍ଡ ବୃଦ୍ଧି ପାଇବାରେ ଲାଗିଛି। ଗତ ୧୦ ଦିନର ଘଟଣାକୁ ଅନୁଧ୍ୟାନ କଲେ, ରାଜ୍ୟରେ ଆଇନଶୃଙ୍ଖଳା ସ୍ଥିତି ଉତ୍ତର ପ୍ରଦେଶ, ବିହାରକୁ ଟପିଗଲାଣି କହି ବିଜେପି ସରକାରକୁ କଡ଼ା ସମାଲୋଚନା କରିଛି ବିଜେଡି।

ଶନିବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ସାଧାରଣ ସମ୍ପାଦିକା ଡ. ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି ଯେ ଗତ ୧୦ ଦିନ ଭିତରେ ଘଟିଥିବା ହତ୍ୟା ଓ ହିଂସାକାଣ୍ଡ ଘଟଣାରୁ ରାଜ୍ୟରେ ଯେମିତି ଆଇନର ଶାସନ ନଥିବା ଭଳି ସାଧାରଣ ଜନତା ଅନୁଭବ କରୁଛନ୍ତି। ଢେଙ୍କାନାଳରେ ଦଳିତ ମହିଳାଙ୍କୁ ଦୁଷ୍କର୍ମ ପରେ ହତ୍ୟା ଉଦ୍ୟମ, ହିଞ୍ଜିଳିରେ ୩ ବର୍ଷର ଝିଅ ସାମ୍ନାରେ ତାର ଗର୍ଭବତୀ ମାଆକୁ ହତ୍ୟା, କଣାସରେ ଯୁବକଙ୍କୁ ସ୍ପଷ୍ଟ ଦିବାଲୋକରେ ହତ୍ୟା ଉଦ୍ୟମ, ନିକଟରେ ବାଲିଅନ୍ତାରେ ଜିଆରପି କନଷ୍ଟେବଲ ସୌମ୍ୟ ସ୍ୱାଇଁଙ୍କୁ ହତ୍ୟା ଘଟଣା ସୂଚାଉଛି, ଏହି ରାଜ୍ୟରେ ଆଇନ ଶୃଙ୍ଖଳା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। ସୌମ୍ୟଙ୍କ ମାଆଙ୍କ ଅଭିଯୋଗ ଅନୁସାରେ ତାଙ୍କ ପୁଅ ଜଣେ ପୁଲିସ ଏଡିଜିଙ୍କ ଜିମରେ ଟ୍ରେନର ଭାବେ କାମ କରୁଥିଲେ। ସେହି ଏଡିଜିଙ୍କର ସମଗ୍ର ଭୁବନେଶ୍ୱରର ଅନେକ ସ୍ଥାନରେ ଜିମ୍ ବ୍ୟବସାୟ ଥିଲା। ଏତଦବ୍ୟତୀତ ତାଙ୍କର ଟ୍ରକ ବ୍ୟବସାୟ



ଥିଲା। ଏହି କଥା କ’ଣ ପୁଲିସ ମହାନିର୍ଦ୍ଦେଶକ ଜାଣିପାରୁ ନଥିଲେ ? ଯଦି ରାଜ୍ୟର କର୍ତ୍ତବ୍ୟରତ ପୁଲିସମାନେ ବ୍ୟବସାୟରେ ଲିପ୍ତ ରୁହନ୍ତି, ତେବେ ରାଜ୍ୟରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହେବା ସ୍ୱାଭାବିକ। ଡ. ସାମନ୍ତସିଂହାର ଆହୁରି କହିଥିଲେ ଯେ ଗତକାଲି ମାତ୍ର ୨୦ ହଜାର ଟଙ୍କା ପାଇଁ ସେହି ବାଲିଅନ୍ତା ଅଞ୍ଚଳରେ ଜଣେ ଯୁବକଙ୍କୁ ପଥରରେ ଛେଚି ହତ୍ୟା କରାଯାଇଛି। ଏ ସମସ୍ତ ଅପରାଧରେ ସଂଶ୍ଳିଷ୍ଟ ଥିବା ମୁଖ୍ୟ ଆସାମୀମାନଙ୍କୁ ଏ ପର୍ଯ୍ୟନ୍ତ ପୁଲିସ ଗିରଫ କରିବାରେ ବିଫଳ ହୋଇଛି।

- ରାଜ୍ୟରେ ଦିନକୁ ଦିନ ବୃଦ୍ଧି ପାଉଛି ହିଂସା ଘଟଣା
- ଶାନ୍ତିପ୍ରିୟ ଓଡ଼ିଶା ଅଶାନ୍ତରେ ପରିଣତ ହେଲାଣି
- ମହିଳା ବିରୋଧୀ ଅପରାଧକୁ ରୋକିବାରେ ସରକାର ବିଫଳ
- ଅପରାଧୀଙ୍କୁ ସରକାର ରାଜନୈତିକ ସୁରକ୍ଷା ଦେଉଛନ୍ତି

ଏଥିରୁ ସ୍ପଷ୍ଟ ଜଣାପଡୁଛି ଯେ ଏହି ଅପରାଧୀମାନେ ସରକାରଙ୍କ ରାଜନୈତିକ ସୁରକ୍ଷା ବଳୟ ଭିତରେ ରହୁଛନ୍ତି। ଯେଉଁ ରାଜ୍ୟ ଶାନ୍ତିପ୍ରିୟ ରାଜ୍ୟ ଭାବେ ସମଗ୍ର ଭାରତବର୍ଷରେ ସୁନାମ ଅର୍ଜନ କରିଥିଲା, ବିଜେପି କ୍ଷମତାକୁ ଆସିବା ପରେ ସେହି ରାଜ୍ୟ ଅଶାନ୍ତରେ ପରିଣତ ହେବା ସହିତ ଅନ୍ତର୍ଜାତୀୟ ସ୍ତରରେ ନିନ୍ଦିତ ହୋଇଛି। ଆମେରିକା ଭଳି ରାଷ୍ଟ୍ର ତାଙ୍କ ନାଗରିକ ମାନଙ୍କୁ ଆଡଭାଇଜରୀ ଜାରି କରି ଓଡ଼ିଶାକୁ ନ ଯିବା ପାଇଁ ମନା କରୁଛନ୍ତି ବୋଲି ସେ କ୍ଷୋଭ ପ୍ରକାଶ କରିଥିଲେ। ଜଗତସିଂହପୁର ଜିଲ୍ଲା ବିଜେଡି ମହିଳା ସଭାନେତ୍ରୀ ଲୋରା ମହାପାତ୍ର କହିଥିଲେ ଯେ ରାଜ୍ୟରେ ବଢ଼ିଚାଲିଥିବା ହିଂସା ଓ ନାରୀ ନିର୍ଯାତନା ରୋକିବାରେ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ଗୃହ ବିଭାଗ ଦାୟିତ୍ୱରେ ଥିବା ଖୋଦ୍ ମୁଖ୍ୟମନ୍ତ୍ରୀ ଯଦି ଆଇନ ଶୃଙ୍ଖଳା ସମ୍ଭାଳି ପାରୁନାହାନ୍ତି, ତାହେଲେ ତୁରନ୍ତ ସେହି ବିଭାଗ ଅନ୍ୟ କାହାକୁ ହସ୍ତାନ୍ତର କରନ୍ତୁ। ଭାରତୀୟ ଜନତା ପାର୍ଟି ସରକାର ନିଜ ଅପାରଗତାକୁ ଲୁଚାଇବା ପାଇଁ ରାଜନୈତିକ ବୟାନବାଜି ବନ୍ଦ କରୁ ବୋଲି ସେ ଦାବି କରିଥିଲେ।

■ ହାଇକୋର୍ଟରେ ରାଷ୍ଟ୍ରୀୟ ଲୋକ ଅଦାଲତ

# ୧୧୫ଟି ମାମଲାର ସମାଧାନ, ୯.୬୮ କୋଟିର କ୍ଷତିପୂରଣ ସ୍ଥିରୀକୃତ

କଟକ, ୯।୫ (ସମିସ): ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଆଇନ ସେବା କମିଟି ଆନୁକୂଲ୍ୟରେ ଆଜି ଚଳିତ ବର୍ଷର ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ହାଇକୋର୍ଟ ମୁଖ୍ୟ ବିଚାରପତି ତଥା ରାଜ୍ୟ ଆଇନ ସେବା ପ୍ରାଧିକରଣର ମୁଖ୍ୟ ପୃଷ୍ଠପୋଷକ ଜଷ୍ଟିସ୍ ହରୀଶ ଟଣ୍ଡନଙ୍କ ମାର୍ଗଦର୍ଶନରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣର କାର୍ଯ୍ୟକାରୀ ଅଧ୍ୟକ୍ଷ ଜଷ୍ଟିସ୍ ମାନସ ରଞ୍ଜନ ପାଠକ ଏବଂ ହାଇକୋର୍ଟ ଆଇନ ସେବା କମିଟିର ଅଧ୍ୟକ୍ଷ ଜଷ୍ଟିସ୍ କୃଷ୍ଣରାମ ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଭିନ୍ନ ମାମଲାର ବିଚାର କରାଯାଇଥିଲା। ଏହି ଲୋକ ଅଦାଲତରେ ମୋଟ ୧୧୫ଟି ମାମଲାର ଫଇସଲା କରାଯାଇଛି। ଏହି ମାମଲାଗୁଡ଼ିକରେ ମୋଟ ୯କୋଟି ୬୮ଲକ୍ଷ ୧୧ ହଜାର ୩୩୪ଟଙ୍କା କ୍ଷତିପୂରଣ ଆକାରରେ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ମୁଖ୍ୟତଃ ବୀମା ଦାବି, ଚେକ୍ ବାଉନ୍ସ, ବିଦ୍ୟୁତ୍ ସମ୍ବନ୍ଧୀୟ ବିବାଦ, ଜମି ଅଧିଗ୍ରହଣ ଏବଂ ପାରିବାରିକ ମାମଲାଗୁଡ଼ିକର ସମାଧାନ କରାଯାଇଥିଲା। ମୋଟ ୮ଟି କୋର୍ଟରେ ମାମଲାଗୁଡ଼ିକର ବିଚାର କରାଯାଇଥିଲା। ଜଷ୍ଟିସ୍ ବି.ପି ରାଉତରାୟ, ଜଷ୍ଟିସ ସଂଜୀବ କୁମାର ପାଣିଗ୍ରାହୀ, ଜଷ୍ଟିସ ସାବିତ୍ରୀ ରଥ, ଜଷ୍ଟିସ ଆଦିତ୍ୟ କୁମାର.ମହାପାତ୍ର, ଜଷ୍ଟିସ ଭି.ନରସିଂହ, ଜଷ୍ଟିସ ବିରଜା ପ୍ରସନ୍ନ ଶତପଥୀ, ଜଷ୍ଟିସ୍ ଏମ୍.ଏସ୍ ରମଣ, ଜଷ୍ଟିସ ସଂଜୟ କୁମାର. ମିଶ୍ର, ଜଷ୍ଟିସ୍ ଗୌରୀଶଙ୍କର ଶତପଥୀ ଓ ଜଷ୍ଟିସ୍ ଚିତ୍ତରଂଜନ ଦାଶ ମାମଲାଗୁଡ଼ିକ ବିଚାର କରିଥିଲେ। ଏହି ଅଦାଲତରେ ନ୍ୟାସନାଲ ଇନସ୍ୟୁରାନ୍ସ, ନ୍ୟୁ ଇଣ୍ଡିଆ ଆସୁରାନ୍ସ, ଓରିଏଣ୍ଟାଲ ଇନସ୍ୟୁରାନ୍ସ ଓ ୟୁନାଇଟେଡ୍ ଇଣ୍ଡିଆ ଇନ୍‌ସ୍ୟୁରାନ୍ସ ସମେତ ବିଭିନ୍ନ ଘରୋଇ ବୀମା କମ୍ପାନୀ, ବ୍ୟାଙ୍କ ଅଧିକାରୀ, ଜମି ଅଧିଗ୍ରହଣ ଅଧିକାରୀ ଏବଂ ବିଦ୍ୟୁତ୍ ବିଭାଗର କର୍ମଚାରୀମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

## ଆଦେଶ ପାଳନରେ ଅବହେଳା ନେଇ ହାଇକୋର୍ଟଙ୍କ କଡ଼ା ଆଭିମୁଖ୍ୟ

# ସ୍କୁଲ ଓ ଗଣଶିକ୍ଷା ସଚିବଙ୍କୁ ଗିରଫ ଚେତାବନୀ

କଟକ, ୯।୫ (ସମିସ): ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ବାରମ୍ବାର ଅବମାନନା କରିବା ମାମଲାରେ ଓଡ଼ିଶା ହାଇକୋର୍ଟ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଆସନ୍ତା ୧୧ତାରିଖ, ସୋମବାର ଦିନ ଅଦାଲତଙ୍କ ପୂର୍ବନିର୍ଦ୍ଦେଶ କାର୍ଯ୍ୟକାରୀ ସମ୍ପର୍କିତ ରିପୋର୍ଟ ଦାଖଲ କରା ନଗଲେ, ସ୍କୁଲ ଓ ଗଣଶିକ୍ଷା ବିଭାଗ ସଚିବ ଗିରଫ ହୋଇପାରନ୍ତି ବୋଲି ଅଦାଲତ ଚେତାବନୀ ଦେଇଛନ୍ତି। ଏହି ମାମଲାର ଶୁଣାଣି ବେଳେ ପ୍ରତିପକ୍ଷ ବିଭାଗୀୟ ସଚିବଙ୍କୁ ଗିରଫ କରି ହାଜର କରାଇବା ପାଇଁ ପୁଲିସ ଡିଜିଙ୍କୁ ଅଦାଲତ ନିର୍ଦ୍ଦେଶ ଦେବାକୁ ଚାହିଁଥିଲେ। ତେବେ ଏଭଳି ନିର୍ଦ୍ଦେଶକୁ ସ୍ଥଗିତ ରଖି ସୋମବାର ପର୍ଯ୍ୟନ୍ତ ସମୟ ଦେବା ପାଇଁ ସରକାରୀ ଓକିଲ ଅଦାଲତଙ୍କୁ ନିବେଦନ କରିଥିଲେ। ଏହାକୁ ଦୃଷ୍ଟିରେ ରଖି ହାଇକୋର୍ଟ ଆସନ୍ତା ୧୧ ତାରିଖକୁ ମାମଲାର ପରବର୍ତ୍ତୀ ଶୁଣାଣି ସହ ଅନୁପାଳନ ରିପୋର୍ଟ ଦାଖଲ ପାଇଁ ସ୍ଥିର କରିଛନ୍ତି। ଏଥିରେ ବିଫଳ ହେଲେ ପ୍ରତିପକ୍ଷ ଅଦାଲତ ଆଦେଶ ଅବମାନନାକାରୀଙ୍କୁ ଗିରଫ ତଥା ଅଟକ ରଖାଯିବାର ଆଶଙ୍କା ରହିଛି ବୋଲି ହାଇକୋର୍ଟ କହିଛନ୍ତି। ଦୀପକ କୁମାର ବେହେରାଙ୍କ ତରଫରୁ ରୁଜୁ ଅଦାଲତ ଅବମାନନା ମାମଲାର ଶୁଣାଣି କରି ଜଷ୍ଟିସ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।

ମାମଲାରୁ ପ୍ରକାଶ ଯେ ପୁନର୍ବାସ ନିଯୁକ୍ତି ଯୋଜନା ଅଧୀନରେ ନିୟମିତ ନିଯୁକ୍ତି ପାଇଁ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ପୂର୍ବରୁ କୋର୍ଟ ଏହି ମାମଲାରେ ଆବେଦନକାରୀଙ୍କୁ ନିୟମିତ ନିଯୁକ୍ତି ସହ ସମସ୍ତ ଆର୍ଥିକ ସୁବିଧା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଦୀର୍ଘ ଦିନ ପରେ ମଧ୍ୟ ଏହି ନିର୍ଦ୍ଦେଶ କାର୍ଯ୍ୟକାରୀ ନ ହେବାରୁ ଦୀପକ ବେହେରା ଅଦାଲତ ଅବମାନନା ମାମଲା ଦାୟର କରିଥିଲେ। ଏହି ମାମଲାରେ ପ୍ରତିପକ୍ଷ ସଚିବଙ୍କୁ ଗତ ଫେବୃଆରି ୪ରେ ପୁଲିସ ନୋଟିସ୍ ଜାରି କରିଥିଲେ ହାଇକୋର୍ଟ। ଫେବୃଆରି ୨୦ରେ ଅଦାଲତ ଶେଷ ସୁଯୋଗ ପ୍ରଦାନ କରିଥିଲେ। ମାର୍ଚ୍ଚ ୧୩ରେ ନିର୍ଦ୍ଦେଶ ଅନୁପାଳନ ନ ହେବାରୁ ପ୍ରତିପକ୍ଷ ଅଧିକାରୀଙ୍କୁ ଅଦାଲତ ଗିରଫ ଚେତାବନୀ ଦେଇଥିଲେ। ତେବେ ଗତ ଏପ୍ରିଲ ୧୦ରେ ବି ନିର୍ଦ୍ଦେଶ ଅନୁପାଳନ ହୋଇନଥିଲା ବେଳେ ସରକାର ୩ସପ୍ତାହ ସମୟ ଲୋଡ଼ିଥିଲେ। ଏଥିରେ ପ୍ରତିଦିନର ବିଳମ୍ବ ପାଇଁ ସମ୍ପୃକ୍ତ ସଚିବ ନିଜ ପକେଟ୍‌ରୁ ୫ହଜାର ଟଙ୍କା ଜରିମାନା ଆକାରରେ ଆବେଦନକାରୀଙ୍କୁ ଦେବେ ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେଇ ମାମଲାରେ ପୂର୍ଣ୍ଣଚ୍ଛେଦ ପକାଇଥିଲେ। ତଥାପି ନିର୍ଦ୍ଦେଶ ଅନୁପାଳନ ନ ହେବାରୁ ଅଭିଯୋଗକାରୀ ପୁନର୍ବାର ପୂର୍ବ ଅଦାଲତ ଅବମାନନା ମାମଲା ଚଳାଇବା ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହାକୁ ଅଦାଲତ ଗୁରୁତ୍ୱର ସହ ଗ୍ରହଣ କରି ସରକାରୀ ଓକିଲଙ୍କ ଅନୁରୋଧକ୍ରମେ ସଚିବଙ୍କୁ ଶେଷ ସୁଯୋଗ ପ୍ରଦାନ କରିଛନ୍ତି।

**ଭଉଁରୀ ଯାତ**

# ନରେନ୍ଦ୍ରରେ ୨୧ ଘେରା ଚାପ ଖେଳିଲେ ମହାପ୍ରଭୁ

ପୁରୀ, ୯।୫(ସମିସ): ଶନିବାର ଥିଲା ଭଉଁରୀ ଯାତ। ମହାପ୍ରଭୁଙ୍କ ବାହାର ଚନ୍ଦନ ଯାତ୍ରାର ବିଂଶତମ ଦିବସ। ଏହି ପବିତ୍ର ତିଥିରେ ନରେନ୍ଦ୍ର ପୁଷ୍କରିଣୀରେ ନନ୍ଦା ଓ ଭଦ୍ରା ଚାପରେ ମହାପ୍ରଭୁ ୨୧ ଘେରା ପରିକ୍ରମା କରି ଜଳକ୍ରୀଡ଼ା କରିଛନ୍ତି। ରାତ୍ର ଚାପରେ ଏହା ସମ୍ପନ୍ନ ହୋଇଛି। ରବିବାର ବାହାର ଚନ୍ଦନ ଯାତ୍ରାର ଅନ୍ତିମ ଦିବସ। ଏହିଦିନ ହଳଦୀପାଣି ନୀତି ସମ୍ପନ୍ନ ହେବ।

ଶ୍ରୀକ୍ଷେତ୍ରରେ ମାନବୀୟ ଲୀଳାଖେଳା କରୁଥିବା ମହାପ୍ରଭୁ ସାଧାରଣ ମଣିଷ ପରି ପ୍ରଚଣ୍ଡ ରୌଦ୍ରତାପରୁ ରକ୍ଷା ପାଇବା ପାଇଁ ଜଳକ୍ରୀଡ଼ା କରିଥା’ନ୍ତି। ଏଥିଲାଗି ପବିତ୍ର ଅକ୍ଷୟ ତୃତୀୟାଠାରୁ ଆରମ୍ଭ ହୋଇଥିବା ୨୧ ଦିନିଆ ବାହାର ଚନ୍ଦନ ଯାତ୍ରାର ଶନିବାର ଥିଲା ୨୦ତମ ଦିବସ। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ମଧ୍ୟାହ୍ନ ଧୂପ ବଢ଼ିବା ପରେ ମହାଜନ ସେବକ ରାମକୃଷ୍ଣ ଦୁଇ ଦେବଙ୍କୁ ହାତରେ ବିଜେ କରାଇ ଆଣି ଝୁଲଣ ମଣ୍ଡପ ତଳେ ପାଲିଙ୍କିରେ ବିଜେ କରାଇଥିଲେ। ମଦନମୋହନ, ଶ୍ରୀଦେବୀ ଓ ଭୂଦେବୀଙ୍କୁ ମଣିବିମାନରେ ବିଜେ କରାଯାଇଥିଲା। ଏହାପରେ ମାଳଫୁଲ ଲାଗି ବିଜେ କାହାଳି ବାଜିଥିଲା। ବିମାନ ବଡୁମାନେ ଘଣ୍ଟ, ଛତା, କାହାଳି ସହ ମହାପ୍ରଭୁଙ୍କୁ ସିଂହଦ୍ୱାର ଦେଇ ବଡ଼ଦାଣ୍ଡକୁ ଓହ୍ଲାଇଥିଲେ। ମହାପ୍ରଭୁଙ୍କ ସହିତ ଶ୍ରୀକ୍ଷେତ୍ରର ପଞ୍ଚମହାଦେବ (ଶ୍ରୀଯମେଶ୍ୱର, ଶ୍ରୀଲୋକନାଥ,

**ଆଜି ହଳଦୀପାଣି ନୀତି**

ଶ୍ରୀନୀଳକଣ୍ଠେଶ୍ୱର, ଶ୍ରୀକପାଳମୋଚନ ଓ ଶ୍ରୀମାର୍କଣ୍ଡେଶ୍ୱର) ମଧ୍ୟ ସାମିଲ୍ ହୋଇଥିଲେ। ଆଗରେ ଥିଲେ ରାମକୃଷ୍ଣ। ରାମକୃଷ୍ଣଙ୍କ ପାଲିଙ୍କି ପଛରେ ହଲିଦୋହଲି ମଣି ବିମାନରେ ଯାଉଥିଲେ ମଦନମୋହନ, ଶ୍ରୀଦେବୀ ଓ ଭୂଦେବୀ। ତାଙ୍କ ପଛରେ ଥିଲେ ପଞ୍ଚମହାଦେବ।

ଚନ୍ଦନ ଚକଡ଼ାରେ ଠାକୁର ପହଞ୍ଚିବା ପରେ ଭିତରଛ ମହାପାତ୍ର ମହାପ୍ରଭୁଙ୍କୁ ଜଳ ଲାଗି କରିଥିଲେ। ଏହାପରେ ଦିନ ଚାପ ହୋଇଥିଲା। ନରେନ୍ଦ୍ର ପୁଷ୍କରିଣୀରେ ଠାକୁର ନନ୍ଦା ଓ ଭଦ୍ରା ଚାପରେ ଗୋଟିଏ ଘେରା ପରିକ୍ରମା କରିଥିଲେ। ଦିନ ଚାପ ସରିବା ପରେ ମହାପ୍ରଭୁ ଚନ୍ଦନ କୁଣ୍ଡକୁ ବିଜେ ହୋଇଥିଲେ। ଚନ୍ଦନ କୁଣ୍ଡରୁ ଉଠିବା ପରେ ଚନ୍ଦନ ମଣ୍ଡପ ଗୃହକୁ ବିଜେ କରିଥିଲେ। ସେଠାରେ ସାଦା ବେଶ ହୋଇ ଶୀତଳ ଭୋଗ ବଢ଼ିଥିଲା। ଏହାପରେ ମହାପ୍ରଭୁ ଜଗତି ଉପରକୁ ବିଜେ ହୋଇଥିଲେ। ସେଠାରେ ଗଜ ଉଦ୍ଧାରଣ ବେଶ ହୋଇଥିଲା। ମହାପ୍ରଭୁ ପୁନର୍ବାର ଚନ୍ଦନ ମଣ୍ଡପ ଗର୍ଭଗୃହକୁ ବିଜେ କରିଥିଲେ। ସେଠି ମାଣ୍ଡୁଆ ଭୋଗ କରାଯାଇଥିଲା। ଏହାପରେ ଠାକୁର ଜଗତି ଉପରକୁ ବିଜେ ହୋଇଥିଲେ। ସେଠାରେ ଭିତରଛ ମହାପାତ୍ର ବନ୍ଦାପନା କରିବା ସହିତ ବିଡ଼ିଆ ମଣୋହି କରିଥିଲେ। ମହାଜନ ସେବକମାନେ ରାତ୍ର ଚାପ ଲାଗି ମହାପ୍ରଭୁଙ୍କୁ ନନ୍ଦା ଓ ଭଦ୍ରା ଚାପକୁ ବିଜେ କରାଇଥିଲେ। ନନ୍ଦାରେ ମଦନମୋହନ, ଶ୍ରୀଦେବୀ, ଭୂଦେବୀ ଏବଂ ଭଦ୍ରାରେ ରାମକୃଷ୍ଣ ଓ ପଞ୍ଚମହାଦେବ ବିଜେ ହୋଇ ନରେନ୍ଦ୍ର ପୁଷ୍କରିଣୀରେ ୨୧ ଘେରା ଚାପ ଖେଳିଥିଲେ। ଚାପ ଖେଳ ସରିବା ପରେ ଠାକୁର ବାହୁଡ଼ା ବିଜେ କରିଥିଲେ।



## ମହାନଦୀ ଜଳ ବିବାଦ: ଟ୍ରିବ୍ୟୁନାଲରେ ଦାଖଲ ତଥ୍ୟକୁ ନେଇ ଜଳବିଶେଷଜ୍ଞଙ୍କ ଅସନ୍ତୋଷ

# ରିପୋର୍ଟ ବିଭ୍ରାନ୍ତିକର: ଓଡ଼ିଶାର ସ୍ୱାର୍ଥ ସହ ସାଲିସ କରାଯାଇଛି

ଭୁବନେଶ୍ୱର, ୯।୫(ସମିସ): ଗତ ୨ ତାରିଖରେ ମହାନଦୀ ଜଳ ବିବାଦ ମାମାଲାରେ ଗଠିତ ଟ୍ରିବ୍ୟୁନାଲରେ ଉଭୟ ଓଡ଼ିଶା ଏବଂ ଛତିଶଗଡ଼ ମହାନଦୀରେ ସଂଗୃହୀତ ଜଳରାଶିକୁ ନେଇ ତଥ୍ୟ ରଖିଥିଲେ। ଉଭୟ ରାଜ୍ୟର ଜଳ ସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀଙ୍କ ଦ୍ୱାରା ଯୁଗ୍ମ ସ୍ୱାକ୍ଷରିତ ରିପୋର୍ଟ ଦାଖଲ କରାଯାଇଥିବା ବେଳେ ଏହାକୁ ଉଭୟ ରାଜ୍ୟର ମୁଖ୍ୟମନ୍ତ୍ରୀ ଅନୁମୋଦନ ଦେଇଥିବା ଓଡ଼ିଶା ଆଡ୍‌ଭୋକେଟ ଜେନେରାଲ ପିତାମ୍ବର ଆଚାର୍ଯ୍ୟ ଗଣମାଧ୍ୟମକୁ ସୂଚନା ଦେଇଥିଲେ। ତେବେ ଓଡ଼ିଶା ପକ୍ଷରୁ ମହାନଦୀ ଜଳରାଶିକୁ ନେଇ ଦାଖଲ ହୋଇଥିବା ତଥ୍ୟକୁ ନେଇ କ୍ଷୋଭ ପ୍ରକାଶ କଲେଣି ଜଳ ବିଶେଷଜ୍ଞ। ଏହି ତଥ୍ୟ ବିଭ୍ରାନ୍ତିକର ଏବଂ ଏପରି ତଥ୍ୟ ଦାଖଲ କରାଯାଇ ଓଡ଼ିଶା ଓ ମହାନଦୀର ସ୍ୱାର୍ଥ ସହିତ ସାଲିସ କରାଯାଇଛି ବୋଲି ଅଗ୍ରଣୀ ମହାନଦୀ ବଞ୍ଚାଅ ଆନ୍ଦୋଳନର ଆବାହକ ସୁଦର୍ଶନ ଦାସ ଅଭିଯୋଗ କରିସାରିଛନ୍ତି। ଏପରିକି ମହାନଦୀରେ ଉପଲବ୍ଧ ଜଳରାଶିର ତଥ୍ୟକୁ ନେଇ ମୁଖ୍ୟମନ୍ତ୍ରୀଙ୍କ ସହିତ ଆଲୋଚନା ପାଇଁ ସଂଗଠନ ପକ୍ଷରୁ ଚିଠି ଲେଖାଯାଇଛି। ଯଦି ମେ ୨୦ ତାରିଖ ସୁଦ୍ଧା ମୁଖ୍ୟମନ୍ତ୍ରୀ ସଂଗଠନ ସହ ଆଲୋଚନା ନକରନ୍ତି, ତେବେ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ସାମ୍ନାରେ ଶାନ୍ତିପୂର୍ଣ୍ଣ ସତ୍ୟାଗ୍ରହ କରାଯିବ ବୋଲି ସଂଗଠନ ପକ୍ଷରୁ ସୂଚନା ଦିଆଯାଇଛି।

ସଂଗଠନ ପକ୍ଷରୁ ମୁଖପାତ୍ର ପ୍ରସନ୍ନ ବିଷୋୟୀ କହିଛନ୍ତି ଯେ ଟ୍ରିବ୍ୟୁନାଲ ନିକଟରେ ଦାଖଲ ହୋଇଥିବା ଏହି ତଥ୍ୟ ସତ୍ୟ ଉପରେ ଆଧାରିତ ନୁହଁ। ମହାନଦୀର ଉପରମୁଣ୍ଡରେ ଛତିଶଗଡ଼ ଅନେକ ନଦୀବନ୍ଧ ପ୍ରକଳ୍ପ ନିର୍ମାଣ କରିଥିବାରୁ ଓଡ଼ିଶାରେ ବିଶେଷକରି ହୀରାକୁଦରେ ଜଳ ସଙ୍କଟ ଦେଖାଦେଉଛି ବୋଲି ନିଜେ ମୁଖ୍ୟମନ୍ତ୍ରୀ ବିଧାନସଭାରେ ତଥ୍ୟ ରଖିଥିବା ବେଳେ

- ପୂର୍ବ ସରକାର ଦେଇଥିବା ତଥ୍ୟ ସହ ମେଳ ଖାଉନି ଏବର ସରକାରୀ ରିପୋର୍ଟ
- ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିବାକୁ ମହାନଦୀ ବଞ୍ଚାଅ ଆନ୍ଦୋଳନର ଦାବି
- ୨୦ ସୁଦ୍ଧା ଆଲୋଚନା ନ ହେଲେ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଆଗରେ ସତ୍ୟାଗ୍ରହ
- ମହାନଦୀ ବିବାଦରେ ସମାଧାନର ରାସ୍ତାରେ ଯାଉଛନ୍ତି ରାଜ୍ୟ ସରକାର: ଏଜି

ଟ୍ରିବ୍ୟୁନାଲ ନିକଟରେ ଯେଉଁ ତଥ୍ୟ ଦିଆଯାଇଛି ସେଥିରୁ ପ୍ରତୀୟମାନ ହେଉଛି ଯେ ମହାନଦୀରେ ଜଳାଭାବ ନାହିଁ। ତେଣୁ ଏଭଳି ତ୍ରୁଟିପୂର୍ଣ୍ଣ ତଥ୍ୟ ଦେଇ ରାଜ୍ୟ ଓ ମହାନଦୀ ପ୍ରତି ହେବାକୁ ଥିବା ଅବିଚାରକୁ ମହାନଦୀ ବଞ୍ଚାଅ ଆନ୍ଦୋଳନ ଦୃଢ଼ ବିରୋଧ କରିବ ବୋଲି ସେ କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ ଟ୍ରିବ୍ୟୁନାଲରେ ଉପସ୍ଥାପିତ ତଥ୍ୟ ଅନୁଯାୟୀ ସମଗ୍ର ମହାନଦୀର ବେସିନରେ ୬୨. ୩୬ ମିଲିୟନ ଏକର ଫୁଟ ପାଣି ଉପଲବ୍ଧ ଥିବାବେଳେ ଛତିଶଗଡ଼ ଓ ଓଡ଼ିଶା ସୀମାନ୍ତରେ ୨୮.୪୮ ଏକର ଫୁଟ, ହୀରାକୁଦ ନିକଟରେ ୩୨. ୮୩ ଓ ନରାଜ ନିକଟରେ ୫୬. ୨୯ ମିଲିୟନ ଏକର ଫୁଟ ପାଣି ଉପଲବ୍ଧ। ତେବେ ୨୦୧୮-୧୯ ମସିହାରେ ଓଡ଼ିଶା ପକ୍ଷରୁ ଟ୍ରିବ୍ୟୁନାଲରେ ଓଡ଼ିଶା ଯେଉଁ ତଥ୍ୟ ଉପସ୍ଥାପନ କରିଥିଲା, ତାହା ଏବର ତଥ୍ୟ ସହ ମେଳ ଖାଉନାହିଁ।

ସେତେବେଳେ ଛତିଶଗଡ଼ ୨୭.୪୮ ମିଲିୟନ ଏକର ଫୁଟ ପାଣି ବ୍ୟବହାର କରିବା ପାଇଁ ଦାବି କରିଥିବା ବେଳେ ଓଡ଼ିଶା ଏହି ଦାବିକୁ ଖଣ୍ଡନ କରିଥିଲା। ଓଡ଼ିଶା କହିଥିଲା ଯେ ଛତିଶଗଡ଼ରେ ମହାନଦୀ ଅବବାହିକାରେ ୨୭.୪୮ ମିଲିୟନ ଏକର ଫୁଟ ପାଣି ଉପଲବ୍ଧ ନାହିଁ। ଛତିଶଗଡ଼ ରେ ପ୍ରକୃତରେ ୨୪.୨୭ ମିଲିୟନ ଏକର ଫୁଟ ପାଣି ଉପଲବ୍ଧ ଏବଂ ସେଥିରୁ ୧୦.୮୩ ମିଲିୟନ ଏକର ଫୁଟ ପାଣି ବ୍ୟବହାର କରିବା ପାଇଁ ହକ୍‌ଦାର। ଏହାସହ ଅଣମୌସୁମୀ ସମୟରେ ଓଡ଼ିଶାକୁ ୧.୭୪ ମିଲିୟନ ଏକର ଫୁଟ ପାଣି ଛାଡିବାକୁ ଓଡ଼ିଶା ଦାବି କରିଥିଲା। ଏପରିକି ଅଣମୌସୁମୀ ଋତୁରେ ଛତିଶଗଡ଼ ମହାନଦୀର ସମସ୍ତ ପାଣି ଅଟକାଇ ଦେଇଥିବାରୁ ଓଡ଼ିଶା ଜଳସଙ୍କଟର ସମ୍ମୁଖୀନ ହେଉଛି ବୋଲି ଓଡ଼ିଶା ସରକାର ଟ୍ରିବ୍ୟୁନାଲ ଓ ସୁପ୍ରିମକୋର୍ଟରେ କ୍ଷୋଭ ପ୍ରକାଶ କରିଥିଲେ। ତେଣୁ ଏସବୁ ତଥ୍ୟ ବିଚାରକୁ ନେଲେ ବର୍ତ୍ତମାନ ସରକାର ଟ୍ରିବ୍ୟୁନାଲରେ ଦାଖଲ କରିଥିବା ତଥ୍ୟ ନିକଟ ଅତୀତରର ତଥ୍ୟ ସହ ମେଳ ଖାଉନାହିଁ; ଯାହାକୁ ନେଇ ଜଳ ବିଶେଷଜ୍ଞମାନେ କ୍ଷୋଭ ପ୍ରକାଶ କରିଛନ୍ତି।

ଅପରପକ୍ଷେ ଆଡଭୋକେଟ ଜେନେରାଲ ପିତାମ୍ବର ଆଚାର୍ଯ୍ୟ ଆଜି ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ ମହାନଦୀ ଜଳ ବିବାଦ ଆଉ ଜଟିଳ ନାହିଁ, ଆମେ ସମାଧାନର ରାସ୍ତା ଦେଇ ଯାଉଛୁ। ଓଡ଼ିଶାର ସ୍ୱାର୍ଥକୁ ସୁରକ୍ଷା ଦେଇ ବିବାଦର ସମାଧାନ ପାଇଁ ଉଦ୍ୟମ ହେଉଛି। ଜଳ ବଣ୍ଟନ ପୂର୍ବରୁ ମହାନଦୀରେ ଜଳ ରାଶି କେତେ ତାକୁ ନେଇ ରିପୋର୍ଟ ଦାଖଲ ହୋଇଛି। ଉଭୟ ରାଜ୍ୟର ଯନ୍ତ୍ରୀ ୧୫ ଥର ବୈଠକ କରି ଏକ ଜଟିଳ ବ୍ୟାପାରର ତଥ୍ୟ ଭିତ୍ତିକ ରିପୋର୍ଟ ରଖିଛନ୍ତି। ଟ୍ରିବ୍ୟୁନାଲ ଦ୍ୱାରା କୌଣସି ଜଳ ବିବାଦ ସାରା ଦେଶରେ ସମାଧାନ ହୋଇନାହିଁ। ଆପୋଷ ବୁଝାମଣା ହିଁ ଏକମାତ୍ର ମାଧ୍ୟମ। ଏହାର ସମାଧାନ ପାଇଁ ଏ ଦିଗରେ ଆମେ ଆଗକୁ ବଢ଼ୁଛୁ ବୋଲି ସେ କହିଛନ୍ତି।

# ଅନୁଦାନଯୋଗ୍ୟ ବିଦ୍ୟାଳୟକୁ ଅନୁଦାନ ଦାବି

ଭୁବନେଶ୍ୱର, ୯।୫(ସମିସ): ଅନୁଦାନ ପାଇବାକୁ ଯୋଗ୍ୟବିବେଚିତ ବିଦ୍ୟାଳୟର ଶିକ୍ଷକଙ୍କୁ ଦରମା ମିଳୁନି। ସାରା ଜୀବନ ବିନା ପାରିଶ୍ରମିକରେ ଖଟୁଥିବା ଶିକ୍ଷକଙ୍କୁ ସେମାନଙ୍କ ପ୍ରାପ୍ୟ ପ୍ରଦାନ କରିବାକୁ ଓଡ଼ିଶା ମାଧ୍ୟମିକ ବିଦ୍ୟାଳୟ ଶିକ୍ଷକ ସଂଗଠନ (ଓଷ୍ଟା) ସରକାରଙ୍କ ନିକଟରେ ଦାବି କରିଛି।

ଓଷ୍ଟାର ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାସ କହିଛନ୍ତି ଯେ ଅନୁଦାନ ପାଇବାକୁ ଯୋଗ୍ୟ ବିଦ୍ୟାଳୟଗୁଡ଼ିକ ଏଯାଏଁ ସରକାରୀ ଅନୁଦାନ ପାଇପାରି ନାହାନ୍ତି। ମାତ୍ର ଶିକ୍ଷକମାନେ ଅନବରତ ପ୍ରୟାସ କରି ଛାତ୍ରଛାତ୍ରୀଙ୍କୁ ସଫଳତାର ଶିଖରରେ ପହଞ୍ଚାଉଛନ୍ତି। ଖୋର୍ଦ୍ଧା ଜିଲ୍ଲା ବାଲିପାଟଣା ବ୍ଲକ ବାଲୁଙ୍କେଶ୍ୱର ଦେବ ବିଦ୍ୟାପୀଠ, ପମ୍ପାଲରୁ ୫ ଜଣ ଛାତ୍ରଛାତ୍ରୀ ଏ-୧ ଏବଂ ୬ ଜଣ ଏ-୨ରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିପରି ବହୁ ଛାତ୍ରଛାତ୍ରୀ ଉଲ୍ଲେଖନୀୟ ସଫଳତା ପାଇଛନ୍ତି। ଏପରି ପ୍ରଦର୍ଶନ ସତ୍ତ୍ୱେ ଶିକ୍ଷକଙ୍କୁ ଦରମା ନ ମିଳିବା ସେମାନଙ୍କୁ ମାନସିକ ସ୍ତରରେ ଦୁର୍ବଳ କରୁଛି। ଏହାସହ ଛାତ୍ରଛାତ୍ରୀମାନେ ମଧ୍ୟ ଛାତ୍ରବୃତ୍ତି, ମଧ୍ୟାହ୍ନ ଭୋଜନ, ପାଠ୍ୟଉପକରଣ, ପୋଷାକ ଓ ସାଇକେଲ ପାଇବା ପରି ବିଭିନ୍ନ ସରକାରୀ ଯୋଜନାରୁ ବଞ୍ଚିତ ହେଉଛନ୍ତି, ଯାହା ଦୁର୍ଭାଗ୍ୟଜନକ। ଏଣୁ ଅନୁଦାନ ପାଇବାକୁ ଯୋଗ୍ୟ ବିବେଚିତ ବିଦ୍ୟାଳୟକୁ ଅନୁଦାନ ପ୍ରଦାନ କରିବା ପାଇଁ ତ୍ୱରିତ ପଦକ୍ଷେପ ନେବାକୁ ସଂଘର ସଭାପତି ଅକ୍ଷୟ କୁମାର ମିଶ୍ର, କାର୍ଯ୍ୟକାରୀ ସଭାପତି ନୀଳମଣି ପୁରୋହିତ, ଯୁଗ୍ମ ସାଧାରଣ ସଂପାଦକ ବ୍ରଜ କିଶୋର ବିଶ୍ୱାଳ, କୋଷାଧ୍ୟକ୍ଷ ଅଶୋକ କୁମାର ମହାପାତ୍ର ଓ ଶଙ୍କର କୁମାର ସୁବୁଦ୍ଧି ପ୍ରମୁଖ ଦାବି କରିଛନ୍ତି।

## ସରକାରୀ ସହାୟତାରେ ଘରୋଇ ସ୍କୁଲର ବେପାର

# ସରକାରୀ ସ୍କୁଲରେ ନାଁ; ଘରୋଇ ସ୍କୁଲରେ ପଢ଼ା

ବଲାଙ୍ଗିର, ୯।୫(ସମିସ)

ବଲାଙ୍ଗିର ଜିଲ୍ଲାରେ ଶିକ୍ଷାର ବେପାର ଚାଲିଛି। ଛତୁ ଫୁଟିଲା ଭଳି ସ୍କୁଲ ଓ କଲେଜ ଖୋଲୁଛି। ଅଧାରୁ ଅଧିକଙ୍କ ପାଖରେ କିନ୍ତୁ ଅନୁମତି ନାହିଁ। ସରକାରୀ ସ୍କୁଲ ସହାୟତାରେ ଜିଲ୍ଲାରେ ଘରୋଇ ସ୍କୁଲ ଚାଲିଛି। କେବଳ ଘରୋଇ ସ୍କୁଲର ଛାତ୍ରଛାତ୍ରୀ ସରକାରୀ ସ୍କୁଲରେ ପାଠ ପଢୁନାହାନ୍ତି ବରଂ ସେମାନଙ୍କ ନାମଲେଖା ମଧ୍ୟ ସରକାରୀ ସ୍କୁଲରେ କରାଯାଉଛି; କିନ୍ତୁ ଖାଇବା, ରହିବା, ପଢିବା ସବୁ ଘରୋଇ ସ୍କୁଲରେ ଚାଲିଛି। ଘରୋଇ ସ୍କୁଲ ସରକାରୀ ସ୍କୁଲକୁ ବ୍ୟବହାର କରି ଛାତ୍ରଛାତ୍ରୀଙ୍କ ପାଖରୁ ଲକ୍ଷ ଲକ୍ଷ ଟଙ୍କା ପାଠପଢା ବାବଦକୁ ନେଉଛନ୍ତି। ଏଥିରେ ସରକାରୀ ସ୍କୁଲ ନିଜ ଫାଇଦା ଦେଖିବା ସହ ଘରୋଇ ସ୍କୁଲ କାରବାରକୁ ପ୍ରୋତ୍ସାହନ ଦେଉଛନ୍ତି। ଚଳିତ ବର୍ଷ ଦଶମ ଶ୍ରେଣୀ ଫଳାଫଳ ବାହାରିବା ପରେ ପରୀକ୍ଷାରେ ଏ-୧ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀଙ୍କ ତାଲିକା ଏହି କାରବାରକୁ ପଦାରେ ପକାଇଛି।

ସରକାରୀ ସ୍କୁଲରେ ଗୁଣାତ୍ମକ ଶିକ୍ଷାର ଉନ୍ନତି ପାଇଁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଅନେକ ବ୍ୟବସ୍ଥା କରୁଛନ୍ତି। ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ଭିତ୍ତିଭୂମିର ଉନ୍ନତି କରୁଛନ୍ତି। ତଥାପି ଅଭିଭାବକଙ୍କ ପ୍ରଥମ ପସନ୍ଦ ଘରୋଇ ସ୍କୁଲ। ବଲାଙ୍ଗିର ଜିଲ୍ଲାରେ ଘରୋଇ ସ୍କୁଲ ନାମରେ ଅଭିଭାବକଙ୍କୁ ଠକେଇ କରାଯାଉଥିବା ଅଭିଯୋଗ ହୋଇଛି। କିଛି ଘରୋଇ ସ୍କୁଲ ଅଭିଭାବକଙ୍କ ପାଖରୁ ମୋଟା ଅଙ୍କର ଟଙ୍କା ନେଉଛନ୍ତି। ଅଥଚ ଛାତ୍ରଛାତ୍ରୀଙ୍କୁ ନିକଟସ୍ଥ ସରକାରୀ ସ୍କୁଲରେ ନାମ ଲେଖାଉଛନ୍ତି। ସରକାରୀ ସ୍କୁଲରେ ନାମ ଲେଖାଇବା ପରେ ଘରୋଇ ସ୍କୁଲରେ ପଢାଉଛନ୍ତି; ହେଲେ ସରକାରୀ ସ୍କୁଲରେ ପିଲା ପରୀକ୍ଷା ଦେଉଛନ୍ତି। ଘରୋଇ ସ୍କୁଲରେ ଏହିଭଳି କାରବାର ପଛରେ ସରକାରୀ ସ୍କୁଲ କର୍ତ୍ତୃପକ୍ଷଙ୍କ ସହଯୋଗ ଧରାପଡିଛି। ଗୋଟିଏ ପଟେ ଏ-୧ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରଙ୍କ ପାଇଁ ସରକାରୀ ସ୍କୁଲର ପ୍ରଧାନ ଶିକ୍ଷକ/ ପ୍ରଧାନ ଶିକ୍ଷୟିତ୍ରୀ ବାହାବା ନେଉଛନ୍ତି। ଅନ୍ୟପଟେ ଘରୋଇ ସ୍କୁଲ ମାଲିକ ବିନା ଅନୁମତିରେ ନିଜ ଶିକ୍ଷା ବ୍ୟବସାୟରୁ ଲାଭ ନେଇ ଖୁସି।

ଅଭିଯୋଗ ଅନୁସାରେ ବଲାଙ୍ଗିର ଜିଲ୍ଲାରେ ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ୩୬ ଜଣ ଛାତ୍ରଛାତ୍ରୀ ଏ-୧ ଗ୍ରେଡ୍ ପାଇଛନ୍ତି। ଏହି ତାଲିକାରେ ପାଟଣାଗଡ ବ୍ଲକର ୬ ଜଣ ଛାତ୍ରଛାତ୍ରୀ ରହିଥିବା ବେଳେ ଭରତବାହାଲ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ୩ ଜଣ ଛାତ୍ର ରହିଛନ୍ତି। ସରକାରୀ ସ୍କୁଲର ୩ ଜଣ ଛାତ୍ର ଗୋଟିଏ ବ୍ଲକରୁ ଏ-୧ ଗ୍ରେଡ ପାଇବା ନିହାତି ଭାବେ ଖୁସିର କଥା; କିନ୍ତୁ ସେନେଇ ଛାନଭିନ କରିବା ପରେ ଜଣାପଡିଥିଲା ଯେ ଏହି ୩ ଜଣ ଛାତ୍ର ଭରତବାହାଲ ସ୍କୁଲକୁ କେବେ ଯାଇନାହାନ୍ତି। ସେମାନେ ନିକଟସ୍ଥ କୁକୁରମୁଣ୍ଡାସିତ ବିଦ୍ୟାଶ୍ରୀ ବିଦ୍ୟାପୀଠର ଛାତ୍ର ବୋଲି ଜଣାପଡିଛି। ଅର୍ଥାତ ସେମାନେ ଘରୋଇ ସ୍କୁଲରେ ମୋଟା ଅଙ୍କର ଟଙ୍କା ଦେଇ ହଷ୍ଟେଲରେ ରହି ପାଠ ପଢନ୍ତି; କିନ୍ତୁ ସେହି ଘରୋଇ ସ୍କୁଲ ପାଖରେ ଛାତ୍ରଛାତ୍ରୀ ସରକାରୀ ସ୍କୁଲରେ ପରୀକ୍ଷା ଦେଇପାରିବେ; କିନ୍ତୁ ତାଙ୍କର ନାମଲେଖା ଘରୋଇ ସ୍କୁଲରେ ହିଁ ହେବା କଥା। ଜିଲ୍ଲାରେ ଏହାକୁ ବାହାନା କରି ଘରୋଇ ସ୍କୁଲଗୁଡିକ ବିନା ଅନୁମତିରେ ମାଧ୍ୟମିକ ସ୍କୁଲ

> ➤ ବିନା ଅନୁମତିରେ ଘରୋଇ ସ୍କୁଲ ଚଳାଇଛନ୍ତି ମାଧ୍ୟମିକ ଶିକ୍ଷା
> ➤ ଘରୋଇ ସ୍କୁଲରୁ ଲାଭ ନେଇ ସହଯୋଗ କରୁଛନ୍ତି ସରକାରୀ ସ୍କୁଲ
> ➤ ସରକାରୀ ନିୟମକୁ ବାହାନା କରି ଚାଲିଛି ବ୍ୟବସାୟ, ଶିକ୍ଷା ବିଭାଗ ଚୁପ୍

ଅନୁମତି ନ ଥିବାରୁ ସେମାନେ ସରକାରୀ ସ୍କୁଲ ପକ୍ଷରୁ ପରୀକ୍ଷା ଦେଉଥିବା ଅଭିଯୋଗ ହୋଇଛି। ଛାତ୍ରଛାତ୍ରୀଙ୍କ ନାମଲେଖା କେବଳ ଭରତବାହାଲ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ କରାଯାଇଥିବା ଜଣାପଡିଛି। ତେବେ ଯଦି ଜଣେ କେବେ ସ୍କୁଲ ଯାଇନାହିଁ ତେବେ ତାଙ୍କୁ ପରୀକ୍ଷାରେ କିଭଳି ଅନୁମତି ପ୍ରଦାନ କରାଗଲା ବୋଲି ପ୍ରଶ୍ନ ଉଠୁଛି। ନିୟମ ଅନୁସାରେ ଯଦି କୌଣସି ଘରୋଇ ସ୍କୁଲକୁ ନାମ ଲେଖାଇବା ପାଇଁ ଅନୁମତି ମିଳିଥିବ; କିନ୍ତୁ ପରୀକ୍ଷା ପାଇଁ ଅନୁମତି ମିଳି ନ ଥିବ ସେହି କ୍ଷେତ୍ରରେ ଶିକ୍ଷା ଅଧିକାରୀଙ୍କ ଅନୁମତି ଅନୁସାରେ ଘରୋଇ ସ୍କୁଲ ଖୋଲି ଅଭିଭାବକଙ୍କୁ ଠକେଇ କରୁଥିବା ଅଭିଯୋଗ ହୋଇଛି। ଏପରିକି ସ୍କୁଲଗୁଡ଼ିକ ପାଖରେ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଅନୁମତି ରହିଥିବା ବେଳେ ବେଆଇନ ଭାବେ ନବମ ଓ ଦଶମ ଶ୍ରେଣୀ ଖୋଲି ନିଜ ବ୍ୟବସାୟ ଚଳାଇଥିବା ଅଭିଯୋଗ ହୋଇଛି। ଗୋଟିଏ ପଟେ ସରକାରୀ ସ୍କୁଲରେ ଛାତ୍ରଛାତ୍ରୀଙ୍କ ଅଧିକ ନାମଲେଖା ଓ ଘରୋଇ ସ୍କୁଲରେ ପଢୁଥିବା ଛାତ୍ରଛାତ୍ରୀଙ୍କ ସଫଳତାକୁ ନିଜ ସ୍କୁଲ ସଫଳତା ଦେଖାଇ ଖୁସିଥିବା ବେଳେ ଜିଲ୍ଲା ଶିକ୍ଷା ବିଭାଗ ଜିଲ୍ଲା ପ୍ରଦର୍ଶନରେ ଖୁସି; କିନ୍ତୁ ଅସଲରେ ଏ-୧ ତାଲିକାରେ ୯୦ ପ୍ରତିଶତ ଛାତ୍ରଛାତ୍ରୀ ଘରୋଇ ସ୍କୁଲର ଥିବା ସ୍ପଷ୍ଟ ହୋଇଛି। ଗତ ବର୍ଷ ମଧ୍ୟ ସମ୍ପୃକ୍ତ ଘରୋଇ ସ୍କୁଲର ୨ ଜଣ ଛାତ୍ର ଭରତବାହାଲ ସ୍କୁଲ ନାମରେ ପରୀକ୍ଷା ଦେଇ ଏ-୧ ଗ୍ରେଡ ହାସଲ କରିଥିଲେ। ସେହି ସମୟରେ ଏହି ଅଭିଯୋଗ ଆସିବା ପରେ ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ଶିକ୍ଷା ବିଭାଗ କହିଥିଲା। ଚଳିତ ବର୍ଷ ପୁଣି ତାହାର ପୁନରାବୃତ୍ତି ହୋଇଛି। ଏନେଇ ସମ୍ପୃକ୍ତ ସ୍କୁଲ ପ୍ରଧାନ ଶିକ୍ଷକଙ୍କ ସହ ଯୋଗାଯୋଗ ହୋଇପାରି ନ ଥିବା ବେଳେ ପାଟଣାଗଡ ବ୍ଲକ ଶିକ୍ଷା ଅଧିକାରୀ ଶଙ୍କର ମାଝୀଙ୍କୁ ପଚାରିବାରୁ ଏ ବିଷୟରେ କିଛି କହିପାରିବେ ନାହିଁ। ସେମାନେ କୁକୁରମୁଣ୍ଡାର ଏକ ସ୍କୁଲର ଛାତ୍ର। ସେମାନେ ସ୍କୁଲ ଆସୁଥିବେ। ନ କେମିତି ପରୀକ୍ଷା ଦେଲେ ବୋଲି କହିଥିଲେ। ଏନେଇ ସ୍କୁଲ ପ୍ରଧାନ ଶିକ୍ଷକଙ୍କ ସହ କଥା ହେଲେ ଜଣାପଡିବ ବୋଲି କହି ପ୍ରଶ୍ନକୁ ଏଡାଇଯାଇଥିଲେ। ଏଥିରୁ ଏହା ସ୍ପଷ୍ଟ ଯେ ସେ ଏ ବିଷୟରେ ଜାଣିଛନ୍ତି। ପରୋକ୍ଷରେ ଘରୋଇ ସ୍କୁଲକୁ ମଧ୍ୟ ସହଯୋଗର ହାତ ବଢାଇଛନ୍ତି। ତେବେ ବଲାଙ୍ଗିର ଜିଲ୍ଲାରେ ଏମିତି ଅନେକ ଘରୋଇ ସ୍କୁଲ ରହିଛି ଯେଉଁମାନଙ୍କ ପାଖରେ ମାଧ୍ୟମିକ ଶିକ୍ଷା ପାଇଁ ଅନୁମତି ନ ଥାଇ ସ୍କୁଲ ଚଳାଇଛନ୍ତି। ଏହି ସ୍କୁଲଗୁଡ଼ିକୁ ଜିଲ୍ଲା ଶିକ୍ଷା ବିଭାଗ ହିଁ ସହଯୋଗ କରୁଥିବାରୁ ସେମାନେ ମଧ୍ୟ ବିନା ଅନୁମତିରେ ଚଳାଇଥିବା ଅଭିଯୋଗ ହୋଇଛି। ଜିଲ୍ଲା ଶିକ୍ଷା ବିଭାଗ ଏଥିପ୍ରତି ଦୃଷ୍ଟି ଦେଉ ନାହିଁ।

## ● କୁମ୍ଭାରୀ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର

# ଡାକ୍ତରଙ୍କ ଦୁର୍ବ୍ୟବହାରରେ ଅତିଷ୍ଠ ଅଞ୍ଚଳବାସୀ



**ସଇଁତଲା, ୯ ।୫ (ସମିସ):** ବଲାଙ୍ଗିର ଜିଲ୍ଲା ସଇଁତଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନରେ ଥିବା କୁମ୍ଭାରୀ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରର ଅଧିକାରିଣୀ ସୁମିତ୍ରା ପରିଡ଼ାଙ୍କ ଦୁର୍ବ୍ୟବହାରରେ ଅଞ୍ଚଳବାସୀ ଅତିଷ୍ଠ ହୋଇ ପଡିଲେଣି। ସ୍ଥାନୀୟ ଲୋକଙ୍କ କହିବାନୁସାରେ ଏହି କେନ୍ଦ୍ରକୁ ଆସୁଥିବା ରୋଗୀ ଠିକରେ ଚିକିତ୍ସା ପାଉ ନାହାନ୍ତି। ଅନେକ ସମୟରେ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବାକୁ ପଡୁଛି। ରୋଗୀମାନେ କୌଣସି ସମସ୍ୟା ସମ୍ପର୍କରେ ପଚାରିଲେ ସିଏଚଓଙ୍କ ପକ୍ଷରୁ ଉଚିତ ଉତ୍ତର ମିଳୁନି। ଅସଦାଚରଣ ଓ କଠୋର ବ୍ୟବହାର କରାଯାଉଥିବା ମଧ୍ୟ ଅଭିଯୋଗ ହୋଇଛି। ଏପରି ବ୍ୟବହାର ଯୋଗୁଁ ବୃଦ୍ଧ, ମହିଳା ଓ ଗରିବ ଶ୍ରେଣୀର ରୋଗୀ ଅଧିକ ଅସୁବିଧାରେ ପଡୁଛନ୍ତି। ଅଞ୍ଚଳବାସୀଙ୍କ ଅଭିଯୋଗ ଅନୁଯାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆବଶ୍ୟକ ଔଷଧ ବଣ୍ଟନ କରାଯାଉନି। ସ୍ୱାସ୍ଥ୍ୟ ପରାମର୍ଶ ଠିକ୍ ଭାବରେ ଦିଆଯାଉନି। ଏଣୁ ରୋଗୀମାନଙ୍କ ମଧ୍ୟରେ ଦିନକୁ ଦିନ ଅସନ୍ତୋଷ ବଢ଼ିବାରେ ଲାଗିଛି। ତେବେ ସଇଁତଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧକ୍ଷ ଡାକ୍ତର ସମରେନ୍ଦ୍ର ନାରାୟଣ ମହାପାତ୍ର ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରିଣୀ ସୁମିତ୍ରା ପରିଡ଼ାଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଥିବା କହିଛନ୍ତି।

# କାଦୋଭସାରେ ମନଇଚ୍ଛା ମାଟି ଖନନ; ପ୍ରଶାସନ ଚୁପ୍



**କଣ୍ଟାବାଞ୍ଜି, ୯ ।୫(ସମିସ):** ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ତହସିଲ ଅଧୀନ କାଦୋଭସା ଗାଁରେ ଜେସିବି ଓ ହାଇୱା ବ୍ୟବହାର ହରି ମନଇଚ୍ଛା ମାଟି ଖନନ କାର୍ଯ୍ୟ ଚାଲିଛି; ହେଲେ ସ୍ଥାନୀୟ ରାଜସ୍ୱ ବିଭାଗ ଅଧିକାରୀ ନିରବ ରହିଛନ୍ତି। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଦିନ ଦ୍ୱିପହରରେ ବେଧଡକ ଭାବେ ମାଟି ଖନନ କରି ଚାଲାଣ କରୁଥିବା ଯୋଗୁଁ କାଦୋଭସା ଗାଁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ଆଣୁଛନ୍ତି। ଅନ୍ୟପକ୍ଷରେ ଗତ କିଛି ଦିନ ତଳେ ଟିଟିଲାଗଡ଼ ଉପ ଜିଲ୍ଲାପାଳ ପଦ୍ମନାଭ ସାମନ୍ତରାୟ କଣ୍ଟାବାଞ୍ଜିରେ ବେଆଇନ ମାଟି ଖନନ କଲେ ତା ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଗଣମାଧ୍ୟମ ସମ୍ମୁଖରେ କହିଥଲେ। ବର୍ତ୍ତମାନ ଟିଟିଲାଗଡ଼ ଉପ ଜିଲ୍ଲାପାଳ ସେହି ମନ୍ତବ୍ୟ କାମ ଦେଉ ନ ଥିବା ଦେଖିବାକୁ ମିଳିଛି। ଏହାଫଳରେ ଏବେ ମାଟି ମାଫିଆ ସକ୍ରିୟ ହୋଇଛନ୍ତି। ତାଙ୍କ ସହ ସ୍ଥାନୀୟ ରାଜସ୍ୱ ବିଭାଗ କର୍ମଚାରୀ ସହଯୋଗ କରି ବେଆଇନ କାର୍ଯ୍ୟକୁ ପ୍ରଶ୍ରୟ ଦେଉଥିବା ଅଭିଯୋଗ ହେଉଛି। ବଲାଙ୍ଗୀର ଜିଲ୍ଲାପାଳ ନଜର ଦେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ କି ନିରବ ରହିବେ ତାହା ଦେଖିବାକୁ ରହିଛି।

# ବଙ୍ଗୋମୁଣ୍ଡା ଝିରଗାପଡ଼ାରେ ବେଆଇନ ପଥର ଖାଦାନ

## ● ପଥର ବିସ୍ଫୋରଣ ଯୋଗୁ କେନାଲରେ ଫାଟ



**କଣ୍ଟାବାଞ୍ଜି, ୯ ।୫(ସମିସ):** ବଙ୍ଗୋମୁଣ୍ଡା ତହସିଲ ଝିରଗାପଡ଼ାରେ ବେଆଇନ ଭାବେ ଏକ ପଥର ଖଣି ଚାଲିଛି। ବର୍ଷ ବର୍ଷ ଧରି ଏହି ଅଞ୍ଚଳ ଦେଇ ଯାଇଥିବା କେନାଲ କଡ଼ରେ ବେଆଇନ ଭାବେ ପଥର ବିସ୍ଫୋରଣ କରାଯାଉଛି। ଏହାଫଳରେ କେନାଲରେ ମଧ୍ୟ ଫାଟ ସୃଷ୍ଟି ହୋଇଛି। ଚାଷୀ ପାଇଁ ଜୀବନ ରେଖା ହୋଇଥିବା ଏହି କେନାଲ ଏବେ ପଥର ମାଫିଆଙ୍କ ପାଇଁ ନଷ୍ଟ ହୋଇଛି।

# ଉପରଝର କ୍ରିକେଟ ପ୍ରିମିୟର ଲିଗ୍ ପାଇଁ ଖେଳାଳି ଚୟନ

**ଦେଓଗାଁ, ୯।୫(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ୍ ଉପରଝର ମିନି ଷ୍ଟାଡିୟମରେ ଚଳିତ ମାସ ୧୬ ତାରିଖରୁ ୨୨ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଉପରଝର କ୍ରିକେଟ ପ୍ରିମିୟର ଲିଗ (ୟୁପିଏଲ) ପାଇଁ ଶନିବାର ଖେଳାଳି ଚୟନ ପ୍ରକ୍ରିୟା ଅନୁଷ୍ଠିତ ହୋଇଯାଇଛି। ୫ଟି ଦଳ ଭାଗ ନେଇଥିଲେ। ଶ୍ରେଷ୍ଠ ଖେଳାଳି ଚୟନ କରାଯାଇଥିଲା। ଦିନେଶ ପଧାନ, ପ୍ରେମ ବେହେରା, ଶଙ୍କର ପଧାନ, ରାଜା ପଧାନ, ଲିଟୁ ପଧାନ, ଆଲୋକ ପଧାନ ପ୍ରମୁଖ ସହଯୋଗ କରିଥିଲେ।

## ଠିକାଦାର ତୁଷ୍ଟିକରଣରେ ବଲାଙ୍ଗିର ପୌରପରିଷଦ

# ଜାତୀୟ ରାଜପଥ କଡ଼ରେ ନିର୍ମାଣ କାର୍ଯ୍ୟକୁ ବିରୋଧ

**ବଲାଙ୍ଗିର, ୯ ।୫(ସମିସ):** ବଲାଙ୍ଗିର ସହରରେ ଦେଇ ଜାତୀୟ ରାଜପଥ ଯାଇଛି। ଏହି ରାସ୍ତାର ଭାଗୀରଥି ଛକରୁ ଜିଲ୍ଲାପାଳଙ୍କ ବାସଗୃହ ପର୍ଯ୍ୟନ୍ତ ରାସ୍ତା କଡରେ ସ୍ଥାନୀୟ ପୌରପରିଷଦ ପକ୍ଷରୁ ସୌନ୍ଦର୍ଯ୍ୟକରଣ ନାଁରେ ବେଆଇନ ନିର୍ମାଣ କାମ ଚାଲିଛି। ଏହି କାମକୁ ବିରୋଧ କରି ସ୍ଥାନୀୟ ଲୋକେ ପୌର ନିର୍ବାହୀ ଅଧିକାରୀ ସନ୍ତୋଷ ବେହେରାଙ୍କୁ ଅଭିଯୋଗ କରିଛନ୍ତି। ଉପମୁଖ୍ୟମନ୍ତ୍ରୀ, ବଲାଙ୍ଗିର ସାଂସଦ, ସ୍ଥାନୀୟ ବିଧାୟକଙ୍କୁ ମଧ୍ୟ ଜଣାଇଛନ୍ତି। ଲୋକଙ୍କ ଅଭିଯୋଗ ଅନୁସାରେ ଏହି କାମ ହେବା ଦ୍ୱାରା ରାସ୍ତା ସଂକୁଚିତ ହେଉଛି। ପ୍ୟାଲେସ ଲାଇନ, ସାଗରପଡା ତଥା ଏହି ଆଖପାଖ ଅଞ୍ଚଳର ଅଧିବାସୀ ସହରକୁ ଆସିବାରେ ଅସୁବିଧା ହେଉଛି। ଏହାସହ ପ୍ରତିଦିନ ମହିଳା ମହାବିଦ୍ୟାଳୟ ଛାତ୍ରୀ ଓ ଶିକ୍ଷକ, ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟରେ ପଢୁଥିବା ଛାତ୍ରଛାତୀ ପ୍ୟାଲେସ ଲାଇନରୁ ଭାଗୀରଥି ଛକ ପର୍ଯ୍ୟନ୍ତ ରାସ୍ତା ଦେଇ ଯିବା ଆସିବା କରିଥାନ୍ତି; କିନ୍ତୁ ପୌର ପରିଷଦ ପକ୍ଷରୁ ଗତ ୨ ବର୍ଷର୍ ହେଲା ଭାଗୀରଥି ଛକରୁ

### ଇଓଙ୍କୁ ସ୍ଥାନୀୟ ଲୋକଙ୍କ ଅଭିଯୋଗ

ଜିଲ୍ଲାପାଳଙ୍କ ବାସଗୃହ ପର୍ଯ୍ୟନ୍ତ ରାସ୍ତାର ଦୁଇ ପାଶ୍ୱର୍ରେ ନିର୍ମାଣ କାମ ଚାଲିଛି। ଏହାଦ୍ୱାରା ରାସ୍ତା ସଂକୁଚିତ ହେଉଚି। ଏହାଦ୍ୱାରା ରାସ୍ତାରେ ଲୋକେ ଯିବା ଆସିବାରେ ବହୁ ଅସୁବିଧାର ସମ୍ମୁଖୀନ ହେବା ସହ ଛୋଟମୋଟ ଦୁର୍ଘଟଣା ଘଟୁଛି। ଏହି ରାସ୍ତା ଜାତୀୟ ରାଜପଥ ବିଭାଗର। ନିୟମ ଅନୁସାରେ ରାସ୍ତା ପାର୍ଶ୍ୱରେ କୌଣସି କଂକ୍ରିଟ କାମ କରାଯାଇ ପାରିବ ନାହିଁ। ତଥାପି ପୌରପରିଷଦ ପକ୍ଷରୁ ଏଠାରେ କଂକ୍ରିଟ କାମ ଚାଲିଛି ବୋଲି ଲୋକେ ଅଭିଯୋଗ କରିଛନ୍ତି। ପୂର୍ବରୁ ବି ଜିଲ୍ଲାପାଳଙ୍କୁ ଲୋକେ ଲିଖିତ ଅଭିଯୋଗ କରିଥିଲେ। କିଛିଦିନ ବିଭାଗ ପକ୍ଷରୁ କାମ ବନ୍ଦ କରିଦିଆ ଯାଇଥିଲା; କିନ୍ତୁ ପୁଣିଥରେ ପିଡବ୍ଲୁଡି କାର୍ଯ୍ୟାଳୟ ରାସ୍ତା ପାଶ୍ୱର୍ରେ କଂକ୍ରିଟ କାମ ଚାଲିଥିବା ଅଭିଯୋଗ ହୋଇଛି। ତେଣୁ ତୁରନ୍ତ ଏହି କାମକୁ ବନ୍ଦ କରିବା ସହ ଏହି ରାସ୍ତାକୁ ସଫା କରିବାକୁ ଲୋକେ ନିର୍ବାହୀ ଅଧିକାରୀଙ୍କୁ ଅନୁରୋଧ କରିଛନ୍ତି। ରାସ୍ତାକଡରେ ପୌର ପରିଷଦ କାମ କଲା ପରେ ଏବେ ରାସ୍ତା ଉପରେ ଖୁଣ୍ଟ ପୋତି ଆଲୋକୀକରଣ କରିବ ବୋଲି ସ୍ପଷ୍ଟୀକରଣ ଦେଉଛି। ଏହି ରାସ୍ତାକଡ କାମ ଯୋଗୁଁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏବେ ଚାଲିବା ରାସ୍ତା ଉପରେ ଖୁଣ୍ଟ ପୋତିବା ଯୋଗୁଁ ଆହୁରି ଅସୁବିଧାର ସମ୍ମୁଖୀନ ହେବେ। ରାସ୍ତା ଉପରେ ପୌରପରିଷଦର ଏହି ବେଆଇନ ନିର୍ମାଣ ଯୋଗୁଁ ମଟର ସାଇକଲ, ସାଇକଲ ଓ ଚାଲିକି ଯିବା ଲୋକଙ୍କ ପାଇଁ ରାସ୍ତା ନାହିଁ। ଯେଉଁ ରାସ୍ତା ଥିଲା ତା ଉପରେ ବାଡ ଦେଇ ନିର୍ମାଣ ଚାଲିଛି। ତେଣୁ ତୁରନ୍ତ ଏହି କାମ ବନ୍ଦ କରିବା ସହ ରସ୍ତା ଉପରେ ତିଆରି ହୋଇଥିବା ଏହି କଂକ୍ରିଟ କାମକୁ ହଟାଇ ରାସ୍ତା ପ୍ରସ୍ତୁତି କରଣ କରାଯାଉ ବୋଲି ସ୍ଥାନୀୟ ଅଞ୍ଚଳର ଆନନ୍ଦ ମିଶ୍ର, ରିତରାଜ ସିଂହ, ରଂଜନ ମହାନ୍ତି, ରାକେଶ ପଣ୍ଡା, ମୁରାରୀ ମୋହନ ମିଶ୍ର, ଦିଲୀପ ପାଢୀ, ଅଜିତ ତ୍ରିପାଠୀ, ରମାକାନ୍ତ ହୋତା, ତପନ ଦାସ, ଅଜିତ ପଣ୍ଡା ପ୍ରମୁଖ ପୌରପରିଷଦ ନିର୍ବାହୀ ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଛନ୍ତି।

# ଜଙ୍ଗଲକୁ କୋଳି ଖାଇବାକୁ ଯାଇ ୨ ସାଙ୍ଗ ଭାଲୁ ଆକ୍ରମଣରେ ଗୁରୁତର

**ମୁରିବାହାଲ, ୯ ।୫(ସମିସ):** ବଲାଙ୍ଗୀର ଜିଲ୍ଲା ମୁରିବାହାଲ ରେଞ୍ଜ ଅଞ୍ଚଳରେ ବନ୍ୟଜନ୍ତୁଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି। ଭାଲୁ ଆକ୍ରମଣରେ ଦୁଇ ଜଣ ଯୁବକ ଗୁରୁତର ହୋଇଛନ୍ତି। ଏମାନେ ହେଲେ କୁଟୁନୀଝରନ୍ ଗ୍ରାମର କରନ୍ ନାଗ (୩୩) ଏବଂ ରାନୀସିଲେଟ୍ ଅଞ୍ଚଳର ଜନ୍ମୟ ମାଝୀ (୩୫)। ଉଭୟ ସାଙ୍ଗ ହୋଇ ସ୍ଥାନୀୟ ଜଙ୍ଗଲକୁ ଚାର କୋଳି ଖାଇବାକୁ ଯାଇଥିଲେ। ସେଠାରେ ହଠାତ୍ ଏକ ଭାଲୁ ସେମାନଙ୍କୁ ଆକ୍ରମଣ କରିଥିଲା। କରନ୍‌ଙ୍କ ମୁହଁ, ବେକ ଏବଂ ଡାହାଣ ବାହୁରେ ଗଭୀର କ୍ଷତ ସୃଷ୍ଟି ହୋଇଥିବା ବେଳେ ଜନ୍ମୟଙ୍କ ଗୋଡ଼କୁ ଭାଲୁଟି କାମୁଡ଼ି କ୍ଷତବିକ୍ଷତ କରିଦେଇଛି। ସ୍ଥାନୀୟ ଲୋକଙ୍କ ସହାୟତାରେ ଉଭୟଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ଉଦ୍ଧାର କରାଯାଇ ପ୍ରଥମେ ମୁରିବାହାଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଅଧିକ ଉଦ୍‌ବେଗଜନକ ହେବାରୁ ଉଭୟଙ୍କୁ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ଓ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ବାରମ୍ବାର ଏଭଳି ବନ୍ୟଜନ୍ତୁ ଆକ୍ରମଣ ଯୋଗୁଁ ସ୍ଥାନୀୟ ଅଞ୍ଚଳବାସୀ ଏବେ ଭୟଭୀତ ଅବସ୍ଥାରେ ରହିଛନ୍ତି। ବନ ବିଭାଗ ବନ୍ୟଜନ୍ତୁଙ୍କ ଗତିବିଧି ଉପରେ ନଜର ରଖିବା ସହ କ୍ଷତିଗ୍ରସ୍ତ ପରିବାରକୁ ଉପଯୁକ୍ତ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।

# ବଙ୍ଗୋମୁଣ୍ଡା ସାମ୍ବାଦିକ ଭବନ ପାଇଁ ଭୂମିପୂଜା



**କଣ୍ଟାବାଞ୍ଜି, ୯ ।୫(ସମିସ):** ବଙ୍ଗୋମୁଣ୍ଡାରେ ସାମ୍ବାଦିକ ଭବନ ନିର୍ମାଣ ପାଇଁ ଭୂମିପୂଜା କରାଯାଇଛି। ଏହି ଅବସରରେ ଅନୁଷ୍ଠିତ ସଭାରେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ, ସିନ୍ଧେକେଲା ସମିତି ସଭ୍ୟ ଭୋଳନାଥ ବେହେରା ଅତିଥି ଭାବେ ଯୋଗ ଦେଇଥିଲେ। ସାମ୍ବାଦିକ ସଂଘ ସଭାପତି ରଶ୍ମିରଞ୍ଜନ ପୁଟେଲ ସଭାପତିତ୍ୱ କରିଥିଲେ। ସଂଘର ସାଧାରଣ ସମ୍ପାଦକ ହୁଲେଶ୍ୱର ହଂସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକାରୀ ସଭାପତି ଅଶୋକ ନାରାୟଣ ଭୋଇ, କୋଷାଧ୍ୟକ୍ଷ ଦୀପକ ଯାଦବ, ଉପସଭାପତି ଅନିଲ ତ୍ରିପାଠୀ, ଉପଦେଷ୍ଟା ଅଶୋକ ଖମାରୀ, ସୁଶାନ୍ତ ଥନାପତି, ରାଧେଶ୍ୟାମ ମେହେର, ଦୀପକ ପାଣିଗ୍ରାହୀ, ନିତ୍ୟାନନ୍ଦ ପୃଷେଠ, ଭକ୍ତବନ୍ଧୁ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ୧୨ରେ ଓଡ଼ିଶା ଜନତା କଂଗ୍ରେସର ଜିଲ୍ଲାସ୍ତରୀୟ ସମାବେଶ

**କଣ୍ଟାବାଞ୍ଜି, ୯ ।୫(ସମିସ):** କଣ୍ଟାବାଞ୍ଜିରେ ୧୨ ତାରିଖ ଓଡ଼ିଶା ଜନତା କଂଗ୍ରେସର ଜିଲ୍ଲାସ୍ତରୀୟ ସମାବେଶ ଆୟୋଜିତ ହେବ। ଏହି ସମାବେଶରେ ରାଜ୍ୟ ସଭାପତି ମହମ୍ମଦ ମୋକିମ୍ ଯୋଗ ଦେଇ ଯୁବ ନେତୃତ୍ୱକୁ ଉଦ୍‌ବୋଧନ ଦେବେ। ଏହି ସମାବେଶରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ୫ହଜାରରୁ ଅଧିକ ଯୁବକ ଯୋଗ ଦେବେ। କଣ୍ଟାବାଞ୍ଜି ଓଡ଼ିଶା ଜନତା କଂଗ୍ରେସ କାର୍ଯ୍ୟାଳୟଠାରେ ଶନିବାର ଅପରାହ୍ନରେ ଏକ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ସଭାପତି ରୂପେଶ ବେହେରା ଏହି ସୂଚନା ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ସମ୍ପାଦକ ଗୁପ୍ତେଶ୍ୱର ବେହେରା ଓ ଯୁବ ସଂଗଠକ ଅରୁଣ ତାଣ୍ଡି ସାମିଲ ଥିଲେ।

# ପ୍ରଶାସନିକ ଅଧିକାରୀଙ୍କ ସାଲେପାଲି ଶିଶୁଯତ୍ନ ଅନୁଷ୍ଠାନ ପରିଦର୍ଶନ



**ଦେଓଗାଁ, ୯।୫(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ୍ ସାଲେପାଲିସ୍ଥିତ ଗ୍ରାମମଙ୍ଗଳ ପାଠାଗାର ଦ୍ୱାରା ପରିଚାଳିତ ଶିଶୁଯତ୍ନ ଅନୁଷ୍ଠାନକୁ ପ୍ରଶାସନିକ ଅଧିକାରୀ ପରିଦର୍ଶନ କରିଛନ୍ତି। ଅତିରିକ୍ତ ଜିଲ୍ଲାପାଳ ଡ. ବିଜୟାନନ୍ଦ ସେଠୀ ପରିଦର୍ଶନ କରି ବିଭିନ୍ନ ସମସ୍ୟା ଉପରେ ଅବଗତ ହୋଇଥିଲେ। ଏହାପରେ ବିଡିଓ ପ୍ରିୟରଞ୍ଜନ କୁମାର ଓ ତହସିଲଦାର ନର୍ମଦା ନାୟକ ପରିଦର୍ଶନ କରିଥିଲେ। ଶିଶୁମାନଙ୍କ ରହିବା ବ୍ୟବସ୍ଥାର ତଦାରଖ କରିବା ସହ ବିଭିନ୍ନ ସମସ୍ୟା ଉପରେ ଅନୁଷ୍ଠାନର କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। ଅନୁଷ୍ଠାନର ଅଧୀକ୍ଷକ ସୁରେଶ ମାହାକୁଡ, ରାମନାଥ ସାଏ, ଗିତିକୃଷ୍ଣ ସାହୁ, ସାନନ୍ଦ ଷଡଙ୍ଗି, ପ୍ରତ୍ୟୁଷ ସାହୁ, ଧନୁର୍ଜୟ ସାମଲ, ସଂଗୀତ ଶିକ୍ଷକ ଶିବପ୍ରସାଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ମୁରିବାହାଲ, ତୁରେକେଲା ଥାନାରେ 'ଜୁଭେଣ୍ଟିକା' କାର୍ଯ୍ୟକ୍ରମ





ମୁରିବାହାଲ, ୯।୫(ସମିସ)

ଓଡ଼ିଶା ସରକାରଙ୍କ ଅଭିନବ ପ୍ରୟାସରେ ଆଜି ମୁରିବାହାଲ ଥାନା ପରିସରରେ ମହିଳା ଓ ଶିଶୁମାନଙ୍କ ସଚେତନତା ପାଇଁ "ଜୁଭେଣ୍ଟିକା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଅଙ୍ଗନବାଡ଼ି କେନ୍ଦ୍ରର ଛାତ୍ରୀ ସେମାନଙ୍କ ଶିକ୍ଷୟିତ୍ରୀ ତଥା ଦିଦିମାନଙ୍କ ସହ ଯୋଗ ଦେଇଥିଲେ। ସମାଜରେ ମହିଳା ଓ ଶିଶୁମାନେ ସାମ୍ନା କରୁଥିବା ବିଭିନ୍ନ ଜଟିଳ ସମସ୍ୟାର ସମାଧାନ ଏବଂ ବିଶେଷ କରି ବଢୁଥିବା ସାଇବର ଅପରାଧରୁ ସେମାନଙ୍କୁ କିପରି ସୁରକ୍ଷିତ ରଖାଯାଇପାରିବ ସେ ନେଇ ଏହି କାର୍ଯ୍ୟକ୍ରମରେ ବିସ୍ତୃତ ଆଲୋଚନା କରାଯାଇଥିଲା। ପୁଲିସ ଓ ଜନସାଧାରଣଙ୍କ ମଧ୍ୟରେ ଥିବା ଦୂରତାକୁ ହ୍ରାସ କରି ଶିଶୁ ଓ ମହିଳାମାନେ କିପରି ନିର୍ଭୟରେ ଥାନାକୁ ଆସି ପୁଲିସ ସହ ନିଜର ସମସ୍ୟା ବାଣ୍ଟିପାରିବେ ସେଥିପାଇଁ ସେମାନଙ୍କୁ ଉତ୍ସାହିତ କରାଯାଇଥିଲା। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଓଡ଼ିଶା ପୁଲିସ ମହାନିର୍ଦ୍ଦେଶକ ଭିଡିଓ କନଫରେନ୍ସିଂ ମାଧ୍ୟମରେ ସମସ୍ତଙ୍କୁ ସମ୍ବୋଧିତ କରିଥିଲେ। ସେ ମହିଳା ଓ ଶିଶୁ ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିବା ସହ ଉପସ୍ଥିତ ସମସ୍ତଙ୍କୁ ସଚେତନ ରହିବାକୁ ଆହ୍ୱାନ ଦେଇ ଧନ୍ୟବାଦ ଅର୍ପଣ କରିଥିଲେ। ଏହାପରେ ଛାତ୍ରୀମାନଙ୍କୁ ଭିଡିଓ ମାଧ୍ୟମରେ ବିଭିନ୍ନ ଅନଲାଇନ୍ ଠକେଇ ଏବଂ ଡିଜିଟାଲ୍ ଦୁନିଆର ବିପଦ ସମ୍ପର୍କରେ ଶିକ୍ଷା ଦିଆଯାଇଥିଲା। ଥାନା କିପରି କାର୍ଯ୍ୟ କରେ ସେ ବିଷୟରେ ଜାଣିବା ପାଇଁ ଛାତ୍ରୀମାନଙ୍କୁ ସମ୍ପୂର୍ଣ୍ଣ ଥାନା ପରିସର ବୁଲାଇ ଦେଖାଯାଇଥିଲା। ଏହି ଅବସରରେ ବଲାଙ୍ଗୀର ସାଇବର ଥାନାର ଆଇଆଇସି ଯୋଗଦେଇ ବର୍ତ୍ତମାନ ସମୟରେ ହେଉଥିବା ସାଇବର କ୍ରାଇମର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ସୋସିଆଲ ମିଡିଆ ଓ ଇଣ୍ଟରନେଟ୍ ବ୍ୟବହାର ସମୟରେ କେଉଁ ସତର୍କତା ଅବଲମ୍ବନ କରିବା ଉଚିତ୍ ଏବଂ କୌଣସି ଅପରାଧର ଶିକାର ହେଲେ ତୁରନ୍ତ କିପରି ପଦକ୍ଷେପ ନେବାକୁ ହେବ ସେ ନେଇ ସେ ପୁଙ୍ଖାନୁପୁଙ୍ଖ ସୂଚନା ପ୍ରଦାନ କରିଥିଲେ।

ତୁରେକେଲା: ମହିଳା ମାନଙ୍କ କ୍ଷେତ୍ରରେ ବଢୁଥିବା ଅପରାଧ ଓ ଶୋଷଣକୁ ରୋକିବା ପାଇଁ କିଶୋରୀମାନଙ୍କୁ ନେଇ ତୁରେକେଲା ଥାନାରେ ମଧ୍ୟ ଏହି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଥାନା ଅଧିକାରୀ ରାକେଶ ବେହେରାଙ୍କ ତତ୍ତ୍ୱାଧାନରେ ଅନୁଷ୍ଠିତ ଏହି ସଚେତନ କାର୍ଯ୍ୟକ୍ରମରେ ମହିଳା ଓ କିଶୋରୀମାନେ ସାଇବର ଠକେଇରୁ କେମିତି ସୁରକ୍ଷା ପାଇବେ ଏବଂ ବିଶେଷ କରି କିଶୋରୀମାନେ ତାଙ୍କ ସମସ୍ୟାକୁ କେମିତି ଜଣାଇପାରିବେ ସେ ନେଇ ସଚେତନ କରାଯାଇଥିଲା। ମହିଳା ଓ କିଶୋରୀମାନେ ପୁଲିସକୁ ବନ୍ଧୁ ଭାବରେ ଦେଖିବେ ଏବଂ ନିଜ ସମସ୍ୟାକୁ ପୁଲିସକୁ ନିର୍ଭୟରେ କେମିତି ଜଣାଇପାରିବେ ସେ ନେଇ ସଚେତନ କରାଯାଇଥିଲା। କିଶୋରୀମାନଙ୍କୁ ଥାନା ପରିଦର୍ଶନ କରାଇ ଅବଗତ କରାଯାଇଥିଲା।

# ରହସ୍ୟଘେରରେ ଆର୍‌ଏମ୍‌ସି ଠିକା କର୍ମଚାରୀ ସୌମ୍ୟରଞ୍ଜନଙ୍କ ମୃତ୍ୟୁ

**ରାଉରକେଲା, ୯ ।୫(ସମିସ):** ରାଉରକେଲା ଡିଏଭି ଛକ ନିକଟ ରାସ୍ତା କଡ଼ରେ ସନ୍ଦେହଜନକ ଭାବେ ମୃତ୍ୟୁବରଣ କରିଥିବା ରାଉରକେଲା ମହାନଗର ନିଗମର ଠିକା କର୍ମଚାରୀ ସୌମ୍ୟରଞ୍ଜନ ଶର୍ମାଙ୍କ ମୃତ୍ୟୁ ଘଟଣାରେ ଯଦିଓ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି, ମାତ୍ର ଏହାକୁ ସହଜରେ ହଜମ କରି ପାରିନି । ସୌମ୍ୟରଞ୍ଜନଙ୍କ ମୃତ୍ୟୁ ଘଟଣା ସାଧାରଣ ମୃତ୍ୟୁ ନୁହେଁ ବରଂ ଏହା ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ପରିବାର ପକ୍ଷରୁ ସନ୍ଦେହ କରାଯାଉଥିବାବେଳେ ଏବେ ବି ଏହାର କାରଣ କିଛି ସ୍ପଷ୍ଟ ହୋଇ ପାରିନି । ସେପଟେ ପୁଲିସ ସୌମ୍ୟରଞ୍ଜନ ଘଟଣା ଦିନ ରାତିରେ ବ୍ୟବହାର କରିଥିବା ଏକ ଟାଟା ମେଜିକ ଭ୍ୟାନକୁ ଜବତ କରିଛି, ଯାହାକୁ ସୌମ୍ୟ ମୃତ୍ୟୁ ଘଟଣାର ପ୍ରଥମ ସୁରାକ୍ ବୋଲି ଅନୁମାନ କରାଯାଉଛି । ଏତଦ୍‌ବ୍ୟତୀତ ସୌମ୍ୟରଞ୍ଜନଙ୍କ ସାଙ୍ଗ କୈଳାସ ସାମଲଙ୍କ ଘରୁ ସୌମ୍ୟରଞ୍ଜନଙ୍କ ବାଇକ୍ ଜବତ କରାଯାଇଛି । ସୌମ୍ୟରଞ୍ଜନ ନିୟମିତ ଭାବେ କୈଳାସଙ୍କୁ ଚୋରା ଡିଜେଲ ବିକ୍ରି କରୁଥିଲେ ବୋଲି ତଦନ୍ତରୁ ଜଣାପଡ଼ିଛି । ପୁଲିସର ପ୍ରାରମ୍ଭିକ ତଦନ୍ତରୁ ଜଣାପଡ଼ିଛି ଯେ ସେ ଘଟଣା ଦିନ ଅପରାହ୍ନ ପ୍ରାୟ ସାଢେ ୩ଟାରେ ନିଜ ବାଇକ୍‌ରେ ଛେଣ୍ଡ ସ୍ଥିତ ତାଙ୍କର ସାଙ୍ଗ କୈଳାସ ସାମଲ ପାଖକୁ ଯାଇଥିଲେ । ସେଠାରେ ନିଜ ବାଇକ ରଖି କୈଳାସ ଚଳାଉଥିବା ସ୍କୁଲ ଭ୍ୟାନ ଟାଟା ମେଜିକକୁ ମାଗି ଆଣିଥିଲେ । ସେ ୨୦୦ ଲିଟର ଡିଜେଲ ଆଣି କୈଳାସକୁ ବିକ୍ରି କରିଥିଲା । ବିକ୍ରି କରି ଏବାବଦରେ ୨୭ ହଜାର ଟଙ୍କା ଅନଲାଇନରେ ଏବଂ ୫୦୦ ଟଙ୍କା ନଗଦ ନେଇଥିଲା । ଏହାପରେ ଉକ୍ତ ଭ୍ୟାନରେ ଡ୍ରମ୍ ନେଇ ଟାଙ୍କିରେ ଛାଡି ଉକ୍ତ ଭ୍ୟାନ୍‌କୁ ନେଇ ଆରଜିଏଚ୍ ନିକଟ ରାତି ୯ଟାରେ ଓଭର ବ୍ରିଜ ତଳେ ପାର୍କିଂ କରିଥିଲେ । ଏହାପରେ ସୌମ୍ୟରଞ୍ଜନ ଆରଏମସି ଅଳିଆ ଭ୍ୟାନ ନେଇ ୪ ଘଣ୍ଟା ଚଳାଇବାପରେ ରାତି ୧ଟାରେ ଛେଣ୍ଡ ସ୍ଥିତ ପ୍ଲୁଟୋନ୍ ମଲ୍ ନିକଟରେ ପାର୍କିଂ କରିଥିଲା । ସେଠାରୁ ଚାଲିଚାଲି ଆରଜିଏଚ ଆଡକୁ ଫେରୁଥିବା ନେଇ ପ୍ଲୁଟନ ମଲ୍‌ର ସିସିଟିଭି ଫୁଟେଜରୁ ସ୍ପଷ୍ଟ ହୋଇଛି । ତେବେ ବିଦ୍ୟୁତ ନଥିବା ଯୋଗୁଁ ଛେଣ୍ଡ ପେଟ୍ରୋଲ ପମ୍ପ ଠାରୁ ଡିଏଭି ପୋଖରୀ ପର୍ଯ୍ୟନ୍ତ ସମସ୍ତ ସିସିଟିଭି ବନ୍ଦ ରହିଥିଲା । ଯାହା ଫଳରେ ପୁଲିସ ସେହି ସମୟର ଫୁଟେଜ ସଂଗ୍ରହ କରି ପାରିନାହିଁ । ଶେଷଥର ପାଇଁ ସୌମ୍ୟରଞ୍ଜନ କୈଳାସ ସାମଲ ସହ କଥାବାର୍ତ୍ତା ହୋଇଥିବା



**ସିସିଟିଭି ଫୁଟେଜରୁ ଖୁଅଖୋଜୁଛି ପୁଲିସ**
**ବାଇକ୍ ଏବଂ ଭ୍ୟାନ୍ ଜବତ**

ନେଇ ସୌମ୍ୟରଞ୍ଜନଙ୍କ ମୋବାଇଲ ଟ୍ରାକିଂରୁ ଜଣାପଡ଼ିବା ପରେ ଆଇଆଇସି ଜ୍ଞାନେନ୍ଦ୍ର କୁମାର ସାହୁ କୈଳାସ ସାମଲଙ୍କୁ ଗତକାଲି ଛେଣ୍ଡରୁ ଉଠାଇବା ସହ ତାଙ୍କ ନିକଟରୁ ସୌମ୍ୟଙ୍କ ବାଇକ୍‌କୁ ଜବତ କରିଛନ୍ତି । ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସୌମ୍ୟରଞ୍ଜନଙ୍କ ମୃତ୍ୟୁର କାରଣ ସ୍ପଷ୍ଟ ହୋଇଯିବବୋଲି ସେ କହିଛନ୍ତି । ସୂଚନାଯୋଗ୍ୟ ଯେ ଆର୍‌ଏମ୍‌ସିର ଠିକା ଡ୍ରାଇଭର ସୌମ୍ୟରଞ୍ଜନଙ୍କ ମୃତ ଶରୀରକୁ ସନ୍ଦିଗ୍ଧ ଅବସ୍ଥାରେ ଡିଏଭି ପୋଖରୀ ରାସ୍ତା କଡ଼ରୁ ଜବତ କରାଯାଇଥିଲା । ପୁଲିସ ଏହାକୁ ଏକ ସଡ଼କ ଦୁର୍ଘଟଣା ବୋଲି ଅଭିହିତ କରି ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଥିବା ବେଳେ ସୌମ୍ୟଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଛି ବୋଲି ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି ।

### ଆର୍‌ଏସ୍‌ପି ସମ୍ପ୍ରସାରଣ ପ୍ରକ୍ରିୟା ଆରମ୍ଭ

# ୬ଟି ପରିବାରକୁ କ୍ଷତିପୂରଣ ସହ ସ୍ଥାନାନ୍ତର

ରାଉରକେଲା, ୯।୫(ସମିସ)

ପ୍ରତୀକ୍ଷାର ଅନ୍ତଃ ଘଟିଛି । ପରିଶେଷରେ ରାଉରକେଲା ଇସ୍ପାତ କାରଖାନାର ସମ୍ପ୍ରସାରଣ କାର୍ଯ୍ୟର ପ୍ରଥମ ପ୍ରକ୍ରିୟା ଶନିବାର ଆରମ୍ଭ ହୋଇଛି । ଶନିବାର ବିଜେପି ନେତା ତଥା ଜଣାଶୁଣା ସମାଜସେବୀ ଅଶୋକ ପଟ୍ଟନାୟକ ଟାଙ୍ଗରପାଲ୍ଲୀ ଅଧୀନ କାଟେ ବସ୍ତିରେ ପହଞ୍ଚି ବୁଝାସୁଝା କରିବାପରେ ପ୍ରଥମ ପର୍ଯ୍ୟାୟରେ ୬ଟି ପରିବାର ସେମାନଙ୍କ କୁଡ଼ିଆ ଓ ଅଧିକୃତ ଆର୍‌ଏସ୍‌ପି ଜମିକୁ ଖାଲି କରିଥିବା ଜଣାପଡ଼ିଛି । କାଟେ ବସ୍ତିର ଏହି ୬ଟି ପରିବାରକୁ କ୍ଷତିପୂରଣ ସହ ସେକ୍ଟର -୨୨ ସାରନଗରୀର ଇ-ବ୍ଲକ ସ୍ଥିତ ଅସ୍ଥାୟୀ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯାଇଥିଲା । ସେମାନଙ୍କୁ ଆର୍‌ଏସ୍‌ପିର ପକ୍ଷରୁ ପ୍ରତିଶ୍ରୁତି ମୁତାବକ ଶନିବାର ପ୍ରଶାସନିକ ଅଧିକାରୀ, ପୁଲିସ ଉପସ୍ଥିତିରେ ୪ ଲକ୍ଷ ୧୨ ହଜାର ୪୬୫ ଟଙ୍କାର ଏକ ଚେକ୍ କ୍ଷତିପୂରଣ ବାବଦକୁ ପ୍ରଦାନ କରାଯାଇଥିଲା । ଅବଶିଷ୍ଟ ୧ ଲକ୍ଷ ଟଙ୍କା ସେମାନଙ୍କୁ ଥଇଥାନ କରାଯାଇଥିବା ସେକ୍ଟର -୨୨ ଅଧୀନ ସାରନଗରୀର ଇ-ବ୍ଲକରେ ଅସ୍ଥାୟୀ ଆଶ୍ରୟସ୍ଥଳୀକୁ ହସ୍ତାନ୍ତର କରିବାପରେ ପ୍ରଦାନ କରାଯିବ ବୋଲି କୁହାଯାଇଛି । ଏହି ଅବସରରେ ରାଜସ୍ୱ ବିଭାଗ, ପୁଲିସ ପ୍ରଶାସନ, ଆର୍‌ଏସ୍‌ପିର ବିଭିନ୍ନ ପଦାଧିକାରୀଙ୍କ ସହ ଟାଙ୍ଗରପାଲ୍ଲୀ ଥାନା ଅଧିକାରୀ ନିରଞ୍ଜନ ସେଠୀ ଉପସ୍ଥିତ ଥିଲେ । ଶ୍ରୀ ପଟ୍ଟନାୟକ ପରିବହନର ବ୍ୟବସ୍ଥା କରି ସମସ୍ତ ୬ଟି ପରିବାରକୁ ସ୍ଥାନାନ୍ତର କରାଯାଇଥିଲେ । ସେପଟେ ଇ-ବ୍ଲକରେ ଏହି ବିସ୍ଥାପିତଙ୍କ ଗୃହ ପ୍ରବେଶ କାର୍ଯ୍ୟକ୍ରମକୁ ରଘୁନାଥପାଲି ବିଧାୟକ ଦୁର୍ଗା ଚରଣ ତନ୍ତୀ ଶୁଭାରମ୍ଭ କରିଥିଲେ ।

ସୂଚନାଯୋଗ୍ୟ ଯେ ଆସନ୍ତାକାଲି କାଟେ



ବସ୍ତିର ୯ଟି ପରିବାରଙ୍କୁ ଏହିପରି ଭାବେ କ୍ଷତିପୂରଣ ପ୍ରଦାନ ସହ ଇ-ବ୍ଲକସ୍ଥିତ ଆର୍‌ଏସ୍‌ପି କ୍ୱାର୍ଟର୍ସକୁ ସ୍ଥାନାନ୍ତର କରାଯିବ ବୋଲି ସୂଚନା ମିଳିଛି । ଏହି ପଦକ୍ଷେପ ଦ୍ୱାରା ଆର୍‌ଏସ୍‌ପି ତାର ପ୍ରତିଶ୍ରୁତି ପୂରଣର ପ୍ରଥମ ପର୍ଯ୍ୟାୟ ଶୁଭାରମ୍ଭ କରିଥିବା ଜଣାପଡ଼ିଛି । ଏତଦ୍‌ବ୍ୟତୀତ ଏହି ପଦକ୍ଷେପ ପ୍ରକଳ୍ପ ଅଞ୍ଚଳର ପ୍ରଭାବିତ ପରିବାରମାନଙ୍କୁ ଉପଯୁକ୍ତ ଥଇଥାନ ସହାୟତା ଏବଂ ଆର୍ଥିକ ସହାୟତା ପ୍ରଦାନ କରିବା ଦିଗରେ ଆର୍‌ଏସ୍‌ପିର ନିଷ୍ଠାକୁ ପ୍ରତିଫଳିତ କରୁଛି । ସୂଚନାଯୋଗ୍ୟ ଯେ ଅନୁମୋଦିତ କ୍ଷତିପୂରଣ ଢାଞ୍ଚା ଅନୁଯାୟୀ, ପ୍ରତ୍ୟେକ ଯୋଗ୍ୟ ବିସ୍ଥାପିତ ହିତାଧିକାରୀ ପରିବାର ମୋଟ ୫, ୧୬, ୬୨୦ ଟଙ୍କାର ଆର୍ଥିକ ସହାୟତା ପାଇବେ । ଗୋଟିଏ କୁଡ଼ିଆରେ ରହୁଥିବା ପରିବାର ସଂଖ୍ୟା ନିର୍ଦ୍ଧାରିତ ସରକାରୀ ନିୟମ ଏବଂ ଯାଞ୍ଚ ପ୍ରକ୍ରିୟା ଅନୁଯାୟୀ ସ୍ଥିର କରାଯାଉଛି । ସେହି ଅନୁସାରେ, ଯେଉଁକ୍ଷେତ୍ରରେ ଗୋଟିଏ କୁଡ଼ିଆଘରେ ତିନୋଟି ପରିବାର ବାସ କରୁଛନ୍ତି, ସେଠାରେ ସମୁଦାୟ କ୍ଷତିପୂରଣ ପରିମାଣ ୧୫, ୪୯, ୮୬୦ ଟଙ୍କା ପ୍ରଦାନ କରାଯିବ ବୋଲି ସ୍ପଷ୍ଟ ହୋଇଛି । ଏହାସହ ପ୍ରତ୍ୟେକ କୁଡ଼ିଆ ବଦଳରେ ଦେଓଗାଁଠାରେ ୬୫୦ ବର୍ଗ ଫୁଟ୍‌ର ଏକ ବିକଶିତ ଓ ପ୍ଲଟ୍ କରାଯାଇଥିବା ଜମି ପ୍ରଦାନ କରାଯିବ । ପ୍ଲଟ୍ କରାଯାଇଥିବା ଜମିରେ ସମସ୍ତ ମୌଳିକ ସୁବିଧା ସୁଯୋଗ ଯୋଗାଇ ଦିଆଯିବ । ଏହାବ୍ୟତୀତ, ପ୍ରତ୍ୟେକ ପ୍ରଭାବିତ କୁଡ଼ିଆରୁ ଜଣେ ସଦସ୍ୟଙ୍କୁ ସ୍ଥାପନ ପର୍ଯ୍ୟାୟ ଏବଂ ପରବର୍ତ୍ତୀ କାର୍ଯ୍ୟ ସମୟରେ ନୂତନ ପ୍ଲାଣ୍ଟରେ ଆଉଟସୋର୍ସିଂ କାର୍ଯ୍ୟରେ ସ୍ୱତନ୍ତ୍ର ନିୟୋଜିତ ପାଇଁ ବିବେଚନା କରାଯିବ । ଆର୍‌ଏସ୍‌ପି ଏପରି ବ୍ୟକ୍ତିମାନଙ୍କର ନିରନ୍ତର ନିୟୋଜନ ନିଶ୍ଚିତ କରିବ । ପ୍ରତ୍ୟେକ ଶ୍ରମିକଙ୍କୁ ସମୟ ସମୟରେ ସଂଶୋଧନ ସହିତ ସର୍ବନିମ୍ନ ମାସିକ ୨୦, ୬୫୭/- ଟଙ୍କା ମଜୁରୀ (ବୋନସ୍ ଏବଂ ଛୁଟି ଦରମା ସମେତ) ମିଳିବ ବୋଲି ସୂଚନା ମିଳିଛି । ନିର୍ଭରଶୀଳ ପରିବାର ସଦସ୍ୟମାନଙ୍କୁ ଇଏସ୍‌ଆଇ ଚିକିତ୍ସା ସୁବିଧା ଅଧୀନରେ ଅନ୍ତର୍ଭୁକ୍ତ କରାଯିବ ବୋଲି ଜଣାପଡ଼ିଛି । ଉଲ୍ଲେଖଯୋଗ୍ୟ ଯେ ସମସ୍ତ ପ୍ରଭାବିତ ପରିବାରଗୁଡ଼ିକୁ ସର୍ବାଧିକ ୬ମାସ ପାଇଁ କିଛି ନିୟମ ଓ ସର୍ତ୍ତ ସହିତ ସେକ୍ଟର -୨୨ ସାରନଗରୀ ଇ-ବ୍ଲକ ସ୍ଥିତ ଆର୍‌ଏସ୍‌ପିର କ୍ୱାର୍ଟର୍ସରେ ଅସ୍ଥାୟୀ ଆଶ୍ରୟସ୍ଥଳୀ ପ୍ରଦାନ କରାଯାଉଛି । ଯାହାଫଳରେ ସେମାନେ ସେମାନଙ୍କର ବର୍ତ୍ତମାନର କୁଡ଼ିଆରୁ ସ୍ଥାନାନ୍ତରିତ ହେବାପରେ ତୁରନ୍ତ ସେଠାରେ ରହିପାରିବେ । ଏହି ୬ ମାସ ଅବଧି ମଧ୍ୟରେ ସେମାନେ ସେମାନଙ୍କୁ ଦେଓଗାଁଠାରେ ପ୍ରଦାନ କରାଯାଇଥିବା ୬୫୦ ବର୍ଗ ଫୁଟର ଜମିରେ ଗୃହନିର୍ମାଣକରି ସ୍ଥାନାନ୍ତରିତ ହେବାସହ ଆଶ୍ରୟସ୍ଥଳ ଖାଲି କରିବେ ବୋଲି ସର୍ତ୍ତାବଳୀ ରହିଛି ।

## ଚନ୍ଦ୍ରକାନ୍ତ ମଲ୍ଲିକ ନୂତନ ଉପଜିଲ୍ଲାପାଳ ଭାବେ ଦାୟିତ୍ୱ ଗ୍ରହଣ

**ରାଉରକେଲା, ୯ ।୫ (ସମିସ):** ପାନପୋଷର ନୂଆ ଉପଜିଲ୍ଲାପାଳ ଭାବେ ଚନ୍ଦ୍ରକାନ୍ତ ମଲ୍ଲିକ ଗୁରୁବାର ବିଧିବଦ୍ଧ ଭାବେ କାର୍ଯ୍ୟରେ ଯୋଗ ଦେଇଛନ୍ତି । ଶ୍ରୀ ମଲ୍ଲିକ ଡେପୁଟି ସବ୍‌କଲେକ୍ଟର ଚାନ୍ଦିନୀଙ୍କ ଠାରୁ ଦାୟିତ୍ୱ ଗ୍ରହଣ କରିଥିବା ଜଣାପଡ଼ିଛି । ଶ୍ରୀ ମଲ୍ଲିକ କାର୍ଯ୍ୟରେ ଯୋଗ ଦେବାପରେ ଉପଜିଲ୍ଲାପାଳ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀମାନେ ତାଙ୍କୁ ସ୍ୱାଗତ ଜଣାଇଥିଲେ । ସୂଚନାଯୋଗ୍ୟ ଯେ ୨୦୧୫ ବ୍ୟାଚ୍‌ର ଓଡ଼ିଶା ପ୍ରଶାସନିକ ଅଧିକାରୀ ଶ୍ରୀ ମଲ୍ଲିକ ଆଇଆଇଟି କାନପୁରରୁ ବାୟୋ ଇଞ୍ଜିନିୟରିଂରେ ବି. ଟେକ୍ କରିଛନ୍ତି । ସେ ୨୦୨୧ରେ ରାଉରକେଲା ତହସିଲଦାର ଭାବେ ଯୋଗ ଦେଇଥିଲେ । ପରେ ସେ ରାଉରକେଲା ଉନ୍ନୟନ କର୍ତ୍ତୃପକ୍ଷ (ଆରଡିଏ) ସଚିବ ଦାୟିତ୍ୱ ତୁଲାଇଥିଲେ ।



ରାଉରକେଲାକୁ ଆସିବା ପୂର୍ବରୁ ସେ ନିମାପଡ଼ାରେ ତହସିଲଦାର ଭାବେ କାର୍ଯ୍ୟ କରିଥିଲେ । ଗତ ବିଧାନସଭା ନିର୍ବାଚନ ବେଳେ ତାଙ୍କର ଭୁବନେଶ୍ୱର ସହର ଯୋଜନା ନିର୍ଦ୍ଦେଶାଳୟକୁ ଓଏସ୍‌ଡି ଭାବେ ବଦଳି ହୋଇଥିଲା । ପାନପୋଷ ଉପଜିଲ୍ଲାପାଳ ବିଜୟ କୁମାର ନାୟକଙ୍କର ଭୁବନେଶ୍ୱର ଇଡ୍‌କୋକୁ ବଦଳି ହେବାପରେ ତାଙ୍କସ୍ଥାନରେ ଶ୍ରୀ ମଲ୍ଲିକ ନୂଆ ଉପଜିଲ୍ଲାପାଳ ଭାବେ ଯୋଗ ଦେଇଥିବା ସୂଚନା ମିଳିଛି । ପାନପୋଷ ଉପଖଣ୍ଡରେ ଥିବା ୪ଟି ବ୍ଲକ ନୂଆଗାଁ, ବିଶ୍ରା, ଲାଠିକଟା ଓ କୁଆଁରମୁଣ୍ଡା ଅଞ୍ଚଳରେ ଥିବା ଜମିଜୁମାଠାରୁ ଆରମ୍ଭ କରି ସମସ୍ତ ସମସ୍ୟାକୁ ସମାଧାନ କରିବା ପାଇଁ ପ୍ରଚେଷ୍ଟା କରିବେ ବୋଲି ଶ୍ରୀ ମଲ୍ଲିକ କହିଛନ୍ତି ।

## ନିରବୀ ଗଲେ ଶ୍ରମିକନେତା କମ୍ରେଡ୍ ବିଷ୍ଣୁ ମହାନ୍ତି

**ରାଉରକେଲା, ୯।୫(ସମିସ):** ବିଶିଷ୍ଟ ଶ୍ରମିକ ନେତା, ବରିଷ୍ଠ ବାମପନ୍ଥୀ ନେତା ତଥା ସିଆଇଟିୟୁ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ଓ ଓଡ଼ିଶା ସାଧାରଣ ସମ୍ପାଦକ କମ୍ରେଡ ବିଷ୍ଣୁ ମହାନ୍ତିଙ୍କ ପରଲୋକ ଘଟିଛି । ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଆଜି ଭୋର୍ ୩ଟା ୧୫ରେ ଦେହାନ୍ତ ହୋଇଯାଇଛି । ମୃତ୍ୟୁବେଳକୁ ତାଙ୍କୁ ୭୫ ବର୍ଷ ହୋଇଥିଲା । ଏହି ଦୁଃଖଦ ଖବର ସମଗ୍ର ଶ୍ରମିକ ସମାଜ, ଟ୍ରେଡ୍ ୟୁନିଅନ୍ ସଂଗଠନ ଏବଂ ସାମାଜିକ କର୍ମୀଙ୍କୁ ଗଭୀର ଦୁଃଖ ଦେଇଛି । ସେ ସାରା ଜୀବନ ଶ୍ରମିକ, ଠିକା ଶ୍ରମିକ ଏବଂ ଶ୍ରମିକ ବର୍ଗର ଅଧିକାର ପାଇଁ ଲଢ଼ିଥିଲେ । ତାଙ୍କର ସରଳତା, ସଂଘର୍ଷ ଏବଂ



ଶ୍ରମିକ ସ୍ୱାର୍ଥ ପ୍ରତି ସମର୍ପଣ ତାଙ୍କୁ ଶ୍ରମିକ ଆନ୍ଦୋଳନର ଏକ ଦୃଢ଼ ସ୍ତମ୍ଭ କରିଥିଲା । ତାଙ୍କ ବିୟୋଗ ଶ୍ରମିକ ସଂଗଠନ ପାଇଁ ଏକ ଅପୂରଣୀୟ କ୍ଷତି । ବିଭିନ୍ନ ସାମାଜିକ, ରାଜନୈତିକ ଏବଂ ଟ୍ରେଡ୍ ୟୁନିଅନ୍ ସଂଗଠନ ତାଙ୍କ ବିୟୋଗରେ ଗଭୀର ଶୋକପ୍ରକାଶ କରିଥିବା ଜଣାପଡ଼ିଛି । ଛାତ୍ର ଜୀବନରୁ ସେ ବାମପନ୍ଥୀ ଛାତ୍ର ସଂଗଠନ ଭାରତର ଛାତ୍ର ଫେଡେରେସନ (ଏସଏଫ୍‌ଆଇ)ରେ ସାମିଲ ହୋଇଥିଲେ । ରାଉରକେଲା ସରକାରୀ ମହାବିଦ୍ୟାଳୟ ଛାତ୍ର ସଂସଦର ୩ ଥର ସଭାପତି ଓ ରାଉରକେଲା ଆଇନ୍ ମହାବିଦ୍ୟାଳୟ ଛାତ୍ର ସଂସଦର ୩ ଥର ସଭାପତି ଭାବରେ ନିର୍ବାଚିତ ହୋଇଥିଲେ । ପରେ ସୁନ୍ଦରଗଡ଼ ଜିଲ୍ଲା ତଥା ଓଡ଼ିଶାର ଏକ ଛାତ୍ର ନେତା ଭାବରେ ୧୯୭୫ ମସିହା ଜରୁରୀକାଳୀନ ପରିସ୍ଥିତିରେ ୨୪ ମାସ ଜେଲରେ ଥିଲେ । ସେତେବେଳେ ତାଳଚେର ବିମଳାଗଡ଼ ରେଳପଥ ଆନ୍ଦୋଳନ, ରାଉରକେଲାରେ ଠିକା ଶ୍ରମିକ ଆନ୍ଦୋଳନରେ ଜଣେ ଛାତ୍ର ନେତା ହିସାବରେ ନେତୃତ୍ୱ ନେଉଥିବା ବେଳେ ପୁଣିଥରେ ବର୍ଷାଧିକ କାଳ ଜେଲ୍ ଯିବାକୁ ପଡ଼ିଥିଲା । ସେ ସିପିଆଇଏମର ରାଜ୍ୟ ସମ୍ପାଦକ ମଣ୍ଡଳୀର ବରିଷ୍ଠ ସଦସ୍ୟ ତଥା ସିଆଇଟିୟୁର ରାଜ୍ୟ ସାଧାରଣ ସମ୍ପାଦକ ଓ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ଥିଲେ । ୨୦୦୦ ମସିହାରୁ ଜୀବନର ଶେଷପର୍ଯ୍ୟନ୍ତ ଲଗାତାର ଭାବେ ଦୀର୍ଘ ୨୬ ବର୍ଷ ଧରି ସିଆଇଟିୟୁର ରାଜ୍ୟ ସାଧାରଣ ସମ୍ପାଦକ ଥିଲେ । ମଧୁମେହଜନିତ ଦୁରାରୋଗରେ ପୀଡିତ ହୋଇ ଚିକିତ୍ସିତ ଅବସ୍ଥାରେ ତାଙ୍କର ପରଲୋକ ଘଟିଛି । ଶନିବାର ତାଙ୍କ ମରଶରୀର ଭୁବନେଶ୍ୱର ରାଜ୍ୟ କାର୍ଯ୍ୟାଳୟ ହୋଇ କୋଇଡା, କାଳଟା, ରକ୍ସି, ରାଜାମୁଣ୍ଡା ଛକ ହୋଇ ରାଉରକେଲାରେ ପହଞ୍ଚିବ । ପାର୍ଥିବ ଶରୀର ତାଙ୍କର ଛେଣ୍ଡ ସ୍ଥିତ ବାସଭବନରେ ରଖାଯିବ । ରବିବାର ସକାଳେ ତାଙ୍କର ପାର୍ଥିବ ଶରୀର ଛେଣ୍ଡ ବାସଭବନରୁ ଏକ ଶୋଭାଯାତ୍ରାରେ ଅଣାଯାଇ ସିପିଆଇଏମ୍ ଦଳୀୟ କାର୍ଯ୍ୟାଳୟ ଶକ୍ତି ନଗର ହୋଇ ସେକ୍ଟର -୧୬ ସ୍ଥିତ ସିଆଇଟିୟୁ ଜିଲ୍ଲା କାର୍ଯ୍ୟାଳୟ ଶ୍ରମିକ ଭବନ ଠାରେ ରଖାଯିବ । ସେଠାରେ ବିଭିନ୍ନ ରାଜନୈତିକ ଦଳ, ଟ୍ରେଡ ୟୁନିଅନ, ସାମାଜିକ, ସାଂସ୍କୃତିକ ସଂଗଠନ, ସାଂସଦ, ବିଧାୟକ, ରାଜ୍ୟ ଓ କେନ୍ଦ୍ର ନେତୃତ୍ୱ ସ୍ୱର୍ଗତ ମହାନ୍ତିଙ୍କ ଶେଷ ଦର୍ଶନ କରିବା ସହିତ ଶ୍ରଦ୍ଧାଞ୍ଜଳି ଜଣାଇବେ । ପରେ ରାଉରକେଲା ନୂଆ ବସ୍‌ଷ୍ଟାଣ୍ଡ, ରାଉରକେଲା ଓକିଲ ସଂଘ କାର୍ଯ୍ୟାଳୟ, ପାନପୋଷ ହୋଇ ବେଦବ୍ୟାସ ଯିବ । ତାଙ୍କର ଏହି ଶେଷ ଶୋଭାଯାତ୍ରା ଓ ବିଦାୟ କାର୍ଯ୍ୟକ୍ରମରେ ବିଭିନ୍ନ ଶ୍ରେଣୀର ଲୋକ ଯୋଗ ଦେବାକୁ ସିଆଇଟିୟୁ ଓ ସିପିଆଇଏମ୍ ପକ୍ଷରୁ ନିବେଦନ କରାଯାଇଛି ।

### ବିଭିନ୍ନ ମହଲରେ ଶୋକ

## ଖଟିଖିଆଙ୍କ ଦରଦୀ ବନ୍ଧୁଥିଲେ ବିଷ୍ଣୁ ଭାଇ

**ରାଉରକେଲା, ୯।୫(ସମିସ):** ରାଉରକେଲା ତଥା ଓଡ଼ିଶା ଶ୍ରମିକ ରାଜନୀତିର ଅନନ୍ୟ ଯୋଦ୍ଧା ନେତା ବିଷ୍ଣୁ ମହାନ୍ତିଙ୍କ ବିୟୋଗରେ ବିଭିନ୍ନ ମହଲରେ ଗଭୀର ଶୋକ ପ୍ରକାଶ ପାଇଛି । ରାଜ୍ୟସଭା ସାଂସଦ ଦିଲୀପ ରାୟ ଗଭୀର ଶୋକ ପ୍ରକାଶ କରି କହିଛନ୍ତି ବିଷ୍ଣୁ ମହାନ୍ତିଙ୍କ ବିୟୋଗ କେବଳ ରାଉରକେଲା ନୁହେଁ ସମଗ୍ର ରାଜ୍ୟ ଜଣେ ଟାଣୁଆ ଦରଦି ଶ୍ରମିକ ନେତାଙ୍କୁ ହରାଇଲା । ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ କହିଛନ୍ତି ବିଷ୍ଣୁ ମହାନ୍ତି ଜଣେ ବିଶିଷ୍ଟ ସାମ୍ୟବାଦୀ ଚିନ୍ତକ ତଥା ସାଲିସ ବିହୀନ ଶ୍ରମିକ ନେତା ଥିଲେ । ରଘୁନାଥପାଲି ବିଧାୟକ ଦୁର୍ଗା ଚରଣ ତନ୍ତୀ କହିଛନ୍ତି ଯେ ବିଷ୍ଣୁ ବାବୁଙ୍କ ବିୟୋଗ ଯୋଗୁଁ ଏକ ଶ୍ରମିକ ଆନ୍ଦୋଳନର ଯୁଗ ଶେଷ ହେଲା । ସେପଟେ ରାଉରକେଲା ଶ୍ରମିକ ସଂଘ କାର୍ଯ୍ୟାଳୟ ପରିସରରେ ସଂଘର ବରିଷ୍ଠ ଉପସଭାପତି ଆର୍.କେ. ପଣ୍ଡାଙ୍କ ଅଧ୍ୟକ୍ଷତାରେ ସ୍ୱର୍ଗତ ମହାନ୍ତିଙ୍କ ସ୍ମୃତିରେ ଅନୁଷ୍ଠିତ ଏକ ଶୋକସଭାରେ ଓଡ଼ିଶା ଆଇଏନଟିୟୁସିର ସଭାପତି ଓ ପୂର୍ବତନ ସାଂସଦ ଡ. ରାମଚନ୍ଦ୍ର ଖୁଣ୍ଟିଆ ସ୍ୱର୍ଗତ ବିଷ୍ଣୁ ମହାନ୍ତିଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ କରିଥିଲେ । ଶୋକବାର୍ତ୍ତାରେ ସ୍ୱର୍ଗତ ମହାନ୍ତିଙ୍କୁ ଜଣେ ଖଟିଖିଆ ମେହନତୀ ମଣିଷଙ୍କ ଦରଦୀ ବନ୍ଧୁ ଭାବେ ଅଭିହିତ କରିଥିଲେ । ସଂଘର ଉପସାଧାରଣ ସମ୍ପାଦକ ଦିଲ୍ଲୀପ କୁମାର ମହାପାତ୍ର, ଚକ୍ରଧର ପ୍ରଧାନ, ନିହାର ଦାସ, ବୀରକିଶୋର ଶେଖରଦେଓ, ସୁରେଶ ପାଣିଗ୍ରାହୀ, ରମେଶ ଚନ୍ଦ୍ର ଦତ୍ତ, ସୁରେଶ କିଶାନ, ମନୋଜ କିଶାନ, ରଘୁନାଥ ଭୁକ୍ତା, ରଘୁନାଥ ପ୍ରଧାନ, ବିକାଶ ବେହୁରିଆ, ସୌମ୍ୟ କାନ୍ତ ଧଳ, ରୁଦ୍ରନାରାୟଣ ବେହେରା, ଡି. ନାୟକ, ପଦ୍ମାଳୟା ଧରଙ୍କ ସମେତ ଶତାଧିକ କର୍ମକର୍ତ୍ତା ଅଂଶଗ୍ରହଣ କରି ସ୍ୱର୍ଗତ ମହାନ୍ତିଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ ।

ସେହିପରି ରାଉରକେଲା ଷ୍ଟିଲ ମଜଦୁର ୟୁନିୟନ୍ ପକ୍ଷରୁ ସେକ୍ଟର -୫ କାର୍ଯ୍ୟାଳୟ ଠାରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି । ସାଧାରଣ ସମ୍ପାଦକ ରମେଶ ଚନ୍ଦ୍ର ସେଠୀ, ପ୍ରଦୋଷ କୁମାର ମହାନ୍ତି, କୈଳାସ ଚନ୍ଦ୍ର ନାୟକ, ସଦାନନ୍ଦ ସାହୁ, ଅର୍ଜ୍ଜୁନ ଭୋଇ, ରାଧେନ୍ଦ୍ର କୁମାର ତିୱାରୀ, ସୁଧାଂଶୁ ସୁତାର, ବିଷ୍ଣୁ ପ୍ରସାଦ ଦାସ ପ୍ରମୁଖ ଶୋକବ୍ୟକ୍ତ କରିଥିଲେ । ସହରର ବରିଷ୍ଠ ଆଡଭୋକେଟ ଗିରିଶ ଚନ୍ଦ୍ର ମହାପାତ୍ର ଗଭୀର ଶୋକ ପ୍ରକାଶ କରିଛନ୍ତି । ଏତଦ୍‌ବ୍ୟତୀତ ତାଙ୍କ ବିୟୋଗରେ ବିଶିଷ୍ଟ ଶ୍ରମିକ ନେତା ବିମାନ ମାଇତି, ବସନ୍ତ କୁମାର ନାୟକ, ରାଜକିଶୋର ପ୍ରଧାନ, ଆରଏମଏସ ସାଧାରଣ ସମ୍ପାଦକ ଅକ୍ଷୟ କୁମାର ନାୟକ, ଶଶଧର ନାୟକ, ଇଂ ବିମଳ କୁମାର ବିଶି, ସଚେତନ ନାଗରିକ ମଞ୍ଚର ସାଧାରଣ ସମ୍ପାଦକ ପିପି ରାୟ, ମିନାକ୍ଷୀ ଧର ଫାଉଣ୍ଡେସନର ପ୍ରତିଷ୍ଠାତା ଇଂ ନଳିନୀ କାନ୍ତ ଧର, ଆପ୍‌ର ବରିଷ୍ଠ ନେତା ବିନୟ କୁମାର ତିୱାରୀ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି ।

## ବଣାଇଁ ସିପିଆଇ(ଏମ୍) ପକ୍ଷରୁ ଶ୍ରଦ୍ଧାଞ୍ଜଳି

**ବଣାଇଁ, ୯ ।୫(ସମିସ):** କମ୍ରେଡ ବିଷ୍ଣୁ ମହାନ୍ତିଙ୍କ ପରଲୋକ ଘଟିଥିବାରୁ ବଣାଇଁ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ତାଙ୍କର ଦେହାନ୍ତ ଶ୍ରମିକ ଆନ୍ଦୋଳନ ଓ ବାମପନ୍ଥୀ ରାଜନୀତି ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ସିପିଆଇ(ଏମ) ନେତୃବୃନ୍ଦ ମତ ପ୍ରକାଶ କରିଛନ୍ତି । ସେ ହଜାର ହଜାର ଶ୍ରମିକଙ୍କ ପାଇଁ ଆଶା, ଅଧିକାର ଓ ସଂଘର୍ଷର ପ୍ରତୀକ ଭାବେ ପରିଚିତ ଥିଲେ । ତାଙ୍କର ଦେହାନ୍ତରେ ବଣାଇଁ ସିପିଆଇ(ଏମ) ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଛି । ବିଧାୟକ ଲକ୍ଷ୍ମଣ ମୁଣ୍ଡା, ଜିଲ୍ଲା ପରିଷଦ ସଭ୍ୟା ସୁଶୀଳା ମୁଣ୍ଡା, ବିଧାୟକ ପ୍ରତିନିଧି ଅନିରୁଦ୍ଧ ତ୍ରିପାଠୀ, ବରିଷ୍ଠ ନେତା ପ୍ରଭାତ ପଣ୍ଡା ମାନସ ରଞ୍ଜନ ସାହୁ, ବାଦଲ ବାରିକ ପ୍ରଦୀପ ଜିତ, ଭୁବନ ସାହୁ, ଗିରିଧାରୀ ତ୍ରିପାଠୀ, ଓମନ୍ତ ମହାନ୍ତିଙ୍କ ସମେତ ସମସ୍ତ ସିପିଆଇ(ଏମ) କର୍ମୀ ତାଙ୍କ ଅମରଆତ୍ମାର ସଦ୍‌ଗତି କାମନା କରିଥିଲେ ।

## ଛାତରୁ ପଡ଼ି ମହିଳାଙ୍କ ମୃତ୍ୟୁ

**ବଣାଇଁ, ୯।୫(ସମିସ):** ବଣାଇଁ ଉପଖଣ୍ଡ ଟିକାୟତପାଲି ଥାନା ଅଧୀନ ସରସରା ଚନ୍ଦ୍ରପୁର ଗ୍ରାମରେ ଏକ ଦୁଃଖଦ ଘଟଣା ଘଟିଛି । ଗ୍ରାମର କୁନି କିସାନ (୪୪) ନାମକ ଜଣେ ମହିଳା ଘର ଛାତରୁ ପଡ଼ି ମୃତ୍ୟୁବରଣ କରିଥିବା ଜଣାପଡ଼ିଛି । ସୂଚନା ଅନୁଯାୟୀ, କୁନି କିସାନ ଆଜି ଦିନବେଳେ ଘର ଛାତ ଉପରକୁ ଆମ୍ବ ଶୁଖେଇବା ପାଇଁ ଯାଇଥିଲେ । ସେହି ସମୟରେ ଅସାବଧାନତା ବଶତଃ ତାଙ୍କର ଗୋଡ଼ ଖସିଯାଇ ସେ ତଳକୁ ପଡ଼ିଯାଇଥିଲେ । ଘଟଣା ପରେ ପରିବାର ଲୋକେ ତୁରନ୍ତ ତାଙ୍କୁ ବଣାଇଁ ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ । ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଟିକାୟତପାଲି ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ଆସନ୍ତାକାଲି ଶବ ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ସୂଚନା ମିଳିଛି ।

## ଡିଭାଇଡର ଉପରକୁ ଚଢ଼ିଗଲା ବାଇକ୍; ଚାଳକ ଗୁରୁତର

**ବଣାଇଁ, ୯ ।୫(ସମିସ):** ବଣାଇଁ ବାରକୋଟ ୧୪୩ ନମ୍ବର ଜାତୀୟ ରାଜପଥର ଗୋବିନ୍ଦପୁର ଛକ ନିକଟରେ ଶନିବାର ସନ୍ଧ୍ୟାରେ ଏକ ସଡ଼କ ଦୁର୍ଘଟଣାରେ ଜଣେ ବାଇକ ଆରୋହୀ ଗୁରୁତର ଆହତ ହୋଇଛନ୍ତି । ଆହତ ବ୍ୟକ୍ତି ଅଡାଡ଼ିହି ଗ୍ରାମର ନବୀନ ଚନ୍ଦ୍ର କିସାନ (୨୪) ବୋଲି ଜଣାପଡ଼ିଛି । ସୂଚନା ଅନୁଯାୟୀ, ନବୀନ ବାଇକ୍‌ରେ କୌଣସି କାମରେ ବଣାଇଁ ଆସୁଥିବାବେଳେ ସନ୍ଧ୍ୟା ପ୍ରାୟ ୬ଟା ସମୟରେ ଗୋବିନ୍ଦପୁର ଛକ ନିକଟରେ ଅସାବଧାନତାବଶତଃ ବାଇକଟି ଡିଭାଇଡର ଉପରକୁ ଚଢ଼ିଯାଇଥିଲା । ଫଳରେ ସେ ରାସ୍ତା ଉପରେ ଛିଟକି ପଡ଼ି ଗୁରୁତର ଆହତ ହୋଇଥିଲେ । ସ୍ଥାନୀୟଲୋକେ ତୁରନ୍ତ ତାଙ୍କୁ ଉଦ୍ଧାରକରି ବଣାଇଁ ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ । ସେଠାରେ ପ୍ରାଥମିକ ଚିକିତ୍ସାପରେ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି । ବଣାଇଁ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।

### ରାଉରକେଲାରେ ରାଷ୍ଟ୍ରୀୟ ଲୋକଅଦାଲତ

# ୨୩୫ଟି ମାମଲା ସମାଧାନ : ୩.୪୨ କୋଟି ଆଦାୟ

ରାଉରକେଲା, ୯।୫(ସମିସ)


ସ୍ଥାନୀୟ ନୂଆକୋର୍ଟ ପରିସରରେ ଜାତୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି । ପ୍ରଥମ ଅତିରିକ୍ତ ଜିଲ୍ଲା ଦୌରାଜଜ୍ ତଥା ପାନପୋଷ ତାଲୁକ ଲିଗାଲ୍ ସର୍ଭିସର ଅଧ୍ୟକ୍ଷ ମୁକ୍ତିରଞ୍ଜନ ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଲୋକ ଅଦାଲତରେ ବିଭିନ୍ନ ମାମଲାର ସମାଧାନ ପାଇଁ ଦୁଇଟି ବେଞ୍ଚ କରାଯାଇଥିଲା । ମୋଟ ଆଗତ ୮୩୪ଟି ମାମଲାରୁ ୨୩୫ ଟି ମାମଲା ସମାଧାନ କରାଯାଇ ମୋଟ ୩ କୋଟି ୮୨ ଲକ୍ଷ ୪୫ ହଜାର ୫୦ ଟଙ୍କା ଆଦାୟ କରାଯାଇଥିଲା । ତନ୍ମଧ୍ୟରୁ ୧୫ଟି ମୋଟର ଦୁର୍ଘଟଣାଜନିତ ମାମଲାର ସମାଧାନ କରି ବିଚାରପତି ବିଭିନ୍ନ ବୀମା କମ୍ପାନୀକୁ ୧ କୋଟି ୩୩ ଲକ୍ଷ ୮୫ ହଜାର ଟଙ୍କା ଦେବାକୁ ନିର୍ଦ୍ଦେଶ ଦେଇଥିଲେ । ଏହି ଅବସରରେ୨୧ଟି ଏନ୍‌ଆଇ ଆକ୍ଟ ମାମଲା ସମାଧାନ କରାଯାଇ ୧ କୋଟି ୪୩ ଲକ୍ଷ ୬୫ ହଜାର ୩୨୮ ଟଙ୍କା



ଆଦାୟ ହୋଇଥିଲା । ସେହିପରି ୪ଟି ବ୍ୟାଙ୍କ ରିକଭରି ମାମଲା ସମାଧାନ କରାଯାଇ ୮୩ ହଜାର ୨୮୩ ଟଙ୍କା, ୬ଟି ସିଭିଲ ମାମାଲାର ସମାଧାନ ହୋଇ ୬ ଲକ୍ଷ ୨୦ ହଜାର ୧୯ ଟଙ୍କା, ୨ଟି ଟ୍ରାଫିକ୍ ଚାଲାଣ ମାମଲା ସମାଧାନ ହୋଇ ୧୨, ୫୦୦ ଟଙ୍କା, ୨ଟି ଅର୍ଥ ଦେଣନେଣ ମାମଲା ସମାଧାନ ହୋଇ ୯୭ ଲକ୍ଷ ୭୮ ହଜାର ୯୨୦ ଟଙ୍କା ଆଦାୟ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ସେହିପରି ୧୩ଟି ବୈବାହିକ ମାମଲା ସହ ୨ଟି ଆପରାଧିକ ଓ ଅନ୍ୟାନ୍ୟ ୧୭୫ଟି ମାମଲାର ସମାଧାନ ହୋଇଛି । ଏହିପରି ମୋଟ ୪୬୪ଟି ମାମଲା ସମାଧାନ କରାଯାଇ ୩ କୋଟି ୪୨ ଲକ୍ଷ ୪୫ ହଜାର ୫୦ ଟଙ୍କା ଆଦାୟ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ଦ୍ୱିତୀୟ ଅତିରିକ୍ତ ଦୌରାଜଜ୍ ରଞ୍ଜିତା ଜ୍ୟୋତିଷି, ପରିବାର ଅଦାଲତ ବିଚାରପତି ଲିଲି ସେନାପତି, ସିଭିଲ୍ ଜଜ୍ ସିନିୟର ଡିଭିଜନ୍ ମୋନାଲିସା ପଟ୍ଟନାୟକ, ଏସ୍‌ଡିଜେଏମ୍ (ପି) ପ୍ରବୀଣ ମଣ୍ଡଳ, ସିନିୟର ସିଭିଲ ଜଜ୍ (କମର୍ସିଆଲ କୋର୍ଟ) ଅଭିଜିତ କୁମାର ପୁରୋହିତ, ସିଭିଲ ଜଜ୍ (ଜୁନିୟର ଡିଭିଜନ) ପ୍ରଦୋଷ କୁମାର ମଣ୍ଡଳ, ଜେଏମଏଫସି (ରାଉରକେଲା) ଶର୍ମିଷ୍ଠା ପାଢ଼ୀ, ଜେଏମଏଫସି (ରୁରାଲ) ଅମିତ କୁମାର ବେହେରା, ଅତିରିକ୍ତ ସିଭିଲ ଜଜ୍ ଜେଏମଏଫସି ସ୍ପନ୍ଦନ ପଟ୍ଟନାୟକ ପ୍ରମୁଖ ସମସ୍ତ ମାମଲାଗୁଡ଼ିକର ସମାଧାନ କରିଥିଲେ । ରାଉରକେଲା ବାର୍ ଆସୋସିଏସନ୍‌ର ବରିଷ୍ଠ ଆଇନଜୀବୀ ଗିରିଶ ଚନ୍ଦ୍ର ମହାପାତ୍ର, ଅମୂଲ୍ୟ ମହାପାତ୍ର, ନିର୍ମଳ ସ୍ୱାଇଁ, ସୁନୀଲ ବିଶି, ମନୋଜ ପଟ୍ଟନାୟକ, ପ୍ରଣବ ପାତ୍ର, ରାଜେଶ କେରକେଟା ସହାୟତା କରିଥିଲେ । ଉଲ୍ଲେଖଯୋଗ୍ୟ ଯେ ପ୍ରଥମ ବେଞ୍ଚରେ ଆଡଭୋକେଟ ବୈଷ୍ଣବ ଚରଣ ନାୟକ ଓ ସାମାଜିକ କର୍ମୀ ଡଲିରାଣୀ ବ୍ରହ୍ମା ରହିଥିବା ବେଳେ ଦ୍ୱିତୀୟ ବେଞ୍ଚରେ ଆଡଭୋକେଟ ବସନ୍ତ କୁମାର ପାତ୍ର ଓ ସାମାଜିକ କର୍ମୀ ସ୍ନେହଲତା ପଟ୍ଟନାୟକ ସହଯୋଗ କରିଥିଲେ ।

## ରାଉରକେଲାର ବିଭିନ୍ନ ଥାନାରେ 'ଜୁଭେଣ୍ଟିକା' କାର୍ଯ୍ୟକ୍ରମ

**ରାଉରକେଲା, ୯।୫ (ସମିସ):** ରାଉରକେଲା ପୁଲିସ ଜିଲ୍ଲାର ବିଭିନ୍ନ ଥାନା ପରିସରରେ ଆଜି ଯୁବବର୍ଗ, ଶିଶୁ ଓ ମହିଳା ସୁରକ୍ଷା ଆଇନ ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ 'ଜୁଭେଣ୍ଟିକା' କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି ପରିପ୍ରେକ୍ଷୀରେ ପ୍ଲାଣ୍ଟସାଇଟ୍ ଥାନା ସମେତ ବ୍ରାହ୍ମଣୀ ତରଙ୍ଗ,



ସେକ୍ଟର-୧୫, ସେକ୍ଟର-୭ ଏବଂ ବଣାଇଁ ଥାନା ପରିସରରେ ଏହି 'ଜୁଭେଣ୍ଟିକା' କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ସ୍ଥାନୀୟ ପ୍ଲାଣ୍ଟସାଇଟ୍ ଥାନା ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାୟ ଓ ରାଉରକେଲା ଏସ୍‌ପି ନୀତିଶ ୱାଧୱାନୀ ଅତିଥି ଭାବେ ଯୋଗଦେଇ ଥିଲେ । ଶିଶୁ ଓ ମହିଳାଙ୍କ ଅଧିକାର, ସୁରକ୍ଷା ଏବଂ ବିଭିନ୍ନ ଆଇନଗତ ଅଧିକାର ସମ୍ପର୍କରେ ପୁଲିସ ପକ୍ଷରୁ ସଚେତନତା ବାର୍ତ୍ତା ଦିଆଯାଇଥିଲା । ଏହି ଅବସରରେ ପଶ୍ଚିମାଞ୍ଚଳ ପୁଲିସ ଡିଆଇଜି ବ୍ରିଜେଶ କୁମାର ରାୟ ଯୋଗଦେଇ କାର୍ଯ୍ୟକ୍ରମରେ ଉପସ୍ଥିତ ଯୁବଗୋଷ୍ଠୀଙ୍କୁ ଶିଶୁ ଅଧିକାର, ପୋକ୍ସୋ ଆଇନ, ଗୃହ ହିଂସା ନିରୋଧ ଆଇନ, ସାଇବର ଅପରାଧରୁ ସୁରକ୍ଷା, ମହିଳା ସୁରକ୍ଷା ଓ ଆପତ୍‌କାଳୀନ ସହାୟତା ସେବା ସମ୍ବନ୍ଧରେ ବିସ୍ତୃତ ଭାବେ ଅବଗତ କରିଥିଲେ । ଏସ୍‌ପି ନିତେଶ ୱାଧୱାନୀ ଯୋଗଦେଇ ସମାଜରେ ଶିଶୁ ଓ ମହିଳାଙ୍କ ଉପରେ ଘଟୁଥିବା ଅନ୍ୟାୟ ଓ ଅପରାଧକୁ ରୋକିବା ପାଇଁ ସଚେତନତା ହିଁ ସବୁଠାରୁ ବଡ଼ଅସ୍ତ୍ର ବୋଲି କହିବା ସହ ମୁଖ୍ୟତଃ ଯୁବକ, ଯୁବତୀମାନଙ୍କୁ ସେମାନଙ୍କ ଆଇନଗତ ଅଧିକାର ସମ୍ପର୍କରେ ସଚେତନ କରିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବୋଲି ରାଉରକେଲା ଏସ୍‌ପି ନୀତେଶ ୱାଧୱାନି କହିଛନ୍ତି । ସେହିପରି ଏହି ସଚେତନତା କାର୍ଯ୍ୟକ୍ରମ ସେକ୍ଟର-୭, ସେକ୍ଟର-୧୫, ବ୍ରାହ୍ମଣୀତରଙ୍ଗ ସହ ରାଉରକେଲା ସମେତ ରାଜ୍ୟବ୍ୟାପୀ ୨୪ ଟି ଥାନାରେ ଏପରି କାର୍ଯ୍ୟକ୍ରମ ଆଜି ଆରମ୍ଭ କରାଯାଇଥିବା ସୂଚନା ମିଳିଛି ।

# ହତ୍ୟା ପାଇଁ ଷଡ଼ଯନ୍ତ୍ର





ଅଞ୍ଜନ ଚାନ୍ଦ

ସୁଜନ ବାବୁ ସେଦିନ ଖୁସି ଥିଲେ । ନୂଆ କିଣିଥିବା ଗାଡ଼ିଟିକୁ ନିଜେ ଚଳାଇ ପାରୁଥିଲେ । ଡ୍ରାଇଭର ନଥିଲେ ବି ସହରରୁ ବଜାର ସଉଦା ସାରି ଏବେ ଘରକୁ ଫେରୁଥିଲେ ।

ଆଗକୁ ଭଉଣୀର ବାହାଘର । ବନ୍ଧୁବାନ୍ଧବ କେତେଜଣ ଆସିଗଲେଣି । ବାଡ଼ିରେ ଟେଣ୍ଟ ବନ୍ଧା ଚାଲିଛି । ପତ୍ନୀ ଫୋନ କରି ଫେରିବା କଥା ପଚାରୁଥିଲେ । ସୁଜନ ବାବୁ ଦେଖିଲେ ରାସ୍ତା ଦୁଇପଟେ ଗଛ ଲତା ଗହଳ ଦିଶୁଛି । ଏଇ ଜଙ୍ଗଲ ରାସ୍ତାଟି ପାରି ହୋଇଗଲେ ତାଙ୍କ ଗାଁ ଆସିଯିବ ।

ଜଙ୍ଗଲ ଭିତରେ ଜଗଜ୍ଜନନୀ ମା' ପାର୍ବତୀଙ୍କ ମନ୍ଦିର । ସେଇଠୁ ଘାଟି ରାସ୍ତା ଉପରକୁ ଉଠିଛି । ସୁଜନ ବାବୁ ମା'ଙ୍କୁ ପ୍ରଣାମ କରି ସାବଧାନରେ ଗାଡ଼ି ଚଳାଇଲେ । ଗାଡ଼ି ଘାଟି ଉପରକୁ ଯାଇ ତଳକୁ ଖସିବା ବେଳକୁ ହଠାତ ଶୁଭିଲା ବିକଳ ଚିତ୍କାର ।

ସୁଜନ ବାବୁ ଚମକି ପଡ଼ିଲେ । ରାସ୍ତା କଡ଼କୁ ଗାଡ଼ି ରଖି ଏଣେତେଣେ ଚାହିଁଲେ । କାହାକୁ ଦେଖିପାରିଲେ ନାହିଁ । କିନ୍ତୁ ଚିତ୍କାର ଶୁଭୁଛି । କିଏ ଜଣେ ବିକଳରେ ରକ୍ଷା କରିବାକୁ ନିବେଦନ କରୁଛି ।

ସେ ଗାଡ଼ିରୁ ବାହାରକୁ ଆସିଲେ । ସ୍ୱରକୁ ଅନୁସରଣ କରି ଦେଖିଲେ ଗୋଟିଏ ଭୟଙ୍କର ଦୃଶ୍ୟ । କିଛି ଦୂରରେ ଗଛର ଚେରକୁ ଧରି ଲୋକଟିଏ ତଳକୁ ଝୁଲି ରହିଛି । ଦେହ ଯାକ ଲହୁଲୁହାଣ । ଦୁର୍ଘଟଣା ଅଥବା କିଏ ତଳକୁ ଠେଲି ଦେଇଛି ।

ଆରେ, ୟେ ତ ଦୁର୍ଜନ ସିଂ । ଲୋକଟିକୁ ସେ ଚିହ୍ନି ପାରିଲେ । ନାଁ ଯେମିତି କାମ ବି ସେମିତି । ଗାଁରେ କାହାର ଅନିଷ୍ଟ ସେ କରିନାହିଁ । କଳି ଗୋଳ, ମାର୍‌ପିଟ, ତାଙ୍କ ନିଜର କେନାଲ ପାଖ ଭଲ ଜମିଟିଏ ଜୋର ଜବରଦସ୍ତ ମାଡ଼ି ବସିଛି । ସେ ପୋଲିସ ପାଖରେ ଫେରାଦ ଦେଲେ । ପୋଲିସ ଗାଁକୁ ଆସି ତାକୁ ବାନ୍ଧି ନେଲା । ସମସ୍ତେ ଶାନ୍ତିରେ ନିଃଶ୍ୱାସ ମାରିଲେ । ସେତେବେଳେ ସେ ପୁଣି କଉଁ ଫନ୍ଦିରେ ହାଜତରୁ ବାହାରି ଆସିଲା । ଖଣ୍ଡା ବୁଲାଇ ଧମକ ଦେଲା – "ଆଉ ଥରେ ଯଦି କିଏ ପୋଲିସ ପାଖକୁ ଯିବ ଗଣ୍ଡିରୁ ମୁଣ୍ଡ ଅଲଗା କରିଦେବି ।"

ଯାଉ, ମରୁ ସେ ସଇତାନ ।

ଗାଁ ଲୋକେ ଆଜିଠୁ ଖୁସିରେ ରହିବେ । ସୁଜନ ବାବୁ ଗାଡ଼ି ପାଖକୁ ଫେରି ଆସିଲେ । ଡୋର ଖୋଲି ଭିତରେ ପଶୁଛନ୍ତି କ'ଣ ଭାବି ଅଟକିଗଲେ । ଗାଡ଼ି ଡିକି ଖୋଲି ମୋଟା ରସିଟିଏ ନେଇ ପଛକୁ ଫେରିଲେ । ରସି ସାହାଯ୍ୟରେ ଦୁର୍ଜନ ସିଂକୁ ସେ ଉପରକୁ ଉଠାଇଲେ । ପାଣି ପିଆଇ ସାଷ୍ଟମ କଲେ । ଗାଡ଼ିରେ ବସାଇ ଡାକ୍ତରଖାନାକୁ ନେଲେ । ଚିକିତ୍ସା ପରେ ତା' ଘରକୁ ନେଇ ଛାଡ଼ି ଆସିଲେ ।

ତାପରେ କିଛି ଦିନ ବିତିଯାଇଛି । ସୁଜନ ବାବୁଙ୍କ ଭଉଣୀ ବାହାଘର ଭଲରେ ସରିଛି । କୁଣିଆ, ମଇତ୍ର ଚାଲି ଯିବା ପରେ ଘରଟି ଖାଁ ଖାଁ ଲାଗୁଛି । ସୁଜନ ବାବୁ ସେଦିନ ଅଗଣାରେ ପାରା ଓ ବଣିମାନଙ୍କୁ ଖାଇବାକୁ ଦେଉଛନ୍ତି । ସେମାନଙ୍କ କଳରବରେ ତାଙ୍କ ମନରେ ଥିବା ଶୂନ୍ୟତାର ଦୁଃଖ ଲାଘବ ହେଉଛି । ସେତେବେଳେ କିଏ ଜଣେ ଗେଟ୍ ଖୋଲି ଭିତରେ ପଶିଲା । ସୁଜନ ବାବୁ ଦେଖିଲେ ଦୁର୍ଜନ ସିଂ ଆସୁଛି । ନିଶ ଦାଢ଼ି ନଥିବାରୁ ତାର ଭୟଙ୍କର ମୁହଁଟି ନିରୀହ ଦିଶୁଛି ।

ସୁଜନ ବାବୁଙ୍କ ପାଖକୁ ଆସି ସେ କହିଲା - "ମୁଁ ବହୁତ ଅନ୍ୟାୟ କରିଛି । ମୋତେ କ୍ଷମା କରିଦିଅନ୍ତୁ ।"

ସୁଜନ ବାବୁ କିଛି କହିଲେ ନାହିଁ ।

- "ଆପଣଙ୍କ ଜମି ଆଜିଠୁ ଆପଣଙ୍କର । ଏତେ ଦିନ ଯାଏ ସେଥିରୁ ଯେଉଁ ଫସଲ ଅମଳ କରିଛି ତାହାର ମୂଲ୍ୟ ହିସାବ କରି ମୁଁ ଫେରାଇ ଦେବି ।"

ସୁଜନ ବାବୁ ତଥାପି ନିରବ ।

- "ସେଦିନ ଯେଉଁ ବିପଦରେ ମୁଁ ପଡ଼ିଥିଲି ଆପଣ ଚାହିଁଥିଲେ ମୋତେ ସେଇ ଅବସ୍ଥାରେ ଛାଡ଼ି ଚାଲିଆସିଥାନ୍ତେ । ତଳକୁ ଖସିପଡ଼ି ମୋର ଜୀବନ ଯାଇଥାନ୍ତା । କିନ୍ତୁ ତାହା ନକରି ଆପଣ ମୋତେ ସାହାଯ୍ୟ କଲେ । ଡାକ୍ତରଖାନାକୁ ନେଇ ମୋ ଜୀବନ ବଞ୍ଚାଇଲେ ।"

ସୁଜନ ବାବୁ ହସିଲେ । କହିଲେ – "ତୁମେ ଭୁଲ ବୁଝିଛ । ପ୍ରକୃତରେ ମୁଁ ତୁମର ମୃତ୍ୟୁ ଚାହୁଁଥିଲି ଏବଂ ସେଦିନ ସେଇ ମୁହୂର୍ତ୍ତରେ ମୁଁ ତୁମକୁ ହତ୍ୟା କରିଛି ।"

ଦୁର୍ଜନ ସିଂ ଚକିତରେ ତାଙ୍କୁ ଚାହିଁ ରହିଲା । ■

ବିକାଶନଗର, ଅଙ୍ଗାରଗଡ଼ିଆ
ବାଲେଶ୍ୱର
ମୋ : ୬୩୭୦୬୬୧୧୪୭

## ପୁସ୍ତକ ପରିଚୟ

### ଅଶ୍ଳେଷା

ରଶ୍ମିରଞ୍ଜନ ରାଉତ




ସାଧନା ଛପାଛପି
ଭୁବନେଶ୍ୱର
ପ୍ରଥମ ସଂସ୍କରଣ: ୨୦୨୬
ମୂଲ୍ୟ: ୧୫୦ ଟଙ୍କା

ଯୁବ ଗାଳ୍ପିକ ରଶ୍ମିରଞ୍ଜନ ରାଉତଙ୍କ ଗଳ୍ପ ସଂକଳନ 'ଅଶ୍ଳେଷା' ପ୍ରକାଶ ପାଇଛି । ଏହି ପୁସ୍ତକରେ ମୋଟ ୧୪ଟି ଗଳ୍ପ ସଂକଳିତ ହୋଇଛି । 'ସେପାଖେ ଅନ୍ଧାର', 'ଲେଉଟାଣି', 'ଭଡ଼ାଘର', 'ଦୂର ଆକାଶର ତାରା', 'ଅବ୍ୟକ୍ତ ଅବସୋସ', 'ବୟସ୍କ ଲୋକର ବାଲକୋନୀ', 'ଅଦୃଶ୍ୟ', 'ପରିଧି ବାହାରେ ଜୀବନ', 'ଦାଗ', 'ସକାଳ ପକ୍ଷୀର ଗପ', 'ୱାଲ୍‌ପେପର', 'ପାଣିକାଚ', 'ଅଶ୍ଳେଷା' ଆଦି ଗପଗୁଡ଼ିକ ମନଛୁଆଁ ହୋଇଛି । ଗାଳ୍ପିକଙ୍କ ନିଜସ୍ୱ ଅନୁଭବ ଓ ଅନୁଭୂତିରେ ଗଳ୍ପଗୁଡ଼ିକର କାହାଣୀ ଗତିଶୀଳ ହୋଇଛି । ନିଜ ଆଖପାଖରେ ଥିବା ସାଧାରଣ ଚରିତ୍ର ଭିତରେ ସେ ଖୋଜିଛନ୍ତି ଅସାଧାରଣ ଜୀବନ । ଭଡ଼ାଘରେ ରହୁଥିବା ଜଣେ ଭଦ୍ରଲୋକଙ୍କ ସହିତ ଦେବସ୍ମିତାର ଆତ୍ମୀୟତାକୁ ଗାଳ୍ପିକ ଅତି ଚମତ୍କାର ଭାବେ ଚିତ୍ରଣ କରିଛନ୍ତି 'ଭଡ଼ାଘର' ଗପରେ । ଏହି ପୁସ୍ତକର ଅନେକ ଗପରେ ମାନବୀୟ ଭାବାବେଗ, ନାରୀ ଜୀବନର କୋହ ଓ ଅସହାୟତା, ଅବ୍ୟକ୍ତ ଭାବ, ଅବସୋସ, ପିଲାଦିନ କଥା, ଗ୍ରାମ୍ୟଜୀବନର ଚିତ୍ର ପ୍ରତିଫଳିତ ହୋଇଛି । କାହାଣୀରେ ନୂତନତା, ଚରିତ୍ର ଚିତ୍ରଣରେ ପରିପକ୍ୱତା, ନିଆରା ଉପସ୍ଥାପନା ଶୈଳୀ ଗଳ୍ପଗୁଡ଼ିକକୁ ଅଧିକ ଆକର୍ଷଣୀୟ କରିଛି । 'ଅଶ୍ଳେଷା'ର ଗପଗୁଡ଼ିକ ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ । ■

### ଏକ ଅସ୍ୱଷ୍ଟ ସାନ୍ନିଧ ଓ ଆତ୍ମଜାମାନେ

ସୋନମ୍ ମହାପାତ୍ର



ବିଦ୍ୟା ପବ୍ଲିଶିଙ୍ଗ ଇଙ୍କ୍
ଟରାଣ୍ଟୋ, କାନାଡ଼ା
ପ୍ରଥମ ସଂସ୍କରଣ: ୨୦୨୫
ମୂଲ୍ୟ: ୧୩୦ ଟଙ୍କା

"ଅଲିଅଳି କୁଆଁରୀ କନ୍ୟାଟି/ ଦିଗହରା ସାଗରର ବେଳାଭୂମିରେ/ ଅଧା ଓଦା ସାଗର ବାଲିରେ/ ଥାପି ଚାଲିଛି ତାର/ ଅସରନ୍ତି ସୀମାହୀନ ପାଦଚିହ୍ନ... ।" (କୁଆଁରୀ ମନର କଥା...) ଏମିତି କୁଆଁରୀ ମନର ସ୍ୱପ୍ନ,ଆଶା, ଆକାଂକ୍ଷା ପ୍ରତିଫଳିତ ହୋଇଛି ସୋନମ୍ ମହାପାତ୍ରଙ୍କ 'ଏକ ଅସ୍ୱଷ୍ଟ ସାନ୍ନିଧ ଓ ଆତ୍ମଜାମାନେ' ପୁସ୍ତକର କବିତାଗୁଡ଼ିକରେ । ଏହି ପୁସ୍ତକର 'ଭାରି ମନେ ପଡ଼ ତୁମେ...', 'ତମେ ଥିଲ କି ପାଖେ', 'ଅଧା ଗଢ଼ା ସ୍ୱପ୍ନ', 'ସ୍ୱପ୍ନ ରାଇଜର କଥା...', 'ଭଲ ପାଇବାର କଥା କୁହ...', 'ସଂପର୍କ', 'ସାଥୀ ବିନା ଜୀବନ...', 'ଲୁଚକାଳି', 'ସଂପର୍କର ମଧୁଛନ୍ଦା', 'ଆତ୍ମଜା ପଚାରେ ଆଜି', 'ଝଡ଼ ଚାଲିଗଲା ପରେ', 'ଏକ ଅସ୍ୱଷ୍ଟ ସାନ୍ନିଧ', 'ଶୂନ୍ୟତା' ଆଦି କବିତାଗୁଡ଼ିକ ହୃଦୟସ୍ପର୍ଶୀ ହୋଇଛି । ଏହି ପୁସ୍ତକର ଅନେକ କବିତାରେ ନାରୀ ମନସ୍ତତ୍ତ୍ୱ, ପ୍ରକୃତି ପ୍ରୀତି, ମାନବୀୟ ସମ୍ବେଦନଶୀଳତା, ସୁକୁମାର ଭାବନା, ରୋମାଣ୍ଟିକ୍ ଚେତନା ମାର୍ମିକ ଭାବେ ଫୁଟି ଉଠିଛି । ସୋନମ୍‌ଙ୍କ ଆବେଗଧର୍ମୀ କବିତାର ଆଙ୍ଗିକ ଓ ଆତ୍ମିକ ଉଭୟ ରସୋତ୍ତୀର୍ଣ୍ଣ ହୋଇଛି । 'ଏକ ଅସ୍ୱଷ୍ଟ ସାନ୍ନିଧ ଓ ଆତ୍ମଜାମାନେ' ପୁସ୍ତକର କବିତାଗୁଡ଼ିକ ପାଠକମାନଙ୍କ ହୃଦୟକୁ ସ୍ପର୍ଶ କରିବ ବୋଲି ଆଶା କରାଯାଏ । ■

# ଅରଣ୍ୟ ବୀଜ





ଦେବେନ୍ଦ୍ର କୁମାର ବାଉରୀ

ମୁଁ ଅରଣ୍ୟ ନୁହେଁ
ସଭ୍ୟତା ଉତ୍ପତ୍ତି ପୂର୍ବରୁ
ତମ ଛାତିରେ ଧଡ଼କୁ ଥିବା
ମୁଁ ସେଇ ସବୁଜ ସ୍ପନ୍ଦନ

ତମ ପ୍ରଗତିର ଯଜ୍ଞବେଦୀର ଆହୂତିରେ
ତମ ଶ୍ୱାସର
ମୁଁ ଗୋଟେ ଅସମ୍ପୂର୍ଣ୍ଣ ପ୍ରାର୍ଥନା

ଦିନେ କେବେ ମାଲିକାନା ନଥାଇ
ତମେ ମୋତେ ପିନ୍ଧିଥିଲ
ଆକାଶ ଯେମିତି ପ୍ରଭାତକୁ ପିନ୍ଧେ

ତମ ପାହୁଣ୍ଡ ଥିଲା ଧୀର
ଶୈଳୀ ଶିଖୁଥିଲା ଶୈବାଳର ବ୍ୟାକରଣ
ଛାଲ ଓ ପବନରେ ଲେଖା
ଶାସ୍ତ୍ର ପଢୁଥିଲା

ତମ ପଞ୍ଜରା ହାଡ଼ ଭିତରେ
ମୁଁ ରକ୍ତ ବୁଣି ଦେଇଥିଲି
ମୋ ମୂଳ ତଳେ
ତମେ ପୋତି ଦେଇଥିଲ ଅଗ୍ନି

ଆମେ ଦୁଇଟା ଆକୃତି ନଥିଲୁ
ଥିଲୁ ଗୋଟିଏ ଛାଇ
ସକାଳର ପ୍ରହରକୁ ପାର କରୁଥିଲୁ

ତା' ପରେ ଆସିଲା ସମାନ୍ତର ରେଖା
ମପା ଯାଇଥିବା ଦିଗନ୍ତ
ଲୁହାର ବର୍ଣ୍ଣମାଳା

ନିରବତା ଗାଢ଼ ହେଲା

ପକ୍ଷୀର ଗୀତ ସବୁକୁ
ଅଭିଲେଖାଗାରର ପ୍ରତିଧ୍ୱନିରେ
ସାଇତା ହେଲା
ନଈମାନେ ଶିଖିଲେ
ପଛକୁ ବହିବାର କଳା

ତମେ ତିଆରି କଲ ଛାତ
ତାକୁ ଆଶ୍ରୟ କହିଲ
ତଥାପି ତମ ସ୍ୱପ୍ନ
ପତ୍ର ହେଇ କଅଁଳୁ ଥିଲା

କାହିଁକି ତମ ନିଦ
ବର୍ଷାର ଗନ୍ଧ ପରି ଲାଗେ?
କାହିଁକି ତମ ବିଷାଦ
ହଣା ଖାଉଥିବା ଗଛର କାନ୍ଦ ପରି ଶୁଭେ?

କାରଣ ମୁଁ ଏଯାଏ ଅଛି
ଅକଟା
ତମ ଅସ୍ଥିର ମଜ୍ଜାରେ

ତମେ ଯେତେ ଥର ମୋତେ
ନିର୍ବାସିତ କରିଛ
ମୁଁ ସେତେ ଥର
ତମ ଭିତରକୁ ଫେରିଛି

ଅରଣ୍ୟ କେବେ ଲୋପ ପାଏନି
ଏହା ପ୍ରତ୍ୟାହାର କରେ
ରକ୍ତ ସ୍ରୋତକୁ

ଏବଂ ସେଇଠି
ତମ ଶେଷ ଶ୍ୱାସରେ
ମୁଁ ଅପେକ୍ଷା କରିଛି

ବୀଜ ହେଇ । ■

ଅଗ୍ରଣୀ ବ୍ୟାଙ୍କ କାର୍ଯ୍ୟାଳୟ
ଏସ୍.ବି.ଆଇ. ମୁଖ୍ୟ ଶାଖା, ରାୟଗଡ଼
ମୋ: ୯୬୬୮୯୯୮୩୨୧

# ପକ୍ଷୀର ସକାଳ



ମୌସୁମୀ ଦାସ୍

ସକାଳ ଆସିଲା ଯେଉଁ ପକ୍ଷୀର ପିଠିରେ
ସେଠି ନଥିଲା ସୁନାରଙ୍ଗୀ ଆଲୁଅ,
ଆକାଶ ଦିଶୁଥିଲା ବିବର୍ଣ୍ଣ ଧୂସର
ପକ୍ଷୀର ଭୟାର୍ତ୍ତ ସ୍ୱରରେ ନଥିଲା ସକାଳର ଗୀତ
ବାରୁଦ ଗନ୍ଧରେ ଆକ୍ରାମାକ୍ରା ବାସନ୍ତୀ ବୟାର ।

ଗଛର ଶାଖାରେ ବସି ପଚାରେ ପକ୍ଷୀ
କାହିଁକି ଅଶାନ୍ତ ସାରା ଆକାଶ ?

ସ୍କୁଲ ବ୍ୟାଗ୍‌ରେ ଖୁସି ସଜେଇଥିବା କୁନି ଝିଅ
ଗତକାଲି ପର୍ଯ୍ୟନ୍ତ ଶିଖୁଥିଲା ଅକ୍ଷର,
ଆଜିର ସକାଳ ଜାଳିଦେଲା ତା' ଓଠର ହସ
ତା' ଖାତାର ଅପୂରନ୍ତ ପୃଷ୍ଠାରେ ରହିଗଲା
ଅଧାଲେଖା ଗୋଟେ ସ୍ୱପ୍ନ,

ଖେଳପଡ଼ିଆରେ ମୃତ ପ୍ରଜାପତିଙ୍କ ଡେଣା,
ଧୂଳି ସାଉଁଟି ପଡ଼ିଛି ଆୟେଶାର ସୁନ୍ଦର ଜୋତା
ପାଉଁଶର ଆବର୍ଜନା ତଳେ
ଜରିନାର ଗୋଲାପୀ ମୁଣ୍ଡଫିତା
ସେମାନେ କ'ଣ ଜାଣିଥିଲେ, ଯୁଦ୍ଧ ଏତେ ନିର୍ମମ!
ଯେଉଁଠି କ୍ଷଣିକରେ ଖୁସି ସବୁ ପାଲଟିଯାଏ ଶ୍ମଶାନ!

ପକ୍ଷୀର ଆଖିରେ ଲୁହ,
ଦେଶାନ୍ତରୀ ଶ୍ରମିକର ଭୟାର୍ତ୍ତ ଦୃଷ୍ଟିରେ
ହତାଶାର କ୍ଳାନ୍ତି, ପାଦତଳେ ତତଲା ବାଲି
ଛାତିତଳେ ଭାଙ୍ଗିଥିବା ବସାଘରର ସ୍ମୃତି ।

ଦୂରଦେଶେ ଗାଁ ତା'ର, ତା' ପ୍ରିୟାର ଘର
ମାଆର ପଣତ, ବାପାଙ୍କ ଆକଟ,
କୁନିପୁଅର ଦରୋଟି ଡାକ,
ଏଠି ଯୁଦ୍ଧର ଘନଛାୟା
ମୁହୂର୍ମୁହୁ ମୃତ୍ୟୁର ଦୁଆର ଠକ୍ ଠକ୍ ।

ପକ୍ଷୀର ଡେଣା ଝାଡ଼ି ଖସି ଆସିଲା ସକାଳ,
ସୀମାନ୍ତର ସୈନିକ ସକାଳର ଆଲୋକକୁ ଚାହିଁ
ମନେ ପକାଉଛି ତା'ର ବୈକୁଣ୍ଠ ସମାନ ଘର
ଚାତକ ଆଖିରେ ଅନିଶା କରୁଛି ତା' ଫେରିବା ବାଟ,
ଠାକୁରାଣୀ ଆଗେ ଜାଳିଦେଇ ଦୀପ,
ଗୁହାରି କରୁଛି ସ୍ତ୍ରୀ, କୁନୁବାପା ଭଲରେ ଫେରି ଆସ ।

ପକ୍ଷୀର ଡେଣାରେ ପୂର୍ବାଶାର ନାରଙ୍ଗୀ ସକାଳ
ନା ଉଠେଇ ପାରିବ ଗାଢ଼ ନିଦରୁ ଜରିନା କି ଆୟେଶାମାନଙ୍କୁ,
ନା ଫେରାଇ ଆଣିବ ଗାଁକୁ
ସନ୍ତୋଷ, ସୁକାନ୍ତ, ରାମାରାଓମାନଙ୍କୁ,
ପୁଣିଥରେ ଜୀବନ୍ୟାସ ଦେଇ ପାରିବନି
ଜଳିଜଳି ଲିଭି ଯାଉଥିବା ଗୋଟେ ଅଧାଗଢ଼ା
ଗପର ଦେହକୁ ।

ଏବେ ବି ଥୁଣ୍ଟା ଡାଳରେ ଗୀତ ଗାଉଛି ଉଦାସୀ ପକ୍ଷୀ
ଯୁଦ୍ଧର ବଙ୍କର ନୁହେଁ, ଆକାଶଟେ ଲୋଡ଼ା
ପିଲାମାନଙ୍କ ସ୍ୱପ୍ନ ପାଇଁ ତାରା ଭରା ରାତିଟେ ଲୋଡ଼ା
ଦେଶାନ୍ତରୀ ଯୁବକ ପାଇଁ ଆଶ୍ୱସ୍ତ ଫେରାପଥ ଲୋଡ଼ା
ଅସ୍ଥିର ପୃଥିବୀ ପାଇଁ ଶୁଭ ସକାଳଟେ ଲୋଡ଼ା
ଯୁଦ୍ଧର ନିନାଦ ନୁହେଁ, ପ୍ରେମର କବିତାଟେ ଲୋଡ଼ା । ■

ଭୁବନେଶ୍ୱର



# ଦିବ୍ୟ ଚେତନାର ଅନନ୍ୟ କବି ଦୀନକୃଷ୍ଣ



ଡକ୍ଟର କାଳିକିଙ୍କର

ରୀତି ଯୁଗର ଅନ୍ୟତମ ସ୍ରଷ୍ଟା ହେଲେ ଭକ୍ତି ଓ ମାନବୀୟ ମୂଲ୍ୟବୋଧର କବି ଦୀନକୃଷ୍ଣ ଦାସ । ତାଙ୍କର କବିତାରେ ସେ ସବୁବେଳେ ରସ ଅର୍ଥାତ ସତ୍ୟ ଓ ସରଳତାକୁ ଆପଣେଇଛନ୍ତି । ଯଦି ଆମେ ଦୀନକୃଷ୍ଣଙ୍କର କବିତାର ଅନ୍ତଃସ୍ୱରକୁ ବୁଝିବା ତା'ହେଲେ ତାଙ୍କର ପ୍ରତ୍ୟେକ ଶବ୍ଦ ଓ ପଦରେ ସତ୍ୟ ଓ ସୁନ୍ଦରତାକୁ ସହଜରେ ଅନୁଭବ କରିହେବ । ତାଙ୍କ ରଚିତ 'ରସକଲ୍ଲୋଳ', 'ରସବିନୋଦ', 'ଆର୍ତ୍ତତ୍ରାଣ ଚଉତିଶା', 'ଜଗମୋହନ ଛାନ୍ଦ', 'ପ୍ରସ୍ତାବ ସିନ୍ଧୁ', 'ନାମରତ୍ନ ଗୀତା' ଆଦି ଗ୍ରନ୍ଥ ଓଡ଼ିଆ ସାହିତ୍ୟକୁ ସମୃଦ୍ଧଶାଳୀ କରିଛି । ବାସ୍ତବରେ ରୀତି ଯୁଗର ଯେଉଁ କେତେ ଜଣ କବି ତାଙ୍କର କବିତାରେ ଏ ଉତ୍କଳର ବାଣୀଭଣ୍ଡାରକୁ ସମୃଦ୍ଧ କରିଛନ୍ତି ସେମାନଙ୍କ ମଧ୍ୟରେ ଦୀନକୃଷ୍ଣ ଥିଲେ ସ୍ୱତନ୍ତ୍ର । କବି ଦୀନକୃଷ୍ଣଙ୍କ କବିତା ଏଡ଼େ ସୁନ୍ଦର ଓ ସୁଲଳିତ ସୃଷ୍ଟି ଯେ, ତାହା ଯୁଗେ ଯୁଗେ ତାଙ୍କୁ ଅମର କରି ରଖିଛି । ସୁଲଳିତ ଛନ୍ଦମୟ କବିତା ଦୀନକୃଷ୍ଣଙ୍କ କବିତାକୁ ମହାନ ଓ ସ୍ୱତନ୍ତ୍ର ସ୍ଥାନ ଦେଇଛି । ଏକଥା ସତ ଯେ ଯେଉଁ ସାହିତ୍ୟରେ ରସ ନାହିଁ, ସେ ସାହିତ୍ୟ କାଳର ବକ୍ଷରେ ଅମଳିନ ହୋଇ ରହିପାରେ ନାହିଁ ।

କବି ଦୀନକୃଷ୍ଣ ଥିଲେ ଶ୍ରୀକୃଷ୍ଣ ବା ଶ୍ରୀବିଷ୍ଣୁ ବା ଶ୍ରୀଜଗନ୍ନାଥଙ୍କ ପ୍ରତି ସର୍ବଦା ଉନ୍ମୁଖ ଓ ଚରଣ ଆଶ୍ରିତ । ଶ୍ରୀକ୍ଷେତ୍ର ପୁରୀରେ ଯାଇ ରହିବାକୁ ଚାହୁଁଥିଲେ ଦୀନକୃଷ୍ଣ । ସେ ଦୀର୍ଘପଥ ଅତିକ୍ରମ କରି ପୁରୀରେ ପହଞ୍ଚିଥିଲେ । ସେଠାରେ ରହି ପ୍ରଭୁଙ୍କ ଉଦ୍ଦେଶ୍ୟରେ ରଚନା କଲେ ଅନେକ କାବ୍ୟ ଓ କବିତା । କବି ଦୀନକୃଷ୍ଣଙ୍କ ଅନ୍ତର୍ଦୃଷ୍ଟି ଥିଲା ଅତ୍ୟନ୍ତ ଗଭୀର । ତାଙ୍କ ଭିତରେ ପ୍ରଭାତର ଆଲୋକ ବା କୁସୁମର ବିକାଶ ପରି ଆତ୍ମାନୁଭୂତି ଥିଲା ଖୁବ ଉଜ୍ଜ୍ୱଳ । ସେ ଥିଲେ ସ୍ଥିତପ୍ରଜ୍ଞ । କବିତ୍ୱ ଥିଲା ତାଙ୍କର ଅନନ୍ୟ ଶକ୍ତି । ସେ କହନ୍ତି- "କବିତ୍ୱ ରସ ଉତ୍ତମ ଗୋକ୍ଷୀର- କବିତ୍ୱ ଶାନ୍ତି ଜଳ ଏକାକାର ।" ତେଣୁ ଏମିତି କବିଙ୍କୁ ଅବା କିଏ ପରାଜିତ କରିପାରିବ ।

କବି ଦୀନକୃଷ୍ଣଙ୍କର ସମସ୍ତ ସୃଷ୍ଟି ଥିଲା ଅନନ୍ୟ ଓ ଅସାଧାରଣ । ସେଥିପାଇଁ ତାଙ୍କୁ କିଏ ଓଡ଼ିଆ ଭାଷା ସାହିତ୍ୟର ଉଜ୍ଜ୍ୱଳ ପୁରୁଷ ଭାବରେ ଚିତ୍ରିତ କରନ୍ତି ତ କିଏ ତାଙ୍କୁ ସନ୍ଥ କବିର ମର୍ଯ୍ୟାଦା ପ୍ରଦାନ କରନ୍ତି । କିଏ ତାଙ୍କୁ ଭକ୍ତି ଚେତନାର ଉଜ୍ଜ୍ୱଳ ଜ୍ୟୋତିଷ୍କର କହନ୍ତି ତ କିଏ ତାଙ୍କୁ ଗଣଚେତନାର ସମୁଜ୍ଜ୍ୱଳ ସ୍ୱାକ୍ଷର କହନ୍ତି । କିଏ ତାଙ୍କୁ କୃଷ୍ଣଭାବ, ଗୋପୀଭାବର କବି କହନ୍ତି ତ କିଏ ଜନଭାବର କବି ବୋଲି କହନ୍ତି । ତେବେ ଏକଥା ସମସ୍ତେ କହନ୍ତି ସେ ଜଣେ ରସର ପରମ ରସିକ, ଯେଉଁ ରସକୁ କାବ୍ୟ କବିତାର ରସବୋଲି ସ୍ୱଚ୍ଛନ୍ଦରେ କୁହାଯାଏ ।

ଦୀନକୃଷ୍ଣଙ୍କର ସୃଷ୍ଟି ସାଗର ଭିତରେ ରତ୍ନ ସମ୍ଭାର; ଅନେକ ଗବେଷକ ଅନୁମାନ କରନ୍ତି ଯେ, କବି ଦୀନକୃଷ୍ଣ ପ୍ରଥମେ ଗୀତି କବିତା ରଚନା କରିଛନ୍ତି । ସେହି କ୍ରମରେ ସେମାନେ ଆଲୋଚନା ପ୍ରସଙ୍ଗକୁ ନେଇଛନ୍ତି ତାଙ୍କର ପ୍ରସ୍ତାବ ସିନ୍ଧୁ, ଜଗମୋହନ ଛାନ୍ଦ, ଭୂତ କେଳି, ନାବକେଳି, ଅଳଙ୍କାର ବୋଲି, ସମଦୀର୍ଘ ବୋଲି ଇତ୍ୟାଦି । ଏସବୁକୁ ଅନେକେ ଭକ୍ତି ଗୀତିକା, କୃଷ୍ଣଲୀଳାତ୍ମକ ଗୀତିକା, ଲୌକିକ ଗୀତିକା, ଚଉତିଶା ବା ବିବିଧ ପର୍ଯ୍ୟାୟ ବୋଲି କହିଛନ୍ତି । ଭକ୍ତି ଗୀତିକାର ଯେମିତି ଭଜମନ କଳା କହ୍ନେଇ, ଜୟ ଜଗବନ୍ଧୁ ହେ ଯାଦୁ ନନ୍ଦନ, ଆରେ କଳା ମଲ୍ଲି, କରୀନ୍ଦ୍ର ଦନ୍ତ ପଲଙ୍କ ତେଜି, ଜଗବନ୍ଧୁ ପରି ଜଣେ ସାମନ୍ତ, ସତ୍ୟବାଦୀ ଗୋବିନ୍ଦ ରାଧାମୋହନ, ତୋର ଶରଣ ଗଲିରେ ମୁରଲୀ ଆଦି କାଳର ପରିଧି ଡେଇଁ ଚିରକାଳ ଆଦୃତ ହେଉଛି । ସେହିପରି କୃଷ୍ଣଲୀଳାତ୍ମକ ଗୀତିକାରେ ପ୍ରାୟ ଚାଳିଶ ଗୋଟି ଲୋକଲୋଚନକୁ ଆସିଥିଲେ ହେଁ ଏହା ଯେ ଚାରି ଶହ ହୋଇ ନ ଥିବ କହି ହେଉନାହିଁ । ରାଧାକୃଷ୍ଣଙ୍କର ନବାନୁରାଗ, ରୂପପ୍ରୀତି, ମାନ, ମାନଭଙ୍ଗ ପାଇଁ ଚାଟୁ, ଆକ୍ଷେପାନୁରାଗ, ବଂଶୀ ବିଭବ, ଘାଟଲୀଳା, କୃଷ୍ଣଙ୍କ ମଥୁରା ଗମନ ଜନିତ ବିରହ କାରୁଣ୍ୟ ବସନ୍ତ ବିଚ୍ଛେଦ, ପ୍ରୀତି ବିପତ୍ତି, ଅଭିସାରିକା ଆଦି ଖୁବ୍ ଚମତ୍କାର ସୃଷ୍ଟି ।

ଏ ସୌଦାମିନୀ ଘେନି କାଦମ୍ବିନୀ
ଘନେ ଘନରସ ବରଷିଲା
ଅତି ହରଷରେ ମଦନ ବଶରେ
ଶ୍ୟାମ ଶ୍ୟାମ ତନୁ ଜଡ଼ିଗଲା ।

କବି ଦୀନକୃଷ୍ଣଙ୍କୁ 'ଚଉତିଶା'ର ମହାନାୟକ ବୋଲି କୁହାଯାଏ । କାରଣ ପ୍ରାଚୀନ କବିମାନଙ୍କ ଭିତରୁ କବି ଦୀନକୃଷ୍ଣ ଥିଲେ ସର୍ବାଧିକ ଚଉତିଶାର ସ୍ରଷ୍ଟା । ରାଧା ଓ କୃଷ୍ଣଙ୍କୁ ନେଇ ଏ ସମସ୍ତ ଚଉତିଶା ଖୁବ୍ ବଳିଷ୍ଠ । 'କମଳାକାନ୍ତ ଚଉତିଶା', 'ପ୍ରାଣସଖୀ ଚଉତିଶା', 'ରାଧାକୃଷ୍ଣ ଚଉତିଶା', 'ଆର୍ତ୍ତତ୍ରାଣ ଚଉତିଶା', 'ସ୍ନାନୋତ୍ସବ ଚଉତିଶା' ଇତ୍ୟାଦି ହେଉଛି ତାଙ୍କର ଶ୍ରେଷ୍ଠ କୃତି । ଭଜନ, ଜଣାଣ, ଚଉପଦୀ, ଚଉତିଶା ଆଦିରେ ପ୍ରସ୍ଫୁଟିତ ହୁଏ କବି ଦୀନକୃଷ୍ଣଙ୍କର ମାନବୀୟ ମୂଲ୍ୟବୋଧର ଚେତନା । ସେହିପରି 'ନାମରତ୍ନ ଗୀତା', 'ରସ ବିନୋଦ', 'ନାମବ୍ରହ୍ମ ଗୀତା' ଆଦି କବିଙ୍କ ସାର୍ଥକ ସୃଷ୍ଟି ସଂପର୍କରେ ବିଶେଷ ଆଲୋଚନା ଏଯାବତ୍ ହୋଇନାହିଁ । 'ନାମରତ୍ନ ଗୀତା'ରେ ଶହେ ଅଧ୍ୟାୟ ରହିଛି ଯେଉଁଥିରେ କବି ବ୍ରହ୍ମଜ୍ଞାନର ସନ୍ଦେଶ ଦେବାକୁ ଚେଷ୍ଟା କରିଛନ୍ତି । ପ୍ରଥମ ଅଧ୍ୟାୟରେ କବି ଲେଖିଛନ୍ତି-

ଏଠାରେ ସେଠାରେ ବୋଲି ନ ରଟିବୁ ତା
ନାମ ରତ୍ନ ଗୀତା ପାର୍ଥ ସ୍ୱଚ୍ଛନ୍ଦ ମୁକୁତା
ବେଦ ବିଦ୍ୟା ନାନା ଶାସ୍ତ୍ର ପଢିଣ ବିଚାରି
ଚିତ୍ତରେ କଳ୍ପିଲେ ନାମ ସେହି କ୍ଷଣି ତରି ।

ସେମିତି 'ରସ ବିନୋଦ'ରେ ବୈଷ୍ଣବ ସାହିତ୍ୟର ମହାନ ଦର୍ଶନ ପ୍ରତିପାଦିତ ହୋଇଛି । ଏଥିରେ ବୟାଳିଶ ଅଧ୍ୟାୟ ରହିଛି । ପ୍ରତ୍ୟେକ ଅଧ୍ୟାୟ ନବାକ୍ଷରୀ ବୃତ୍ତରେ ରଚନା କରାଯାଇଛି । ମୋଟ ଉପରେ କବି ଦୀନକୃଷ୍ଣଙ୍କର ସୃଷ୍ଟି ସମ୍ଭାରକୁ ସାମଗ୍ରିକ ଭାବରେ ବିଚାର କଲେ ଗୁଣ ସାଗର, ଭାବ ସମୁଦ୍ର, ଭୂତ କେଳି, ନାବକେଳି, କଳିଯୁଗ, ତତ୍ତ୍ୱ ସାଗର, ପ୍ରସ୍ତାବ ସିନ୍ଧୁ, ଜଗମୋହନ ଛାନ୍ଦ, ଜାମ୍ବବତୀ ବିଭା, ରାସ ସାଗର, ବୃନ୍ଦାବନ ରାସଙ୍କ ବିଭା, କଂସ ବିଭା, ଜ୍ଞାନ ସାଗର, ଧର୍ମ ସାଗର, ପାଞ୍ଚପାଟ ବଂଶୀ ବିଭା, ସଂସାର ବୋଧକ ବୋଲି, ଅମୃତ ସାଗର, ମୁକ୍ତି ସାଗର, ଦରିଦ୍ର ଦାମୋଦର ଦ୍ୱିଜ, ନାମ ରତ୍ନ ଗୀତା, ଜ୍ଞାନ ଚୂଡାମଣି, ରସ ବିନୋଦ, ନରକାସୁର ବଧ, ଭକ୍ତି ସାଗର, ସ୍ତ୍ରୀ ପୁରୁଷ ଲକ୍ଷଣ, ମହିମା ସାଗର ଓ ଚଉତିଶାମାନ ଅନ୍ୟତମ । 'ରସ ବିନୋଦ' ପରେ ତାଙ୍କର ଅବଶିଷ୍ଟ ସୃଷ୍ଟି 'ରସ କଲ୍ଲୋଳ', 'ଅଳଙ୍କାର ବୋଲି', 'ଶରୀର ଭେଦ ଉଚ୍ଚ ନାଦ ଗୀତିକା', 'ସୁଭଦ୍ରା ହରଣ କାବ୍ୟ', 'ବଉଦ ବ୍ରହ୍ମ ଗୀତା' ଆଦି ବୋଲି କୁହାଯାଏ । ସର୍ବୋପରି ରୀତିଯୁଗର ସ୍ରଷ୍ଟାମାନଙ୍କ ମଧ୍ୟରେ ଦୀନକୃଷ୍ଣ ଜଣେ ଅନନ୍ୟ ଦିବ୍ୟ ଚେତନାର ସ୍ରଷ୍ଟା ବୋଲି କୁହାଯାଇ ପାରିବ । ■

ବିଶ୍ୱଶ୍ରୀ ପ୍ରେସ୍
ଫକୀରମୋହନ କଲେଜ ରୋଡ୍
ବାଲେଶ୍ୱର-୭୫୬୦୦୧

### ରବିଧାନ ବିକ୍ରି ପଞ୍ଜୀକରଣରୁ ଚାଷୀ ବଞ୍ଚିତ ପ୍ରସଙ୍ଗ

# ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଚାଲିବ ଆନ୍ଦୋଳନ






**କୋକସରା, ୯ ।୫(ସମିସ)**

ଜମିକୁ ପାଣି ମିଳିଲା, କଷ୍ଟ କରି ଚାଷୀ ସୁନା ଫଳାଇଲା । ହେଲେ ବିକ୍ରି ବେଳକୁ ସରକାର ପଞ୍ଜୀକରଣ ନକରି ଚାଷୀଙ୍କୁ ପ୍ରତାରଣା କଲେ । ବାରମ୍ବାର ଦାବିପତ୍ର, ଆନ୍ଦୋଳନ ସତ୍ତ୍ୱେ କଳାହାଣ୍ଡି ଜିଲ୍ଲାର ଇନ୍ଦ୍ରାବତୀ ମେଗା ଲିଫ୍ଟ ପ୍ରକଳ୍ପ ଅଞ୍ଚଳର କୋକସରା, ଜୟପାଟଣା ଓ ଧର୍ମଗଡ଼ ବ୍ଲକର ହଜାର ହଜାର ଚାଷୀ ରବିଧାନ ବିକ୍ରୀ ପଞ୍ଜୀକରଣରୁ ବଞ୍ଚିତ ହୋଇଛନ୍ତି । ସରକାରୀ ଅବହେଳା ଏବଂ ପ୍ରଶାସନିକ ସ୍ଥାଣୁତା ପ୍ରତିବାଦରେ ଶୁକ୍ରବାର ଅନ୍ନଦାତାଙ୍କ ଆକ୍ରୋଶ, ରାଜରାସ୍ତାରେ ଗର୍ଜନ କରିଥିଲେ । ଇନ୍ଦ୍ରାବତୀ ମେଗା ଉଠା ଜଳସେଚନ ପ୍ରକଳ୍ପ ଅଞ୍ଚଳ ଚାଷୀ ସଂଘର ଆହ୍ୱାନକ୍ରମେ କୋକସରା ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲଙ୍କ ନେତୃତ୍ୱରେ କୋକସରା ଠାରେ ୨୬ ନମ୍ବର ଜାତୀୟ ରାଜପଥକୁ ଚାଷୀମାନେ ସମ୍ପୂର୍ଣ୍ଣ ଅବରୋଧ କରିଥିଲେ । ଯାହା ଫଳରେ ଭବାନୀପାଟଣା-ଜୟପୁର ଯୋଗାଯୋଗ ବ୍ୟାହତ ହୋଇଥିଲା । ସଂଘର ସଭାପତି ପୁରୁଷୋତ୍ତମ ଦାସ ଗୁପ୍ତାଙ୍କ ସଭାପତିତ୍ୱରେ ରାଜରାସ୍ତା ଉପରେ କୋକସରା, ଜୟପାଟଣା ଓ ଧର୍ମଗଡ଼ ଅଞ୍ଚଳର ହଜାର ହଜାର ଚାଷୀ ଓ ଚାଷୀନେତାମାନେ ଯୋରଦାର ପ୍ରତିବାଦ କରି ସରକାରଙ୍କୁ ଜବାବ ମାଗିଛନ୍ତି । ଆନ୍ଦୋଳନକୁ ବିଜେଡ଼ି, କଂଗ୍ରେସ, ଓଡ଼ିଶା ଜନତା କଂଗ୍ରେସ ଦଳ ସମେତ ବିଭିନ୍ନ ସାମାଜିକ ସଂଗଠନ ସମର୍ଥନ ଜଣାଇଛନ୍ତି । ପୂର୍ବତନ ମନ୍ତ୍ରୀ ପୁଷ୍ପେନ୍ଦ୍ର ସିଂ ଦେଓ, ପୂର୍ବତନ ବିଧାୟକ ମୌଷଧି ବାଗ, ପୂର୍ବତନ ବିଧାୟକ ଗୋବର୍ଦ୍ଧନ ଦାସ, ଜୁନାଗଡ଼ ବିଧାୟକ ଦିବ୍ୟଶଙ୍କର ମିଶ୍ର, ଓଡ଼ିଶା ଜନତା କଂଗ୍ରେସ ଦଳର ନେତା ମଧୁ ମହାନ୍ତି, ସଂଗ୍ରାମୀ ନେତା ଦିଗାମ୍ବର ଦୁରୀଆ, ବିଜେଡି ନେତା ବଦ୍ରି ନାରାୟଣ ପଟ୍ଟନାୟକ, ସନ୍ତୋଷ ପାଢ଼ୀ, ଡାକେଶ୍ୱର ଲହଜଲ, ପ୍ରଶାନ୍ତ ତିୱାରୀ ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇ ସରକାର ବିରୋଧରେ ଜୋରଦାର ବର୍ଷିଥିଲେ । ଚାଷୀଙ୍କ ଦାବି ପୂରଣ ନହେଲେ ସରକାରୀ ଦଳର ବିଧାୟକ, ନେତାମାନଙ୍କୁ ଗାଁରେ ପୁରାଇ ଦେବୁନାହିଁ, ସବୁ ସ୍ଥାନରେ ବିରୋଧ କରାଯିବ ବୋଲି କଡ଼ା ଚେତାବନୀ ଦେଇଛନ୍ତି । ଧାନ ବିକ୍ରି ପଞ୍ଜୀକରଣରୁ ବଞ୍ଚିତ ହୋଇ ଚାଷୀ କାନ୍ଦୁଥିବା ବେଳେ ସ୍ଥାନୀୟ ବିଧାୟକଙ୍କୁ ଚାଷୀଙ୍କ ଲୁହ ଦିଶୁ ନାହିଁ, ପଶ୍ଚିମବଙ୍ଗ ନିର୍ବାଚନରେ ବିଜେପିର ବିଜୟକୁ ନେଇ ମିଠା ବାଣ୍ଟିବାରେ ବ୍ୟସ୍ତ ରହୁଥିବା କହି କିଛି ଅସନ୍ତୋଷ ଚାଷୀ ତିବ୍ର ସମାଲୋଚନା କରିଛନ୍ତି । ସ୍ଥାନୀୟ ସରପଞ୍ଚ କିଶୋର ଚନ୍ଦ୍ର ପ୍ରଧାନୀ, ଧବଳେଶ୍ୱର ନାଗ, ଭୁବନେଶ୍ୱର ମାଝୀ, ତ୍ରିଭୁବନ ନାଏକ, ରତନ ନାଏକ, ରାଜେନ୍ଦ୍ର ନାଏକ, ଗୋବର୍ଦ୍ଧନ ବାଗ, ନିମାଇଁ ଚରଣ ଧଙ୍ଗଡ଼ାମାଝୀ, ନବୀନ ନାଏକ, ଜୟଲାଲ ନାଏକ, ସୁଶାନ୍ତ ବେହେରା, ପଙ୍କଜ ପୋଡ଼, ଲକ୍ଷ୍ମୀ ନାରାୟଣ ପ୍ରଧାନୀ, ଶ୍ରୀନିବାସ ପ୍ରଧାନୀ, ପଙ୍କଜ ମୁଖ ଚୌଧୁରୀ, ରବିନାରାୟଣ ଦାସ, ଦୁର୍ଗା ନାଏକ ସମେତ କୋକସରା, ଜୟପାଟଣା ଓ ଧର୍ମଗଡ଼ ଅଞ୍ଚଳର ହଜାର ହଜାର ପୁରୁଷ ଓ ମହିଳା ଚାଷୀ ଆନ୍ଦୋଳନରେ ସାମିଲ ହୋଇଥିଲେ । ଆନ୍ଦୋଳନ ପୂର୍ବରୁ ପିକେଟିଂ କରାଯାଇ ବ୍ଲକ କାର୍ଯ୍ୟାଳୟ, ତହସିଲ କାର୍ଯ୍ୟାଳୟ, ବ୍ୟାଙ୍କ ସମେତ ବିଭିନ୍ନ କାର୍ଯ୍ୟାଳୟକୁ ଯାଇ ବନ୍ଦ କରିଥିଲେ । ତେବେ ସକାଳ ୬ଟା ଠାରୁ ଆନ୍ଦୋଳନ ଆରମ୍ଭ ହୋଇଥିବା ବେଳେ ଅପରାହ୍ନ ୪ଟା ସୁଦ୍ଧା ଆନ୍ଦୋଳନସ୍ଥଳରେ କୌଣସି ପ୍ରଶାସନିକ ଅଧିକାରୀ ପହଞ୍ଚି ନଥିଲେ । ଯାହାଫଳରେ ଚାଷୀମାନେ ତିବ୍ର ଅସନ୍ତୋଷ ପ୍ରକାଶ କରିବା ସହ ଅନିର୍ଦ୍ଦିଷ୍ଟ କାଳ ପାଇଁ ରାସ୍ତା ଉପରେ ବସି ରହିବା ନେଇ ନିଷ୍ପତ୍ତି କରିଛନ୍ତି । ଅନ୍ୟପଟେ ଚାଷୀ ସଂଘ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ, ଯେ ପର୍ଯ୍ୟନ୍ତ ସରକାର ଧାନକ୍ରୟ ନେଇ ସ୍ପଷ୍ଟ ନିଷ୍ପତ୍ତି ନ ନିଅନ୍ତି, ସେପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଆନ୍ଦୋଳନ ବଳବତ୍ତର ରହିବ ବୋଲି କୁହାଯାଇଛି । କୋକସରା ଥାନା ସମ୍ମୁଖରେ ବସି ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନ ଚଳାଇଛନ୍ତି । ପ୍ରକାଶ ଯେ' ଚଳିତ ରବି ଋତୁରେ ଇନ୍ଦ୍ରାବତୀ ମେଗା ଲିଫ୍ଟ ଜଳ ସେଚନ ଜରିଆରେ ଜୟପାଟଣା, କୋକସରା, ଧର୍ମଗଡ଼ ଓ ଜୁନାଗଡ଼ ବ୍ଲକର ୧୨ ହଜାରରୁ ଉର୍ଦ୍ଧ୍ୱ ଚାଷୀ ୧୮, ୮୮୫ ହେକ୍ଟର ଚାଷଜମିରେ ଚାଷ କରିଛନ୍ତି । ଅନ୍ୟ ଅଞ୍ଚଳ ପାଇଁ ପି-ପାସ୍ ପୋର୍ଟାଲ୍ ଖୋଲା ଯାଇଥିବା ବେଳେ ମେଗା ଲିଫ୍ଟ ପ୍ରକଳ୍ପ ଅଧୀନରେ ଥିବା ଚାଷୀଙ୍କ ପାଇଁ କୌଣସି ବିକଳ୍ପ ବ୍ୟବସ୍ଥା ନଥିବା ଓ ବାରମ୍ବାର ପଞ୍ଜୀକରଣ ବ୍ୟବସ୍ଥା କରିବା ପାଇଁ ଦାବି କରିବା ସତ୍ତ୍ୱେ ମଧ୍ୟ ରାଜ୍ୟ ସରକାର ପକ୍ଷରୁ ଏଯାବତ କୌଣସି ପଦକ୍ଷେପ ଗ୍ରହଣ କରା ଯାଇନାହିଁ । ଯାହାକୁ ନେଇ ଅନ୍ନଦାତାଙ୍କ ଆକ୍ରୋଶ ବଢ଼ିଥିବା ବେଳେ ଜାତୀୟ ରାଜପଥ ଉପରେ ଆନ୍ଦୋଳନ କରି ସରକାରଙ୍କୁ ଜବାବ ମାଗିଛନ୍ତି ହଜାର ହଜାର ଚାଷୀ । କୋକସରା ଥାନା ସମ୍ମୁଖରେ ବସି ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନ ଚଳାଇଛନ୍ତି ।

**ଜବାବ ମାଗିଲେ ଚାଷୀ; ସ୍ଥାଣୁ ସରକାର**

# ବିଧାୟକଙ୍କ ଧମକପୂର୍ଣ୍ଣ ଭିଡିଓ ଭାଇରାଲ

**କୋକସରା, ୯ ।୫ (ସମିସ):** ଜଣେ ଜନପ୍ରତିନିଧିଙ୍କ ମୁହଁରୁ 'ବାନ୍ଧିକି ପିଟିବା' ଭଳି ଶବ୍ଦ ଶୁଣିଲେ ଆପଣ ଆଶ୍ଚର୍ଯ୍ୟ ହେବେ । କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବିଧାୟକଙ୍କ ଏକ ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । ଯେଉଁଠି ସେ ସର୍ବସାଧାରଣରେ ଫୋନ୍ କରି ଜଣେ ସରକାରୀ ଅଧିକାରୀଙ୍କୁ ଖୋଲାଖୋଲି ଧମକ ଦେଉଥିବା ନଜର ଆସୁଛନ୍ତି । ସୂଚନା ଅନୁଯାୟୀ, କୌଣସି ଏକ ବିଷୟକୁ ନେଇ ଆଲୋଚନା ଚାଲିଥିବା ବେଳେ ବିଧାୟକ ହଠାତ୍ ଉତ୍ତ୍ୟକ୍ତ ହୋଇପଡ଼ିଥିଲେ । ଲୋକଙ୍କ ସମସ୍ୟାର ସମାଧାନ ପାଇଁ ଧୈର୍ଯ୍ୟର ସହ ପଦକ୍ଷେପ ନେବା ପରିବର୍ତ୍ତେ, ସେ ସମ୍ପୃକ୍ତ ଅଧିକାରୀଙ୍କୁ ଫୋନରେ ଗାଳିଗୁଲଜ କରିବା ସହ 'ବାନ୍ଧିକି ପିଟିବା' କଥା କହି ଏବେ ବିବାଦ ଘେରକୁ ଆସିଛନ୍ତି । ବିଧାୟକଙ୍କ ଏଭଳି ବ୍ୟବହାରକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ସାଧାରଣରେ ପ୍ରଶ୍ନ ଉଠୁଛି ଜଣେ ସମ୍ମାନଜନକ ସାମ୍ବିଧାନିକ ପଦବୀରେ ଥିବା ବ୍ୟକ୍ତିଙ୍କ ଶାଳୀନତା କୁଆଡ଼େ ଗଲା ବିଜେପି ସରକାର ନିଜକୁ 'ଲୋକଙ୍କ ସରକାର' ବୋଲି କହୁଥିବା ବେଳେ, ଜଣେ ବିଧାୟକଙ୍କ ଏଭଳି ଆଚରଣ ଦଳ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିଛି । ଯଦି କୌଣସି ଅଧିକାରୀ କାର୍ଯ୍ୟରେ ଅବହେଳା କରନ୍ତି, ତେବେ ତାଙ୍କୁ ସରକାରୀ ନିୟମ ଅନୁସାରେ ତାଗିଦ୍ କରାଯିବା କଥା । କିନ୍ତୁ ଜଣେ ନେତା ଯଦି ପିଟିବା କଥା କହିବେ, ତେବେ ସାଧାରଣ ପ୍ରଶାସନିକ ବ୍ୟବସ୍ଥା ଉପରେ ଏହାର କି ପ୍ରଭାବ ପଡ଼ିବ? । ଏହି ପ୍ରସଙ୍ଗକୁ ନେଇ ବିରୋଧୀ ଦଳ ମଧ୍ୟ ଆକ୍ରମଣାତ୍ମକ ଆଭିମୁଖ୍ୟ ଗ୍ରହଣ କରିଛନ୍ତି । ବିରୋଧୀଙ୍କ କହିବା କଥା ଯେ, ଶାସକ ଦଳର ନେତାମାନେ ଏବେ ଅହଂକାରୀ ହୋଇପଡ଼ିଛନ୍ତି । ଅନ୍ୟପଟେ, ଭାଇରାଲ ହେଉଥିବା ଭିଡିଓକୁ ନେଇ ଏପର୍ଯ୍ୟନ୍ତ ବିଧାୟକଙ୍କ ପକ୍ଷରୁ କୌଣସି ସ୍ପଷ୍ଟୀକରଣ କିମ୍ବା ପ୍ରତିକ୍ରିୟା ମିଳିପାରିନାହିଁ । ସର୍ବସାଧାରଣରେ ଜଣେ ପ୍ରତିନିଧିଙ୍କ ଏଭଳି ଧମକପୂର୍ଣ୍ଣ ଶବ୍ଦ ବ୍ୟବହାର ଗଣତନ୍ତ୍ର ପାଇଁ କେତେ ସମୀଚୀନ, ଚର୍ଚ୍ଚାର ବିଷୟ ପାଲଟିଛି ।



# ଧର୍ମଗଡ଼ରେ ରାଷ୍ଟ୍ରୀୟ ଲୋକ ଅଦାଲତ



**ଧର୍ମଗଡ଼, ୯ ।୫(ସମିସ):** ତାଲୁକ ଆଇନ ସେବା ସମିତି ଧର୍ମଗଡ଼ ଆନୁକୂଲ୍ୟରେ ଧର୍ମଗଡ଼ ସିଭିଲ କୋର୍ଟ ପରିସରରେ ଚଳିତ ବର୍ଷର ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅତିରିକ୍ତ ଜିଲ୍ଲା ଦୌରାଜଜ୍ ତଥା ତାଲୁକ ଆଇନ ସେବା ସମିତିର ଅଧ୍ୟକ୍ଷ ଗୁଣ୍ଡିଚା ସାମନ୍ତସିଂହାରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି । ଲୋକ ଅଦାଲତରେ ୨ଟି ମୋଟରଯାନ ଦୁର୍ଘଟଣା ଜନିତ ମାମଲାର ଫଇସଲା କରାଯାଇ ହିତାଧିକାରୀମାନଙ୍କୁ ମୋଟ ୪ ଲକ୍ଷ ୮୩ ହଜାର ୯୮୩ ଟଙ୍କା ପ୍ରଦାନ କରାଯାଇଥିଲା । ସେହିପରି ୩ଟି ଦେୱାନୀ ମାମଲା, ୧୧ଟି ବ୍ୟାଙ୍କ ଋଣ ଖିଲାପୀ ମାମଲା ଓ ୬୬ଟି ଫୌଜଦାରୀ ମାମଲାର ସଫଳ ସମାଧାନ କରାଯାଇଥିଲା । ଏଥିରୁ ୨ ହଜାର ଟଙ୍କା ଆଦାୟ ହୋଇଥିଲା । ଲୋକ ଅଦାଲତରେ ବିଭିନ୍ନ ରାଷ୍ଟ୍ରାୟତ ବ୍ୟାଙ୍କର କର୍ମଚାରୀମାନେ ମଧ୍ୟ ଅଂଶଗ୍ରହଣ କରିଥିଲେ । ୩ଟି ବ୍ୟାଙ୍କ ଋଣ ଖିଲାପୀ ମାମଲାର ସମାଧାନ ମାଧ୍ୟମରେ ସମୁଦାୟ ୩ ଲକ୍ଷ ୮୪ ହଜାର ଟଙ୍କା ଆଦାୟ କରାଯାଇଥିଲା । ସେହିଭଳି ରାଜସ୍ୱ ବିଭାଗ ପକ୍ଷରୁ ୩୩୬ଟି ମାମଲାର ସମାଧାନ କରାଯାଇ ୨୩ ହଜାର ୧୬୦ ଟଙ୍କା ରାଜସ୍ୱ ଆଦାୟ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଦେୱାନୀ ବିଚାରପତି ଇପ୍ସି ମହାନ୍ତି, ଉପଖଣ୍ଡ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଶ୍ରୀକାନ୍ତ ପାଢ଼ୀ, ସରକାରୀ ଓକିଲ ପ୍ରଶାନ୍ତ ତନ୍ତୀ, ବରିଷ୍ଠ ଆଇନଜୀବୀ ସମୀର କୁମାର ମୁଣ୍ଡ, ମିହିର ରଞ୍ଜନ ପଟ୍ଟଯୋଶୀ ଓ ସଂଯୁକ୍ତା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

# ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାପନ ପାଇଁ ଦାବି



**କର୍ଲାମୁଣ୍ଡା, ୯ ।୫(ସମିସ):** କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ଗଜବାହହାଲ ପଞ୍ଚାୟତରେ ନୂତନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାପନ ପାଇଁ ଅଞ୍ଚଳବାସୀ ଦୀର୍ଘ ଦିନରୁ ଦାବି କରିଆସୁଛନ୍ତି । ରାଜ୍ୟସଭା ଏମ୍‌ପି ସୁଜିତ୍ କୁମାରଙ୍କ ନିର୍ଦ୍ଦେଶକ୍ରମେ ବିଜେପି ଯୁବନେତା ଚିନ୍ମୟ ମିଶ୍ର କଳାହାଣ୍ଡି ଗସ୍ତରେ ଆସିଥିବା ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କୁ ଭବାନୀପାଟଣା ଠାରେ ସାକ୍ଷାତ କରି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାପନ ପାଇଁ ଦାବିପତ୍ର ଦେବା ସହ ଜନସାଧାରଣଙ୍କ ସ୍ୱାସ୍ଥ୍ୟକେନ୍ଦ୍ରର ଆବଶ୍ୟକତା ଉପରେ ଆଲୋଚନା କରିଥିଲେ । ସୂଚନାଯୋଗ୍ୟ ଯେ, ବ୍ଲକ ସଦର ଠାରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏହି ପଞ୍ଚାୟତ ଠାରୁ ପ୍ରାୟ ୧୪ କିଲୋମିଟର ଦୂରରେ ଅବସ୍ଥିତ । ପଞ୍ଚାୟତରେ ନୂତନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାପନ ହେଲେ ଗଜବାହାଲ ପଞ୍ଚାୟତ ଓ ପୌରକେଲା ପଞ୍ଚାୟତର କିଛି ଗ୍ରାମ, ମରାମପୁର ବ୍ଲକର ଗୋଛାଡେଙ୍ଗେନ ପଞ୍ଚାୟତ ତଥା ସୀମାନ୍ତରେ ଥିବା ବଲାଙ୍ଗୀର ଜିଲାର ଗୁଡଭେଲା ବ୍ଲକର କିଛି ଅଞ୍ଚଳବାସୀ ଚିକିତ୍ସା ସେବା ପାଇପାରିବେ ।

# କଳାହାଣ୍ଡି ଲେଖିକା ସଂଘର କର୍ମକର୍ତ୍ତା ଚୟନ

**ଭବାନୀପାଟଣା, ୯ ।୫ (ସମିସ):** କଳାହାଣ୍ଡି ଲେଖିକା ସଂଘର କର୍ମକର୍ତ୍ତା ଚୟନ ଭବାନୀପାଟଣାସ୍ଥିତ ବ୍ରଜ ବିହାର ଶିଶୁ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ସଭାପତି ସୁଦେଷ୍ଣା ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମସ୍ତଙ୍କୁ ସ୍ୱାଗତ ଜଣାଇଥିଲେ ସମ୍ପାଦିକା କଳ୍ପନା ରଥ । ଚୟନ ପ୍ରକ୍ରିୟା ପରିଚାଳନା କରିଥିଲେ ସଂଘର ବରିଷ୍ଠ ଉପଦେଷ୍ଟା ସଂଘମିତ୍ରା କାନୁନଗୋ । ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ କବି ସୁଷମା ମୁଣ୍ଡ । ସର୍ବସମ୍ମତିକ୍ରମେ ସଭାପତି ଭାବେ କବି ସୁଦେଷ୍ଣା ପଣ୍ଡା, ଉପସଭାପତି ଭାବେ ଲୀନା ଦାସ, ସମ୍ପାଦିକା ଭାବେ କଳ୍ପନା ରଥ, ସହସମ୍ପାଦିକା ଭାବେ ମିନତି ପ୍ରଧାନ ଏବଂ ଦୀପ୍ତି ମୁଣ୍ଡ ତଥା କୋଷାଧ୍ୟକ୍ଷ ଭାବେ ସବିତା ଶତପଥୀଙ୍କୁ ମନୋନୀତ କରାଯାଇଥିଲା । ସମସ୍ତ କର୍ମକର୍ତ୍ତାଗଣ ନିଜ ନିଜର କାର୍ଯ୍ୟକୁ ସୁଚାରୁ ରୂପେ ପରିଚାଳନା କରିବା ପାଇଁ ଶପଥ ଗ୍ରହଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ବରିଷ୍ଠ ସଦସ୍ୟା ହେମଲତା ବେଗମ, ସୁଚିସ୍ମିତା ରଥ, ତନୁଶ୍ରୀ ମିଶ୍ର, ନିକିତା ଆଚାର୍ଯ୍ୟ, ସୁମତି ମୁଣ୍ଡ, ରଶ୍ମିରାଣୀ ରଥ, ଆନନ୍ଦିନୀ ପାତ୍ର, ପ୍ରେମଶୀଳା ବେହେରା, ସୁଷମା ମୁଣ୍ଡ, ସୁଜାତା ଠାକୁର, ମନୋରମା ପାତ୍ର, ସବିତା ଦାସ, ନୂପୁର ପଟ୍ଟନାୟକ, ବନଶ୍ରୀ ଦାସ, ସୌଦାମିନୀ ଭୋଇ, ସୁସ୍ମିତା ମହାପାତ୍ର, ଅର୍ଚ୍ଚନା ମିଶ୍ର, କବିତା ମୁଣ୍ଡ, ସନ୍ଧ୍ୟାରାଣୀ ବେହେରା, ସୁଚିସ୍ମିତା ରଥ, ସ୍ୱର୍ଣ୍ଣକାନ୍ତି ବୈକାର, ସୁରଲତା ପାତ୍ର, ନିବେଦିତା ମହାନ୍ତି, ବିଳାସିନୀ ମହାପାତ୍ର ପ୍ରମୁଖ ଅଂଶ ଗ୍ରହଣ କରିଥିଲେ । ଶେଷରେ ମିନତି ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

### ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସମୀକ୍ଷା

# ପ୍ରତିଶ୍ରୁତି ଅଜାଡ଼ି କାମ ସାରିଦେଲେ

**ଭବାନୀପାଟଣା, ୯ ।୫(ସମିସ)** କଳାହାଣ୍ଡି ଜିଲ୍ଲାକୁ ଦିନିକିଆ ଗସ୍ତରେ ଆସିଥିଲେ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ଼. ମୁକେଶ ମହାଲିଙ୍ଗ । ଜିଲ୍ଲାର ସ୍ୱାସ୍ଥ୍ୟସେବା କ୍ଷେତ୍ରକୁ ସୁଦୃଢ କରିବା ପାଇଁ ପ୍ରାୟ ୧୬ କୋଟି ୬୩ ଲକ୍ଷ ଟଙ୍କା ବ୍ୟୟରେ ୧୮ଟି ବିଭିନ୍ନ ସ୍ୱାସ୍ଥ୍ୟସେବା ପ୍ରକଳ୍ପର ଶୁଭାରମ୍ଭ କରିଥିଲେ । କଳାହାଣ୍ଡି ଜିଲ୍ଲା ଗସ୍ତରେ ଆସି ଲାଞ୍ଜିଗଡ଼ ବ୍ଲକ ପରିଦର୍ଶନ କରିଥିଲେ । ପ୍ରଥମେ ମନ୍ତ୍ରୀ ବିଶ୍ୱନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରି ସରକାର ଓ ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ଚାଲିଥିବା ବିଭିନ୍ନ ଯୋଜନା ସମ୍ପର୍କରେ ପଚାରି ବୁଝିଥିଲେ । ପରେ ଭବାନୀପାଟଣା ବ୍ଲକ ବୋର୍ଡା ଠାରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ନୂତନ ଗୃହର ଉଦ୍‌ଘାଟନ କରିଥିଲେ । ସେହିପରି ଆଭାସୀ ମାଧ୍ୟମରେ ମୋହନଗିରି, ବନ୍ଧକନା, ବାଣ୍ଡିଗାଁ, ଅର୍ତ୍ତଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ କୋଠା ସହ ଜିଲ୍ଲାର ମୋଟ ୧୩ଟି ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ସବ୍‌ସେଣ୍ଟରର ଶୁଭାରମ୍ଭ କରିଛନ୍ତି । ଡବଲ ଇଞ୍ଜିନ ସରକାରଙ୍କ ଦ୍ୱାରା ଅନୁମୋଦିତ ହୋଇଥିବା ଏହି ସମସ୍ତ ପ୍ରକଳ୍ପ ମାଧ୍ୟମରେ ସ୍ୱାସ୍ଥ୍ୟ ଭିତ୍ତିଭୂମି ସୁଦୃଢ ହେବା ସହ ଜନସାଧାରଣଙ୍କ ପାଇଁ ଉନ୍ନତ ଚିକିତ୍ସା ସେବା ସୁନିଶ୍ଚିତ ହେବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ସ୍ଥାନୀୟ ଲୋକଙ୍କ ଆଶା ଅଧିକ ଥିଲା । ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ କିଛି ପରିବର୍ତ୍ତନ ହେବ । ନୂଆ ଡାକ୍ତର ନିଯୁକ୍ତି ହେବେ । ଖଟିଆରେ ରୋଗୀ ବୁହା ବନ୍ଦ ହୋଇଯିବ । କିନ୍ତୁ ମନ୍ତ୍ରୀଙ୍କ ଗସ୍ତ ସାଧାରଣ ଜନତା ପାଇଁ ଯେମିତି ପ୍ରଭାବ ଶୂନ୍ୟ ମନେହେଲା । ତେବେ ସନ୍ଧ୍ୟାରେ ଭବାନୀପାଟଣା ସର୍କିଟ ହାଉସରେ ଜିଲ୍ଲାର ସ୍ୱାସ୍ଥ୍ୟସେବାସ୍ଥିତି ସମ୍ପର୍କିତ ସମୀକ୍ଷା ବୈଠକରେ ମନ୍ତ୍ରୀ ଡ଼.ମହାଲିଙ୍ଗ ଅଧ୍ୟକ୍ଷତା କରି ଜିଲ୍ଲାରେ ମାତୃ ଓ ଶିଶୁ ମୃତ୍ୟୁହାର କମିବା ଦିଗରେ ଆଲୋଚନା କରିଥିଲେ । ସେହିପରି ମ୍ୟାଲେରିଆ ନିରାକରଣ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ମ୍ୟାଡିକାଲ କଲେଜ ସ୍ଥାନାନ୍ତରଣ, ଜରାୟୁ କର୍କଟ ଉପରେ ସଚେତନତା ଓ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରର ସୁପରିଚାଳନା ଉପରେ ଆଲୋକପାତ କରିଥିଲେ । ରେଣ୍ଡୋ ମାଝୀ ମେଡିକାଲ କଲେଜ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରସ୍ଥିତି ସହ ସ୍ୱାସ୍ଥ୍ୟ ଭିତ୍ତିଭୂମି ଇତ୍ୟାଦି ସମ୍ପର୍କରେ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ପଚାରି ବୁଝିଥିଲେ । ଡାକ୍ତର ଅଭାବ ପ୍ରସଙ୍ଗକୁ ଅତି ହାଲକାଭାବେ ନେଇ କହିଥିଲେ ଡାକ୍ତର ନିଯୁକ୍ତି ସରକାରୀ ବ୍ୟବସ୍ଥାର ପ୍ରୋସେସରେ ଅଛି । ସମୀକ୍ଷା ବୈଠକରେ ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପାଟଯୋଶୀ, କଳାହାଣ୍ଡି ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ, ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ସୌମ୍ୟରଞ୍ଜନ ପ୍ରଧାନ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ହରେକୃଷ୍ଣ ଶତପଥି, ସହିଦ ରେଣ୍ଡୋ ମାଝୀ ମେଡିକାଲ କଲେଜ ଏବଂ ହସ୍ପିଟାଲର ଅଧିକ୍ଷକ, ଡିପିଏମ ଦିଲୀପ କୁମାର ଦୁବେ, ଡିଏମ ଆରସିଏଚ ରଞ୍ଜନ ରଶ୍ମୀ ମହାନ୍ତି, ପିଡବ୍ଲୁଡି ଅଧିକ୍ଷଣ ଯନ୍ତ୍ରୀ ଶିବାଜୀ ପ୍ରଧାନ, ଟିପିଡବ୍ଲୁଓଡିଏଲର ଅଧିକ୍ଷଣ ଯନ୍ତ୍ରୀ ଲୋକନାଥ ଦାସ ପ୍ରମୁଖଙ୍କ ସହ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ ।



**ଡାକ୍ତର ଅଭାବ ପ୍ରସଙ୍ଗକୁ ଏଡାଇଗଲେ**

# ମହିଳା ଆରକ୍ଷଣ ଆଇନ କାର୍ଯ୍ୟକାରୀ ଦାବିରେ ଶୋଭାଯାତ୍ରା



**ଥୁଆମୂଳରାମପୁର, ୯ ।୫(ସମିସ):** ମହିଳା ଆରକ୍ଷଣ ବିଲ୍ ବା ନାରୀ ଶକ୍ତି ବନ୍ଦନ ଅଧିନିୟମକୁ ତୁରନ୍ତ କାର୍ଯ୍ୟକାରୀ କରିବା ସହ ଓବିସି ମହିଳାଙ୍କ ପାଇଁ ପୃଥକ ସଂରକ୍ଷଣ ବ୍ୟବସ୍ଥା କରିବା ଦାବିରେ ଥୁଆମୂଳରାମପୁର ବ୍ଲକ କଂଗ୍ରେସ ପକ୍ଷରୁ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ଆହ୍ୱାନ କ୍ରମେ ରାଜ୍ୟର ସମସ୍ତ ଜିଲ୍ଲା ତଥା ବ୍ଲକରେ କଂଗ୍ରେସ ପକ୍ଷରୁ ପ୍ରତିବାଦ କରାଯିବା ନେଇ ନିର୍ଦ୍ଦେଶ ହୋଇଛି । ଶନିବାର ଥୁଆମୂଳରାମପୁର ବ୍ଲକ କଂଗ୍ରେସ ସଭାପତି ଦେବେନ୍ଦ୍ର ନାୟକଙ୍କ ନେତୃତ୍ୱରେ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମୁଖରୁ ଶୋଭାଯାତ୍ରା ବାହାରି ସ୍ଥାନୀୟ ମାଣିକେଶ୍ୱରୀ ମନ୍ଦିରଛକ ପର୍ଯ୍ୟନ୍ତ ପରିକ୍ରମା କରିଥିଲା । ଶୋଭାଯାତ୍ରାରେ ଯୋଗଦେଇଥିବା କଂଗ୍ରେସ କର୍ମୀ ଓ ମହିଳା ନେତ୍ରୀମାନେ ମହିଳା ସଂରକ୍ଷଣ ଆଇନ ଶୀଘ୍ର ଲାଗୁ କରିବା ସହ ଓବିସି ମହିଳାଙ୍କୁ ସଂରକ୍ଷଣ ମଧ୍ୟରେ ସଂରକ୍ଷଣ ଦେବାକୁ ଦାବି କରିଥିଲେ । ଶୋଭାଯାତ୍ରାରେ ବ୍ଲକ କଂଗ୍ରେସର ବରିଷ୍ଠ ନେତା ଅଶୋକ ସିଂହ, ରାଧେକୃଷ୍ଣ ଧଙ୍ଗଡ଼ାମାଝୀ, ମନୋରଞ୍ଜନ ନାଏକ, ମହେଶ୍ୱର ନାଏକ, ପରମେଶ୍ୱର ନାଏକ, ଜଗା ନାଏକ, ଭବିନିକା ବାଗ, ରାଜକୁମାରୀ ନାଏକ, ଲକ୍ଷ୍ମୀ ନାଏକ, ମିଥିଳା ନାଏକଙ୍କ ସମେତ ବହୁ କଂଗ୍ରେସ କର୍ମକର୍ତ୍ତା ସାମିଲ ଥିଲେ ।

### ■ ଦୋକାନରୁ ଲକ୍ଷାଧିକ ଟଙ୍କାର ଅଳଙ୍କାର ଚୋରି

# ୩ ଲୁଟେରା ଗିରଫ, ୫ ସୁନାଚେନ ଜବତ

**ନୂଆପଡ଼ା, ୯ ।୫(ସମିସ):** ନୂଆପଡ଼ା ଜିଲ୍ଲା ସଦର ଥାନା ସମ୍ମୁଖସ୍ଥିତ ସ୍ୱର୍ଣ୍ଣଲକ୍ଷ୍ମୀ ଗହଣା ଦୋକାନକୁ ଗ୍ରାହକ ସାଜି କାର୍‌ରେ ୨ଜଣ ଯୁବକ ଆସି ଲକ୍ଷାଧିକ ଟଙ୍କାର ସୁନା ଗହଣା ଲୁଟିନେବା ଘଟଣାରେ ନୂଆପଡ଼ା ପୁଲିସକୁ ବଡ ସଫଳତା ମିଳିଛି । ୨୪ ଘଣ୍ଟା ଭିତରେ ଲୁଟେରାଙ୍କୁ ପୁଲିସ ଗିରଫ କରିବା ସହ ସେମାନଙ୍କ ଠାରୁ ଲୁଟି ନେଇଥିବା ସୁନା ଗହଣା ଜବତ କରାଯାଇଛି । ଶୁକ୍ରବାର ନୂଆପଡ଼ା ଥାନାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ନୂଆପଡ଼ା ଏସ୍‌ପି ଅମ୍ରିତପାଳ ସିଂହ ସୂଚନା ଦେଇଛନ୍ତି । ଏସ୍‌ପି ସିଂହ କହିଛନ୍ତି ଯେ ଗୁରୁବାର ଦିନ ଅପରାହ୍ନ ୪ଟାରେ ନୂଆପଡ଼ା ଶ୍ରୀରାମ ଛକଠାରେ ଥିବା ସ୍ୱର୍ଣ୍ଣ ଲକ୍ଷ୍ମୀ ଜୁଏଲର୍ସ ଦୋକାନରୁ ୨ ଜଣ ଯୁବ ସୁନା କିଣିବାକୁ ଆସିଥିଲେ । କିଛି ସମୟ ସୁନା ଦେଖିବା ପରେ ଏକ ଡବାସହ ୫ଟି ସୁନାଚେନକୁ ଧରି କାର୍‌ରେ ବସି ଫେରାର ହୋଇଯାଇଥିଲେ । ପରେ ଦୋକାନୀ ନୂଆପଡ଼ିଆ ଥାନା ଅଭିଯୋଗ କଲାପରେ ନୂଆପଡ଼ା ଏସ୍‌ପିଙ୍କ ନିର୍ଦ୍ଦେଶରେ ନୂଆପଡ଼ା ଏସ୍‌ଡିପିଓ ଖିଲେଶ୍ୱର ସାହୁ, ନୂଆପଡ଼ା ଆଇଆଇସି ଗଙ୍ଗାଧର ମେହେର ନେତୃତ୍ୱରେ ଏକ ଟିମ ଗଠନ ହୋଇ ସିଡିଟିଭିକୁ ତଦନ୍ତ କରି ସହ ସମସ୍ତ ସୀମାନ୍ତ ଅଞ୍ଚଳକୁ ସିଲ ଯାଞ୍ଚ ଆରମ୍ଭ କରିଥିଲେ । ଖରିଆର ରୋଡ ଜୋଙ୍କ ଥାନା ଓଡ଼ିଶା-ଛତିଶଗଡ଼ ସୀମାନ୍ତ ଟେମେରୀ ଚେକ୍ ପୋଷ୍ଟ ଠାରେ ପୁଲିସ ୩ ଜଣ ଲୁଟେରାକୁ ଧରିଥିଲେ । ଲୁଟେରା ମଧ୍ୟପ୍ରଦେଶ ରାଜ୍ୟ ନିମୁଚ ଥାନା ହିର୍ଗୋନିଆ ଗ୍ରାମ ୱାର୍ଡ ନଂ ୧୬ର ପ୍ରତିକ ଗୁର୍ଜର (୨୫) ରତନଗଡ଼ ଗ୍ରାମର ରୋହିତ ଚରଣ (୧୯) ନିମୁଚ୍ ଥାନା ଆବାଡି ହିରଗୋନିଗ୍ ଗ୍ରାମର ୱାର୍ଡ ନଂ ୧୪ର ସନ୍ଦୀପ ଗର୍ଜର (୨୪) ପୁଲିସ ପଚରାଉଚୁର କରିବାରୁ ସୁନା ଲୁଟିଥିବା ସ୍ୱୀକାର କରିଥିଲେ । ପୁଲିସ ସେମାନଙ୍କ ଠାରୁ ୫ ଟି ସୁନା ଚେନ, ଗୋଟିଏ କାର, ଗୋଟିଏ ଭୁଜାଲି ସହ ୮ ହଜାର ୪୬୦ ଟଙ୍କା ଜବତ କରାଯାଇଛି । ପୁଲିସ ମାମଲା ରୁଜୁ କରି ୩ ଜଣଙ୍କୁ ଗିରଫ କରିବା ସହ କୋର୍ଟ ଚାଲଣ କରିଥିବା ନୂଆପଡ଼ା ଏସ୍‌ପି ଶ୍ରୀ ସିଂହ ସୂଚନା ଦେଇଛନ୍ତି ।




### ଭଗବାନ ଭରସାରେ କେନ୍ଦୁପତ୍ର ସଂଗ୍ରହ କାରବାର

# ସରକାରୀ ନିୟମକୁ ଫୁ, କେନ୍ଦୁପତ୍ର ବନପାଳଙ୍କ ଦେଖାନାହିଁ

**କଳମପୁର, ୯ ।୫(ସମିସ)**

କଳାହାଣ୍ଡି ଜିଲ୍ଲା କଳମପୁର ବ୍ଲକ ଅଞ୍ଚଳରେ ବିଭିନ୍ନ ସ୍ଥାନରେ ଫଡିଘର ନିର୍ମାଣ କରି ପ୍ରତିବର୍ଷ କେନ୍ଦୁପତ୍ର ସଂଗ୍ରହ ଚାଲିଛି । ଅଞ୍ଚଳର ବଲାଗାଁ, କଦଳୀଚୁଆଁ, କସାବାହି, ବାଗପଡ଼ା ଆଦି ସ୍ଥାନରେ ଚଳିତ ବର୍ଷ କେନ୍ଦୁପତ୍ର ସଂଗ୍ରହ ହେଉଛି । କେନ୍ଦୁପତ୍ର ସଂଗ୍ରହ ଲାଗି ଶ୍ରମିକମାନଙ୍କ ପାଇଁ ସରକାର ନୀତି ନିୟମ ପ୍ରଣୟନ କରିଛନ୍ତି । କିନ୍ତୁ ଏଠାରେ ନୀତିନିୟମପାଳନ ହେଉଥିବା ନଜିର ନାହିଁ, ଶ୍ରମିକମାନଙ୍କ ପାଇଁ ସରକାରୀ ସ୍ତରରେ ଯେଉଁ ସରଞ୍ଜାମ ଯୋଗାଣ ବ୍ୟବସ୍ଥା ଅଛି । କିନ୍ତୁ କେହି ବ୍ୟବହାର କରିନଥିବାରୁ ଏସବୁ ଯୋଗାଣ ହୋଇଛି କି ନାହିଁ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏପରି କି ଛାଇ ବ୍ୟବସ୍ଥା ପାନୀୟ ଜଳବ୍ୟବସ୍ଥା ମଧ୍ୟ ହୋଇଥିବା ଦେଖିବାକୁ ମିଳୁନାହିଁ । ଯଦିଓ କେନ୍ଦୁପତ୍ର ବନପାଳ ଏହାର ତଦାରଖ କରୁଛନ୍ତି ତେବେ ସେଠାରେ କୌଣସି ଦିନ ମଧ୍ୟ ବନପାଳଙ୍କ ଉପସ୍ଥିତି ଦେଖିବାକୁ ମିଳିନାହିଁ । ଏପରିକି ଏହି ବିଭାଗରେ କାର୍ଯ୍ୟରତ କୌଣସି କର୍ମଚାରୀ ମଧ୍ୟ ଉପସ୍ଥିତ ହେଉ ନାହାନ୍ତି । ଏଥିପାଇଁ କେନ୍ଦୁପତ୍ର ବନ ବିଭାଗ କର୍ମଚାରୀଙ୍କୁ ଜନ ସାଧାରଣ ଜାଣିନଥିବା ବେଳେ ଖୋଦ ସେହି କାର୍ଯ୍ୟରେ ନିୟୋଜିତ ତଳିଆ କର୍ମଚାରୀମାନେ ମଧ୍ୟ ସେମାନଙ୍କୁ ଦେଖିନଥିବା ଜାଣିନଥିବା କହିଛନ୍ତି । ତଳିଆ କର୍ମଚାରୀମାନେ ସେମାନଙ୍କ ଫୋନ ନମ୍ବର ମଧ୍ୟ ଜାଣିନଥିବା ପ୍ରକାଶ କରିଛନ୍ତି । ଅଞ୍ଚଳର କେନ୍ଦୁପତ୍ର ଶ୍ରମିକମାନେ ମୃତ୍ୟୁକାଳୀନ ସହାୟତା ଓ ଅନ୍ୟାନ୍ୟ ସହାୟତା ପାଇଥିବା ଜଣାପଡ଼ି ନାହି । ଏପରିକି କେନ୍ଦୁପତ୍ର ବିଡା ପ୍ରତି ମୂଲ୍ୟ କେତେ ତାହା ମଧ୍ୟ ଶ୍ରମିକମାନେ ଜାଣିନଥିବା ପ୍ରକାଶ କରିଛନ୍ତି । କେତେକ ଶ୍ରମିକ କହିଛନ୍ତି କିଛି ସୁବିଧା ସୁଯୋଗ ଏଯାଏଁ ମିଳିନାହିଁ, ପାରିଶ୍ରମିକ ବାବଦରେ ନିୟୋଜିତ ଚେକର ଓ ମେଟ ଆମ ପାଶବହି ନେଇ ପକାଇ ଦେଇଥାନ୍ତି ବୋଲି ପ୍ରକାଶ କରିଛନ୍ତି । ଆଉ କେତେକ କହିଛନ୍ତି ଆମେ ପ୍ରକୃତରେ କାମ କରିଆସୁଅଛୁ, କିନ୍ତୁ ଚେକର ଓ ମେଟ ସେମାନଙ୍କ ନିଜ ନିଜ ସମ୍ପର୍କିୟଙ୍କ ନାମରେ ଟଙ୍କା ଜମା କରି ଆମକୁ ସ୍ୱଳ୍ପ ପରିମାଣର ପାରିଶ୍ରମିକ ଦେଉଛନ୍ତି ବୋଲି କହିଛନ୍ତି । ଏସବୁ ଭିତରେ କଦଳୀଚୁଆଁ କେନ୍ଦୁପତ୍ର ସଂଗ୍ରହ କାରବାରର ବୈଧତାକୁ ନେଇ ଅଞ୍ଚଳବାସୀ ସଂଦେହ ପ୍ରକାଶ କରିଛନ୍ତି । ଖଳାରେ କେନ୍ଦୁପତ୍ର ସଂଗ୍ରହ ହେଉଛି, ସଂରକ୍ଷିତ ପାଇଁ ସ୍ଥାନ ଓ ଯାନବାହାନ ଚଳାଚଳ ହେବା ଭଳି ସ୍ଥାନ ହୋଇନଥିବା ବେଳେ ପ୍ରଥମ ଥରପାଇଁ କିଏ ଓ କିପରି ଆରମ୍ଭ କଲେ ତାହା ବୁଝା ପଡ଼ିନାହିଁ । ଏନେଇ କେନ୍ଦୁପତ୍ର ବନ ବିଭାଗର ଅଧିକାରୀମାନଙ୍କ ସହିତ ଯୋଗାଯୋଗ ସମ୍ଭବ ହେଉ ନ ଥିବାରୁ ମତାମତ ମିଳିପାରି ନାହିଁ ।



## କାଳବୈଶାଖୀ ପ୍ରଭାବ

# ଭାଙ୍ଗିଲା ଘର; ବର୍ତ୍ତିଲେ ପରିବାର



ରିଆମାଳ, ୯ ।୫(ସମିସ): ରିଆମାଳ ବ୍ଲକ୍ ନାଉଲିପଡ଼ା ପଞ୍ଚାୟତ ଅଧୀନ ତେଲିମୁଣ୍ଡା ଗ୍ରାମରେ ଶୁକ୍ରବାର ସନ୍ଧ୍ୟାରେ କାଳବୈଶାଖୀ ପ୍ରଭାବରେ ଗ୍ରାମର ରାମ ପୋଢ଼ଙ୍କ ଘରପାଖରେ ଥିବା ଏକ ଶାଗୁଆନ ଗଛ ଭାଙ୍ଗି ରାମଙ୍କ ଘର ଉପରେ ପଡ଼ିବାରୁ ଘରର ଛପର ନଷ୍ଟ ହୋଇଯାଇଥିବାବେଳେ ପରିବାର ଲୋକମାନେ ଅଳ୍ପକେ ବର୍ତ୍ତି ଯାଇଥିଲେ। ଘଟଣା ଘଟିବା ପରେ ସ୍ଥାନୀୟ ସରପଞ୍ଚ ଏଲିନା ସାହୁ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ବ୍ଲକ୍ ଓ ଜିଲ୍ଲା ପ୍ରଶାସନକୁ ଘଟଣା ସମ୍ପର୍କରେ ଜଣାଇ ଥିଲେ।

ଶନିବାର ସକାଳେ ସ୍ଥାନୀୟ ଆରଆଇ ରିତେଶ ସାହୁ ପହଞ୍ଚିବା ସହିତ ରିଆମାଳ ରେଞ୍ଜର ନିରଞ୍ଜନ ଧରୁଆ ଏବଂ ଅଗ୍ନିଶମ ବିଭାଗ ପହଞ୍ଚିବା ପରେ ଗଛକୁ କାଟି ସଫା କରାଯାଇଥିଲା। ଅନ୍ୟପକ୍ଷରେ ଗରିବ ରାମ ପୋଢ଼ଙ୍କୁ ସରକାରଙ୍କ ତରଫରୁ ଏକ ଆବାସ ଗୃହ ଯୋଗାଇ ଦିଆଯାଉ ବୋଲି ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି।

## ନକଲି ଡିଇଏଫ୍ କାରଖାନାରେ ଝାରସୁଗୁଡ଼ା ପୁଲିସର ଚଢ଼ଉ

# ୭ ଗିରଫ, ୟୁରିଆ ସାର, ଷ୍ଟିକର, ପିକ୍‌ଅପ୍ ଜବତ

ଝାରସୁଗୁଡ଼ା, ୯ ।୫(ସମିସ)

ଝାରସୁଗୁଡ଼ା ପୁଲିସ ପକ୍ଷରୁ ବେଆଇନ କାର୍ଯ୍ୟ ରୋକିବା ନେଇ ଅପରେସନ୍ ନେତ୍ର ଜାରି ରହିଥିବାବେଳେ ଝାରସୁଗୁଡ଼ା ପୁଲିସକୁ ଆଉଏକ ସଫଳତା ହାସଲ ହୋଇଛି। ଝାରସୁଗୁଡା ସହରର ସିରିଆବଗିଚା ଅଞ୍ଚଳରେ ଚାଲିଥିବା ଏକ ନକଲି ଡିଜେଲ ଏକ୍ସଜଷ୍ଟ ଫ୍ଲୁଇଡ୍ ବା ଡିଇଏଫ ପ୍ରସ୍ତୁତ କାରଖାନା ଉପରେ ସଦର ଥାନା ପୁଲିସ ପକ୍ଷରୁ ଚଢ଼ଉ କରାଯାଇ ୭ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଏହାକୁ ନେଇ ଝାରସୁଗୁଡା ଆରକ୍ଷୀ ଅଧିକ୍ଷକ ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର ଏକ ସାମ୍ବାଦିକ ସମ୍ମିଳନୀରେ ସବିଶେଷ ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ ଝାରସୁଗୁଡ଼ା ଆରକ୍ଷୀ ଅଧିକ୍ଷକଙ୍କ ନିର୍ଦ୍ଦେଶକ୍ରମେ ଜଣେ ଡିଏସ୍‌ପି ପାହ୍ୟା ଅଧିକାରୀଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ସିରିଆବଗିଚା ଅଞ୍ଚଳରେ ଅତର୍କିତ ଚଢ଼ଉ କରାଯାଇଥିଲା। ତଦନ୍ତ ସମୟରେ ଜଣାପଡ଼ିଛି ଯେ, ଚାଷୀମାନଙ୍କ ପାଇଁ ଉଦ୍ଦିଷ୍ଟ ସରକାରୀ ରିହାତି ଯୁକ୍ତ ୟୁରିଆକୁ ବେଆଇନ ଭାବେ ବ୍ୟବହାର କରି ଏଠାରେ ନକଲି ଡିଇଏଫ ପ୍ରସ୍ତୁତ




କରାଯାଉଥିଲା। ଏହି ନକଲି ସାମଗ୍ରୀକୁ ଟାଟା, ଅଶୋକ ଲେଲ୍ୟାଣ୍ଡ ଭଳି ନାମୀଦାମୀ ବ୍ରାଣ୍ଡର ଲୋଗୋ ଲଗାଇ ଓଡ଼ିଶା ଏବଂ ଛତିଶଗଡ଼ର ବିଭିନ୍ନ ସ୍ଥାନକୁ ଚୋରା ଚାଲାଣ କରାଯାଉଥିଲା। ପୁଲିସ ଏହି ଘଟଣାରେ ୭ ଜଣ ଅଭିଯୁକ୍ତ ରାଜସ୍ଥାନର ମୁକେଶ ଚାନ୍ଦ ଯୋଗୀ, ଝାରସୁଗୁଡ଼ାର ରାଜ କୁମାର ହେମ୍ବ୍ରମ, ଲମଟିବାହାଲର ଅମନ କୁମାର ସିଂହ, ଝାରସୁଗୁଡ଼ାର ବ୍ରିଜଭୂଷଣ ସିଂହ, ଛତିଶଗଡ଼ର ଜିଆଉଲ ଅନସାରୀ, ବରଗଡ଼ର ଆକାଶ ଅଗ୍ରୱାଲ ଏବଂ ତାଳଚେରର ପାର୍ଥସାରଥୀ ମିଶ୍ରଙ୍କୁ ଗିରଫ କରିଛି। ଏହାସହିତ ଅଭିଯୁକ୍ତଙ୍କ ନିକଟରୁ ୨୫୬ ବସ୍ତା ଭାରତ ୟୁରିଆ ସାର, ୪୨୨ଟି ବିଭିନ୍ନ ବ୍ରାଣ୍ଡର ଖାଲି ବାଲ୍ଟି, ୧୫୦ଟି ଟାଟା ଜେନୁଇନ୍ ପାର୍ଟସ୍ ହୋଲୋଗ୍ରାମ ଷ୍ଟିକର, ୨ଟି ସିନଟେକ୍ସ ଟାଙ୍କି ଏବଂ ପାଣି ମୋଟର, ଡିଇଏଫ ବୋଝେଇ ଦୁଇଟି ବୋଲେରୋ ପିକଅପ୍ ଭ୍ୟାନକୁ ଜବତ କରାଯାଇଛି। ଚଢ଼ଉ ସମୟରେ ପୁଲିସ ସହିତ ଜିଲ୍ଲା ଶିଳ୍ପ କେନ୍ଦ୍ର ଏବଂ କୃଷି ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ଏନେଇ ପୁଲିସ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି। ଝାରସୁଗୁଡା ଏସ୍‌ପି ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର କହିଛନ୍ତି ଯେ ଏହି ନକଲି ଡିଇଏଫ ତିଆରିର ଲିଙ୍କ୍ ଛତିଶଗଡ଼ ପର୍ଯ୍ୟନ୍ତ ଲମ୍ବି ଥିବାବେଳେ ଏନେଇ ଝାରସୁଗୁଡ଼ା ପୁଲିସ ତଦନ୍ତ ଜାରି ରଖିଛି। ଡିଇଏଫ୍ ବ୍ୟବହାର ଯୋଗୁଁ ଗାଡ଼ିର ଇଞ୍ଜିନ ଖରାପ ହେବାର ଆଶଙ୍କା ରହିଥିବାରୁ ଗାଡ଼ି ମାଲିକ ଓ ପରିବହନ ସଂସ୍ଥାମାନଙ୍କୁ ସତର୍କ ରହିବାକୁ ପୁଲିସ ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି। ସାମ୍ବାଦିକ ସମ୍ମିଳନୀରେ ଝାରସୁଗୁଡା ଏସ୍‌ପିଙ୍କ ସହିତ ଝାରସୁଗୁଡା ଏସଡିପିଓ ଉମାଶଙ୍କର ସିଂ, ଝାରସୁଗୁଡା ସଦରଥାନା ଅଧିକାରିଣୀ ସ୍ୱପ୍ନାରାଣୀ ଗୋଛାୟତଙ୍କ ସହିତ ବହୁ ପୁଲିସ ଅଧିକାରୀ ଉପସ୍ଥିତ ଥିଲେ।

# ଝାରସୁଗୁଡ଼ାରେ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକଅଦାଲତ

ଝାରସୁଗୁଡ଼ା, ୯ ।୫(ସମିସ): ଶନିବାର ଚଳିତବର୍ଷର ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଜାତୀୟ ଆଇନ୍ ଝାରସୁଗୁଡ଼ା ଜିଲ୍ଲା ନ୍ୟାୟାଳୟ ଓ ଲଖନପୁର କୋର୍ଟ ପରିସରରେ ଜିଲ୍ଲା ଓ ଦୌରାଜଜ୍ ତଥା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ବିଭିନ୍ନ ଅଦାଲତରେ ବିଚାରାଧୀନ ଥିବା ମାମଲା ଗୁଡ଼ିକ ମଧ୍ୟରେ ଏହି ଲୋକ ଅଦାଲତରେ ମୋଟର ଯାନ ଦୁର୍ଘଟଣା ଦାବି ଟ୍ରିବ୍ୟୁନାଲରେ ବିଚାରାଧୀନ ଥିବା ୦୨ ଟି ମୋକଦ୍ଦମା ୧,୫୦,୦୦୦ ଟଙ୍କାରେ, ୦୪ ଟି ସାଲିସ୍ ଯୋଗ୍ୟ ଫୌଜଦାରୀ, ୦୫ ଟି ଚେକ ବାଉନ୍ସ ମାମଲା ୧୨,୪୭,୭୩୦ ଟଙ୍କାରେ, ୦୧ ଟି ବ୍ୟାଙ୍କ ପୁନରୁଦ୍ଧାର ମାମଲା ୧୬,୩୪,୪୪୫.୮୪ ଟଙ୍କାରେ, ୩ ଟି ବୈବାହିକ/ପରିବାର ବିବାଦ (ବିବାହ ବିଚ୍ଛେଦ ବ୍ୟତିତ) ମାମଲା, ୯ ଟି ଅନ୍ୟାନ୍ୟ ଦେୱାନି ମାମଲା, ୨୬୧ ଟି ଅନ୍ୟାନ୍ୟ ମାମଲା ଓ ୩୧୯୩ ଟି ରାଜସ୍ୱ ମୋକଦ୍ଦମା ୪,୧୪,୯୨୪ ଟଙ୍କାରେ ଆପୋଷ ବୁଝାମଣା ମାଧ୍ୟମରେ ସମାଧାନ ହୋଇଛି।

ପ୍ରାକ୍ ମୋକଦ୍ଦମା ମଧ୍ୟରେ ବିଭିନ୍ନ ବ୍ୟାଙ୍କ ଓ ଆର୍ଥିକ ଅନୁଷ୍ଠାନର ୬୫ ଟି ଋଣ ସମ୍ବନ୍ଧୀୟ ମାମଲା ୧୮,୪୪,୩୨୨ ଟଙ୍କାରେ, ୦୧ ଟି ବୈବାହିକ/ପରିବାର ବିବାଦ (ବିବାହ ବିଚ୍ଛେଦ ବ୍ୟତୀତ) ମାମଲା, ଆଞ୍ଚଳିକ ପରିବହନ ବିଭାଗର ଟ୍ରାଫିକ ଚାଲାଣ ସଂବନ୍ଧିୟ ୧୪ ଟି ମାମଲା



୫୨,୦୦୦ ଟଙ୍କାରେ, ସ୍ଥାୟୀ ଲୋକ ଅଦାଲତ ର ୧୨ ଟି ମାମଲା ୬,୯୨,୮୩୫ ଟଙ୍କାରେ ଓ ବିଦ୍ୟୁତ ବିଲ ସମ୍ବନ୍ଧୀୟ ୦୩ ଟି ମାମଲା ୭୭,୧୩୧ ଟଙ୍କାରେ ଆପୋଷ ବୁଝାମଣା ମାଧ୍ୟମରେ ସମାଧାନ ହୋଇଛି। ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍ ସଦାଶିବ ଜେନା ମୋଟରଯାନ ଦୁର୍ଘଟଣା ଦାବି ଜନିତ ମୋକଦ୍ଦମା ଗୁଡ଼ିକର ଆପୋଷ ବୁଝାମଣା ମାଧ୍ୟମରେ ସମାଧାନ କରି ବୀମା କମ୍ପାନୀ ମାନଙ୍କୁ କ୍ଷତିପୁରଣ ରାଶି ପ୍ରଦାନ କରିବା ପାଇଁ ଆଦେଶ କରିଥିବା ବେଳେ, ସ୍ଥାୟୀ ଲୋକ ଅଦାଲତର ଅଧ୍ୟକ୍ଷ ଅଶ୍ୱିନୀ କୁମାର ନାୟକ ଜନ ଉପଯୋଗୀ ସେବା ଜନିତ ପ୍ରାକ୍ ମୋକଦ୍ଦମା ମାମଲା ସମାଧାନ କରାଇଥିଲେ। ବରିଷ୍ଠ ଦେୱାନି ବିଚାରପତି (ମହିଳା ନ୍ୟାୟାଳୟ) ପ୍ରତ୍ୟୁଷା କିରନ ବୈବାହିକ/ପରିବାର ବିବାଦ (ବିବାହ ବିଚ୍ଛେଦ ବ୍ୟତିତ) ମୋକଦ୍ଦମାଗୁଡ଼ିକର ଆପୋଷ ବୁଝାମଣା ମାଧ୍ୟମରେ ସମାଧାନ କରାଇଥିଲେ। ଜିଲ୍ଲା ଓ ଦୌରାଜଜ୍ ଶ୍ରୀ ନାୟକ, ବରିଷ୍ଠ ଦେୱାନି ବିଚାରପତି ଡ. ସନ୍ଧ୍ୟା ରଥ, ବରିଷ୍ଠ ଦେୱାନି ବିଚାରପତି (ଏଲ.ଆର) ଦେବଶ୍ରୀ ସାହୁ ଓ କନିଷ୍ଠ ଦେୱାନି ବିଚାରପତି ମୋନାଲିସା ପ୍ରଧାନ ଅନ୍ୟାନ୍ୟ ଦେୱାନି ଓ ଟଙ୍କା ପୁନରୁଦ୍ଧାର ମକଦ୍ଦମାଗୁଡ଼ିକର ଆପୋଷ ବୁଝାମଣା ମାଧ୍ୟମରେ ସମାଧାନ କରାଇଥିଲେ। ସେହିପରି ଏସ୍‌ଡି. ଜେଏମ୍‌ଡି. ବିଶ୍ୱଭୂଷଣ ନାୟକ, କନିଷ୍ଠ ଦେୱାନି ବିଚାରପତି ତଥା ଜେ.ଏମ.ଏଫ.ସି ଲଖନପୁର ଜୟା ରାଏ, ନ୍ୟାୟାଧିକାରୀ ଗ୍ରାମ୍ୟ ନ୍ୟାୟାଳୟ ଅପର୍ଣ୍ଣା ସାହୁ, ଜେ. ଏମ୍‌ଏଫ୍‌ସି (କଗ୍ନିଜେନ୍ସ) ସୁପ୍ରାସି ସୋନାଲି ମହାପାତ୍ର, ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ନର୍ମଦା ପ୍ରଧାନ ଅନ୍ୟାନ୍ୟ ଫୌଜଦାରୀ, ଚେକ ବାଉନ୍ସ ଇତ୍ୟାଦି ମାମଲା ଗୁଡ଼ିକର ଆପୋଷ ସମାଧାନ କରାଇଥିଲେ।

ଏହି ଲୋକ ଅଦାଲତକୁ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସ୍ମୃତିରଞ୍ଜନ ମହାପାତ୍ର, ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ସଚିବ ଆଲୋକମୟୀ ପ୍ରଧାନ ଓ ସିଭିଲ କୋର୍ଟ ରେଜିଷ୍ଟ୍ରାର ସ୍ୱର୍ଣ୍ଣଲତା ନାୟକ ପରିଚାଳନା କରିଥିବାବେଳେ ସିଭିଲ ଜଜ୍ ପ୍ରୋବେଶନ ସ୍ୱାତୀ ସାମଲ ଉପସ୍ଥିତ ଥିଲେ।

ଏହି ଲୋକ ଅଦାଲତରେ ଆପୋଷ ବୁଝାମଣା ମାଧ୍ୟମରେ ସମାଧାନ ପାଇଁ ୧୦ ଟି ବିଭିନ୍ନ ଲୋକ ଅଦାଲତ ବେଞ୍ଚର ଗଠନ କରାଯାଇଥିଲା ଏବଂ ଏହି ବେଞ୍ଚ ଗୁଡ଼ିକର ସଦସ୍ୟ ଭାବରେ ଡାକେଶ୍ୱର ପାଣ୍ଡେ, ଦେବାର୍ଚ୍ଚନ ଠାକୁର, ଭବାନୀଶଙ୍କର ଦଣ୍ଡସେନା, ଡମାଳି ପଟେଲ, ରୁପାଲୀ ଚାଟାର୍ଜି, ମନୋଜ ସୁନା, ଅଶୋକ କୁମାର ପାଟଜୋଶୀ, ସତପାଲ ସିଂହ, ଅନାମିକା ନନ୍ଦ, ଅନିତା ସୋନି, ସଞ୍ଜୟ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ସ୍ଥାୟୀ ଲୋକଅଦାଲତର ସଦସ୍ୟ ଆନନ୍ଦିନୀ ପାଢ଼ୀ ଓ ସୁରେଶ ଚନ୍ଦ୍ର ପଟେଲ ପ୍ରମୁଖ ଉପସ୍ଥିତ ଥିଲେ।

# ନବ ବିବାହିତାଙ୍କ ଆତ୍ମହତ୍ୟା

ଲହୁଣୀପଡ଼ା, ୯।୫(ସମିସ): କେ.ବଲାଙ୍ଗ ଥାନା ଅଧୀନ ବଡ଼ ବାଲିଯୋର ଗ୍ରାମରେ ଜଣେ ନବ ବିବାହିତା ନିଜ ବାପ ଘରେ କେହି ନଥିବା ବେଳେ ଘର ବାରଣ୍ଡାରେ ନିଜ ପିନ୍ଧା ଲୁଗା ରେ ଫାଶି ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ତାଙ୍କନାମ ଫଗୁନି ସିଂ (୧୮) ବୋଲି ଜଣାପଡ଼ିଛି। ସୂଚନା ମୁତାବକ ବଡ଼ ବାଲିଯୋର ଗ୍ରାମର ଫଗୁନି ସିଂ ରେଲାହାତୁ ଗ୍ରାମର ଲକ୍ଷନ ସିଂ (୨୦) ସହିତ ୪ ମାସ ପୂର୍ବେ ପ୍ରେମ ବିବାହ କରି ରେଲହାତୁ ଗ୍ରାମରେ ରହିଆସୁଥିଲେ। କିନ୍ତୁ ଗତକିଛି ହେଲା ଫଗୁନି ସିଂ ବାପଘର ବଡ଼ ବାଲିଯୋର ଆସିଥିଲେ। ହେଲେ ଶୁକ୍ରବାର ଅପରାହ୍ନରେ ଘରେ କେହି ନଥିବାର ସୁଯୋଗରେ ଆତ୍ମହତ୍ୟା କରିଥିଲେ। ଘରଲୋକ ଫେରି ଦେଖିଲା ବେଳକୁ ତାଙ୍କର ମୃତ୍ୟୁ ହୋଇସାରି ଥିଲା। ଏ ନେଇ ଘର ଲୋକ କେବଲାଙ୍ଗ ପୁଲିସକୁ ଖବର ଦେବାପରେ ପୁଲିସ ପହଞ୍ଚି ଶବ ଜବତ କରିଥିଲା। ସନ୍ଧ୍ୟା ହେବା କାରଣରୁ ଶବକୁ ବଣାଇଁସ୍ଥିତ ମର୍ଗ ହାଉସ ରଖାଯାଇଥିବାବେଳେ ଶନିବାର ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଶବ ବ୍ୟବଚ୍ଛେଦ ପରେ ଶବକୁ ପରିବାରକୁ ହସ୍ତାନ୍ତର କରି ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି ପୁଲିସ।

# ରାଉରକେଲା ଆଇନ ମହାବିଦ୍ୟାଳୟର ରେଡକ୍ରସ୍ ଦିବସ



ରାଉରକେଲା, ୯।୫(ସମିସ): ରାଉରକେଲା ଆଇନ ମହାବିଦ୍ୟାଳୟର ଆଇକ୍ୟୁଏସି ଓ ୱାଇଆରସି ୟୁନିଟର ମିଳିତ ଆନୁକୂଲ୍ୟରେ ବିଶ୍ୱ ରେଡ କ୍ରସ ଦିବସ ପାଳିତ ହୋଇଯାଇଛି। ଭାରପ୍ରାପ୍ତ ଅଧ୍ୟକ୍ଷା ଡ. ସମ୍ପାଦିକା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୱାଇଆରସିର ଜନକ ହନେରୀ ଡୁରାଣ୍ଟଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଏହି ଅବସରରେ ସ୍ୱେଚ୍ଛାସେବୀମାନେ ଶ୍ରମିକ ଓ ପଥିକମାନଙ୍କୁ ଆମ୍ବ ଓ ଲେମ୍ବୁ ପଣା ବଣ୍ଟନ କରିଥିଲେ। ଏହାସହିତ ମହାବିଦ୍ୟାଳୟର ସମସ୍ତ କର୍ମଚାରୀଙ୍କ ଉପସ୍ଥିତିରେ ଏକ ଚାରାରୋପଣ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥିଲା।

# ସନ୍ତରଣ କୌଶଳ ସମ୍ପର୍କିତ ତାଲିମ ଶିବିର ଉଦ୍‌ଯାପିତ



ଦେବଗଡ଼, ୯ ।୫(ସମିସ): ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ ଏବଂ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା ପ୍ରାଧିକାରଣ ପକ୍ଷରୁ ଜରୁରୀକାଳୀନ ପରିସ୍ଥିତି ପାଇଁ ଯୁବପିଢ଼ିଙ୍କୁ ସନ୍ତରଣର କୌଶଳ ସମ୍ପର୍କିତ ତାଲିମର ପ୍ରଥମ ପର୍ଯ୍ୟାୟ ଶନିବାର ଉଦ୍‌ଯାପିତ ହୋଇଛି। ଗତ ୪ ତାରିଖଠାରୁ ୯ ତାରିଖ ପର୍ଯ୍ୟନ୍ତ ଷୋହଳ ବଖରୀକଟାଠାରେ ଆୟୋଜିତ ଏହି ପ୍ରଶିକ୍ଷଣ ଶିବିରର ପ୍ରଥମ ପର୍ଯ୍ୟାୟରେ ଓଡ୍ରାଫ ପକ୍ଷରୁ ପ୍ରଶିକ୍ଷାର୍ଥୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଉଦ୍‌ଯାପନୀ ଦିବସରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲା ଜରୁରୀକାଳୀନ ଅଧିକାରୀ ମୁକେଶ କୁମାର ଭୋଇଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ ଓ ସମ୍ମାନିତ ଅତିଥିଭାବେ ଭାରପ୍ରାପ୍ତ ଆରକ୍ଷୀ ଅଧୀକ୍ଷକ ଧୀରଜ୍ ଚୋପରଦାର, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ମିଞ୍ଜ, ପୌରପରିଷଦ ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଜିତ କୁମାର ଭୋଜ, ଉପଜିଲ୍ଲାପାଳ ପରିକ୍ଷିତ ସାହୁ, ଜିଲ୍ଲା ମଙ୍ଗଳ ଅଧିକାରୀ ଶିଶିର କୁମାର ପୁହାଣ ଓ ଓଡ୍ରାଫ୍ ଇନଚାର୍ଜ ମୋହନ କୁମାର ରାଉତ୍ ପ୍ରମୁଖ ପାଣିରେ ବୁଡ଼ି ଯାଉଥିବା ଲୋକଙ୍କ ଜୀବନ ବଞ୍ଚାଇବାର କୌଶଳ ସମ୍ପର୍କରେ ଆଲୋକପାତ କରିଥିଲେ। ବୁଢ଼ାପାଳ ପଞ୍ଚାୟତ ସମିତି ଡିଗ୍ରୀ କଲେଜ, ପଳସମା ପଞ୍ଚାୟତ ସମିତି ଡିଗ୍ରୀ କଲେଜ, ରାଜାବାସୁଦେବ ଉଚ୍ଚ ବିଦ୍ୟାଳୟ, ଧରଣୀଧର ବିଦ୍ୟାଳୟ ଓ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୩୦ ଜଣ ପ୍ରଶିକ୍ଷାର୍ଥୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ସେହିପରି ଏହି ପ୍ରଶିକ୍ଷଣ ଶିବିର ଦ୍ୱିତୀୟ ପର୍ଯ୍ୟାୟ ୧୧ ତାରିଖ ଠାରୁ ୧୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ଅଂଶ ଗ୍ରହଣ କରିବାକୁ ଇଚ୍ଛୁକ ପ୍ରଶିକ୍ଷାର୍ଥୀଙ୍କ ବୟସ ସୀମା ୧୪ ରୁ ୩୦ ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ। ପଞ୍ଜୀକରଣ ପାଇଁ ୮୬୫୮୯୯୭୬୭୩ ମୋବାଇଲ୍ ନମ୍ବର ଯୋଗେ ଯୋଗାଯୋଗ କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଆଜିର କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ସଂଯୋଜନା କରିଥିଲେ।

# ଆଇନ୍ ସମ୍ପର୍କିତ ସଚେତନତା ଶିବିର



ଲହୁଣୀପଡ଼ା, ୯।୫(ସମିସ): ସାରା ରାଜ୍ୟରେ ଭିସି ମାଧ୍ୟମରେ ରାଜ୍ୟ ପୁଲିସ ଡିଜି କିଶୋରୀ ବାଳିକାଙ୍କୁ ବିଭିନ୍ନ ଆଇନ ସମ୍ପର୍କିତ ସଚେତନତା ବାର୍ତ୍ତା ପ୍ରଦାନ କରିଛନ୍ତି। ଶୁକ୍ରବାର ଅପରାହ୍ନ ପ୍ରାୟ ସାଢେ ୩ ଟାବେଳେ ଲହୁଣୀପଡ଼ା ଥାନା ପକ୍ଷରୁ ମଧ୍ୟ କାର୍ଯ୍ୟକ୍ରମ ଆୟୋଜନ କରାଯାଇ କିଶୋରୀ ବାଳିକାମାନଙ୍କୁ ସଚେତନତା ବାର୍ତ୍ତା ପ୍ରଦାନ କରାଯାଥିଲା। କାର୍ଯ୍ୟକ୍ରମରେ ଅଞ୍ଚଳର ପ୍ରାୟ ୫୦ରୁ ଊର୍ଦ୍ଧ୍ୱ କିଶୋରୀ ଯୋଗଦାନ କିରି ବିଭିନ୍ନ ଆଇନ ସମ୍ପର୍କିତ ସଚେତନତା ବାର୍ତ୍ତାକୁ ଶୁଣିଥିଲେ। ଲହୁଣୀପଡ଼ା ଥାନା ଏସଆଇ ରଣଜିତ କୁଲୁଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ପରିଚାଳନା କରାଯାଇଥିଲା।

# ଖୁଣ୍ଟାମାଲରେ ଚବିଶପ୍ରହର ନାମଯଜ୍ଞ ଉଦ୍‌ଯାପିତ

ଝାରସୁଗୁଡ଼ା, ୯ ।୫(ସମିସ): ଝାରସୁଗୁଡ଼ା ଜିଲ୍ଲା ଲଇକେରା ବ୍ଲକ୍ ଅଧୀନ ଖୁଣ୍ଟାମାଲ ଗ୍ରାମରେ ଚବିଶ ପ୍ରହର ନାମଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ଖୁଣ୍ଟାମାଲ ଗ୍ରାମବାସୀଙ୍କ ଆନୁକୂଲ୍ୟରେ ଅନୁଷ୍ଠିତ ଚବିଶ ପ୍ରହର ନାମଯଜ୍ଞରେ ସୁରେନ୍ଦ୍ର ସାହୁ ଧର୍ମପତ୍ନୀ ଓ ଓମ୍ ପ୍ରିୟା ସାହୁ କର୍ତ୍ତା ଦାୟିତ୍ୱ ତୋଳାଇଥିଲେ। ପୂଜକ ଭାବେ ରମାକାନ୍ତ ଦାଶ, ଉମାକାନ୍ତ ଦାଶ, କୁନା ଦାସ ପୂଜାର୍ଚ୍ଚନା କରିଥିଲେ।

ଏହି ନାମଯଜ୍ଞ ପାଇଁ ଗତ ରବିବାର ଗୋଧୂଳି ଲଗ୍ନରେ ଏକ ବିଶାଳ କଳସ ଶୋଭାଯାତ୍ରା ବାହାରି ପୋଖରୀରୁ ପାଣି ଅଣାଯାଇ ଯଜ୍ଞମଣ୍ଡପ ଠାରେ ସ୍ଥାପନା କରାଯାଇ ଶୁଭ ଅଧିବାସ, ସୋମବାର ନାମାରମ୍ଭ, ମଙ୍ଗଳବାର, ବୁଧୁବାର ମହାପ୍ରଭୁଙ୍କୁ ୫୬ ଭୋଗ ଲଗାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଗୁରୁବାର ନାମ ସମାପନ, ନଗରଭ୍ରମଣ, ଦଧିଭାଣ୍ଡଭଞ୍ଜନ, ଆନନ୍ଦ ବଜାରରେ ପ୍ରସାଦ ସେବନ ଏବଂ ମହନ୍ତ ବିଦାୟ ଦିଆଯାଇଥିଲା। ଗୁଲବଦନ ଦାସ ୫୬ ଭୋଗ ଓ ଅନ୍ନପ୍ରାସାଦ ତିଆରି କରିଥିଲେ। ସଭାପତି ଘନଶ୍ୟାମ




ପାଉଳେ, ସମ୍ପାଦକ ରୂପାନନ୍ଦ ବେହେରା, କୋଷାଧ୍ୟକ୍ଷ ବେଣୁଧର ସାହୁ ଦାୟିତ୍ୱ ନିର୍ବାହ କରିଥିଲେ। ସରପଞ୍ଚ ସୁଶାନ୍ତ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମଟି ସୁଚାରୁରୂପେ ପରିଚାଳିତ ହୋଇଥିଲା। ସଂକୀର୍ତ୍ତନ ଦଳ ମଧ୍ୟରେ ଖୁଣ୍ଟାମାଲ, ଟାମ୍ପରକେଲା, ଘୁଷା, ବାବୁ ଛିପିଡ଼ିହି, ଗୋବିନ୍ଦପୁର, ରେଙ୍ଗାଲି, ପତ୍ରାପାଲି, ଗୁର୍ଲାବାହାଲ, ଗରଗଡ଼ବାହାଲ, ସାତକମା, ଦାଣ୍ଡଜମିରା, କୋଲାବିରା, ତଳସରା, ବିଞ୍ଜିପାଲି, ହୁଡୁମା, ବଂଜାରୀବାହାଲ, ଜମନକିରା, ଡୁଲୁଣ୍ଡି ପ୍ରମୁଖ ସାମିଲ ହୋଇଥିଲେ।

# ନବନିର୍ମାଣ କୃଷକ ସଂଗଠନର 'ରାଜ୍ୟ କୃଷକ ସ୍ୱାଭିମାନ ଯାତ୍ରା'

ଦେବଗଡ଼, ୯ ।୫(ସମିସ)

ନବନିର୍ମାଣ କୃଷକ ସଂଗଠନ ଦୀର୍ଘ ୧୬ ବର୍ଷ ହେଲା ପ୍ରାଇସ୍, ପ୍ରେଷ୍ଟିଜ୍ ଓ ପେନସନ୍ ଇତ୍ୟାଦି ଦାବିକୁ ନେଇ ସଂଘର୍ଷ ଜାରି ରଖିଛି। ଯାହାର ପରିଣାମ ସ୍ୱରୂପ କାଳିଆ ଯୋଜନା ଠାରୁ ଆରମ୍ଭ କରି ଧାନ ଉପରେ କ୍ୟୁଣ୍ଟାଲ ପିଛା ୮୦୦ ଟଙ୍କା ଇନପୁଟ୍ ସହାୟତାର ଲାଭ ଚାଷୀ ପାଖରେ ପହଞ୍ଚିଛି। ଠିକ୍ ସେହିପରି ଗତ ମାର୍ଚ୍ଚ ୨୨ ତାରିଖରୁ ଘଟଗାଁରୁ ଆରମ୍ଭ ହୋଇଥିବା ଏକ କୃଷକ ଏକତା ପଦଯାତ୍ରା ପ୍ରାଇସ୍ (ଚାଷୀ ଉତ୍ପାଦର ଉଚିତ୍ ମୂଲ୍ୟ), ପ୍ରେଷ୍ଟିଜ୍ (ଚାଷୀର ସମ୍ମାନ, ସ୍ୱାଭିମାନ ଓ ସ୍ୱାବଲମ୍ବନ), ପେନସନ୍ (ଚାଷୀ ସୁରକ୍ଷା ଭତ୍ତା- ୨୦ ବର୍ଷରୁ ପ୍ରତ୍ୟେକ ଚାଷୀଙ୍କୁ ମାସିକ ୧୦ ହଜାର ଟଙ୍କା ସୁରକ୍ଷା ଭତ୍ତା ଏବଂ ୬୦ ବର୍ଷରୁ ପ୍ରତ୍ୟେକ ବୟସ୍କଙ୍କୁ ୩ ହଜାର ଟଙ୍କା ବାର୍ଦ୍ଧକ୍ୟ ଭତ୍ତା) ଏବଂ ଜମି, ଜଳ, ଜଙ୍ଗଲ, ଖଣି ଉପରେ ମୂଳ ଅଧିବାସୀର ଅଧିକାର ସମେତ ଜଳସେଚନ,




ଜଳ ନିଷ୍କାସନ, ଶୀତଳ ଭଣ୍ଡାର, ଧାନର ଅଭାବୀ ବିକ୍ରି ଇତ୍ୟାଦି ୨୧ ଦଫା ଦାବିକୁ ନେଇ ଗତ ମାର୍ଚ୍ଚ ୩୧ ତାରିଖରେ ବିଧାନସଭା ସାମ୍ନାରେ ଥିବା ପିଏମଜିରେ ଏକ ଚାଷୀ ସମାବେଶ ମାଧ୍ୟମରେ ସରକାରଙ୍କୁ ଉକ୍ତ ଦାବିଗୁଡ଼ିକ ବିଷୟରେ ସ୍ମାରକ ପତ୍ର ଦେଇ ଆଲୋଚନା କରିବାର ଥିଲା। କିନ୍ତୁ ସରକାର ପଦଯାତ୍ରାକୁ କଟକର ଫୁଲନଖରା ଠାରେ ଅଟକାଇ ଦେଇଥିଲା। ଏହାର ପ୍ରତିବାଦରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଏପ୍ରିଲ ୨୮ ତାରିଖ ଠାରୁ ନବନିର୍ମାଣ କୃଷକ ସଂଗଠନ କଟକର ସତ୍ୟଭାମାପୁରରୁ 'ରାଜ୍ୟ କୃଷକ ସ୍ୱାଭିମାନ ଯାତ୍ରା' ଆରମ୍ଭ କରିଛି । ୩୦ଟି ଜିଲ୍ଲାରେ ଚାଷୀ, ଯୁବକ, ବୁଦ୍ଧିଜୀବୀ ଇତ୍ୟାଦିଙ୍କୁ ଭେଟି ଆଗାମୀ ମେ ୧୪ ତାରିଖରେ ଭୁବନେଶ୍ୱରରେ ଏହି ସ୍ୱାଭିମାନ ଯାତ୍ରା ସମାପନ ହେବ। ୨୦ ତମ ଜିଲ୍ଲା ଭାବେ ଏହି ଯାତ୍ରା ଆଜି ଦେବଗଡ଼ରେ ପହଞ୍ଚିଛି। ଚାଷୀର ପ୍ରାଇସ୍, ପ୍ରେଷ୍ଟିଜ୍, ପେନସନ ସହ ଜମି, ଜଳ, ଜଙ୍ଗଲ ଓ ଖଣି ଉପରେ ମୂଳ ଅଧିବାସୀର ଅଧିକାର ସମେତ ୨୧ଟି ଦାବ୍‌ଗୁଡ଼ିକୁ ନେଇ ଲୋକଙ୍କ ସ୍ୱାଭିମାନକୁ ଜାଗ୍ରତ ଓ ସଂଗଠିତ କରିବାର ପ୍ରୟାସ ଚାଲୁ ରଖିବା ପାଇଁ ନବନିର୍ମାଣ କୃଷକ ସଂଗଠନ ସଂକଳ୍ପ ନେଇ ଆଜି ଦେବଗଡ଼ ଜିଲ୍ଲାରେ ପହଞ୍ଚିଛି।

ଅନ୍ୟମାନଙ୍କ ମଧ୍ୟରେ ସଂଗଠନର ଉପଦେଷ୍ଟା ଡ. କୁଳମଣି, ନବନିର୍ମାଣ ଯୁବଛାତ୍ର ସଂଗଠନର ରାଜ୍ୟ ସଂଯୋଜକ ଏମ.ଡି ଅନୱାର ଅଲ୍ଲୀ, ନବନିର୍ମାଣ କୃଷକ ସଂଗଠନ ରାଜ୍ୟ କମିଟୀ ସଦସ୍ୟ ତଥା ଗଜପତି ପ୍ରଭାରୀ ରଞ୍ଜିତ ପଟ୍ଟନାୟକ, ଭଦ୍ରକ ଜିଲ୍ଲା ଯୁବ ଛାତ୍ର ସଂଗଠନ ସହ ସଂଯୋଜକ ପ୍ରଭାତ ମହାଳିକ, ନବନିର୍ମାଣ କୃଷକ ସଂଗଠନ ବୌଦ୍ଧ ଜିଲ୍ଲା ସଂଯୋଜକ ହୃଷିକେଶ ଦେହୁରୀ ଓ ସଦସ୍ୟ ସ୍ୱପ୍ନେଶ୍ୱର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ୩୦ କେଜି ଭାଙ୍ଗ ଜବତ; ଜଣେ ଗିରଫ

ଝାରସୁଗୁଡ଼ା, ୯ ।୫(ସମିସ): ଅବକାରୀ ଅକ୍ଷକଙ୍କ ନିର୍ଦ୍ଦେଶକ୍ରମେ ଏକ ଟିମ୍ ଗଠନ କରାଯାଇ ଝାରସୁଗୁଡ଼ା ଟାଉନ ଝଣ୍ଡାଛକ ଅଞ୍ଚଳରେ ଆତର୍କିତ ଭାବେ ଚଢ଼ଉ କରାଯାଇଥିଲା। ଏଥିରେ ୩୦ କେଜି ଭାଙ୍ଗ ଜବତ କରି ଅଭିଯୁକ୍ତ ପ୍ରମୋଦ ଶ୍ରୀବାସଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଏଥିକେ ସମ୍ପୃକ୍ତ ଅନ୍ୟବ୍ୟକ୍ତିଙ୍କ ବିଷୟରେ ଅଧିକ ତଦନ୍ତ କରିବାପାଇଁ ଝାରସୁଗୁଡା ଅବକାରୀ ଟିମଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ନେଇ ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଟିମ୍‌ରେ ଝାରସୁଗୁଡ଼ା ଅବକାରୀ ନିରୀକ୍ଷକ ଯାଜ୍ଞସେନୀ ପ୍ରଧାନ, ସହ-ଉପ ନିରୀକ୍ଷକ ନିତ୍ୟାନନ୍ଦ ବେହେରା, ଅବକାରୀ ଆରକ୍ଷୀ ଅବନୀ ସା, ତାପସ କୁମାର ପଟେଲ, ଫୁଲତୁଲି ନାଏକ ପ୍ରମୁଖ ଚଢ଼ଉରେ ଅଂଶଗ୍ରହଣ କରିଥିଲେ। ଆଗାମୀ ଦିନରେ ଏହି ଚଢ଼ଉ ଆହୁରି କଡାକଡି ହେବ ବୋଲି ଝାରସୁଗୁଡ଼ା ଜିଲ୍ଲା ଅବକାରୀ ଅଧିକ୍ଷକ ସୂଚନା ଦେଇଛନ୍ତି।



# ଆଇନକୁ ଡରୁନାହାନ୍ତି ଗଞ୍ଜେଇ ମାଫିଆ

## ୧ କୁଇଣ୍ଟାଲ ୬ କେଜି ଗଞ୍ଜେଇ ଜବତ, ୩ ଗିରଫ

ତରଭା, ୯ ।୫ (ସମିସ)



ତରଭା ଅଞ୍ଚଳରେ ଗଞ୍ଜେଇ ଚୋରାଚାଲାଣ ଦିନକୁ ଦିନ ବୃଦ୍ଧି ପାଉଥିବା ଲକ୍ଷ୍ୟ କରାଯାଉଛି। ଗଞ୍ଜେଇ ଚାଲାଣକୁ ରୋକିବା ପାଇଁ ପୁଲିସ ପାରୁ ପର୍ଯ୍ୟନ୍ତ ଚେଷ୍ଟା କରୁଛି; ହେଲେ ଏହାକୁ ରୋକିବାରେ ସମର୍ଥ ହେଉନାହିଁ। ଗତ ଏପ୍ରିଲରେ ତରଭା ପୁଲିସ ୯ଟି ଗଞ୍ଜେଇ କେଶ୍‌ରେ ୫୫୬ କେଜି ୫୯୮ ଗ୍ରାମ ଗଞ୍ଜେଇ, ବ୍ୟବହୃତ ଯାନବାହନ ଜବତ କରିବା ସହ ଏଥିରେ ସମ୍ପୃକ୍ତ ୯ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗଞ୍ଜେଇ ମାଫିଆଙ୍କଠାରୁ ତରଭା ପୁଲିସ ଦେଶୀ ପିସ୍ତଲ ଜବତ କରିବା ଘଟଣା ଏକ ଭିନ୍ନ ଦିଗକୁ ଇଙ୍ଗିତ କରୁଛି। ପୁଲିସ ଗଞ୍ଜେଇ ମାଫିଆଙ୍କ ଉପରେ ଯେତେ ଚଢ଼ଉ କଲେ ହେଁ କାରବାର ଥମିବାର ନାଁ ଧରୁନାହିଁ। ଗଞ୍ଜେଇ ମାଫିଆ ବୋଧହୁଏ ଆଇନକୁ ଡରୁନାହାନ୍ତି। ଗୁରୁବାର ପୂର୍ବାହ୍ନ ୬ଟା ୪୫ରେ ବଡ଼ମାଲ ରାସ୍ତାରେ ତରଭା ଥାନା ଅଧିକାରୀ ଡୋଳାମଣି ନାଏକ, ଏଏସଆଇ ବିଭୁଦେନ୍ଦ୍ର ବରାଲ ଅନ୍ୟ କର୍ମଚାରୀଙ୍କ ସହ ପାଟ୍ରୋଲିଂ କରୁଥିବାବେଳେ ଗୋଟିଏ ବୋଲେରୋ (ଓଡି ୦୩ ଏସ ୧୬୫୦) କଣ୍ଟାମାଲ ପଟରୁ ଆସୁଥିବା ଦେଖି ଅଟକାଇଥିଲେ। ଗାଡି ଯାଞ୍ଚ କରିବାରୁ ସେଥିରେ ଗଞ୍ଜେଇ ଥିବା ଜଣା ପଡିଥିଲା। ଅତିରିକ୍ତ ତହସିଲଦାର ଦୀପ୍ତିମୟୀ ଭୂଏଁଙ୍କ ଉପସ୍ଥିତିରେ ୬ଟି ଜରି ବସ୍ତାରେ ଭର୍ତ୍ତି ହୋଇଥିବା ଗଞ୍ଜେଇକୁ ଓଜନ କରାଯିବାରୁ ୧୦୬ କେଜି ୯୭୨ ଗ୍ରାମ ହୋଇଥିଲା।

ଘଟଣାରେ ସମ୍ପୃକ୍ତ ବିହାର ରାଜ୍ୟ ଭୋଜପୁର ଜିଲ୍ଲା ଦଲିପପୁର ନିବାସୀ ବବଲୁ ଚୌଧୁରୀ(୪୨), ନରାଇନ ଗଡ଼ର ଲଲନ ଚୌଧୁରୀ(୩୦) ଓ ବୌଦ୍ଧ ଜିଲ୍ଲା କଣ୍ଟାମାଲ ଥାନା ବରଡ଼ିପଦର ନିବାସୀ ସୁଦର୍ଶନ ରାଜହଂସ(୨୫)ଙ୍କୁ ଗିରଫ କରାଯାଇଛି। ଏଥିରେ ବ୍ୟବହୃତ ବୋଲେରୋ ଓ ଆନ୍ୟାନ୍ୟ ସାମଗ୍ରୀକୁ ପୁଲିସ ଜବତ କରିଛି। ଏହି ଘଟଣାର ତଦନ୍ତ ଦାୟିତ୍ୱ ଏସଆଇ ପ୍ରସନ୍ନଜିତ ବେହେରାଙ୍କୁ ଦିଆଯାଇଛି।

## ଚାଷ ଜମିରେ ଗଞ୍ଜେଇ ଭର୍ତ୍ତି ଗାଡ଼ି ଛାଡ଼ି ପଳାଇଲେ ମାଫିଆ





ଡୁଙ୍ଗୁରିପାଲି, ୯ ।୫ (ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ୍ ବେହେରାମାଲ ପଞ୍ଚାୟତ ଲଙ୍ଗଳକଟା ଗ୍ରାମର ଚାଷ ଜମିକୁ ଯାଇଥିବା ରାସ୍ତାରେ ଗଞ୍ଜେଇ ବୋଝେଇ ଗାଡି ଛାଡି ମାଫିଆ ଫେରାର ହୋଇଯାଇଛନ୍ତି। ମାଫିଆ କାର୍‌ରେ ବୌଦ୍ଧ ପଟୁ ଆସୁଥିବା ବେଳେ କୌଣସି ସୂତ୍ରରୁ ସୋନପୁର ମୋବାଇଲ ପୁଲିସ ଟିମ୍ ସହ ବିନିକା ଓ ରାମପୁର ଥାନା ପୁଲିସ ଗାଡ଼ିକୁ ପିଛା କରିଥଲା। ଗଞ୍ଜେଇ ମାଫିଆ ମୁଖ୍ୟ ରାସ୍ତା ଛାଡ଼ି ନଙ୍ଗଲକଣ୍ଟା ଗାଁ ଖେତ ରାସ୍ତାରେ ଗାଡ଼ି ଛାଡ଼ି ପଳାଥିଲେ। ପୁଲିସ ୨ କ୍ୱିଣ୍ଟାଲ ୭୨ କେଜି ଗଞ୍ଜେଇ ସହ ଗାଡ଼ି ଜବତ କରିଛି।

## ଘନ ଘନ ବିଜୁଳି କାଟ୍‌କୁ ନେଇ ମାଲପଡ଼ା ନାଗରିକ କମିଟିର ଅସନ୍ତୋଷ

ବଲାଙ୍ଗିର, ୯ ।୫ (ସମିସ): ମାଲପଡା ନାଗରିକ କମିଟିର ବୈଠକ ଅନୁଷ୍ଠିତ ହୋଇଯାଇଛି। ଘନ ଘନ ବିଜୁଳି କାଟ୍‌କୁ ନେଇ ଏଥିରେ ଅସନ୍ତୋଷ ପ୍ରକାଶ ପାଇଛି। ସେହିଭଳି ସହରରେ ଗୋରୁଗାଈ ଓ ବୁଲା କୁକୁର ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଛି। ଏହାଯୋଗୁ ଲୋକଙ୍କ ଯାତାୟତରେ ବ୍ୟାଘାତ ସୃଷ୍ଟି ହେଉଛି। ଅନେକ ସମୟରେ ସେମାନେ ଆକ୍ରମଣର ଶିକାର ମଧ୍ୟ ହେଉଛନ୍ତି। ତେଣୁ ଏହା ଉପରେ ପଦକ୍ଷେପ ନେବା ପାଇଁ ପୂର୍ବରୁ ଅନୁରୋଧ କରାଯାଇଥିଲା। ଏ ପର୍ଯ୍ୟନ୍ତ ଏହାର ସମାଧାନ ହୋଇନାହିଁ। ସେହିଭଳି ଗ୍ରୀଷ୍ମ ପ୍ରବାହ ସମୟରେ ଜନସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ପାନୀୟ ଜଳ ଯୋଗାଣରେ ଅନିୟମିତତା ଦେଖା ଦେଇଛି ବୋଲି ବୈଠକରେ ସଦସ୍ୟମାନେ କ୍ଷୋଭ ପ୍ରକାଶ କରିଥିଲେ। ସଭାପତି ଗୋପବନ୍ଧୁ ପୁରୋହିତ ଅଧ୍ୟକ୍ଷତା କରିଥିଲେ। ଉପ-ସଭାପତି ପ୍ରଫେସର ତରୁଣ ମିଶ୍ର, ସଂପାଦକ ପଞ୍ଚାନନ ସେଠ, ସହ-ସଂପାଦକ ଅଶୋକ .ନ୍ଦ, କୋଷାଧ୍ୟକ୍ଷ ଦିବାକର ହୋତା, କାର୍ଯ୍ୟକାରୀ ସଭ୍ୟ ଆକୁଳ ବେହେରା, ଅମୀୟ ମିଶ୍ର, ଗଣେଶରାମ ବେହେରା, ଦେବଜିତ ଯୋଷୀ, ଛବିଲାଲ ବେହେରା, ସୁବାଷ ଚନ୍ଦ୍ର ପାତ୍ର ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

## ନାମଯଜ୍ଞ ସକାଶେ କଳସ ଶୋଭାଯାତ୍ରା

ମନମୁଣ୍ଡା, ୯ ।୫ (ସମିସ): ମନମୁଣ୍ଡା ପଞ୍ଚାୟତ ନୁର୍ପା ଗ୍ରାମରେ ଅନୁଷ୍ଠିତ ହେବାକୁ ଥିବା ୨୪ ପ୍ରହର ନାମଯଜ୍ଞ ସକାଶେ ଆଜି କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମନମୁଣ୍ଡା ତେଲ ନଦୀ ସେତୁ ଘାଟରେ ଜ୍ୟୋତି ରଞ୍ଜନ ପଣ୍ଡା ପୂଜାର୍ଚ୍ଚନା କରିଥିଲେ। ଏଥିରେ କର୍ତ୍ତା ଭାବେ ମୀନକେତନ ମଲ୍ଲିକ, ତାଙ୍କ ପତ୍ନୀ ଡୋଲେଶ୍ୱରି, ଗୋପୀନାଥ ବେହେରା, ତାଙ୍କ ପତ୍ନୀ ଚୁମକି ଏବଂ ଅନିରୁଦ୍ଧ ପ୍ରଧାନ, ତାଙ୍କ ପତ୍ନୀ ଚହଟ କାର୍ଯ୍ୟ ନିର୍ବାହ କରିଥିଲେ। ପୂଜା ପରେ ଶତାଧିକ ମହିଳା ପୂର୍ଣ୍ଣ ଜଳ କଳସ ଓ ନାରୀକେଳ ଧାରଣ କରି କୀର୍ତ୍ତନ ସହ ଏକ ବିରାଟ ଶୋଭାଯାତ୍ରା ବାହାରିଥିଲା। ସମସ୍ତେ ଜାତୀୟ ରାଜପଥ ୫୭ ଦେଉଳି, ମନମୁଣ୍ଡା, ସୁବର୍ଣ୍ଣପାଲି ଦେଇ ଦୀର୍ଘ ପ୍ରାୟ ୨ କିମି ଶୋଭାଯାତ୍ରାରେ ଯାଇ ଯଜ୍ଞ ମଣ୍ଡପରେ କଳସ ସ୍ଥାପନ କରିଥିଲେ। ଏହି ଅବସରରେ ସୁନ୍ଦରାକାଣ୍ଡ ପାରାୟଣ ଅନୁଷ୍ଠିତ ହୋଇଥିଲା। ରବିବାର ଅଧିବାସ ସହ ନାମଯଜ୍ଞ ଶୁଭାରମ୍ଭ ହେବ ବୋଲି ନାମଯଜ୍ଞ କମିଟି ସଭାପତି ଶିବନରୟଣ ଚୌଲିଆ କହିଛନ୍ତି। ଆଶିଷ ସାହୁ, ପ୍ରଦୀପ ପଟ୍ଟନାୟକ, ରଞ୍ଜନ ପଟ୍ଟନାୟକ, ରାକେଶ ମଲ୍ଲିକ, ହାଡି ବାଘ, ପ୍ରକାଶ ମଲ୍ଲିକ, ହରିହର ପ୍ରଧାନ, ଗେଧଲ ତରିଆ, ଚିତ୍ତ ତରିଆ ପ୍ରମୁଖଙ୍କ ସହ ଗ୍ରାମବାସୀ ସହଯୋଗ କରିଥିଲେ।

● ଭାଲୁମୁଣ୍ଡା ପ୍ରସନ୍ନ ପାଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଗୃହ ନିର୍ମାଣରେ ଦୁର୍ନୀତି

## ସାମ୍ବାଦିକଙ୍କୁ କଲେଜ ମୁଖ୍ୟ କିରାଣିଙ୍କ ଧମକ

କଣ୍ଟାବାଞ୍ଜି, ୯ ।୫ (ସମିସ): ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ୍ ଭାଲୁମୁଣ୍ଡା ପ୍ରସନ୍ନ ପାଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଗୃହ ନିର୍ମାଣ କାର୍ଯ୍ୟରେ ବ୍ୟାପକ ଦୁର୍ନୀତି ହୋଇଥିବା ନେଇ ଅଭିଯୋଗ ହୋଇଛି। ଭାଲୁମୁଣ୍ଡା ଗାଁର ପୂର୍ବତନ ଛାତ୍ର ତଥା ଜୟ ଯବାନ ୟୁଥ କ୍ଲବର ରୁଷି ରଣା, ବିନୋଦ ମେହେର, କୁଳଦୀପ୍ ସାହୁ, ବିକ୍ରମ ମେହେର, କାଁହୁ ତାଣ୍ଡି, ଫକୀର ମେହେର, ତୁଲାରାମ ରଣା, ଓମ ଭୋଇ, ହରେ ମେହେର, ଗଣେଶ ମେହେର, ସନ୍ତୋଷ ମେହେର, ଦୁର୍ଣ୍ଣ ଭୋଇ, ଲାଲ ରଣା ପ୍ରମୁଖ ଏହି ଦୁର୍ନୀତି ଅଭିଯୋଗ ଆଣିଛନ୍ତି। କଲେଜର ୧୫ ଲକ୍ଷ ଟଙ୍କା ହଡପ ହୋଇଥିବା ନେଇ ଏମାନେ ସାଙ୍ଘାତିକ ଅଭିଯୋଗ କରିଛନ୍ତି। ଅଭିଯୋଗକାରୀ ଏହି ଦୁର୍ନୀତି ନେଇ ଜାଣିବା ପରେ ଶନିବାର ବଙ୍ଗୋମୁଣ୍ଡା ଅଞ୍ଚଳର ସାମ୍ବାଦିକ ତ୍ରିନାଥ ସାହୁଙ୍କୁ କଲେଜକୁ ଡାକିଥିଲେ। ତେବେ ଅଭିଯୋଗକାରୀ କଲେଜ ଭିତରକୁ ପଶିବା ପୂର୍ବରୁ ଉପସ୍ଥିତ କର୍ମଚାରୀଙ୍କ ଅନୁମତି ନେଇଥିଲେ। କଲେଜ ଅଧ୍ୟକ୍ଷଙ୍କୁ ମଧ୍ୟ ବାରମ୍ବାର ଫୋନ କରିଥିଲେ; ହେଲେ କଲେଜ ଅଧ୍ୟକ୍ଷ ଫୋନ ଗ୍ରହଣ କରି ନ ଥିଲେ। ପରେ କଲେଜରେ ଜଣେ ଅଧ୍ୟାପକ ଗରୁଡ଼ ଚୌଧୁରୀଙ୍କୁ କଲେଜ ଗୃହ କାର୍ଯ୍ୟରେ ଅବଗତ ଅଛନ୍ତି କି ବୋଲି ପଚାରିଥିଲେ। ଅଧ୍ୟାପକ ଜଣକ ଏ ବିଷୟରେ ଜାଣି ନ ଥିବା କହିଥିଲେ। ତେବେ ଉପସ୍ଥିତ ଥିବା କଲେଜର ମୁଖ୍ୟ କିରାଣୀ ଦିନ ମେହେରଙ୍କୁ ପଚାରିବାରୁ ସେ ରକ୍ତମୁଖା ସାଜିଥିଲେ। ସାମ୍ବାଦିକଙ୍କ ବୁମ୍ ଫିଙ୍ଗି ଦେଇ ମାଡ଼ ମାରିବା ସହ ଗାଳି ଗୁଲଜ କରିଥିଲେ। ନ୍ୟୁଜ କଲେ ଜୀବନରୁ ମାରିଦେବେ ବୋଲି ଧମକ ଦେଇଥିଲେ। ଏ ନେଇ ସାମ୍ବାଦିକ ଶ୍ରୀ ସାହୁ ବଙ୍ଗୋମୁଣ୍ଡା ଥାନା ଅଧିକାରୀଙ୍କୁ ଜଣାଇଥିଲେ। ଏହାପରେ ବଙ୍ଗୋମୁଣ୍ଡା ଥାନାର ଏକ ପୁଲିସ ଟିମ୍ ପହଞ୍ଚିଥିଲା। ତେବେ ଖବର ପ୍ରସାରଣ କରିବାକୁ ଯାଇ ସାମ୍ବାଦିକ ଜଣକ ଧମକ ଶୁଣି ନ୍ୟାୟ ପାଇଁ ବଙ୍ଗୋମୁଣ୍ଡା ଥାନାରେ ଏତଲା ଦେଇଛନ୍ତି।

## ଥାନା ବୁଲିଲେ ଶିଶୁ



ତରଭା, ୯ ।୫ (ସମିସ): ୟୁନିସେଫ ଓ ଓଡିଶା ପୁଲିସର ମିଳିତ ଉଦ୍ୟମରେ ତରଭା ଥାନାରେ ଶିଶୁଙ୍କୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଅଙ୍ଗନବାଡି କେନ୍ଦ୍ରରୁ ଆସିଥିବା ୨୫ ଜଣ ଶିଶୁଙ୍କୁ ଫୁଲ, ଚନ୍ଦନ ଦେଇ ସ୍ୱାଗତ କରାଯାଇଥିଲା। ଶିଶୁଙ୍କ ମନରେ ପୁଲିସ ପ୍ରତି ଆତ୍ମବିଶ୍ୱାସ ବୃଦ୍ଧି କରିବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆଇଆଇସି ଡୋଳାମଣି ନାଏକ ଏଥିରେ ଅଧ୍ୟକ୍ଷତା କରିଥିଲେ। ଏସ୍‌ଡିପିଓ କଲ୍ୟାଣୀ ବେହେରା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲା। ଶିଶୁମାନଙ୍କ ସହ ଘଟୁଥିବା ବିଭିନ୍ନ ଅପରାଧ ସମ୍ପର୍କରେ ଏସ୍‌ଡିପିଓ ଅବଗତ କରାଇଥିଲେ। ଏହାସହ ସେଥିରୁ ନିଜକୁ ରକ୍ଷା କରିବାର ଉପାୟ ବତାଇଥିଲେ। ଶିଶୁମାନେ ଥାନା ବୁଲି ପୁଲିସର କାର୍ଯ୍ୟ ପ୍ରଣାଳୀ ବୁଝିବାକୁ ଚେଷ୍ଟା କରିଥିଲେ। ଏଥିରେ ଏସ୍‌ଆଇ ପ୍ରସନ୍ନଜିତ ବେହେରା, ଏଏସ୍‌ଆଇ ସୁଧୀର ଜେନା, ନିରୂପମା ସ୍ୱାଇଁ, ସୁଶାନ୍ତ ବିଶିଙ୍କ ସମେତ ସମସ୍ତ ପୁଲିସ କର୍ମଚାରୀ ସହଯୋଗ କରିଥିଲେ।

■ ରାସ୍ତା ପାଇଁ ବଳି ପଡିଲା ଶହ ଶହ ଗଛ

## ବନ ବିଭାଗ ପାଖରେ ଖବର ନାହିଁ


ସଇଁତଳା, ୯ ।୫ (ସମିସ): ସଇଁତଳା ବ୍ଲକ ଧରପଗଡ଼ଠାରୁ ଗୋଏଲଭାଡ଼ି ବାଇପାସ ରାସ୍ତା ନିର୍ମାଣ ପାଇଁ ବନ ବିଭାଗର ବିନା ଅନୁମତିରେ ଶହ ଶହ ଗଛ କଟାଯାଇଥିବା ଅଭିଯୋଗ ହୋଇଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ପ୍ରାୟ ୪ କୋଟି ଟଙ୍କା ବ୍ୟୟରେ ଏହି ରାସ୍ତା କାମ ଚାଲିଛି; କିନ୍ତୁ ରାସ୍ତା ପାଶ୍ୱର୍ରେ ଥିବା ବଡ ବଡ ଶାଗୁଆନ, ଶିଶୁ, ଆମ୍ବ ସମେତ ବିଭିନ୍ନ ପ୍ରଜାତିର ଗଛ ବନ ବିଭାଗର କୌଣସି ଅନୁମତି ନ ନେଇ



କଟାଯାଇଛି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ ଠିକା ସଂସ୍ଥା ଜେସିବି ଲଗାଇ ରାତାରାତି ଗଛ କାଟି ସଫା କରି ଦେଇଛି। ଏ ସମ୍ପର୍କରେ ବଡ଼ମାଳ ଫରେଷ୍ଟରଙ୍କୁ ପଚାରିବାରୁ ରାସ୍ତା ପାଇଁ ଗଛ କାଟିବାକୁ ବିଭାଗକୁ କୌଣସି ଆବେଦନ ଆସିନାହିଁ କି ଅନୁମତି ଦିଆଯାଇନାହିଁ। ଘଟଣାସ୍ଥଳ ଯାଞ୍ଚ କରି କାର୍ଯ୍ୟାନୁଷ୍ଠାନ ନିଆଯିବ। ତେବେ ବନ ସଂରକ୍ଷଣ ଆଇନ-୧୯୮୦ ଅନୁସାରେ ସରକାରୀ ପ୍ରକଳ୍ପ ପାଇଁ ବି ଗଛ କାଟିବାକୁ ହେଲେ ବନ ବିଭାଗ ଓ କେନ୍ଦ୍ର ପରିବେଶ ମନ୍ତ୍ରାଳୟର ଅନୁମତି ବାଧ୍ୟତାମୂଳକ। କଟାଯାଇଥିବା ଗଛ ବଦଳରେ ୧୦ ଗୁଣ ଗଛ ଲଗାଇବାକୁ ପଡିବ। ପରିବେଶବିତମାନେ ଏହାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି। ସେମାନଙ୍କ ମତରେ ବିକାଶ ଦରକାର; କିନ୍ତୁ ପରିବେଶକୁ ବଳି ଦେଇ ନୁହେଁ। ବିନା ଅନୁମତିରେ ଗଛ କଟା ଯୋଗୁଁ ସ୍ଥାନୀୟ ଜୈବ ବିବିଧତା ଓ ଜଳବାୟୁ ଉପରେ ପ୍ରଭାବ ପଡିବ।

## ବିଦ୍ୟୁତ୍ ଆଘାତରେ ଫୁଟ୍‌ବଲ ଖେଳାଳିଙ୍କ ମୃତ୍ୟୁ

ବଲାଙ୍ଗିର, ୯ ।୫ (ସମିସ): ବଲାଙ୍ଗିର ସହର କନ୍ଧପାଲିପଡ଼ାରେ ଏକ ଅଭାବନୀୟ ଘଟଣା ଘଟିଛି। ବିଦ୍ୟୁତ ଆଘାତ ଲାଗି ରୋନିତ ନାଗ ନାମକ ଜଣେ ଯୁବକଙ୍କ ପ୍ରାଣହାନି



ଘଟିଛି। ରୋନିତ ଜଣେ ଜଣାଶୁଣା ଫୁଟବଲ ଖେଳାଳି ଭାବେ ସ୍ଥାନୀୟ ଅଞ୍ଚଳରେ ବେଶ୍ ପରିଚିତ ଥିଲେ। କନ୍ଧପାଲିପଡ଼ାରେ ସମସ୍ତେ ପ୍ରଭୁ ଯୀଶୁଙ୍କ ଗୁଣଗାନ ଓ ପ୍ରାର୍ଥନାରେ ମଗ୍ନ ଥିଲେ। ଏହି ସମୟରେ ରୋନିତଙ୍କ ହାତ ହଠାତ୍ ସେଠାରେ ଚାଲୁଥିବା ଏକ ଇଲେକ୍ଟ୍ରିକ୍ ଫ୍ୟାନରେ ବାଜି ଯାଇଥିଲା। ବିଦ୍ୟୁତ ସଂସ୍ପର୍ଶରେ ଆସିବା ମାତ୍ରେ ସେ ଛିଟିକି ପଡ଼ିଥିଲେ। ଗୁରୁତର ଅବସ୍ଥାରେ ପରିବାର ଲୋକ ଓ ସ୍ଥାନୀୟ ବାସିନ୍ଦା ତାଙ୍କୁ ତୁରନ୍ତ ବଲାଙ୍ଗିର ଭୀମ ଭୋଇ ମେଡିକାଲ କଲେଜ ଓ ହସ୍ପିଟାଲକୁ ନେଇଥିଲେ; ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବଲାଙ୍ଗିର ଲକ୍ଷ୍ମୀଜୋର ଥାନା ପୁଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ କରାଇଥିଲା। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି।

## ବାଲ୍ୟବିବାହ ମୁକ୍ତ ସମାଜ ଗଠନ ପାଇଁ ତାକୁଡ଼ରେ ଶପଥ

ହରଭଙ୍ଗା, ୯ ।୫ (ସମିସ): ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ତାକୁଡ଼ ଗ୍ରାମରେ ବିଶ୍ୱ ଯୁବ କେନ୍ଦ୍ର ସଂସ୍ଥା ପକ୍ଷରୁ ଶିଶୁ କଲ୍ୟାଣ କମିଟିର ଏକ ସଚେତନତାମୂଳକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱ ଯୁବ କେନ୍ଦ୍ରର ପ୍ରୋଗ୍ରାମ କାଉନ୍ସିଲର୍ ପୁନିଆ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମାଜରୁ ବାଲ୍ୟବିବାହ ଭଳି କୁପ୍ରଥାର ନିରାକରଣ ଓ ଶିଶୁମାନଙ୍କ ଭବିଷ୍ୟତକୁ ସୁରକ୍ଷିତ ଓ ସୁନିଶ୍ଚିତ



କରିବା ଉପରେ ଆଲୋଚନା କରାଯାଇଥିଲା। ବୈଠକରେ ତାକୁଡ ଗ୍ରାମର ଅଙ୍ଗନବାଡି କର୍ମୀ, ୱାର୍ଡ଼ସଭ୍ୟ, ଆଶା ଦିଦି, ଗ୍ରାମର ବରିଷ୍ଠ ନାଗରିକ ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ବୈଠକରେ ବାଲ୍ୟ ବିବାହ ଭୟାବହ କୁପରିଣାମ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଅପରିପକ୍ୱ ବୟସରେ ବିବାହ ହେବା ଫଳରେ କିଶୋରୀଙ୍କ ଶାରୀରିକ ଓ ମାନସିକ ବିକାଶ ବାଧାପ୍ରାପ୍ତ ହେବା, ଶିକ୍ଷାରୁ ବଞ୍ଚିତ ହେବା, ମାତୃ ମୃତ୍ୟୁ ଓ ପୌଷ୍ଟିକ ଅଭାବ ପରି ଗୁରୁତର ସମସ୍ୟା ମୁଣ୍ଡ ଟେକିବା ଆଦି ସମ୍ପର୍କରେ ଆଲୋକପାତ କରାଯାଇଥିଲା। ଏହା ସହ ବାଲ୍ୟବିବାହ ନିଷେଧ ଆଇନ ଓ ସମ୍ପୃକ୍ତ ଦଣ୍ଡ ବିଧାନ ବିଷୟରେ ମଧ୍ୟ ସମସ୍ତଙ୍କୁ ସଚେତନ କରାଯାଇଥିଲା। ସମାଜର ପ୍ରତେକ୍ ବ୍ୟତିଙ୍କୁ ଏହି କୁପ୍ରଥା ବିରୋଧରେ ସଜାଗ ରହିବା ସହ ଯେକୌଣସି ବାଲ୍ୟବିବାହ ସଂପର୍କିତ ସୂଚନା ତୁରନ୍ତ ପ୍ରଶାସନ କିମ୍ବା ସମ୍ପର୍କିତ ବିଭାଗକୁ ଜଣାଇବା ପାଇଁ ଆହ୍ୱାନ ଦିଆଯାଇଥିଲା। ସମସ୍ତେ ବାଲ୍ୟବିବାହ ମୁକ୍ତ ସମାଜ ଗଠନ ପାଇଁ ଶପଥ ଗ୍ରହଣ କରିଥିଲେ।

## ମାଟ୍ରିକ ବ୍ଲକ୍ ଟପରଙ୍କୁ ସମ୍ବର୍ଦ୍ଧିତ କଲେ ବିଧାୟକ



ଶଗଡା, ୯ ।୫ (ସମିସ): କଣ୍ଟାମାଳ ବ୍ଲକ୍ ମନମୁଣ୍ଡା ପଞ୍ଚାୟତ ଭାଲିଆପଦର ଗ୍ରାମରେ କଣ୍ଟାମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗ ମାଟ୍ରିକ ପରୀକ୍ଷାରେ ବ୍ଲକ ଟପ୍ପର୍ ହୋଇଥିବା ଛାତ୍ରୀ ଶ୍ରୀୟା ସାହୁଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ମନମୁଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଶ୍ରୀୟା ମାଟ୍ରିକ ପରୀକ୍ଷାରେ ୯୩.୫ ପ୍ରତିଶତ ନମ୍ବର ରଖି କଣ୍ଟାମାଳ ବ୍ଲକ୍ ଟପ୍ପର ହେବା ସହ ବୌଦ୍ଧ ଜିଲ୍ଲାରେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି।

## ମନମୁଣ୍ଡା ଥାନାରେ 'ଜୁଭେଣ୍ଟିକା' କାର୍ଯ୍ୟକ୍ରମ



ମନମୁଣ୍ଡା, ୯ ।୫ (ସମିସ): ୟୁନିସେଫ ସହଯୋଗରେ ଓଡ଼ିଶା ପୁଲିସ ଦ୍ୱାରା ମନମୁଣ୍ଡା ଥାନାରେ ''ଜୁଭେଣ୍ଟିକା'କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଇଆଇସି ସସ୍ମିତା ମଗର ଅଧ୍ୟକ୍ଷତା କରିଥିଲେ। ଥାନା ପରିଦର୍ଶନରେ ଆସିଥିବା କିଶୋରୀମାନଙ୍କୁ ଫୁଲ, ଚନ୍ଦନ ଦେଇ ସ୍ୱାଗତ କରାଯାଇଥିଲା। କିଶୋରୀମାନେ କିପରି ଯୌନ ଉତ୍ପୀଡ଼ନର ଶିକାର ନ ହେବେ, ଅବଶ୍ୟକ ସ୍ଥଳରେ ପୁଲିସର ସାହାଯ୍ୟ ନେବା, ସମସ୍ତେ ପୁଲିସକୁ ନିଜ ବନ୍ଧୁ ଭାବି ନିର୍ଭୟରେ ସାହାଯ୍ୟ ସହଯୋଗ ନେବାକୁ ସଚେତନ କରାଯାଇଥିଲା।

## ବିନା ସୂଚନାଫଳକରେ ପ୍ରାଣୀ ଚିକିତ୍ସା କେନ୍ଦ୍ର କାର୍ଯ୍ୟ

କଣ୍ଟାମାଳ, ୯ ।୫ (ସମିସ): ରାଜ୍ୟ ସରକାରଙ୍କ ପକ୍ଷରୁ କଣ୍ଟାମାଳ ପ୍ରାଣୀ ଚିକିତ୍ସା କେନ୍ଦ୍ରରେ ଗୃହ ନିର୍ମାଣ କାର୍ଯ୍ୟ ଚାଲିଛି। ତେବେ କେଉଁ ବିଭାଗ ପକ୍ଷରୁ ଏବଂ କେତେ ଟଙ୍କା ବ୍ୟୟରେ ଏହା ନିର୍ମିତ ହେଉଛି ତାହା ଅନ୍ଧାରରେ ରଖାଯାଇଥିବା ଲୋକେ ଅଭିଯୋଗ କରିଛନ୍ତି। ୨ ବର୍ଷ ହେଲା ଏହି ଗୃହ ନିର୍ମାଣ କାମ ଚିଲିଛି। କାମ ବିଳମ୍ବ ହେଉଥିବା ପ୍ରାଣୀ ଚିକିତ୍ସା ଅଧିକାରୀ ବିମଳ ଚୌଧୁରୀ କହିଛନ୍ତି।

● ବୌଦ୍ଧରେ ରାଷ୍ଟ୍ରୀୟ ଲୋକ ଅଦାଲତ

## ୧୨୦୯ ବିଚାରାଧୀନ କେସ୍ ଫଇସଲା

ବୌଦ୍ଧ, ୯ ।୫ (ସମିସ): ବୌଦ୍ଧ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଦ୍ୱାରା ଏକ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଓ ଦୌରା ଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ଶ୍ରୀ




ପ୍ରତାପ କୁମାର ପାତ୍ର ଅଧ୍ୟକ୍ଷତା କରିଥିଲେ। ୧୨୦୯ଟି ବିଚାରାଧୀନ ମୋଟର ଦୁର୍ଘଟଣା ଜନିତ ମାମଲା, ପାରିବାରିକ ମାମଲା, ଦେୱାନୀ ମାମଲା, ବ୍ୟାଙ୍କ କେସ୍, ବିଦ୍ୟୁତ ମାମଲା, ଟ୍ରାଫିକ ଚାଲାଣ ମାମଲା ଇତ୍ୟାଦି ସମାଧାନ କରାଯାଇ ୭୪,୯୩,୮୫୮ ଟଙ୍କା ଆଦାୟ କରାଯାଇଥିଲା। ଏଥିରେ ଅଖିଳ କୁମାର ପଶ୍ଚିମକବାଟ (ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍, ବୌଦ୍ଧ), ନିରଞ୍ଜନ ପାତ୍ର (ମୁଖ୍ୟ ନ୍ୟାୟାଧିଶ ଅଧିକାରୀ), ସୁନନ୍ଦା ସାହୁ (ମହିଳା ଅଦାଲତ ବିଚାରପତି), ଜୟ ପ୍ରକାଶ ନାୟକ (ରେଜିଷ୍ଟ୍ରାର, ଦେୱାନୀ ଅଦାଲତ), ଅନୁଶିଳା ରୟ (ବରିଷ୍ଠ ଦେୱାନୀ ବିଚାରପତି), ଶ୍ରଦ୍ଧାଞ୍ଜଳି ରାୟ (ସଚିବ, ଜିଲ୍ଲା ଆଇନ ସେବା ପ୍ରାଧିକରଣ, ବୌଦ୍ଧ), ନିରଞ୍ଜନ ଦାଶ (ଉପଖଣ୍ଡୀୟ ବିଚାର ବିଭାଗୀୟ ଅଧିକାରୀ), ସୁସ୍ମିତା ପ୍ରିୟଦର୍ଶିନୀ (ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି), ପ୍ରିୟଦର୍ଶିନୀ କୁମ୍ଭାର (ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି, ବୌଦ୍ଧ)ଙ୍କ ସମେତ ବୌଦ୍ଧର ଓକିଲ ଓ କୋର୍ଟ କର୍ମଚାରୀ ଉପସ୍ଥିତ ଥିଲେ।

## ବଢ଼ିଗାଁରେ ରୁଦ୍ରାଭିଷେକ ଏବଂ ଜଳଶାୟୀ ସହ କଂସ ଦରବାର







ବୌଦ୍ଧ/ଜହ୍ନପଙ୍କ, ୯ ।୫ (ସମିସ)

ବୌଦ୍ଧ ବ୍ଲକ ବଢ଼ିଗାଁରେ ଓଡ୍ର ଖଣ୍ଡାୟତ କାଳଞ୍ଜି ସମାଜ ପକ୍ଷରୁ ଶିବ ମନ୍ଦିରରେ କେତକିଶ୍ୱର ଓ ବିମଳେଶ୍ୱରଙ୍କ ନିକଟରେ ରୁଦ୍ରାଭିଷେକ ଓ ଜଳଶାୟୀ କରାଯାଇଛି। ବୌଦ୍ଧ ଜିଲ୍ଲାସ୍ତରୀୟ ବ୍ରହ୍ମ ସମାଜ ଏବଂ ବନ୍ଧାପଥର ଆଞ୍ଚଳିକ ବ୍ରହ୍ମ ସମାଜ ମିଳିତ ସହଯୋଗରେ ଏହି ଯଜ୍ଞ କାର୍ଯ୍ୟକ୍ରମରେ ମୁଖ୍ୟ ପୂଜକ ଭାବେ ସୁଦାମ ପାଣିଗ୍ରାହୀ ଓ ଅନ୍ୟ ପଣ୍ଡିତ ଗଣ ପୂଜାକାର୍ଯ୍ୟ କରିଥିଲେ। ଶ୍ରୀଧର ପୂଜାହାରୀ ଓ ସଦାନନ୍ଦ ପୂଝାରୀ ପୂଜାକାର୍ଯ୍ୟରେ ସହଯୋଗ କରିଥିଲେ। ଏହି ଅବସରରେ କଂସ ଦରବାର ଅନୁଷ୍ଠିତ ହୋଇଥିଲା। ଓଡ୍ର ଖଣ୍ଡାୟତ କାଳଞ୍ଜି ସମାଜର ସଭାପତି କ୍ଷେତ୍ରବାସୀ ସ୍ୱାଇଁଙ୍କ ସଂଯୋଜନାରେ ଅନୁଷ୍ଠିତ କଂସ ଦରବାରକୁ ବଢିଗାଁ ସରପଞ୍ଚ ପ୍ରଫୁଲ୍ଲ ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସଦସ୍ୟ ମାନସ ରଞ୍ଜନ ରଣା ମଞ୍ଚ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ପାଦକ ହାଡିବନ୍ଧୁ ପାଢ଼ୀ, କୋଷାଧ୍ୟକ୍ଷ ଉମାକାନ୍ତ ସ୍ୱାଇଁ, ଉପସଭାପତି ବିଜୟ ବିଶି, ଯୁବ ସଭାପତି ଜ୍ଞାନେନ୍ଦ୍ର ସ୍ୱାଇଁ, ଯୁବ ସମ୍ପାଦକ ଜଳନ୍ଧର ସ୍ୱାଇଁ, ଉପଦେଷ୍ଟା ପ୍ରାଣବନ୍ଧୁ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଭୁବନେଶ୍ୱର ପ୍ରଧାନ କଂସ ଭୂମିକାରେ ଅଭିନୟ କରିଥିଲେ। ଅନ୍ୟପକ୍ଷେ ଦ୍ୱିତୀୟ ରାଜନୀରେ ଧର୍ମୁଧର ପୋଢ଼ ଯୋଗଦେଇ କଂସ ରଙ୍ଗମଞ୍ଚ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ରାଧାନଗର ସରପଞ୍ଚ ଗଣେଶ୍ୱର ବେହେରା, ତେଲିବନ୍ଧ ମଣ୍ଡଳ ସଭାପତି ସୁଶୀଳ ହୋତା, ବନରକ୍ଷୀ ସୁବ୍ରତ ପ୍ରଧାନ, ଯୁବ ବ୍ୟବସାୟୀ ରଂଜିତ ପଟ୍ଟନାୟକ, ବଢ଼ିଗାଁ ରାମଲୀଳା ନାଟ୍ୟ ସଂସଦ ସଭାପତି ରମେଶ ବାରିକ, ଗଣ୍ଡାଧର ପଢ଼ିହାରୀ, ଗିରିଶ ପଢ଼ୀହାରି, ଧୀରେନ ବିଷୟୀ, ଆଶିଷ ଖୁଣ୍ଟିଆ ମଞ୍ଚାସିନ ଥିଲେ। କୋଷାଧ୍ୟକ୍ଷ କୈଳାଶ ଚନ୍ଦ୍ର ସ୍ୱାଇଁ ଯାତ୍ରା ପରିଚାଳନା କରିଥିଲେ। ସମ୍ପାଦକ ହାଡିବନ୍ଧୁ ପାଢ଼ୀ ସହଯୋଗ କରିଥିଲେ।



## ମେ' ୧୭ରେ ଜୀ ସାର୍ଥକରେ 'ମଟରସାଇକେଲ'

ୱାର୍ଲ୍ଡ ଟେଲିଭିଜନ ପ୍ରିମିୟର

ଓଲିଉଡ୍‌ର ଚର୍ଚ୍ଚିତ ଫ୍ୟାମିଲି କମେଡି ଡ୍ରାମା 'ମଟରସାଇକେଲ' ଏବେ ଟିଭି ପରଦାରେ ଦର୍ଶକଙ୍କ ମନୋରଞ୍ଜନ କରିବାକୁ ପ୍ରସ୍ତୁତ। ଆସନ୍ତା ମେ' ୧୭ ତାରିଖ ସନ୍ଧ୍ୟା ୬ଟା ୩୦ ମିନିଟରେ 'ଜୀ ସାର୍ଥକ'ରେ ଏହି ସିନେମାର ୱାର୍ଲ୍ଡ ଟେଲିଭିଜନ ପ୍ରିମିୟର ଅନୁଷ୍ଠିତ ହେବ। ଅଶ୍ୱିନ ତ୍ରିପାଠୀଙ୍କ ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ରଟି ଏକ ସାଧାରଣ ମଟରସାଇକେଲକୁ ନେଇ ପରିବାର ମଧ୍ୟରେ ସୃଷ୍ଟି ହେଉଥିବା ଦ୍ୱନ୍ଦ୍ୱ, ଅହଂକାର ଏବଂ ହାସ୍ୟରସର ଏକ ସୁନ୍ଦର ମିଶ୍ରଣ। କାହାଣୀର ମୂଳ ବିଷୟବସ୍ତୁ ହେଉଛି 'ପ୍ରେମ ବନାମ ଲୋଭ'। କେଲୁ (ଜ୍ୟୋତି ରଞ୍ଜନ ନାୟକ) ଏବଂ କାବେରୀ (ପ୍ରୀତି ବିଶ୍ୱାଳ)ଙ୍କ ବଢୁଥିବା ପ୍ରେମ ମଝିରେ ପାଚେରୀ ସାଜିଛି କେଲୁଙ୍କ ପିତାଙ୍କର ଏକ ମଟରସାଇକେଲ ଦାବି। ଏହି ଦାବି କିପରି ପାରିବାରିକ କଳହ ଓ ହଟଚମଟ ସୃଷ୍ଟି କରୁଛି, ତାହା ଅତ୍ୟନ୍ତ ରୋଚକ ଢଙ୍ଗରେ ପରିବେଷଣ କରାଯାଇଛି। ଏହି ସିନେମାରେ କୁନା ତ୍ରିପାଠୀଙ୍କ ଜବରଦସ୍ତ କମେଡି ଟାଇମିଂ ଏବଂ ଜ୍ୟୋତିଙ୍କ ଅଭିନୟ ବଡ଼ ପରଦାରେ ବେଶ୍ ପ୍ରଶଂସିତ ହୋଇଥିଲା। ସୋମେଶ ଶତପଥୀଙ୍କ ସଙ୍ଗୀତ ଏବଂ ଡକ୍ଟର ନିର୍ମଳ ନାୟକଙ୍କ ଗୀତ ସିନେମାକୁ ଅଧିକ ଜୀବନ୍ତ କରିଛି। ଏହି ଅବସରରେ 'ଜୀ ସାର୍ଥକ'ର ଚିଫ୍ ଚ୍ୟାନେଲ୍ ଅଫିସର୍ ରାହୁଲ ରାଓ କହିଛନ୍ତି, ଗୋଟିଏ ସାଧାରଣ ମୋଟର ସାଇକେଲ କିପରି ଏକ ନିଆରା ମନୋରଞ୍ଜନର ଖୋରାକ ଯୋଗାଇ ପାରେ, ତାହା ଏହି ସିନେମାରେ ଚମତ୍କାର ଭାବେ ଚିତ୍ରଣ କରାଯାଇଛି। ■

## ମେ ୧୫ରେ 'ବିଦେହ'

ଆତ୍ମା ଶରୀର ଓ ମନ ଭିତରେ ଥିବା ସୀମା ଏବଂ ତା' ଭିତରେ ଥିବା ନିର୍ଣ୍ଣୟକୁ ନେଇ ଆସୁଛି ନୂଆ ଓଡ଼ିଆ ଫିଲ୍ମ 'ବିଦେହ'। ନିଚ୍ଛକ ଓଡ଼ିଆ ଏବଂ ଓଡ଼ିଶାର ମୌଳିକ କାହାଣୀ ସହ ଏହି ଫିଲ୍ମ ମେ ୧୫ ତାରିଖରେ ବଡ ପରଦାକୁ ଆସୁଛି। ବିବାହ ପରେ ସ୍ୱାଧୀନତାର ସହ ବଞ୍ଚିବାର ସ୍ପୃହାକୁ ନେଇ ଏହି ଚଳଚ୍ଚିତ୍ରର କାହାଣୀ ଗତିଶୀଳ। ବୟସ ବଢ଼ିଲେ ବି ମନର ସ୍ପୃହା କିଭଳି ମରେନା ଏବଂ ସେ ତା' ଭିତରେ ବଞ୍ଚି ରୁହେ। ଏହା ପ୍ରଦର୍ଶିତ ହୋଇଛି ଏହି ଚଳଚ୍ଚିତ୍ରରେ। ଏହି ସିନେମାରେ ଭୁବନେଶ୍ୱରରେ ରହୁଥିବା ଖ୍ୟାତି ସମ୍ପନ୍ନ ପରିବାରର ଜଣେ ସ୍ତ୍ରୀ ଲୋକ ଓ ତାଙ୍କର ତିନିଜଣ ଅନ୍ତରଙ୍ଗ ବାନ୍ଧବୀଙ୍କ କାହାଣୀ ଦେଖାଯାଉଛି। ଚଳଚ୍ଚିତ୍ରର ମୁଖ୍ୟ ଭୂମିକାରେ କାଜଲ ଶତପଥୀ, ଉଷସୀ ମିଶ୍ର, ସୁକାନ୍ତ ରଥ, ଗୌରବ ମହାନ୍ତି, ଡେଜି, ଏଲିନା ଓ କୌଶିକ ମହାପାତ୍ର ଅଭିନୟ କରିଛନ୍ତି। ଏହି ଚଳଚ୍ଚିତ୍ରଟି 'ଟ୍ୱିଣ୍ଟି ଫୋର୍ ଜାନୁଆରୀ ପ୍ରଡକ୍ସନ' ବ୍ୟାନରରେ ପ୍ରସ୍ତୁତ ହୋଇଥିବା ବେଳେ ଏହାର ପ୍ରଯୋଜିକା ଅଛନ୍ତି ବିୟତ୍ ପ୍ରଜ୍ଞା ତ୍ରିପାଠୀ ଓ କାର୍ଯ୍ୟକାରୀ ପ୍ରଯୋଜିକା ବେଦନା ତ୍ରିପାଠୀ। କାହାଣୀ ଚିତ୍ରନାଟ୍ୟ ଓ ନିର୍ଦ୍ଦେଶନା ମଧ୍ୟ ଦେଇଛନ୍ତି ବିୟତ୍ ପ୍ରଜ୍ଞା ତ୍ରିପାଠୀ। ଦେବଦାସ ଛୋଟରାୟ ଗୀତର ଶବ୍ଦକୁ ସଜେଇଥିବା ବେଳେ ଶରତ ନାୟକ ଗୀତ ଗାଇଛନ୍ତି। 'ବିଦେହ'ର ନିଆରା କାହାଣୀ ଦର୍ଶକଙ୍କୁ ଭଲ ଲାଗିବ ବୋଲି ପ୍ରଯୋଜନା ସଂସ୍ଥା ଆଶା ପ୍ରକଟ କରିଛି। ■





## ଲେଖକରୁ ନିର୍ଦ୍ଦେଶକ

ଚଳଚ୍ଚିତ୍ର ସଂଳାପ, କାହାଣୀ ଓ ଚିତ୍ରନାଟ୍ୟ ରଚନା କ୍ଷେତ୍ରରେ ଏବେ ଓଲିଉଡ୍‌ର ଜଣେ ଚିହ୍ନା ଚେହେରା ମାନସ ପଡ଼ିଆରୀ। ଖୁବ୍ କମ୍ ଦିନରେ ଓଲିଉଡ୍‌ରେ ଲେଖକ ଭାବେ ସେ ପ୍ରସିଦ୍ଧି ଅର୍ଜନ କରିଛନ୍ତି। ବର୍ତ୍ତମାନ ଲେଖକରୁ ନିର୍ଦ୍ଦେଶକ ହେବାକୁ ଯାଉଛନ୍ତି ମାନସ। ପ୍ରଥମ ଥର ପାଇଁ ତାଙ୍କ ନିର୍ଦ୍ଦେଶିତ ସିନେମା 'ଛକି ଶୂନ' ଆସନ୍ତା ରଜରେ ମୁକ୍ତି ଲାଭ କରିବାକୁ ଯାଉଛି। ସୁପରଷ୍ଟାର୍ ଅନୁଭବ ମହାନ୍ତି ଅଭିନୀତ ଏହି ଫିଲ୍ମରେ ନବୀନ ଭଣ୍ଡାରୀ, ଜାଗ୍ରତି ଏ. ମହାନ୍ତି, ଶୁଭମ୍ ମହାନ୍ତି ପ୍ରଯୋଜନା ଦାୟିତ୍ୱରେ ଅଛନ୍ତି। ଏହା 'ଆମର ମ୍ୟୁଜିକ୍' ଓ 'ଟୁ ନାଇନ୍ ଫିଲ୍ମସ୍' ବ୍ୟାନରରେ ପ୍ରସ୍ତୁତ ହେଇଛି।

ନିର୍ଦ୍ଦେଶକ ବସନ୍ତ ସାହୁ 'ସେଲ୍‌ଫିସ୍ ଦିଲ୍' ଫିଲ୍ମରେ ପ୍ରଥମେ ମାନସ ପଡ଼ିଆରୀଙ୍କୁ ସଂଳାପ ଲେଖିବାର ସୁଯୋଗ ଦେଇଥିଲେ। ଏହା ମୁକ୍ତିଲାଭ କରିବା ପରେ ତାଙ୍କୁ ନିୟମିତ ଭାବେ ସିନେମା ମିଳିବାରେ ଲାଗିଲା। ଇତିମଧ୍ୟରେ ସେ ପୃଥ୍ୱୀରାଜ ପଟ୍ଟନାୟକଙ୍କ ନିର୍ଦ୍ଦେଶିତ 'ଗୁପ୍‌ଚୁପ୍', ରାଜା ଡିଙ୍କ ନିର୍ଦ୍ଦେଶିତ 'ପ୍ରସ୍ଥାନମ୍' ଓ 'ଆସିକ୍ ସରେଣ୍ଡର୍ ହେଲା', ଅନୁପମ ପଟ୍ଟନାୟକଙ୍କ ନିର୍ଦ୍ଦେଶିତ 'ରାତି ସରି ସରି ଯାଉଛି' ଓ 'ତ୍ରିକନ୍ୟା' ଆଦି କେତୋଟି ଫିଲ୍ମର କାହାଣୀ, ଚିତ୍ରନାଟ୍ୟ, ସଂଳାପ ରଚନା କରି ଦର୍ଶକୀୟ ସମର୍ଥନ ହାସଲ କରିଛନ୍ତି। ଅନୁଭବ ମହାନ୍ତି ଓ ସୁପ୍ରିୟା ଅଭିନୀତ 'କୁହୁଡ଼ି'ର ଚିତ୍ରନାଟ୍ୟ ଓ ସଂଳାପ ରଚନା ମଧ୍ୟ କରିଛନ୍ତି ମାନସ। ଏଥିସହ ରାଷ୍ଟ୍ରୀୟ ପୁରସ୍କାରପ୍ରାପ୍ତ ନିର୍ଦ୍ଦେଶକ ଅନୁପମ ପଟ୍ଟନାୟକଙ୍କ ବ୍ଲକ ବଷ୍ଟର ସିନେମା 'କର୍ମ'ର ମଧ୍ୟ କାହାଣୀ ସେ ଲେଖିଛନ୍ତି। ଖାଲି ସିନେମା ନୁହେଁ, ଶ୍ରୀ ପଡ଼ିଆରୀ ଟେଲି-ସିନେମା ଓ ୱେବ୍ ସିରିଜ୍ ପାଇଁ ମଧ୍ୟ ସ୍କ୍ରିପ୍ଟ ପ୍ରସ୍ତୁତ କରିଛନ୍ତି। କଥାକାର ଭାବରେ 'ଜୀବନର କେତେ ରଙ୍ଗ', 'ଲଭ୍ ଷ୍ଟୋରି', 'ଯାହା ପାଇଁ ପ୍ରତୀକ୍ଷା' ଓ 'ଅନନ୍ୟା ସୁନ୍ଦରୀ' ଓ 'ଭୟ' ଆଦି ପୁସ୍ତକ ତାଙ୍କ ସାହିତ୍ୟ ଜୀବନର ସନ୍ତକ।

ନିଜର ପ୍ରଥମ ନିର୍ଦ୍ଦେଶିତ ଫିଲ୍ମ 'ଛକି ଶୂନ' ସଂପର୍କରେ ମାନସ କୁହନ୍ତି, "ମୁଁ ବହୁତ ଭାଗ୍ୟବାନ ଯେ ମୋର ପ୍ରଥମ ଫିଲ୍ମ ସୁପରଷ୍ଟାର୍ ଅନୁଭବ ମହାନ୍ତି ଓ 'ଆମର ମ୍ୟୁଜିକ' ପରି ନ୍ୟାସ୍‌ନାଲ ବ୍ରାଣ୍ଡ ସହ ହୋଇପାରିଛି। ଏଥିପାଇଁ ମୁଁ ଈଶ୍ୱରଙ୍କ ନିକଟରେ ଋଣୀ ରହିବି। ସମସ୍ତଙ୍କ ସହଯୋଗରୁ ଗୋଟେ ଭଲ ସିନେମା ନିର୍ମାଣ କରି ପାରିଛି, ଆଶା ଓ ବିଶ୍ୱାସ ଅଛି ଦର୍ଶକଙ୍କ ଭଲ ପାଇବା ନିଶ୍ଚୟ ମିଳିବ।" ■

## ଦେବ୍‌ଙ୍କ ଦୁଲହନ୍ ସାଜିଲେ 'ଦିଶା'



'କଜଳ' ମ୍ୟୁଜିକ ଭିଡିଓର ସଫଳତା ପରେ ଏବେ ଦେବ୍‌ଙ୍କ ଦୁଲହନ୍ ସାଜିଛନ୍ତି ଦିଶା। ଚର୍ଚ୍ଚିତ ନିର୍ଦ୍ଦେଶକ ବାବୁ ବାବୁଙ୍କ ନିର୍ଦ୍ଦେଶନାରେ ଓଡ଼ିଶା ମ୍ୟୁଜିକ ଦ୍ୱାରା ରିଲିଜ୍ ହୋଇଛି 'ହବୁ ମୋର ଦୁଲହନ୍'। ଏହି ଗୀତରେ ପ୍ରଥମ କୁମାର ଓ ଅନ୍ତରା ଚକ୍ରବର୍ତ୍ତୀ କଣ୍ଠଦାନ କରିଛନ୍ତି। ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଦିବ୍ୟ ଚନ୍ଦନ ଓ ଲେଖିଛନ୍ତି ସୌମ୍ୟ ରଞ୍ଜନ ବଳ। ସେହିପରି ଭିଡିଓଟିରେ ଦେବ୍ ମହାନ୍ତିଙ୍କ ସହ ଅଭିନୟ କରିଛନ୍ତି ଦିଶା। ଭିଡିଓଟି ନିର୍ଦ୍ଦେଶକ ବାବୁ ବାବୁଙ୍କ ନିର୍ଦ୍ଦେଶନାରେ କୋରିଓଗ୍ରାଫି କରିଛନ୍ତି ଡି. ଦୀପକ। ଏହି ମ୍ୟୁଜକ ଭିଡିଓଟି ଓଡ଼ିଶା ମ୍ୟୁଜିକରେ ରିଲିଜ୍ ହୋଇଥିବା ବେଳେ ଏହାର ପ୍ରଯୋଜକ ଭାବରେ ଅଛନ୍ତି ରାଘବ ସ୍ୱାଇଁ। ଏବେ ବାହାଘରର ସିଜନ୍ ଚାଲିଥିବା ବେଳେ ସୋସିଆଲ୍ ମିଡିଆରେ ଏହି ଗୀତ ବେଶ୍ ଚାହିଦାରେ ରହିଛି। ଏହାର ଭିଡ଼ିଓକୁ ଦର୍ଶକମାନେ ବେଶ୍ ଭଲପାଇବା ଦେଉଛନ୍ତି। ■

## ଗୀତ ଗାଇବା ସମୟରେ ଗଳାରୁ ଝରିଥିଲା ରକ୍ତ

ପରଦା ପଛର କାହାଣୀ

ମହାନ ଗାୟକ ମହମ୍ମଦ ରଫି ନିଜ କ୍ୟାରିୟରରେ ହଜାର ହଜାର ଗୀତ ଗାଇ ଶ୍ରୋତାମାନଙ୍କୁ ମନ୍ତ୍ରମୁଗ୍ଧ କରିଛନ୍ତି। ଏପରିକି ଅନେକ ଗୀତ ଇତିହାସ ସୃଷ୍ଟି କରିଛି। ତେବେ ଏଭଳି ଏକ ଗୀତ ଥିଲା ଯାହାକୁ ଗାଇବା ପାଇଁ ସେ ୧୫ ଦିନ ଅକ୍ଲାନ୍ତ ପରିଶ୍ରମ କରିଥିଲେ। ଏପରିକି ଗୀତ ଷ୍ଟୁଡିଓରେ ରେକର୍ଡିଂ କରୁଥିବା ସମୟରେ ତାଙ୍କ ଗଳାରୁ ରକ୍ତ ବାହାରି ଥିଲା। ୧୯୫୨ ମସିହାରେ ମୁକ୍ତିଲାଭ କରିଥିବା ଫିଲ୍ମ 'ବୈଜୁ ବାୱରା'ରେ 'ଓ ଦୁନିଆକେ ରଖୱାଲେ...' ନାମକ ଗୀତ ଗାଇଥିଲେ। ଏହି ଗୀତକୁ ରେକର୍ଡ କରିବା ପାଇଁ ସେ ଖୁବ୍ ପରିଶ୍ରମ କରିଥିଲେ। ବହୁ ଉଚ୍ଚ ସ୍ୱରରେ ତାଙ୍କୁ ଗାଇବାକୁ ପଡ଼ିଥିଲା। ଯେତେବେଳେ ଗୀତଟିକୁ ରେକର୍ଡିଂ କରିବାକୁ ଗଲେ ତାଙ୍କ ଗଳାରୁ ରକ୍ତ ବାହାରି ଥିଲା। ତାଙ୍କର ଏହି ଅବସ୍ଥା ଦେଖି ସେଠାରେ ଉପସ୍ଥିତ ଲୋକେ ଭାବିଲେ ସେ ଆଉ ଗୀତ ଗାଇ ପାରିବେନି। ହେଲେ ଏହି ଗୀତ ପରେ ମହମ୍ମଦ ରଫି ପୁଣି ଫେରି ଗୋଟିଏ ପରେ ଗୋଟିଏ ଗୀତ ଗାଇଥିଲେ। ଏହି ଫିଲ୍ମରେ ସେ ସମୁଦାୟ ୫ଟି ଗୀତ ଗାଇଥିଲେ। ସେଥିମଧ୍ୟରୁ ଦୁଇଟି ଗୀତ ଲତା ମଙ୍ଗେସ୍କରଙ୍କ ସହ ସେୟାର୍ କରିଥିଲେ। ତାଙ୍କ ଗୀତ 'ତରପଟ ହରୀ ଦର୍ଶନ କୋ ଆଜ୍...', 'ଓ ଦୁନିୟାକେ ରଖୱାଲେ...', ଏବଂ 'ଗଙ୍ଗା କି ମୋଜ୍...' ସେ ସମୟରେ ସୁପର୍ ହିଟ୍ ହୋଇଥିଲା। ତେବେ ସେ ନିଜ କ୍ୟାରିୟର୍‌ରେ 'ମେରି ମେହବୁବା...', 'ରେଶମୀ ଜୁଲ୍‌ଫେ...', 'ଗୁଲାପୀ ଆଙ୍ଖେ...' ଭଳି ଅନେକ ସୁପରହିଟ୍ ଗୀତ ଗାଇଛନ୍ତି। ସେ ପାଞ୍ଚ ଥର ଫିଲ୍ମ ଫେୟାର୍ ଏବଂ ଥରେ ନ୍ୟାସନାଲ୍ ଆୱାର୍ଡ ପାଇଥିଲେ। ସେହିପରି ତାଙ୍କ ସୁମଧୁର ସ୍ୱର ପାଇଁ ସେ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ ହୋଇଥିଲେ। ■



ଆଳାପ

## "ଚରିତ୍ର ଭିତରେ ପଶିଲେ ଅଭିନୟ ଜୀବନ୍ତ ହୁଏ"

**ମାନ୍‌ସୀ ପାଲ୍, ଅଭିନେତ୍ରୀ**

ସେ ଜଣେ ଆଇନଜୀବୀ ଛାତ୍ରୀ। ଭବିଷ୍ୟତକୁ ନେଇ ନାନା ସ୍ୱପ୍ନ ଦେଖିଛନ୍ତି। ହେଲେ ତାଙ୍କ ଭାଗ୍ୟ ତାଙ୍କୁ ଟାଣି ଆଣିଥିଲା ରଙ୍ଗୀନ ଦୁନିଆକୁ। ଏକ ରିଆଲିଟି ଶୋ'ରେ ଅଡିସନ୍ ଦେବା ପରେ ସୌଭାଗ୍ୟବଶତଃ ତାଙ୍କୁ କଳା ଲାଇନ୍‌ରେ କାମ କରିବାକୁ ସୁଯୋଗ ମିଳିଲା। 'ତୋ ଅଗଣାର ତୁଳସୀ ମୁଁ' ତାଙ୍କର ପ୍ରଥମ ଧାରାବାହିକ। ସେ ପାଖାପାଖି ୪ରୁ୫ଟି ଧାରାବାହିକରେ ଅଭିନୟ କରିଛନ୍ତି। ଦର୍ଶକଙ୍କ ମନ ଜିଣିଥିବା ଏହି ଅଭିନେତ୍ରୀ ଜଣକ ହେଉଛନ୍ତି ବାଲେଶ୍ୱରର ମାନ୍‌ସୀ ପାଲ୍। ଏବେ ସେ 'ମୁଁ ନୁହେଁ ମୁଁ ତୁମ ବିନା' ଧାରାବାହିକରେ 'ଶ୍ରଦ୍ଧା' ଚରିତ୍ରରେ ଅଭିନୟ କରୁଛନ୍ତି। ମାନ୍‌ସୀଙ୍କ ଅଭିନୟ ଯାତ୍ରା ସଂପର୍କରେ ଜାଣିବା ତାଙ୍କ ମୁହଁରୁ।

**ଅଭିନେତ୍ରୀ ହେବାକୁ କାହିଁକି ଆଗ୍ରହ ପ୍ରକାଶ କଲେ ?**

● ପିଲାଟିଦିନୁ ଇଚ୍ଛା ଥିଲା ଜଣେ ଆଇପିଏସ୍ ଅଧିକାରୀ ହେବି। ହେଲେ ଦଶମ ଶ୍ରେଣୀରେ ପଢ଼ିବା ବେଳେ ମୁଁ ଏକ ଅଡିସନ୍ ଦେଇଥିଲି। ପ୍ରଦ୍ୟୁମ୍ନ ଲେଙ୍କା ସାର୍ ମୋତେ ଫୋନ୍ କରି ଡାକିଥିଲେ। ତେଣୁ ଦଶମ ପଢ଼ା ପରେ ମୁଁ ପ୍ରଥମେ 'ତୋ ଅଗଣା'ରେ କାମ ଆରମ୍ଭ କରିଥିଲି। ଏହାପରେ ମୁଁ 'ତୋରି ପାଇଁ ତୋ ପାଇଁ', 'ଜୀବନ ସାଥୀ', 'ଅନୁରାଧା' ଆଦି ଧାରାବାହିକରେ କାମ କରିଛି। ଏବେ 'ମୁଁ ନୁହେଁ ମୁଁ ତୁମ ବିନା'ରେ ମୁଖ୍ୟ ଚରିତ୍ରରେ ଅଭିନୟ କରୁଛି। ଅଭିନୟ ସହ ଏଲ୍‌ଏଲ୍‌ବି ପଢୁଛି।

**ପ୍ରଥମ ଥର ପାଇଁ କ୍ୟାମେରାକୁ ସାମ୍ନା କରିବାରେ ଭୟ ଲାଗିଥିଲା?**

● ପ୍ରଥମ ଥର ପାଇଁ କ୍ୟାମେରା ସାମ୍ନାରେ କାମ କରିବାକୁ ମୋତେ ଭୟ ଲାଗି ନଥିଲା। ବରଂ ଭଲ ଅଭିନୟ କେମିତି ଭଲ କରିବି ସେନେଇ ଚିନ୍ତା ବଢ଼ି ଯାଇଥିଲା।

**'ମୁଁ ନୁହେଁ ମୁଁ ତୁମ ବିନା' ଧାରାବାହିକର ଶ୍ରଦ୍ଧା ଚରିତ୍ର ପାଇଁ ନିଜକୁ କେତେ ବଦଳାଇଛନ୍ତି ?**

● 'ମୁଁ ନୁହେଁ ମୁଁ ତୁମ ବିନା' ଧାରାବାହିକଟି ସମ୍ପୂର୍ଣ୍ଣ ପ୍ରେମ କାହାଣୀ ଉପରେ ପର୍ଯ୍ୟବସିତ। ତା' ଭିତରେ ଟ୍ୱିଷ୍ଟ ରହିବ। ପାରିବାରିକ କାହାଣୀ, ନେଗେଟିଭ୍ ଆଦି ବିଭିନ୍ନ ପରିସ୍ଥିତିର ଦୃଶ୍ୟ ଦେଖିବାକୁ ମିଳିବ। ଏହି ଧାରାବାହିକରେ ଶ୍ରଦ୍ଧା ଚରିତ୍ରଟି ବହୁତ ଚୁଲ୍‌ବୁଲି। ଡ୍ରେସ୍ ଡିଜାଇନ୍ ଉପରେ ଶ୍ରଦ୍ଧାର ଭଲ ଆଇଡିଆ ଅଛି। ହେଲେ ବାସ୍ତବରେ ମାନ୍‌ସୀ ଶାନ୍ତ ଓ ସରଳ। ତେଣୁ ଏହି ଚରିତ୍ର ନିଭାଇବାକୁ ମୋତେ ଟିକେ ଚୁଲ୍‌ବୁଲି ହେବାକୁ ପଡ଼ିଛି।

**ପ୍ରଥମ ପାରିଶ୍ରମିକ କ'ଣ କରିଥିଲେ?**

● ପ୍ରଥମେ ଭଗବାନଙ୍କ ପାଖେ ଭୋଗ ଚଢ଼ାଇବା ପରେ ମୋ ମା'ଙ୍କୁ ଶାଢ଼ି ଉପହାର ଦେଇଥିଲି।

**କେଉଁ ଧାରାବାହିକ ଆପଣଙ୍କୁ ସ୍ୱତନ୍ତ୍ର ପରିଚୟ ଦେଇଛି?**

● 'ତୋ ଅଗଣାର ତୁଳସୀ' ମୁଁ ଧାରାବାହିକର 'କେଟି' ଚରିତ୍ରରୁ ମୋତେ ସ୍ୱତନ୍ତ୍ର ପରିଚୟ ମିଳିଛି।

**ପଢ଼ା ଆଉ ଅଭିନୟ ପାଇଁ କେମିତି ସମୟ ଦିଅନ୍ତି?**

● ଅଭିନୟ ପାଇଁ କେବେ ପାଠ ଉପରେ ପ୍ରଭାବ ପଡୁ ତାହା ମୁଁ ଚାହେଁନି। କି ଆଗକୁ ମଧ୍ୟ ଚାହିଁବିନି। ତେଣୁ ସୁଟିଂ ନଥିଲେ ପଢ଼ାପଢ଼ି କରେ। ପରିବାର ଲୋକଙ୍କ ସହିତ ସମୟ ଅତିବାହିତ କରେ।

**ଭଲ ଅଭିନୟକୁ କରିବାକୁ କେମିତି ପ୍ରସ୍ତୁତ ହୁଅନ୍ତି?**

● ଯଦିଓ ମୁଁ ଅଭିନୟ ପାଇଁ ବିଧିବଦ୍ଧ ଭାବେ ତାଲିମ ନେଇନି, ହେଲେ ନିର୍ଦ୍ଦେଶକଙ୍କ ମାର୍ଗଦର୍ଶନରେ ମୁଁ କାମ କରିବାକୁ ଗୁରୁତ୍ୱ ଦିଏ। ସେଟ୍‌ରେ ଅଭିନୟ କରିବା ପୂର୍ବରୁ ଘରେ ଦର୍ପଣ ସାମ୍ନାରେ ଅଭ୍ୟାସ କରିଥାଏ। ଅଭିନୟକୁ ମାର୍ଜିତ କରିବାକୁ ନିଜେ ନିଜକୁ ଗ୍ରୁମିଂ କରେ। ସ୍କ୍ରିପ୍ଟ କ'ଣ ମାଗୁଛି ତାକୁ ଦେଖି ବୁଝେ। ସ୍କ୍ରିପ୍ଟକୁ ନ ଘୋଷି ଯେଉଁ ଚରିତ୍ର ମୋତେ ମିଳିଥାଏ ତା'କୁ କେମିତି ଜୀବନ୍ତ ରୂପ ଦେବି ତାହାକୁ ଗୁରୁତ୍ୱ ଦିଏ।



**● ଖରାଦିନେ ଫିଟ୍ ରହିବାକୁ କ'ଣ କରନ୍ତି?**

ଶରୀରକୁ ହାଇଡ୍ରେଟ୍ ରଖିବାକୁ ପାଣି ପିଏ। ଖରାକୁ ଏତେ ବାହାରେନି। ବାହାରକୁ ଯିବା ସମୟରେ ମୋ ପାଖେ ଓ.ଆର୍.ଏସ୍., ଥଣ୍ଡାପାଣି, ଡିଟକ୍ସ ୱାଟର ରଖିବାକୁ ଭୁଲେ ନାହିଁ।

**ଆଗାମୀ ଯୋଜନା?**

● ଭବିଷ୍ୟତରେ ଏକ ବଡ଼ ପ୍ରୋଜେକ୍ଟରେ କାମ କରିବାକୁ ଆଶା ରଖିଛି।

**ଅଭିନୟ ଜଗତକୁ ଯେଉଁମାନେ ଆସୁଛନ୍ତି ସେମାନଙ୍କୁ କ'ଣ କହିବେ ?**

● ଏହି ଲାଇନ୍‌କୁ ଆସୁଥିଲେ ଅଭିନୟ କରିବାର ମନୋବୃତ୍ତି ନେଇ ଆସନ୍ତୁ। ପରିଶ୍ରମ କରନ୍ତୁ। ସିନ୍‌କୁ ଭଲଭାବେ ବୁଝନ୍ତୁ ଜାଣନ୍ତୁ। ନିର୍ଦ୍ଦେଶକ ଏବଂ ପ୍ରଯୋଜକଙ୍କ କଥା ଅନୁସାରେ ଅଭିନୟ କରିବା ଭଲ। ■

## ରସିଦ୍‌ଙ୍କ ଯାଦୁକରୀ ବୋଲିଂ; ଶୁବମନ- ସୁଦର୍ଶନଙ୍କ ଦମ୍‌ଦାର ବ୍ୟାଟିଂ

# ଗୁଜରାଟ ପ୍ଲେ ଅଫ୍ ନିକଟତର



ଜୟପୁର, ୯।୫(ଏଜେନ୍ସି): ରସିଦ୍ ଖାନ୍ (୪-୦-୩୩-୪)ଙ୍କ ଯାଦୁକରୀ ବୋଲିଂ ବଳରେ ଏଠାରେ ଶନିବାର ଖେଳାଯାଇଥିବା ଆଇପିଏଲ୍‌ର ୫୨ତମ ଲିଗ୍ ମ୍ୟାଚ୍‌ରେ ଗୁଜରାଟ ଜାଏଣ୍ଟସ ୭୭ ରନ୍‌ରେ ରାଜସ୍ଥାନ ରୟାଲ୍ସକୁ ପରାସ୍ତ କରିଛି। ଏହା ଫଳରେ ୧୧ଟି ମ୍ୟାଚ୍‌ରୁ ୭ମ ବିଜୟ ସହ ଗୁଜରାଟ ଓ ସନ୍‌ରାଇଜର୍ସ ହାଇଦରାବାଦ୍ ଆଇପିଏଲ୍ ପ୍ଲେ ଅଫ୍‌ର ନିକଟତର ହୋଇଛି। ଏହି ମ୍ୟାଚ୍‌ରେ ଶୁବମନ ଗିଲ୍ ୪୪ବଲ୍‌ରେ ୮୪ ଏବଂ ସାଇ ସୁଦର୍ଶନ ୩୬ବଲ୍‌ରେ ୫୫ ରନ୍ କରିବା ଫଳରେ ପ୍ରଥମେ ବ୍ୟାଟିଂ କରିଥିବା ଗୁଜରାଟ ନିର୍ଦ୍ଧାରିତ ୨୦ ଓଭରର ୪ ୱିକେଟ ହରାଇ ୨୨୯ ରନ୍ କରିଥିଲା। ଜବାବରେ ରାଜସ୍ଥାନର ବ୍ୟାଟିଂ ବିଫଳତା ଯୋଗୁଁ ଦଳ ୧୬.୩ ଓଭରରେ ମାତ୍ର ୧୫୨ ରନ୍ କରି ଅଲଆଉଟ ହୋଇଯାଇଥିଲା। ବିଜୟୀ ଦଳ ପକ୍ଷରୁ ରସିଦ୍‌ଙ୍କ ୪ୱିକେଟ ବ୍ୟତୀତ ଜେସନ୍ ହୋଲ୍ଡର ୧୨ ରନ୍‌ରେ ୩ଟି ଓ କାଗିସୋ ରାବାଡା ୩୩ ରନ୍‌ରେ ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ଅନ୍ୟପକ୍ଷରେ ୧୧ତମ ଲିଗ୍ ମ୍ୟାଚ୍‌ରୁ ରାଜସ୍ଥାନ ରୟାଲ୍ସ ୫ମ ପରାଜୟ ବରଣ କରିଛି। ଏହା ଫଳରେ ଗୁଜରାଟ ୧୪ ପଏଣ୍ଟ ସହ ଟେବୁଲରେ ଦ୍ୱିତୀୟକୁ ଉନ୍ନୀତ ହୋଇଥିଲାବେଳେ ଓ ୧୨ ପଏଣ୍ଟ ସହ ରାଜସ୍ଥାନ ୫ମ ସ୍ଥାନକୁ ଖସିଆସିଛି।

ପୂର୍ବରୁ ପ୍ରଥମେ ବ୍ୟାଟିଂ କରିଥିବା ଗୁଜରାଟ ଶୁବମନ ଓ ସୁଦର୍ଶନଙ୍କ ଅର୍ଦ୍ଧଶତକ ଓ ଏମାନଙ୍କ ପ୍ରଥମ ୱିକେଟ ଭାଗୀଦାରିରେ ୬୫ବଲ୍‌ରୁ ୧୧୮ ରନ୍‌ର ସହାୟତା ବଳରେ ଦଳ ୪/୨୨୯ ରନ୍‌ର ବିଶାଳ ସ୍କୋର କରିଥିଲା। ଗିଲ ୩୦ ବଲ୍‌ରେ ଅର୍ଦ୍ଧଶତକ ପୂରଣ କରିବା ପରେ ୪୪ ବଲ୍‌ରେ ୯ଟି ଚୌକା ଓ ୩ଟି ଛକା ସହ ସର୍ବାଧିକ ୮୪ ରନ୍ କରିଥିଲେ। ତାଙ୍କ ଓପନିଂ ପାର୍ଟନର ସାଇ ସୁଦର୍ଶନ ୩୬ବଲ୍‌ର ସାମ୍ନା କରି ୬ ଚୌକା ଓ ୨ ଛକା ସହ ୫୫ରନ୍‌ରେ ଆଉଟ ହୋଇଥିଲେ। ଜବାବରେ ରାଜସ୍ଥାନର ରନ୍ ଚେଜ୍ ଦୁର୍ବଳ ହୋଇଥିଲା। ଦଳ ପକ୍ଷରୁ କେବଳ ରବୀନ୍ଦ୍ର ଜାଡେଜା ୩୮, ବୈଭବ ସୂର୍ଯ୍ୟବଂଶୀ ୩୬ ଓ ଧ୍ରୁବ ଜୁରେଲ ୨୪ ରନ୍‌ର ଉଲ୍ଲେଖନୀୟ ସ୍କୋର କରିଥିଲେ।

ଏଯାଏ ହୋଇଥିବା ଖେଳରେ ଚଳିତ ବର୍ଷ ଆଇପିଏଲ୍‌ର ୧୯ତମ ସଂସ୍କରଣ ଅନ୍ୟ ଟୁର୍ଣ୍ଣାମେଣ୍ଟଠାରୁ ବେଶ ପ୍ରତିଦ୍ୱନ୍ଦ୍ୱିତାମୂଳକ ହୋଇଛି। ପୂର୍ବରୁ ୧୬ ପଏଣ୍ଟ ହାସଲ କରୁଥିବା ଦଳର ପ୍ଲେ ଅଫ୍ ଖେଳିବା ଆଶା ଏକପ୍ରକାର ନିଶ୍ଚିତ ହେବାର ଏକାଧିକ ନଜିର ରହିଛି। ଏଥର ପ୍ରତିଦ୍ୱନ୍ଦ୍ୱିତା ଏତେ ଜୋରଦାର ହେଉଛି, ଯେ ଯଦି ଗୋଟିଏ ଦଳ ୧୪ ପଏଣ୍ଟ ହାସଲ କରେ, ତେବେ ତାହାର ମଧ୍ୟ ପ୍ଲେ ଅଫ୍ ଖେଳିବା ସମ୍ଭାବନା ରହିଛି।

### ପରାଗଙ୍କ ସ୍ଥାନରେ ଜୟସ୍ୱାଲଙ୍କୁ ନେତୃତ୍ୱ

ଗୁଜରାଟ ଜାଏଣ୍ଟସ ବିପକ୍ଷ ମୁକାବିଲାରେ ଓପନର ଯଶସ୍ୱୀ ଜୟସ୍ୱାଲ ରାଜସ୍ଥାନ ରୟାଲ୍ସର ନେତୃତ୍ୱ ନେଇଥିଲେ। ପରାଗଙ୍କ ହାମ୍‌ଷ୍ଟ୍ରିଙ୍ଗରେ ଆଘାତ ଲାଗିବାରୁ ଏପରି ନିଷ୍ପତ୍ତି ନିଆଯାଇଛି। ସେ କିଛି ଦିନ ବିଶ୍ରାମ ନେବା ପରେ ସୁସ୍ଥ ହୋଇଯିବେ ବୋଲି ଆଶା କରାଯାଉଛି। ପରାଗ ଚଳିତ ସିଜନ ଆରମ୍ଭରୁ ରାଜସ୍ଥାନର ନେତୃତ୍ୱ ନେଇଆସୁଛନ୍ତି। ସଞ୍ଜୁ ସାମସନ ଚେନ୍ନାଇ ସୁପର କିଙ୍ଗ୍‌ସ ଦଳକୁ ଚାଲିଯିବା ପରେ ରାଜସ୍ଥାନର ନୂଆ ନେତୃତ୍ୱର ଆବଶ୍ୟକତା ପଡ଼ିଥିଲା।

### ଆଇପିଏଲ୍ ପଏଣ୍ଟ ଟେବୁଲ୍

| ଦଳ | ମ୍ୟା. | ବି. | ପ. | ବା. | ପ. | ଏନ୍‌ଆର୍‌ଆର୍ |
|---|---|---|---|---|---|---|
| ହାଇଦରାବାଦ | ୧୧ | ୭ | ୪ | ୦ | ୧୪ | +୦.୭୩୭ |
| ଗୁଜରାଟ | ୧୧ | ୭ | ୪ | ୦ | ୧୪ | +୦.୨୨୮ |
| ପଞ୍ଜାବ | ୧୦ | ୬ | ୩ | ୧ | ୧୩ | +୦.୫୭୧ |
| ବେଙ୍ଗାଲୁରୁ | ୧୦ | ୬ | ୪ | ୦ | ୧୨ | +୧.୨୩୪ |
| ରାଜସ୍ଥାନ | ୧୧ | ୬ | ୫ | ୦ | ୧୨ | +୦.୦୮୨ |
| ଚେନ୍ନାଇ | ୧୦ | ୫ | ୫ | ୦ | ୧୦ | +୦.୧୫୧ |
| କୋଲକାତା | ୧୦ | ୪ | ୫ | ୧ | ୯ | -୦.୧୬୯ |
| ଦିଲ୍ଲୀ | ୧୧ | ୪ | ୭ | ୦ | ୮ | -୧.୧୫୪ |
| ମୁମ୍ବାଇ | ୧୦ | ୩ | ୭ | ୦ | ୬ | -୦.୬୪୯ |
| ଲକ୍ଷ୍ନୌ | ୧୦ | ୩ | ୭ | ୦ | ୬ | -୦.୯୪୯ |

ବି.ଦ୍ର.: ମ୍ୟା-ମ୍ୟାଚ୍, ବି- ବିଜୟ, ପ- ପରାଜୟ, ବା- ବାତିଲ, ପ- ପଏଣ୍ଟ

### ଆଜିର ଆଇପିଏଲ୍ ମ୍ୟାଚ୍

| | |
|---|---|
| ଚେନ୍ନାଇ ବନାମ ଲକ୍ଷ୍ନୌ | ବେଙ୍ଗାଲୁରୁ ବନାମ ମୁମ୍ବାଇ |
| ଭେନ୍ୟୁ-ଚେନ୍ନାଇ | ଭେନ୍ୟୁ-ରାୟପୁର |
| ଖେଳ ଆରମ୍ଭ : ଅପରାହ୍ଣ ୩.୩୦ | ଖେଳ ଆରମ୍ଭ : ରାତି ୭.୩୦ |

ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର

### ସଂକ୍ଷିପ୍ତ ସ୍କୋର

**ଗୁଜରାଟ ଟାଇଟାନ୍ସ:** ୨୨୯/୪, ୨୦ ଓଭର (ସୁଦର୍ଶନ- ୫୫, ଗିଲ୍- ୮୪, ସୁନ୍ଦର- ୩୭*, ବଟ୍‌ଲର୍-୧୩, ହୋଲ୍ଡର- ୭, ତେୱାତିଆ-୧୪*, ବ୍ରିଜେଶ୍- ୨/୪୭, ଜାଡେଜା- ୧/୩୪)।
**ରାଜସ୍ଥାନ ରୟାଲ୍ସ:** ୧୫୨/୧୦, ୧୬.୩ ଓଭର (ଜାଡେଜା- ୩୮, ସୂର୍ଯ୍ୟବଂଶୀ- ୩୬, ଜୁରେଲ୍- ୨୪, ଦୁବେ- ୧୫, ସନକା- ୧୬, ରସିଦ୍- ୪/୩୩, ହୋଲ୍ଡର- ୩/୧୨)।

# ଡୋପ୍ ପରୀକ୍ଷା ନ କରି ଅଡୁଆରେ ଜୟସ୍ୱାଲ, ଶେଫାଳି



ନୂଆଦିଲ୍ଲୀ, ୯।୫ (ଏଜେନ୍ସି): ଡୋପ ଟେଷ୍ଟ ପାଇଁ ଉପଲବ୍ଧ ନ ହେବାକୁ ନେଇ ଦୁଇ ଉଦୀୟମାନ ଭାରତୀୟ କ୍ରିକେଟର୍ ଅଡୁଆରେ ପଡ଼ିଛନ୍ତି। ସେମାନେ ହେଲେ ପୁରୁଷ ଦଳର ଓପନର ଯଶସ୍ୱୀ ଜୟସ୍ୱାଲ ଓ ମହିଳା ଟିମ୍‌ର ଶେଫାଳି ବର୍ମା। ଉଭୟଙ୍କୁ ଜାତୀୟ ଡୋପିଂ ନିରୋଧୀ ଏଜେନ୍ସି (ନାଡା) ପକ୍ଷରୁ ନୋଟିସ କରାଯାଇଛି। ରିପୋର୍ଟ ଅନୁଯାୟୀ ଏହି ଦୁଇ ଖେଳାଳି ଗତବର୍ଷ ନିଜର ଉପସ୍ଥିତି ନେଇ ନାଡାକୁ ସୂଚନା ଦେବାରେ ବିଫଳ ହୋଇଥିଲେ। ଫଳରେ ସେମାନେ ନିର୍ଦ୍ଦିଷ୍ଟ ପରୀକ୍ଷା ସ୍ଥାନରେ ଉପସ୍ଥିତ ହୋଇପାରି ନଥିଲେ। ଜୟସ୍ୱାଲ ଓ ଶେଫାଳିଙ୍କୁ ଏନେଇ ନିଜର ପକ୍ଷ ରଖିବାକୁ ୭ ଦିନର ସୁଯୋଗ ଦିଆଯାଇଛି। ନାଡା ପକ୍ଷରୁ ହୋଇଥିବା ନୋଟିସରେ କୁହାଯାଇଛି ଯେ ଗତବର୍ଷ ଡିସେମ୍ବର ୧୭ରେ ଜୟସ୍ୱାଲଙ୍କ ଡୋପ୍ ପରୀକ୍ଷା ସଂଗ୍ରହ କରିବାକୁ ନାଡାର ଅଧିକାରୀ ଆସିଥିଲେ। କିନ୍ତୁ ସେ ଉପଲବ୍ଧ ନ ଥିଲେ। ସେହିପରି ଶେଫାଳିଙ୍କ ନମୁନା ନଭେମ୍ବର ୭ ତାରିଖରେ ଧାର୍ଯ୍ୟ କରାଯାଇଥିଲା, କିନ୍ତୁ ସେ ମଧ୍ୟ ଉପଲବ୍ଧ ନ ଥିଲେ। ଏନେଇ ବିସିସିଆଇ ପକ୍ଷରୁ ଜନୈକ ଅଧିକାରୀ କହିଛନ୍ତି ଯେ ହଁ, ଆମେ ନାଡାଠାରୁ ଟେଷ୍ଟ ମିସ୍ ହୋଇଥିବା ନେଇ ନୋଟିସ ପାଇଛୁ। ଏହା କିପରି ଘଟିଲା ସେନେଇ ଆମେ ଦୁଇ ଖେଳାଳିଙ୍କ ସହ ଆଲୋଚନା କରିବୁ। ଭବିଷ୍ୟତରେ ଯେପରି ଏପରି ତ୍ରୁଟି ନ ଘଟେ ସେଥିପାଇଁ ଆବଶ୍ୟକୀୟ ପଦକ୍ଷେପ ନେବୁ। ଉଲ୍ଲେଖନୀୟ ଯେ ୧୨ ମାସରେ ଜଣେ ଖେଳାଳିଙ୍କ ଦ୍ୱାରା ରେକର୍ଡ କରାଯାଇଥିବା ତିନୋଟି ମିସ୍ ଟେଷ୍ଟକୁ ଡୋପିଂ ନିୟମର ଉଲ୍ଲଂଘନ ବୋଲି ବିବେଚନା କରାଯାଏ। ଯେଉଁଥି ପାଇଁ ଜଣେ ଖେଳାଳି ଦୁଇ ବର୍ଷର ବାସନ୍ଦର ମଧ୍ୟ ସମ୍ମୁଖୀନ ହୋଇପାରନ୍ତି।


■ ସାଉଥ ଆମେରିକାନ ଲିଗ୍

# ମନୀଷା ପ୍ରଥମ ଭାରତୀୟ ଗୋଲ୍ ସ୍କୋରର୍



ନୂଆଦିଲ୍ଲୀ, ୯।୫ (ଏଜେନ୍ସି): ଉଦୀୟମାନ ଭାରତୀୟ ମହିଳା ଫୁଟବଲ୍ ଖେଳାଳି ମନୀଷା କଲ୍ୟାଣ ଏକ ବଡ଼ କୀର୍ତ୍ତିମାନ କରିଛନ୍ତି। ପ୍ରଥମ ଭାରତୀୟ ଭାବେ ୨୪ ବର୍ଷୀୟା ମନୀଷା ସାଉଥ୍ ଆମେରିକାନ ଲିଗ୍‌ରେ ଗୋଲ୍ ଦେବାର ସୌଭାଗ୍ୟ ଲାଭ କରିଛନ୍ତି। ଲିଗ୍‌ରେ ମନୀଷା ଆଲିଆଞ୍ଜା ଲିମା କ୍ଲବ ପକ୍ଷରୁ ଖେଳି ସିଏ ମାନୁକ୍ସି ବିପକ୍ଷରେ ଏହି ଗୋଲ୍‌ଟି ଦେଇଥିଲେ। ମନୀଷାଙ୍କ ଏହି ଗୋଲ୍ ବଳରେ ତାଙ୍କ ଦଳ ଆଲିଆଞ୍ଜା ଲିମା ୧-୦ ଗୋଲରେ ବିଜୟୀ ହୋଇଥିଲା। ପଞ୍ଜାବ ଜନ୍ମିତ ମନୀଷା ଏଥିପୂର୍ବରୁ ସାଇପ୍ରସରେ ଆପୋଲୋନ ଲେଡିଜ କ୍ଲବ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ପ୍ରଥମ ଭାରତୀୟ ଭାବେ ସେ ୟୁରୋପିଆନ ଚାମ୍ପିଅନସିପ୍ ଖେଳିଥିଲେ।

# ତୀରନ୍ଦାଜୀ ବିଶ୍ୱକପ୍: ସାହିଲଙ୍କୁ କାଂସ୍ୟ



ସାଂଘାଇ, ୯।୫ (ଏଜେନ୍ସି): ଭାରତର ସାହିଲ ଯାଦବ ଚାଇନାର ସାଂଘାଇଠାରେ ଚାଲିଥିବା ତୀରନ୍ଦାଜୀ ବିଶ୍ୱକପ୍ ଷ୍ଟେଜ-୨ରେ କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ଇଣ୍ଡିଭିଜୁଆଲ କମ୍ପାଉଣ୍ଡ ବିଭାଗରେ ସାହିଲ ଏହି ସଫଳତା ପାଇଛନ୍ତି। ତୃତୀୟ ସ୍ଥାନ ପାଇଁ ଖେଳାଯାଇଥିବା ମ୍ୟାଚରେ ସାହିଲ ୧୪୭-୧୪୪ ସ୍କୋରରେ ଡେନମାର୍କର ମାର୍ଟିନ ଡାମସବୋଙ୍କୁ ପରାସ୍ତ କରିଥିଲେ। ଫଳରେ ଚଳିତ ବିଶ୍ୱକପ୍‌ରେ ଭାରତ ପାଇଁ ଏହା ପ୍ରଥମ ପଦକ ହୋଇଛି। ପୂର୍ବରୁ ସାହିଲ ସେମିଫାଇନାଲରେ ଡିଫେଣ୍ଡିଂ ବିଶ୍ୱ ଚାମ୍ପିଅନ ଫ୍ରାନ୍ସର ନିକୋଲାସ ଗିରାର୍ଡଙ୍କ ନିକଟରୁ ହାରି ଟାଇଟଲ୍ ଲଢ଼େଇରୁ ବଞ୍ଚିତ ହୋଇଥିଲେ। ୨୫ ବର୍ଷୀୟ ସାହିଲ ଏଥିପୂର୍ବରୁ ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ସ୍ୱର୍ଣ୍ଣିମ ସଫଳତା ପାଇଥିଲେ।

ବିନେଶ ଫୋଗଟଙ୍କୁ କାରଣ ଦର୍ଶାଅ ନୋଟିସ୍

# ଫୋଗଟଙ୍କ ଖେଳିବା ଉପରେ ରୋକ୍

ନୂଆଦିଲ୍ଲୀ, ୯।୫(ଏଜେନ୍ସି): ଭାରତୀୟ କୁସ୍ତି ମହାସଙ୍ଘ (ଡବ୍ଲ୍ୟୁଏଫ୍ଆଇ) ଷ୍ଟାର୍ ମହିଳା କୁସ୍ତିଯୋଦ୍ଧା ବିନେଶ ଫୋଗଟଙ୍କୁ ଏକ ୧୫ ପୃଷ୍ଠାର କାରଣ ଦର୍ଶାଅ ନୋଟିସ୍ ଜାରି କରିଛି। ଅନୁଶାସନହୀନତା, ଡୋପିଂ ନିୟମର ଉଲ୍ଲଂଘନ ଏବଂ ଆନ୍ତର୍ଜାତୀୟ କୁସ୍ତି ନିୟମ ଅବମାନନା କରିଥିବା ଏଥିରେ ଅଭିଯୋଗ ହୋଇଛି। ଏହି ନୋଟିସ୍ ଯୋଗୁଁ ଭିନେଶ ୨୦୨୬ ଜୁନ୍ ୨୬ ପର୍ଯ୍ୟନ୍ତ କୌଣସି ଘରୋଇ ପ୍ରତିଯୋଗିତାରେ ଭାଗ ନେଇପାରିବେ ନାହିଁ। ରବିବାରଠାରୁ ଗୋଣ୍ଡାରେ ଆରମ୍ଭ ହେବାକୁ ଥିବା ନ୍ୟାସନାଲ୍ ର୍‌ୟାଙ୍କିଙ୍ଗ ଟୁର୍ଣ୍ଣାମେଣ୍ଟ ମାଧ୍ୟମରେ ସେ ପ୍ରତ୍ୟାବର୍ତ୍ତନ କରିବାକୁ ଯୋଜନା କରିଥିଲେ। ଯାହା ଏବେ ବାଧାପ୍ରାପ୍ତ ହୋଇଛି। ପ୍ୟାରିସ୍ ଅଲିମ୍ପିକ୍ସରେ ୫୦ କେଜି ବର୍ଗରେ ଓଜନ ଅଧିକ ହେବା ଯୋଗୁଁ ସେ ଅଯୋଗ୍ୟ ହୋଇଥିଲେ। ଏଥିପାଇଁ ଭାରତୀୟ କୁସ୍ତିର ସମ୍ମାନ ହାନି ହୋଇଛି ବୋଲି ମହାସଂଘ ନୋଟିସ୍‌ରେ ଦର୍ଶାଇଛି। ଅବସର ପରେ ଫେରିବା ପାଇଁ ଥିବା ୬ ମାସର ପୂର୍ବ ସୂଚନା ନିୟମକୁ ବିନେଶ ପାଳନ କରିନାହାନ୍ତି ବୋଲି କୁହାଯାଇଛି। ଏଥିସହ ଡୋପ୍ ଟେଷ୍ଟ ପାଇଁ ନିର୍ଦ୍ଧାରିତ ସ୍ଥାନରେ ଅନୁପସ୍ଥିତ ରହିବା (ହୋୟାର ଏବାଉଟ ଫେଲୁଅର) ନେଇ ମଧ୍ୟ ତାଙ୍କୁ ଜବାବ ମଗାଯାଇଛି। ବିନେଶଙ୍କୁ ଏହି ସମସ୍ତ ଅଭିଯୋଗର ଉତ୍ତର ରଖିବା ପାଇଁ ୧୪ ଦିନ ସମୟ ଦିଆଯାଇଛି। ଜବାବ ନମିଳିଲେ ତାଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମହାସଂଘ ଚେତାବନୀ ଦେଇଛି।

# ଦ୍ୱିତୀୟ ରାଉଣ୍ଡରେ ହାରିଲେ ଜୋକୋଭିଚ୍

ରୋମ୍, ୯।୫(ଏଜେନ୍ସି): ବିଶ୍ୱର ୪ ନମ୍ବର ଖେଳାଳି ତଥା ଟେନିସ କିମ୍ବଦନ୍ତୀ ନୋଭାକ ଜୋକୋଭିଚ୍ ଇଟାଲୀ ଓପନ୍‌ରୁ ବିଦାୟ ନେଇଛନ୍ତି। ଦ୍ୱିତୀୟ ରାଉଣ୍ଡରେ ସେ କ୍ରୋଏସିଆର ଯୁବ ଖେଳାଳି ଡିନୋ ପ୍ରିଜମିକ୍‌ଙ୍କ ନିକଟରୁ ୬-୨, ୨-୬, ୪-୬ ସେଟ୍‌ରେ ପରାସ୍ତ ହୋଇ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛନ୍ତି। କାନ୍ଧରେ ଆଘାତ ଯୋଗୁଁ ଜୋକୋଭିଚ୍ କିଛି ଦିନ ଧରି କୋର୍ଟରୁ ଦୂରେଇ ରହିଥିଲେ। ଏହି ମ୍ୟାଚ୍‌ରେ ତାଙ୍କର ଫିଟନେସ୍‌କୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଆଗାମୀ ଫ୍ରେଞ୍ଚ୍ ଓପନ ପୂର୍ବରୁ ଏହା ତାଙ୍କ ପାଇଁ ଏକ ବଡ଼ ଝଟକା ସାବ୍ୟସ୍ତ ହୋଇଛି। ୨୦ ବର୍ଷୀୟ ଯୁବ ତାରକା ଡିନୋ ପ୍ରିଜମିକ୍ ନିଜର ଆଦର୍ଶ ଜୋକୋଭିଚ୍‌ଙ୍କୁ ହରାଇ ନିଜ କ୍ୟାରିୟରର ସବୁଠାରୁ ବଡ଼ ବିଜୟ ହାସଲ କରିଛନ୍ତି। ମହିଳା ବିଭାଗରେ ଇଗା ସ୍ୱିଟେକ୍ ୩ ଘଣ୍ଟାର ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ ୬-୧, ୬-୭, ୬-୩ ସେଟ୍‌ରେ କ୍ୟାଟି ମ୍ୟାକନାଲିଙ୍କୁ ହରାଇ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।

# ପ୍ରଥମ ଟେଷ୍ଟ: ବାଂଲାଦେଶ- ୪୧୩; ପାକିସ୍ତାନ- ୧୭୯/୧

ଢାକା, ୯।୫ (ଏଜେନ୍ସି): ସ୍ଥାନୀୟ ଶେର୍ ବାଂଲା ନ୍ୟାସନାଲ ଷ୍ଟାଡିୟମରେ ଘରୋଇ ବାଂଲାଦେଶ ବିପକ୍ଷରେ ଚାଲିଥିବା ପ୍ରଥମ ଟେଷ୍ଟରେ ପାକିସ୍ତାନ ଲଢୁଆ ବ୍ୟାଟିଂ କରିଛି। ବାଂଲାଦେଶର ପ୍ରଥମ ପାଳି ସ୍କୋର ୪୧୩ ରନ ଜବାବରେ ପାକିସ୍ତାନ ଶନିବାର ଦ୍ୱିତୀୟ ଦିବସ ଷ୍ଟମ୍ପ ସୁଦ୍ଧା ୪୬ ଓଭରରେ ଗୋଟିଏ ୱିକେଟ୍ ହରାଇ ୧୭୯ ରନ ସଂଗ୍ରହ କରିଛି। ଏଠାରେ ଟେଷ୍ଟ ପଦାର୍ପଣ କରିଥିବା ବାମହାତୀ ଓପନର୍ ଆଜାନ ଅୱିସ ୮୫ (୧୩୩ ବଲ୍, ୧୨ ଚୌକା) ଓ ଅନ୍ୟତମ ପଦାର୍ପଣକାରୀ ଅବଦୁଲ୍ଲା ଫଜଲ ୩୭ (୭୮ ବଲ୍, ୬ ଚୌକା) ଅପରାଜିତ ରହିଛନ୍ତି। ଅସମାପ୍ତ ଦ୍ୱିତୀୟ ୱିକେଟରେ ଉଭୟ ୭୩ ରନର ଭାଗୀଦାରି ଗଢ଼ିଛନ୍ତି। ଏକମାତ୍ର ବ୍ୟାଟର୍ ଭାବେ ଅନ୍ୟତମ ଓପନର୍ ଇମାମ-ଉଲ୍-ହକ ୪୫ ରନ କରି ମେହଦୀ ହାସାନ ମିରାଜଙ୍କ ବଲରେ ଆଉଟ ହୋଇଛନ୍ତି। ପ୍ରଥମ ପାଳିରେ ୯ ୱିକେଟ୍ ସୁରକ୍ଷିତ ଥାଇ ପାକିସ୍ତାନ ଅଗ୍ରଣୀ ଲାଗି ଆହୁରି ୨୩୫ ରନ ଆବଶ୍ୟକ କରୁଛି। ପୂର୍ବରୁ ଗତକାଲିର ଅସମାପ୍ତ ପ୍ରଥମ ପାଳି ସ୍କୋର ୩୦୧/୪ରୁ ଦ୍ୱିତୀୟ ଦିନ ଖେଳ ଆରମ୍ଭ କରିଥିବା ଘରୋଇ ବାଂଲାଦେଶ ୪୧୩ ରନରେ ସୀମିତ ରହିଥିଲା। ଦଳ ପକ୍ଷରୁ ଅଧିନାୟକ ନାଜମୋଲ ହୋସେନ ସାଣ୍ଟୋ (୧୦୧), ମୋମିନୁଲ ହକ୍ (୯୧) ଓ ମୁସଫିକର ରହିମ (୭୧ ରନ) ଉଲ୍ଲେଖନୀୟ ପ୍ରଦର୍ଶନ କରିଥିଲେ। ଭ୍ରମଣକାରୀ ପାକିସ୍ତାନ ପକ୍ଷରୁ ମହମ୍ମଦ ଆବାସଙ୍କୁ ୫ ଓ ଶାହୀନ ଆଫ୍ରିଦୀଙ୍କୁ ୩ଟି ୱିକେଟ୍ ମିଳିଥିଲା।

● ପ୍ରସାରଣକାରୀଙ୍କ ବଡ଼ ଭୁଲ

## ପାକିସ୍ତାନ ଦଳରେ ରୋହିତ ଶର୍ମା!

ନୂଆଦିଲ୍ଲୀ, ୯।୫(ଏଜେନ୍ସି): ବାଂଲାଦେଶ ଏବଂ ପାକିସ୍ତାନ ମଧ୍ୟରେ ଢାକାରେ ଚାଲିଥିବା ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ଏକ ବଡ଼ ଧରଣର ଯାନ୍ତ୍ରିକ ତ୍ରୁଟି ଦେଖିବାକୁ ମିଳିଥିଲା। ଟେଲିଭିଜନ ପ୍ରସାରଣ ସମୟରେ ପାକିସ୍ତାନର ଖେଳାଳି ତାଲିକା ବଦଳରେ ଭାରତୀୟ ଦଳର ଖେଳାଳିଙ୍କ ନାମ ପ୍ରଦର୍ଶିତ ହୋଇଥିଲା। ଗ୍ରାଫିକ୍ସରେ ରୋହିତ ଶର୍ମାଙ୍କୁ ପାକିସ୍ତାନ ଦଳର ଅଧିନାୟକ ଭାବେ ଦେଖାଯାଇଥିଲା। ଏହା ସହିତ ଶୁବମାନ ଗିଲ୍, ରିଙ୍କୁ ସିଂ ଏବଂ ଅର୍ଶଦୀପ ସିଂହଙ୍କ ଭଳି ଭାରତୀୟ ଖେଳାଳିଙ୍କ ନାମ ପାକିସ୍ତାନୀ ଏକାଦଶରେ ରହିଥିଲା। ପ୍ରସାରଣକାରୀଙ୍କ ଏହି ବଡ଼ ଭୁଲର ସ୍କ୍ରିନସଟ୍ ସୋସିଆଲ ମିଡିଆରେ ଖୁବ୍ ଭାଇରାଲ ହେଉଛି। କ୍ରିକେଟ ପ୍ରେମୀମାନେ ଏହାକୁ ନେଇ ପ୍ରସାରଣକାରୀ ସଂସ୍ଥାକୁ ଥଟ୍ଟା ପରିହାସ କରୁଛନ୍ତି।

● ମାଲେସିଆ ସ୍ପିଡ୍ ପାୱାର ଓପନ୍ ତାଏକ୍ୱୋଣ୍ଡୋ

# ପଦକ ଜିତିଲେ ଓଡ଼ିଶାର ୪ ପ୍ରତିଯୋଗୀ

ଭୁବନେଶ୍ୱର, ୯।୫ (ସମିସ): ସ୍ପିଡ୍ ପାୱାର ଇଣ୍ଟରନ୍ୟାସନାଲ ଓପନ୍ ଟାଏକ୍ୱୋଣ୍ଡୋ ଚାମ୍ପିଅନସିପ୍‌ର ୧୩ତମ ସଂସ୍କରଣ ମାଲେସିଆର କ୍ୱାଲାଲୁମ୍ପୁରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅନ୍ତର୍ଜାତୀୟ ତାଏକ୍ୱୋଣ୍ଡୋ ପ୍ରତିଯୋଗିତାରେ ଓଡ଼ିଶାର ୪ଜଣ ଖେଳାଳି ଅଂଶଗ୍ରହଣ କରି ପଦକ ବିଜୟୀ ହୋଇଛନ୍ତି। ସୁଦୀପ୍ତା ବାରିକ ରୌପ୍ୟ ପଦକ ଜିତିଥିବାବେଳେ ଆରାଭୀ ମିଶ୍ର, ଅଂଶୁ ଅନନ୍ୟା ମହାପାତ୍ର ଓ ମିନାକ୍ଷୀ ନାୟକ କାଂସ୍ୟ ପଦକ ଜିତି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। କୋଚ୍ ଭାବେ ଏହେସାସ୍ ହୋତା ଖେଳାଳିଙ୍କ ସହ ମାଲେସିଆ ଗସ୍ତ କରିଥିଲେ। ଏହି ସଫଳତା ଲାଗି ଓଡ଼ିଶା ତାଏକ୍ୱୋଣ୍ଡୋ ଏକାଡେମୀ ପକ୍ଷରୁ ଖେଳାଳିଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଯାଇଛି।



ଫିଫା ବିଶ୍ୱକପ୍‌ରେ ଖେଳିବ ଇରାନ

# ଆୟୋଜକ ଦେଶ ଆଗରେ ରଖିଲା ୧୦ଟି ସର୍ତ୍ତ

ତେହରାନ, ୯।୫(ଏଜେନ୍ସି)

ଆସନ୍ତା ଜୁନ୍ ୧୧ରୁ ଆରମ୍ଭ ହେବାକୁ ଥିବା ଫିଫା ବିଶ୍ୱକପ୍‌ରେ ଇରାନ ଅଂଶଗ୍ରହଣ କରିବ ବୋଲି ଶନିବାର ସ୍ପଷ୍ଟ କରିଛି। ତେବେ ପଶ୍ଚିମ ଏସିଆରେ ଚାଲିଥିବା ଯୁଦ୍ଧ ଏବଂ କୂଟନୈତିକ ତିକ୍ତତା ମଧ୍ୟରେ ଇରାନ ଫୁଟବଲ୍ ମହାସଂଘ (ଆଇଏଫ୍ଏଫ୍) ଆୟୋଜକ ଦେଶ (ଆମେରିକା, ମେକ୍ସିକୋ ଓ କାନାଡା) ଆଗରେ କିଛି କଡ଼ା ସର୍ତ୍ତ ରଖିଛି। ଆମେରିକା ଏବଂ ଇସ୍ରାଏଲର ଆକ୍ରମଣ ପରେ ଉପୁଜିଥିବା ଯୁଦ୍ଧ ପରିସ୍ଥିତି ଯୋଗୁଁ ଇରାନର ବିଶ୍ୱକପ୍ ଖେଳିବା ନେଇ ଆଶଙ୍କା ଦେଖାଦେଇଥିଲା। କିନ୍ତୁ ଫେଡେରେସନ୍ ସ୍ପଷ୍ଟ କରିଛି ଯେ ସେମାନେ ନିଜର ସଂସ୍କୃତି ଓ ବିଶ୍ୱାସ ସହ କୌଣସି ବୁଝାମଣା ନକରି ଟୁର୍ଣ୍ଣାମେଣ୍ଟରେ ଭାଗନେବେ। ଫେଡେରେସନ୍ ସଭାପତି ମେହେଦି ତାଜ୍ ୧୦ଟି ସର୍ତ୍ତ ରଖିଛନ୍ତି।

ଏଥିରେ ଖେଳାଳି ଓ କର୍ମକର୍ତ୍ତାଙ୍କୁ ଭିସା ପ୍ରଦାନ, ଜାତୀୟ ପତାକା ଓ ସଂଗୀତ ପ୍ରତି ସମ୍ମାନ ଏବଂ ଖେଳାଳିଙ୍କ ପାଇଁ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା ଦାବି କରାଯାଇଛି। ଇରାନର କିଛି ଖେଳାଳି ଓ ଅଧିକାରୀଙ୍କର ଇରାନୀ ସେନା (ଆଇଆରଜିସି) ସହ ସମ୍ପର୍କ ଥିବାରୁ ସେମାନଙ୍କୁ ଆମେରିକା କିମ୍ବା କାନାଡା ଭିସା ଦେବା ନେଇ ବିବାଦ ଦେଖାଦେଇଥିଲା। ତେବେ ଫିଫା ମୁଖ୍ୟ ଜିଆନି ଇନ୍‌ଫାଣ୍ଟିନୋ ନିଶ୍ଚିତ କରିଛନ୍ତି ଯେ ଇରାନ ନିର୍ଦ୍ଧାରିତ ସୂଚୀ ଅନୁଯାୟୀ ଆମେରିକାରେ ମ୍ୟାଚ୍ ଖେଳିବ। ଗ୍ରୁପ୍ 'ଜି'ରେ ଥିବା ଇରାନ ଆସନ୍ତା ଜୁନ୍ ୧୫ ତାରିଖରେ ଲସ୍ ଆଞ୍ଜେଲସରେ ନ୍ୟୁଜିଲ୍ୟାଣ୍ଡ ବିପକ୍ଷରେ ନିଜର ପ୍ରଥମ ମ୍ୟାଚ୍ ଖେଳିବ।

# ସର୍ବପ୍ରଥମ ରାଜ୍ୟସ୍ତରୀୟ ସ୍କ୍ୱାଶ୍ ଚାମ୍ପିଅନସିପ୍ ଆରମ୍ଭ



ଭୁବନେଶ୍ୱର, ୯।୫ (ସମିସ)

ସର୍ବପ୍ରଥମ 'ଓଡ଼ିଶା ଷ୍ଟେଟ୍ କ୍ଲୋଜଡ୍ ସ୍କ୍ୱାଶ୍ ଚାମ୍ପିଅନସିପ୍' ଶନିବାରଠାରୁ ନୟାପଲ୍ଲୀସ୍ଥିତ ପୁରୁଣା ରାଜ୍ୟ କ୍ରୀଡ଼ା ନିର୍ଦ୍ଦେଶାଳୟ ବିଲ୍ଡିଂରେ ଉଦ୍‌ଘାଟିତ ହୋଇଯାଇଛି। ଓଡ଼ିଶା ସ୍କ୍ୱାଶ୍ ଆସୋସିଏସନ୍ (ଓଏସ୍‌ସି) ଆନୁକୂଲ୍ୟରେ ଓ ଭାରତୀୟ ସ୍କ୍ୱାଶ ରାକେଟ୍ସ ମହାସଂଘ (ଏସଆଏଫ୍ଆଇ)ର ମିଳିତ ସହଯୋଗରେ ଆୟୋଜିତ ଏହି ଏହି ପ୍ରତିଯୋଗିତାର ପ୍ରଥମ ଦିବସ ଖେଳ ଅନୁଷ୍ଠିତ ହୋଇଯାଇଛି। ପୁରୁଷ ବିଭାଗରେ ଉଜେନ୍ଦ୍ର ଭଞ୍ଜ ଦେଓ ୧୧-୩, ୧୧-୩ରେ ଶ୍ରେୟାନ ପଟ୍ଟନାୟକଙ୍କୁ, ମେହୁଲ ରାଠୋର ୧୧-୫, ୧୧-୬ରେ ସୌର୍ଯ୍ୟ ବରୁଣଙ୍କୁ, ଅଞ୍ଜନ ପଟ୍ଟନାୟକ ୧୧-୮, ୧୧-୮ରେ ଶ୍ରେୟାସ କିଶୋରପୁରିଆଙ୍କୁ ଓ ରୋଶନ ମିଶ୍ର ୧୧-୨, ୧୧-୫ରେ ଅଭିଷେକ ଶର୍ମାଙ୍କୁ ହରାଇ ସେମିଫାଇନାଲକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ସେହିଭଳି ମାଷ୍ଟର୍ସ (୩୫ ବର୍ଷରୁ ଉର୍ଦ୍ଧ୍ୱ) ବିଭାଗରେ ଅଞ୍ଜନ ପଟ୍ଟନାୟକ, ନଫିସ ସୟଦ, ମେହୁଲ ରାଠୋର ଓ ଶୁଭେନ୍ଦ୍ର କୁମାର ପୃଷ୍ଟି ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛନ୍ତି।

ଶନିବାର ସକାଳେ ଓଡ଼ିଶା ଅଲିମ୍ପିକ ଆସୋସିଏସନର ସମ୍ପାଦକ ଅଭିଜିତ୍ ପାଲ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି ଦ୍ୱି-ଦିବସୀୟ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ମୁକ୍ତିପ୍ରସାଦ ଦାଶ, ଉପଦେଷ୍ଟା ସମ୍ବିତ ମହାପାତ୍ର, ଅବସରପ୍ରାପ୍ତ କର୍ଣ୍ଣେଲ ଅସିତ ମହାପାତ୍ର ପ୍ରମୁଖ ଏହି ଅବସରରେ ଉପସ୍ଥିତ ରହିଥିଲେ। ରବିବାର ମହିଳା ବିଭାଗ ପ୍ରତିଯୋଗିତା ଖେଳାଯିବାର କାର୍ଯ୍ୟସୂଚୀ ରହିଛି।

## ଓଡ଼ିଶା ଓପନ ଚାମ୍ପିଅନ ଅଭିଜିତ ଗୁପ୍ତାଙ୍କ ଅଭିଯୋଗ

# 'ପୁରସ୍କାର ରାଶି ଦେଉ ନାହାନ୍ତି ଆୟୋଜକ'

ନୂଆଦିଲ୍ଲୀ, ୯।୫(ଏଜେନ୍ସି)

ଜାତୀୟସ୍ତରରେ ଓଡ଼ିଶା ନିନ୍ଦିତ। ଓଡ଼ିଶା ଓପନ ଆୟୋଜନ କରିଥିବା କର୍ମକର୍ତ୍ତା ଟୁର୍ଣ୍ଣାମେଣ୍ଟର ଚାମ୍ପିଅନ ହୋଇଥିବା ଗ୍ରାଣ୍ଡମାଷ୍ଟର ଅଭିଜିତ ଗୁପ୍ତାଙ୍କୁ ପୁରସ୍କାର ରାଶି ଦେଇ ନ ଥିବାର ଅଭିଯୋଗ କରିଛନ୍ତି। ଓଡ଼ିଶାରେ ଗତ ଜାନୁଆରୀ ମାସରେ ଆୟୋଜିତ ହୋଇଥିବା ଏହି ଟୁର୍ଣ୍ଣାମେଣ୍ଟକୁ ଅଲଇଣ୍ଡିଆ ଚେସ୍ ମହାସଂଘ (ଏଆଇସିଏଫ୍) ସ୍ୱୀକୃତି ଦେଇଥିଲା, କିନ୍ତୁ ଖେଳାଳିମାନଙ୍କୁ ସେମାନଙ୍କ ପୁରସ୍କାର ରାଶି ଓ ଗ୍ରାଣ୍ଡମାଷ୍ଟରମାନଙ୍କୁ ଆପିଅରାନ୍ସ ମନି ପ୍ରଦାନ କରାଯାଇ ନାହିଁ ବୋଲି ଅଭିଯୋଗ ଆଣିଛନ୍ତି ଗୁପ୍ତା। ଏହି ଘଟଣା ଓଡ଼ିଶାକୁ ଜାତୀୟସ୍ତରରେ ନିନ୍ଦିତ କରିଛି। ଚେସ୍ ମହାସଂଘ ମଧ୍ୟ ଗୁପ୍ତାଙ୍କ ଅଭିଯୋଗ ଉପରେ ତଦନ୍ତ କରୁଛନ୍ତି। ଖୁବ୍ ଶୀଘ୍ର ଏହାର ସମାଧାନ କରାଯିବ ବୋଲି ମହାସଂଘର ସଭାପତି ନିତିନ ନାରଙ୍ଗ କହିଛନ୍ତି। ଅନ୍ୟପକ୍ଷରେ କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟ ମଧ୍ୟ ଏହି ଅଭିଯୋଗକୁ ଗୁରୁତ୍ୱର ସହ ନେଇଛନ୍ତି ଓ ଏଭଳି ଘଟଣା ଯେପରି ଖେଳାଳି ସାମ୍ନା ନ କରିବେ, ସେଥିଲାଗି ଏଆଇସିଏଫ୍‌କୁ ନିର୍ଦ୍ଦେଶ ଦିଆଯାଇଛି।



ଘଟଣାରୁ ଜଣାଯାଇଛି ଅଲ୍ ଓଡ଼ିଶା ଚେସ ସଂଘ (ଏଓସିଏ) ପକ୍ଷରୁ ଓଡ଼ିଶା ଓପନ ଚେସ ଗତ ଜାନୁଆରୀ ମାସରେ ଆୟୋଜିତ ହୋଇଥିଲା। ଏହି ସମୟରେ ସମ୍ପାଦକ ଦେବବ୍ରତ ଭଞ୍ଜ ଓ ସଭାପତି ସତ୍ୟରଞ୍ଜନ ପଟ୍ଟନାୟକଙ୍କ ନେତୃତ୍ୱରେ ଗୋଟିଏ ଗୋଟିଏ ଗୋଷ୍ଠୀ ପରିଚାଳିତ ହେଉଥିଲା। ସମ୍ପାଦକ ଭଞ୍ଜଙ୍କ ଗୋଷ୍ଠୀ ଓଡ଼ିଶା ଓପନ ଆୟୋଜନ କରିଥିଲେ। କିନ୍ତୁ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜନ କରିବାକୁ ସେ ସଭାପତି, ଉପସଭାପତି, କୋଷାଧ୍ୟକ୍ଷ କିମ୍ବା ଇସିର ଜଣେ ସଦସ୍ୟଙ୍କ ଅନୁମତି ନେଇ ନ ଥିଲେ। ସଭାପତି ସତ୍ୟରଞ୍ଜନ ପଟ୍ଟନାୟକଙ୍କ ମତରେ ସମ୍ପାଦକ ଭଞ୍ଜ ୨ ବର୍ଷର ଅଡିଟ ରିପୋର୍ଟ ଦେଇ ପାରି ନ ଥିଲେ। ଫଳରେ ସରକାରଙ୍କଠାରୁ ଅନୁଦାନ ସ୍ଥଗିତ ରହିଥିଲା। ଏହାକୁ ନିୟମିତ କରିବାକୁ ଏଓସିଏର ନିର୍ବାଚିତ କର୍ମକର୍ତ୍ତାମାନେ ସରକାରଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହା ପରେ ପଟ୍ଟନାୟକଙ୍କ ଗୋଷ୍ଠୀ ଦ୍ୱାରା ସମ୍ପାଦକ ଭଞ୍ଜଙ୍କୁ ଏଓସିଏରୁ ନିଲମ୍ବିତ କରାଯିବା ସହ ଓଡ଼ିଶା ଓପନ ଆରମ୍ଭ ପୂର୍ବରୁ ବ୍ୟାଙ୍କ ଆକାଉଣ୍ଟକୁ ଫ୍ରିଜ୍ କରିଦେଇଥିଲେ। ଯାହା ଫଳରେ ସଂଘ ଆକାଉଣ୍ଟକୁ ଆସୁଥିବା ଏଣ୍ଟ୍ରି ଫି ଓ ସରକାରୀ ଅନୁଦାନ ଆକାଉଣ୍ଟରେ ପଡ଼ି ରହିଛି। ଏହି ଘଟଣା ସମ୍ପାଦକ ଦେବବ୍ରତ ଭଞ୍ଜଙ୍କ ଲାଗି ଏକ ଚ୍ୟାଲେଞ୍ଜ ହୋଇଥିଲା। ଟୁର୍ଣ୍ଣାମେଣ୍ଟରେ ଭାଗନେଇଥିବା ବିଦେଶୀ ଖେଳାଳିଙ୍କୁ ନିଜ ହାତରୁ ଆପିଅରାନ୍ସ ଓ ପ୍ରାଇଜ୍ ମନି (ପାଖାପାଖି ୩୫ଲକ୍ଷ ଟଙ୍କା) ପ୍ରଦାନ କରିଥିଲେ। କିନ୍ତୁ ଭାରତୀୟ ଖେଳାଳିଙ୍କୁ ଦେଇ ପାରି ନ ଥିଲେ। ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ବୁଝାମଣା କରିବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ସଫଳ ହୋଇପାରି ନ ଥିଲା। ବିଶେଷ କରି ଏକାଧିକବାର ସମ୍ପାଦକ ଭଞ୍ଜ ଅନ୍ୟ ଗୋଷ୍ଠୀକୁ ସମାଧାନ କରିବାକୁ ଅନୁରୋଧ କରିଥିଲେ ମଧ୍ୟ ସହଯୋଗ ପାଇ ନ ଥିଲେ। ଯାହା ଫଳରେ ଆକାଉଣ୍ଟ ଫ୍ରିଜ୍ ହେବା ବିରୋଧରେ ଭଞ୍ଜ ହାଇକୋର୍ଟରେ ଆଇନର ଆଶ୍ରୟ ନେଇଥିଲେ। ଏବେ ଏହି ବିବାଦ କୋର୍ଟରେ ବିଚାରାଧୀନ ରହିଛି। ଯାହା ଫଳରେ ଖେଳାଳିମାନେ ସେମାନଙ୍କ ଅର୍ଥ ପାଇ ପାରି ନାହାନ୍ତି। ଏହା ମଧ୍ୟରେ ଭଞ୍ଜଙ୍କ ଗୋଷ୍ଠୀ ଜେନେରାଲ ବଡ଼ି ମିଟିଂରେ ସଭାପତି ପଟ୍ଟନାୟକଙ୍କୁ ନିଲମ୍ବନ କରିଛନ୍ତି। ଏଆଇସିଏଫ୍ ସଭାପତି ନିତିନ ନାରଙ୍ଗ ବ୍ୟକ୍ତିଗତ ଭାବେ ଏହାର ସମାଧାନ କରିବାକୁ ଆଗେଇ ଆସିଥିବାରୁ ଖେଳାମାନେ ପ୍ରାଇଜ୍ ଓ ଆପିଅରାନ୍ସ ମନି ଖୁବ୍ ଶୀଘ୍ର ପାଇବେ ବୋଲି ଆଶା କରାଯାଉଛି। ଏହା ସହ ଏଓସିଏରେ ଯେଉଁ ଗୋଷ୍ଠୀ ବିବାଦ ଲାଗି ରହିଛି ତାହାର ମଧ୍ୟ ସମାଧାନ ହେବ ବୋଲି ଓଡ଼ିଶା ଚେସ୍‌ପ୍ରେମୀମାନେ ଆଶା କରୁଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS